# ଧରିତ୍ରୀ
DHARITRI

ବ୍ରହ୍ମପୁର, ମଙ୍ଗଳବାର, ମେ ୨୧/୨୦୧୯ (୧୬ ପୃଷ୍ଠା) | Berhampur, Tuesday, May 21/2019 | ★★★

୧୫ଶ ଭାଗ ୧୧୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-





KP GROUP
Quality Since 1965

# Safal

PAN MASALA

## ସେହି ମଜାର ପ୍ରତିଶ୍ରୁତି
## ଏବେ ଦୁଇଗୁଣରୁ ବି ବେଶି!




₹10/-
ମୂଲ୍ୟର ନୂଆ
ଜମ୍ବୋ ପ୍ୟାକ୍

0% TOBACCO • NICOTINE NOT ADDED • NOT FOR MINORS • ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।

# ଧରିତ୍ରୀ
DHARITRI

ବ୍ରହ୍ମପୁର, ମଙ୍ଗଳବାର, ମେ ୨୧/୨୦୧୯ | Berhampur, Tuesday, May 21/2019 | ପୃଷ୍ଠା-୧





**କାନ୍ସ ରେଡ୍ କାର୍ପେଟରେ ଐଶ୍ୱର୍ଯ୍ୟା**

ପୂର୍ବତନ ବିଶ୍ୱ ସୁନ୍ଦରୀ ତଥା ବଲିଉଡ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ଯୋଗଦେଇ ରେଡ୍ କାର୍ପେଟରେ ଚାଲିଛନ୍ତି। ୦୭

୧୨ **ସାଇନାଙ୍କୁ ଟାଇଟଲ**

ବାଲେଶ୍ୱରରେ ଅନୁଷ୍ଠିତ ରାଜ୍ୟ ୧୭ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍‌ର ବାଳିକା ବିଭାଗ ଟାଇଟଲ ହାସଲ କରିଛନ୍ତି ମହିଳା ଫିଡେ ମାଷ୍ଟର ସାଇନା ସାଲୋନିକା।




# ରାଜ୍ୟରେ ସ୍ୱପ୍ନ ଦେଖୁଛି ଭାଜପା

**ଭୁବନେଶ୍ୱର,୨୦।୫(ବ୍ୟୁରୋ)**

୨୦୧୯ ସାଧାରଣ ନିର୍ବାଚନ ଶେଷ ହୋଇଛି। ଏବେ ନିର୍ବାଚନ ଫଳାଫଳକୁ ନେଇ ଚାଲିଛି ଅଙ୍କକଷା। ଫଳାଫଳ କ'ଣ ହେବ ସେକଥା ଚିନ୍ତା କରି ରାଜ୍ୟଠାରୁ ଆରମ୍ଭ କରି ଜାତୀୟସ୍ତର ନେତାଙ୍କ ନିଦ ହଜିଗଲାଣି। ବିଶେଷକରି ବିଭିନ୍ନ ଜାତୀୟ ଗଣମାଧ୍ୟମ ପକ୍ଷରୁ କରାଯାଇଥିବା ବୁଥ୍ ଫେରନ୍ତା ମତ(ଏକ୍‌ଜିଟ୍ ପୋଲ୍) ରିପୋର୍ଟ ଆସିବା ପରେ ଭାଜପା ଶିବିର ଚଳଚଞ୍ଚଳ ହୋଇଉଠିଛି। ଏକାଧିକ ଜାତୀୟ ଗଣମାଧ୍ୟମ ଆକଳନ ଅନୁଯାୟୀ ଏଥର ଦେଶରେ ପୁଣି ନରେନ୍ଦ୍ର ମୋଦିଙ୍କ ସରକାର ଆସିବ। ପୂର୍ଣ୍ଣ ବହୁମତ ସହକାରେ ଭାଜପା କେନ୍ଦ୍ରରେ ସରକାର କରିବାରେ ସକ୍ଷମ ହେବ। ସେହିପରି ଉତ୍ତରପ୍ରଦେଶରୁ ଭାଜପା ଯେତିକି ଆସନ ହରାଇବ ତା'ର ପାଖାପାଖି ସଂଖ୍ୟା ଓଡିଶା ଓ ପଶ୍ଚିମବଙ୍ଗରୁ ଦଳକୁ ମିଳିଯିବ ବୋଲି ମଧ୍ୟ ରିପୋର୍ଟରେ ଦର୍ଶାଯାଉଛି। ଅଧିକାଂଶ ଏକ୍‌ଜିଟ୍ ପୋଲ୍ ରିପୋର୍ଟ ଅନୁଯାୟୀ ରାଜ୍ୟର ଶାସକ ଦଳ ବିଜେଡି(ବିଜୁ ଜନତା ଦଳ) ଠାରୁ ମଧ୍ୟ ଅଧିକ ଲୋକ ସଭା ଆସନ ଏଥର ଭାଜପା ଖାତାକୁ ଯିବ। ଏହି ଆଧାରରେ ରାଜ୍ୟରେ ଅଧିକରୁ ଅଧିକ ବିଧାନସଭା ଆସନ ଦଖଲ କରି ସରକାର ଗଢ଼ିବାର ସ୍ୱପ୍ନ ଭାଜପା ଦେଖିଲାଣି। ତେବେ ବିରୋଧୀ କିନ୍ତୁ ଏକ୍‌ଜିଟ ପୋଲ୍ ରିପୋର୍ଟ ଠିକ୍ ହେବ ନାହିଁ ବୋଲି ଯୁକ୍ତି ବାଢ଼ିବା ଆରମ୍ଭ କରିଛନ୍ତି। ଅଧିକାଂଶ ଏକ୍‌ଜିଟ୍ ପୋଲ୍ ରିପୋର୍ଟ ଲୋକ ସଭା ଆସନର ଗଣିତକୁ ନେଇ ହିସାବ କରାଯାଇଛି। ବିଧାନସଭାକୁ ନେଇ ସେପରି କୌଣସି ହିସାବ ରଖାଯାଇ ନାହିଁ। ଏହାସତ୍ତ୍ୱେ ଏଥର ଓଡ଼ିଶାରେ ଭାଜପା ସରକାର କରିବା ନିଶ୍ଚିତ ବୋଲି ଦଳର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ମତ ରଖିଛନ୍ତି। କେବଳ ଜୁଏଲ ନୁହନ୍ତି, ଅନ୍ୟ କେତେଜଣ ନେତା ମଧ୍ୟ ସମାନ କଥା ଦୋହରାଇଛନ୍ତି। ହେଲେ ବିଜେଡି ଓ କଂଗ୍ରେସ ଏହାକୁ ଗ୍ରହଣ କରିନାହାନ୍ତି।

**ଏକ୍‌ଜିଟ୍ ପୋଲ୍ ରିପୋର୍ଟ**

୨୦୧୯ ନିର୍ବାଚନର ଜନାଦେଶ ଭାଜପା ସପକ୍ଷରେ ଯିବା ନେଇ ଚାରିଆଡେ ଚର୍ଚ୍ଚା ଜୋର୍ ଧରିଛି। ଭାଜପା ରାଜ୍ୟ ନେତୃବୃନ୍ଦମାନେ ମଧ୍ୟ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ନିର୍ବାଚନ ପୂର୍ବରୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓଡ଼ିଶାରେ ଦଳ ୧୨୦ପ୍ଲସ ଆସନ ପାଇବ ବୋଲି ଯେଉଁ ହିସାବ ଦେଇଥିଲେ ତାହା ଠିକ୍ ନ ହେଲେ ମଧ୍ୟ ସରକାର କରିବୁ ବୋଲି ଭାଜପା ନେତା ଦମ୍ଭୋକ୍ତି ଦେଖାଉଛନ୍ତି। ତେବେ ଏହା କେତେ ମାତ୍ରାରେ ଠିକ୍ ହେବ ତାହା ଆସନ୍ତା ୨୩ରେ ଫଳାଫଳ ବାହାରିବା ପରେ ସ୍ପଷ୍ଟ ହୋଇଯିବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତ ରଖିଛନ୍ତି। ଚଳିତ ନିର୍ବାଚନରେ ରାଜ୍ୟର ଭୋଟରମାନେ ଏତେ ମାତ୍ରାରେ ନୀରବ ଥିଲେ ଯେ, ଫଳାଫଳ କାହା ସପକ୍ଷରେ ଯିବ ସେକଥା ଆକଳନ କରିବା ବଡ଼ ମୁସ୍କିଲ ହୋଇଯାଇଛି। ☞ପୃଷ୍ଠା-୨

## ପୁଣି କ୍ଷମତାକୁ ଫେରିବୁ: ବିଜେଡି

**ଭୁବନେଶ୍ୱର,୨୦।୫(ବ୍ୟୁରୋ)**

୨୦୧୯ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ନେତାମାନଙ୍କ ମନରେ ହାରିବା କିମ୍ବା ଜିତିବା ନେଇ ଝନକା ପଶିଯାଇଛି। କ'ଣ ହେବ ନିଜର ରାଜନୈତିକ ଭାଗ୍ୟ, ଏନେଇ ଛାତି ଧଡ଼ ଧଡ଼। ଜନମତ ସପକ୍ଷରେ ଯିବ ନା ବିପକ୍ଷରେ ଯିବ। ଏମିତି ଅନେକ ପ୍ରଶ୍ନ ପ୍ରାର୍ଥୀମାନଙ୍କ ମନକୁ ଆନ୍ଦୋଳିତ କରୁଛି। ରବିବାର ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଇଥିବା ଏକଜିଟ୍ ପୋଲ(ବୁଥଫେରନ୍ତା ମତ) ପ୍ରକାଶ ପାଇବା ପରେ ପ୍ରାର୍ଥୀମାନଙ୍କର ରକ୍ତଚାପ ବଢ଼ିଯାଇଛି। କେବଳ ଦେଶରେ ନୁହେଁ ରାଜ୍ୟରେ ମଧ୍ୟ ଏହି ସର୍ଭେର ଫଳାଫଳ ରାଜନୈତିକ ପାଣିପାଗକୁ ଉଷ୍ମ କରିଛି। ଏକଜିଟ ପୋଲ ସର୍ଭେ ଅନୁଯାୟୀ ରାଜ୍ୟରେ ବିଜେଡି ପଞ୍ଚମ ଥର ଲାଗି କ୍ଷମତାକୁ ଫେରିବାକୁ ଥିବାବେଳେ କେନ୍ଦ୍ରରେ ଭାଜପା ପରିଚାଳିତ ଏନ୍‌ଡିଏ ମଧ୍ୟ ଦ୍ୱିତୀୟ ଥର ପାଇଁ କ୍ଷମତାସୀନ ହେବ। ତେବେ ୨୦୧୪ ନିର୍ବାଚନ ତୁଳନାରେ ବିଜେଡି ଉଭୟ ବିଧାନସଭା ଓ ଲୋକ ସଭାର ଅନେକ ଆସନ ହରାଇବ ବୋଲି ଅନୁମାନ କରାଯାଇଛି। ତେବେ ଏହି ଅନୁମାନକୁ ବିଜେଡି ନେତାମାନେ ବିଶ୍ୱାସ କରୁନାହାନ୍ତି।

ବିଜେଡିର ବରିଷ୍ଠ ନେତା ତଥା ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି ଯେ, ଏକ୍‌ଜିଟ୍ ପୋଲ ସର୍ଭେ, ପ୍ରକୃତ ସର୍ଭେ ନୁହେଁ। କିଛି ସାମ୍ପୁଲକୁ ଆଧାର କରି ଫଳାଫଳ ପ୍ରକାଶ କରାଯାଇଛି। ବିଜେଡି ଏଥର ଭଲ ଫଳାଫଳ କରିବ। ବିଧାନସଭାରେ ୧୨୩ ଆସନ ଏବଂ ୧୭ରୁ ୧୮ଟି ଲୋକ ସଭା ଆସନ ହାସଲ କରିବ ବୋଲି ସୂର୍ଯ୍ୟ ଦୃଢୋକ୍ତି କରିଛନ୍ତି। ସେ କହିଛନ୍ତି, ରାଜ୍ୟରେ ପ୍ରଥମ ଥର ପାଇଁ ୪ଟି ପର୍ଯ୍ୟାୟରେ ନିର୍ବାଚନ ହେଲା। ପ୍ରଧାନମନ୍ତ୍ରୀ ମୋଦି ୧୦ ଥର, ଅମିତ ଶାହ ୨୦ଥର ଏବଂ ୫୦ ଜଣ କେନ୍ଦ୍ରମନ୍ତ୍ରୀ ଆସି ପ୍ରଚାର କରିବାରୁ ଲୋକ ସଭା ଆସନରେ କିଛିଟା ପ୍ରଭାବ ପଡ଼ିପାରେ। ଓଡ଼ିଶାରେ ନବୀନ ହାୱା ଛଡ଼ା ଅନ୍ୟ କୌଣସି ହାୱା କାମ କରିବ ନାହିଁ। ବିଜେଡି ଭଲ କରିବ ବୋଲି ସେ କହିଛନ୍ତି। ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି, ଏକ୍‌ଜିଟ ପୋଲ ଠିକ୍ ନୁହେଁ। ସେଥିରେ ୫୦ ପ୍ରତିଶତ ମହିଳା, ଦଳିତ, ଆଦିବାସୀ, ବୟସ୍କ ବ୍ୟକ୍ତିଙ୍କ ମତ ପ୍ରାୟତଃ ନିଆଯାଇ ନ ଥାଏ। ଅନେକ ସମୟରେ ଏକଜିଟ୍ ପୋଲ ଭୁଲ ପ୍ରମାଣିତ ହୋଇଛି। ବିଜେଡିର ବିଧାନସଭା ☞ପୃଷ୍ଠା-୨

## ପରଲୋକରେ ଅର୍ଥନୀତିଜ୍ଞ ବାସୁଦେବ ସାହୁ



**ଭୁବନେଶ୍ୱର,୨୦।୫(ବ୍ୟୁରୋ)**

ବରିଷ୍ଠ ଅର୍ଥନୀତିଜ୍ଞ, ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଅର୍ଥନୀତି ପ୍ରଫେସର ବାସୁଦେବ ସାହୁଙ୍କ ପରଲୋକ ଘଟିଛି। ଭୁବନେଶ୍ୱରସ୍ଥିତ ବାସଭବନରେ ସେ ରବିବାର ରାତିରେ ଇହଧାମ ତ୍ୟାଗ କରିଛନ୍ତି। ତାଙ୍କୁ ୮୫ବର୍ଷ ବୟସ ହୋଇଥିଲା।

୧୯୩୪ ମସିହାରେ ଭଦ୍ରକ ଜିଲା ସାହାସପୁର ଗାଁରେ ଜନ୍ମଗ୍ରହଣ କରିଥିବା ବାସୁଦେବ ଭଦ୍ରକ କଲେଜରୁ ଅଧ୍ୟାପକ ଭାବେ ନିଜର ଶିକ୍ଷାବିତ୍ ଜୀବନ ଆରମ୍ଭ କରିଥିଲେ। ଏହାପରେ ସମ୍ବଲପୁର ଜିଏମ୍ କଲେଜରେ ଅଧ୍ୟାପନା କରି ଶେଷରେ କଟକ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରୁ ବରିଷ୍ଠ ଅର୍ଥନୀତି ପ୍ରଫେସର ଭାବେ ଅବସର ଗ୍ରହଣ କରିଥିଲେ। ଜଣେ ଲୋକପ୍ରିୟ ଶିକ୍ଷକ ଭାବେ ସେ ଯେତିକି ସୁନାମ ଅର୍ଜନ କରିଥିଲେ, ☞ପୃଷ୍ଠା-୨

## ଉଛୁଳିଲା ବଜାର

### ୧୪୨୨ ପଏଣ୍ଟ ବଢ଼ିଲା ସେନ୍‌ସେକ୍ସ

**ମୁମ୍ବାଇ,୨୦।୫**

ଦେଶର ସାଧାରଣ ନିର୍ବାଚନ ଫଳାଫଳ ୨୩ରେ ଆସିବାକୁ ଥିବା ବେଳେ କେନ୍ଦ୍ରରେ ପୁଣି ଥରେ ଏନ୍‌ଡିଏ ସରକାର ଶାସନ କ୍ଷମତାକୁ ଫେରିବା ନେଇ ଏକ୍‌ଜିଟ ପୋଲ୍ କହିସାରିଛି। ଏପରିସ୍ଥିତିରେ ସୋମବାର ଏହାର ପ୍ରଭାବ ଶେୟାର ବଜାର ଉପରେ ପରିଲକ୍ଷିତ ହୋଇଛି। ନିବେଶକଙ୍କ ମଧ୍ୟରେ ଉତ୍ସାହ ଯୋଗୁ ବମ୍ବେ ଷ୍ଟକ ଏକ୍ସଚେଞ୍ଜ(ବିଏସ୍‌ଇ)ରେ ସୂଚକାଙ୍କ ୧୪୨୧.୯୦ ପଏଣ୍ଟ (୩.୭୫%) ବୃଦ୍ଧି ଘଟିଛି, ଯାହା କି ରେକର୍ଡ ଭାଙ୍ଗିଛି। ବିଏସ୍‌ଇ ସେନ୍‌ସେକ୍ସ ୩୯,୩୫୨.୬୭ ପଏଣ୍ଟ ସ୍ତର ଛୁଇଁଥିବା ବେଳେ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟି ୪୨୧.୧୦ ପଏଣ୍ଟ( ୩.୬୯%) ବୃଦ୍ଧି ଘଟି ୧୧,୮୨୮.୨୫ ସ୍ତରରେ ବନ୍ଦ ହୋଇଛି। ୩୦ ସୂଚକାଙ୍କ ବିଶିଷ୍ଟ ବିଏସ୍‌ଇରେ ସୋମବାର ଦୈନିକ କାରବାର ଗତ ୬ ବର୍ଷର ସର୍ବୋଚ୍ଚ ସ୍ତରରେ ରହିବା ସହ ଇଣ୍ଟ୍ରାଡେ ରେକର୍ଡ ୩୯,୪୧୨.୫୬ ପଏଣ୍ଟ ସ୍ତର ଛୁଇଁବାକୁ ସକ୍ଷମ ହୋଇଥିଲା। ସେହିଭଳି ନିଫ୍ଟି ଏହାର ଦୈନିକ କାରବାରରେ ୧୦ ବର୍ଷର ରେକର୍ଡକୁ ଭାଙ୍ଗିଥିବା ଜଣାପଡିଛି। ଏହି ସମୟରେ ବିଏସ୍‌ଇ ସୂଚୀଭୁକ୍ତ କମ୍ପାନୀଗୁଡିକର ବଜାର ପୁଞ୍ଜୀକରଣରେ ୫.୩୩ ଲକ୍ଷ କୋଟି ବୃଦ୍ଧି ଘଟିଥିବା ବେଳେ ନିବେଶକଙ୍କୁ ୫.୩୩ ଲକ୍ଷ କୋଟି ଟଙ୍କା ଲାଭ ହୋଇଥିବା ଷ୍ଟକ ବଜାର ସୂତ୍ରରୁ ଜଣାଯାଇଛି।



- ନିଫ୍ଟିରେ ୪୨୧.୧୦ ପଏଣ୍ଟ ବୃଦ୍ଧି
- କମ୍ପାନୀଗୁଡ଼ିକର ବଜାର ପୁଞ୍ଜୀକରଣରେ ଉନ୍ନତି
- ନିବେଶକଙ୍କୁ ଲାଭ ୫.୩୩ ଲକ୍ଷ କୋଟି
- ଟଙ୍କା ମୂଲ୍ୟରେ ୪୯ ପଇସା ବୃଦ୍ଧି

ବିଏସ୍‌ଇରେ ଏସ୍‌ବିଆଇ, ଇଣ୍ଡସଇଣ୍ଡ ବ୍ୟାଙ୍କ, ଟାଟା ମୋଟର୍ସ, ଏଲ ଆଣ୍ଡ ଟି, ୟେସ୍ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ମାରୁତି, ଓଏନ୍‌ଜିସି, ରିଲାଏନ୍ସ, ଆଇସିଆଇସିଆଇ ବ୍ୟାଙ୍କ ଏବଂ ଆକ୍ସିସ ବ୍ୟାଙ୍କ ଭଳି କମ୍ପାନୀଗୁଡିକର ଷ୍ଟକ କାରବାର ଉନ୍ନତ ରହିଛି। ଉକ୍ତ କମ୍ପାନୀଗୁଡ଼ିକର ଷ୍ଟକରେ ପ୍ରାୟ ୮.୫୧% ବୃଦ୍ଧି ଘଟିଛି। ଏହି ସମୟରେ ବଜାଜ ଅଟୋ ଏବଂ ଇନଫୋସିସର କାରବାର ୧.୦୪% ହ୍ରାସ ଘଟିଛି। ବିଏସ୍‌ଇର ମିଡ୍ କ୍ୟାପ ଏବଂ ସ୍ମଲ ☞ପୃଷ୍ଠା-୨

## ବାଇକ୍- ବୋଲେରୋ ଧକ୍କା
## ବାପ, ପୁଅ ମୃତ, ମା', ପୁଅ ଗୁରୁତର

**ଦିଗପହଣ୍ଡି,୨୦।୫(ଡି.ଏନ.ଏ.)**

ପାଟପୁର ଥାନା ଅନ୍ତର୍ଗତ ଜଗନ୍ନାଥପୁର ଛକ ନିକଟରେ ସୋମବାର ସକାଳ ପ୍ରାୟ ୯ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ବାପ, ପୁଅଙ୍କର ମୃତ୍ୟୁ ଘଟିଥିବା ବେଳେ ମା' ଓ ପୁଅ ଗୁରୁତର ହୋଇଛନ୍ତି। ଦୁର୍ଘଟଣାସ୍ଥଳରେ ବାପାଙ୍କର ମୃତ୍ୟୁ ହୋଇଥିବା ବେଳେ ବ୍ରହ୍ମପୁର ବଡ଼ ମେଡିକାଲରେ ପୁଅଙ୍କର ମୃତ୍ୟୁ ଘଟିଛି। ଏଥିରେ ମା' ଓ ପୁଅ ଗୁରୁତର ଆହତ ହୋଇ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ ସନ୍ତୋଷ ପ୍ରଧାନ (୩୫) ଓ ପୁଅ ସୋମ୍ ପ୍ରଧାନ (୧୦)। ଗୁରୁତର ୨ ଜଣ ହେଲେ ସନ୍ତୋଷଙ୍କ ସ୍ତ୍ରୀ କ୍ଷେତ୍ରୀ ପ୍ରଧାନ (୨୭) ଓ ସାନପୁଅ ଓମ୍। ସାନଖେମୁଣ୍ଡି ☞ପୃଷ୍ଠା-୨



ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୧ରୁ ସୋମବାର ନିଟ୍ ପରୀକ୍ଷା ଦେଇ ଫେରୁଥିବା ଛାତ୍ରୀଛାତ୍ର।

## ଆଜି ମାଟ୍ରିକ ପରୀକ୍ଷାଫଳ

**କଟକ ଅଫିସ, ୨୦।୫**

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇବ। ପୂର୍ବାହ୍ନ ୯ଟାରେ କଟକ ବକ୍ସିବଜାର ରୋଡସ୍ଥିତ ବୋର୍ଡ କାର୍ଯ୍ୟାଳୟ ପରିସରରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଏବଂ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ଫଳ ଘୋଷଣା କରାଯିବ ବୋଲି ବୋର୍ଡ ସଭାପତି ଡ. ଜହାଁଆରା ବେଗମ ସୋମବାର ଅପରାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମାଟ୍ରିକ ପରୀକ୍ଷା ସହ ମଧ୍ୟମା ପରୀକ୍ଷା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଫଳ ଏକସଙ୍ଗରେ ପ୍ରକାଶ ପାଇବ। ପୂର୍ବାହ୍ନ ୧୧ଟାରେ ଫଳାଫଳ ୱେବ୍‌ସାଇଟରେ ଉପଲବ୍ଧ ହେବ। ବୋର୍ଡର ନିଜସ୍ୱ ୱେବସାଇଟ୍ www.bseodisha.ac.in ଏବଂ www.bseodisha.nic.inରେ ଲଗ୍‌ଇନ୍ କରି ପରୀକ୍ଷାର୍ଥୀମାନେ ନିଜ ପରୀକ୍ଷା ଫଳ ପାଇପାରିବେ। ଏହାଛଡ଼ା ପରୀକ୍ଷାର୍ଥୀଙ୍କ ଓଏମ୍‌ଆର୍ ସିଟ ମଧ୍ୟ ୱେବ୍‌ସାଇଟରେ ଉପଲବ୍ଧ ରହିବ। ଏବେ ଓଏମ୍‌ଆର୍ ସିଟ୍ ଅପଲୋଡ ଚାଲିଛି, ମଙ୍ଗଳବାର ସୁଦ୍ଧା ଏହି କାର୍ଯ୍ୟ ସମ୍ପନ୍ନ ହୋଇଯାଇଥିବ ବୋଲି ସଭାପତି ଡ. ବେଗମ କହିଛନ୍ତି। ଯେଉଁ ଅଞ୍ଚଳରେ ଇଣ୍ଟରନେଟର ସୁବିଧା ନାହିଁ, ସେଠାକାର ପରୀକ୍ଷାର୍ଥୀ ଏସ୍‌ଏମଏସ୍ ଜରିଆରେ ନିଜ ପରୀକ୍ଷା ଫଳ ଜାଣି ପାରିବେ। ଓଆର୧୦ ଲେଖିବା ପରେ ସ୍ପେଶ ଦେଇ ନିଜ ☞ପୃଷ୍ଠା-୨

**ପୂର୍ବାହ୍ନ ୧୧ଟାରୁ ୱେବସାଇଟ୍‌ରେ ଉପଲବ୍ଧ**

**ପରୀକ୍ଷାର୍ଥୀଙ୍କ ପାଇଁ ସୂଚନା**

ମୋବାଇଲରେ ରେଜଲ୍ଟ ପାଇବା ପାଇଁ ମେସେଜ୍ ବକ୍ସରେ OR୧୦ ଟାଇପ୍ କରି ସ୍ପେସ୍ ଦେଇ ନିଜ ରୋଲ୍ ନମ୍ବର ଲେଖିବା ପରେ ୫୬୭୬୭୫୦କୁ ପଠାନ୍ତୁ।

ଦୁଇଟି ୱେବ୍‌ସାଇଟ୍‌ରେ ପରୀକ୍ଷା ଫଳ ଉପଲବ୍ଧ ହେବ- www.bseodisha.ac.in ଏବଂ www.bseodisha.nic.in

**ଆଜିର ସମ୍ପାଦକୀୟ**

**ଦୁଃଖଭୋଗ**

**ଆଜିର ମନ୍ତବ୍ୟ**

"୫ ମାସ ମଧ୍ୟରେ ଆମେ ୪ ଥର ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇସାରିଛୁ। ଏବେ ବି ଆମେ ଏଥିଲାଗି ପୂର୍ଣ୍ଣ ପ୍ରସ୍ତୁତ।

**-କମଲନାଥ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ**

**କିଛି ତଥ୍ୟ**

୧୮୮୯ ପରଠାରୁ ୧୦୦ ଦେଶ ମାପ ଲାଗି ଇଣ୍ଟରନ୍ୟାଶନାଲ ସିଷ୍ଟମ ଅଫ୍ ୟୁନିଟ (ଏସ୍‌ଆଇ) ବ୍ୟବସ୍ଥା ଗ୍ରହଣ କରୁଛନ୍ତି।

**-ଇଣ୍ଟରନ୍ୟାଶନାଲ ବ୍ୟୁରୋ ଅଫ୍ ୱେଟ୍ସ ଆଣ୍ଡ ମେଜର୍ସ**


NECC NATIONAL EGG CO-ORDINATION COMMITTEE 20.05.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 92 | 148 | 158 |
| CTC | 92 | 148 | 158 |
| DKL | 92 | 148 | 158 |
| BDK | 91 | 146 | 156 |
| BLS | 92 | 148 | 158 |
| ANG | 92 | 148 | 158 |

*Conditions Apply
Eggs Retail Price- 41/-Dozen
Issued in the Interest of Consumers


## ଅଡୁଆରେ କମଲନାଥ ସରକାର

**ନୂଆଦିଲ୍ଲୀ,୨୦।୫**

ମଧ୍ୟପ୍ରଦେଶରେ କମଲନାଥ ସରକାର ସଂଖ୍ୟାଲଘୁ ପାଲଟିଛି। ସଂଖ୍ୟାଗରିଷ୍ଠତାର ପ୍ରମାଣ ଲାଗି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡକାଯାଉ ବୋଲି ଭାଜପା ପକ୍ଷରୁ ସୋମବାର ରାଜ୍ୟପାଳ ଆନନ୍ଦିବେନ୍ ପଟେଲ୍‌ଙ୍କ ନିକଟରେ ଦାବି କରାଯାଇଛି।

ରାଜ୍ୟର ବିରୋଧୀ ଦଳ ନେତା ଗୋପାଳ ଭାର୍ଗବ କହିଛନ୍ତି ଯେ, କୃଷିଋଣ ଛାଡ଼ ଭଳି ରାଜ୍ୟର ପ୍ରମୁଖ ପ୍ରସଙ୍ଗଗୁଡ଼ିକ ଆଲୋଚନା କରିବା ଓ ଆସ୍ଥାଭୋଟ ଲୋଡ଼ିବା ଲାଗି ରାଜ୍ୟପାଳ ତୁରନ୍ତ ସ୍ୱତନ୍ତ୍ର ଅଧିବେଶନ ଡାକିବା ଜରୁରୀ। ପ୍ରକାଶଥାଉ କି, ଏକ୍‌ଜିଟ୍ ପୋଲ୍ ରିପୋର୍ଟ ଭାଜପାକୁ ଉତ୍ସାହ ଆଣି ଦେଇଥିବାବେଳେ କଂଗ୍ରେସ-ବିଏସ୍‌ପି କନ୍ଦଳ ତୀବ୍ର ହେବାରେ ଲାଗିଛି। ବିଶେଷକରି ଗତ ମାସରେ ବିଏସ୍‌ପି ପ୍ରାର୍ଥୀ ଲୋକେନ୍ଦ୍ର ସିଂ ରାଜପୁତ୍ ଦଳ ଛାଡ଼ି କଂଗ୍ରେସରେ ଯୋଗଦେବା ପରେ ରାଜନୈତିକ ଉତ୍ତେଜନା ସୃଷ୍ଟି ହୋଇଥିଲା। ବିଏସ୍‌ପି ସୁପ୍ରିମୋ ମାୟାବତୀ କମଳନାଥ ସରକାରକୁ ସମର୍ଥନ ଦେବା ନେଇ ସମୀକ୍ଷା କରିବେ ବୋଲି କହିଥିଲେ।



- ସ୍ୱତନ୍ତ୍ର ଅଧିବେଶନ ଲାଗି ରାଜ୍ୟପାଳଙ୍କୁ ଭାଜପାର ଚିଠି
- ମଧ୍ୟପ୍ରଦେଶ ସରକାର ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଉ

ଗତବର୍ଷ ବିଧାନସଭା ନିର୍ବାଚନରେ ଭାଜପାକୁ ପରାସ୍ତକରି କଂଗ୍ରେସ ମଧ୍ୟପ୍ରଦେଶରେ ସହଯୋଗୀ ଦଳଗୁଡ଼ିକୁ ନେଇ ସରକାର ଗଠନ କରିଥିଲା। କୌଣସି ଦଳ ମ୍ୟାଜିକ୍ ନମ୍ବର (୧୧୬) ଛୁଇଁପାରି ନ ଥିବାବେଳେ ବିଏସ୍‌ପିର ୨ ଓ ଏସ୍‌ପିର ଜଣେ ବିଧାୟକଙ୍କ ସମର୍ଥନ କ୍ରମେ ସାମାନ୍ୟ ସଂଖ୍ୟାଗରିଷ୍ଠତା ସହ କଂଗ୍ରେସ (୧୧୪) ☞ପୃଷ୍ଠା-୨

### ■ ପଶ୍ଚିମ ଓଡ଼ିଶାରେ ତାତି, ଉପକୂଳରେ ଗୁଳୁଗୁଳି
## ୩୧ ଯାଏ ସିଝେଇବ

**ଭୁବନେଶ୍ୱର,୨୦।୫(ବ୍ୟୁରୋ)**

ବାତ୍ୟା 'ଫନୀ' ଚୋଟରେ କ୍ଷତାକ୍ତ ଓଡ଼ିଶାବାସୀ ଅଣ୍ଟା ସଳଖି ନ ଥିବା ବେଳେ ସୂର୍ଯ୍ୟଦେବଙ୍କ କୋପ ଜନଜୀବନକୁ ହନ୍ତସନ୍ତ କରିଛି। ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାରେ ପ୍ରଚଣ୍ଡ ତାତିରେ ଲୋକମାନେ ଆଉଟ ପାଉଟ ହେଉଥିବା ବେଳେ ଉପକୂଳବର୍ତ୍ତୀ ଜିଲାଗୁଡିକରେ ପ୍ରବଳ ଗୁଳୁଗୁଳି ଅଣନିଃଶ୍ୱାସୀ କରିଛି। ଗତ ଦୁଇ ସପ୍ତାହ ଧରି ରାଜ୍ୟରେ ଏଭଳି ପ୍ରତିକୂଳ ପାଗ ମନୁଷ୍ୟଠାରୁ ଆରମ୍ଭକରି ପଶୁପକ୍ଷୀଙ୍କୁ ବ୍ୟତିବ୍ୟସ୍ତ କରିଛି। ଦିନରେ ଆକାଶରୁ ଅଗ୍ନି ବର୍ଷୁଛି। ରାତିରେ ମଧ୍ୟ ତ୍ରାହି ମିଳୁ ନାହିଁ। ସକାଳ ୭ଟାରୁ ଆରମ୍ଭ ହୋଇଯାଉଛି ଭୟଙ୍କର ତାତି। ଗରମ ଓ ଗୁଳୁଗୁଳି ଜୀବନକୁ ଦୁର୍ବିଷହ କରିପକାଇଛି। ଟାଇଁ ଟାଇଁ ଖରା ଦେହ ମୁହଁକୁ ଜାଳିପୋଡି ଦେଉଛି। ଅପରାହ୍ନ ୫ଟା ଯାଏ ଖରାରୁ ନିସ୍ତାର ନାହିଁ।

ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି । ଅଧିକାଂଶ ସ୍ଥାନରେ ପାରଦ ୪୦ ଡିଗ୍ରୀ ସେଲସିୟସ ଉପରେ ରହୁଛି। ତତଲା ହାୱା ପରିବେଶକୁ ଉତ୍ତପ୍ତ କରିଦେଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୋମବାର ଟିଟିଲାଗଡରେ ରାଜ୍ୟରେ ସର୍ବାଧିକ ୪୫.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୪୪, ସୋନପୁର ୪୩, ସମ୍ବଲପୁର ୪୨.୭, ଝାରସୁଗୁଡା ୪୨.୬, ହୀରାକୁଦ ୪୧.୪, ଅନୁଗୋଳ ୩୯.୧, ସୁନ୍ଦରଗଡ ୪୩, ମାଲକାନଗିରି ୪୩.୪, କେନ୍ଦୁଝର ୩୯.୮ ଏବଂ ଚାନ୍ଦବାଲିରେ ସର୍ବୋଚ୍ଚ ତାପମାତ୍ରା ୩୮.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଉପକୂଳ ଓଡ଼ିଶାରେ ଖରା ସାଙ୍ଗକୁ ଗୁଳୁଗୁଳି ଅସହ୍ୟ ପରିବେଶ ସୃଷ୍ଟି କରିଛି। ତାତି ଅଧିକ ନ ଥିଲେ ମଧ୍ୟ ଦିନରେ ବାୟୁ ପ୍ରବାହ ମାନ୍ଦା ହେଉଥିବା ବେଳେ ଆର୍ଦ୍ରତା ☞ପୃଷ୍ଠା-୨

- ଟିଟିଲାଗଡ଼ରେ ପାରଦ ୪୫.୫ ଡିଗ୍ରୀ
- ୪୦ ଡିଗ୍ରୀ ଉପରେ ୯ ସହର
- ଗ୍ରୀଷ୍ମ ପ୍ରବାହ ନେଇ ସତର୍କ ସୂଚନା
- ମୁକାବିଲା ନେଇ ଜିଲାପାଳଙ୍କୁ ନିର୍ଦ୍ଦେଶ



**ବଜ୍ରପାତରେ ଜଳିଲା ନଡ଼ିଆ ଗଛ**

ସୋମବାର ଅପରାହ୍ନ ୩ଟାରେ ନୟାଗଡ ଜିଲା ଓଡଗାଁ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ସହିତ ବଜ୍ରପାତ ହୋଇଥିଲା। ଫଳରେ ସ୍ଥାନୀୟ ସିନେମା ହଲ୍ ଛକରେଥିବାଏକକୋଠାଘରକୁଲାଗିଗୋଟିଏନଡ଼ିଆଗଛହୁତୁହୁତୁହୋଇଜଳିଯାଇଥିଲା। ଏନେଇ ସ୍ଥାନୀୟ ଲୋକମାନେ କିଛି ସମୟ ପାଇଁ ଆତଙ୍କିତ ହୋଇଯାଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................



ବିବାନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## କେମିତି ରହିବ ଆଜିର ପାଗ


**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୬ | ୨୬.୪ |
| ଚାନ୍ଦବାଲି | ୩୮.୨ | ୨୮.୬ |
| କଟକ | ୩୮.୦ | ୨୬.୫ |
| ପାରାଦ୍ୱୀପ | ୩୩.୨ | ୨୮.୪ |
| ଭୁବନେଶ୍ୱର | ୩୭.୭ | ୨୭.୮ |
| ଗୋପାଳପୁର | ୩୩.୦ | ୨୭.୩ |
| ପୁରୀ | ୩୩.୮ | ୨୮.୦ |
| ଅନୁଗୋଳ | ୩୯.୧ | ୨୦.୦ |
| ବାରିପଦା | ୩୮.୦ | ୨୮.୨ |
| ଝାରସୁଗୁଡ଼ା | ୪୨.୬ | ୨୯.୨ |
| କେନ୍ଦୁଝର | ୩୯.୮ | ୨୬.୭ |
| ସମ୍ବଲପୁର | ୪୨.୭ | ୨୯.୦ |
| ସୁନ୍ଦରଗଡ଼ | ୪୩.୦ | ୨୬.୦ |
| ହୀରାକୁଦ | ୪୧.୪ | ୨୯.୫ |
| ତାଳଚେର | --- | ୨୮.୦ |
| ଭବାନୀପାଟଣା | ୪୩.୦ | ୩୦.୦ |
| ବଲାଙ୍ଗୀର | ୪୪.୦ | ୨୫.୫ |
| କୋରାପୁଟ | ୩୬.୬ | ୨୩.୦ |
| ଫୁଲବାଣୀ | --- | ୨୬.୦ |
| ଟିଟିଲାଗଡ଼ | ୪୫.୫ | ୨୭.୫ |
| ମାଲକାନଗିରି | ୪୩.୪ | ୨୪.୮ |
| ସୋନପୁର | ୪୩.୦ | ୨୭.୪ |
| ଦାରିଙ୍ଗିବାଡ଼ି | ୩୬.୨ | ୨୩.୫ |

ଡିଗ୍ରୀ ସେଲ୍‌ସିୟସ୍



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ବାରାଧିପ ବୃହସ୍ପତି ମିତ୍ର ଚନ୍ଦ୍ରଙ୍କ କ୍ଷେତ୍ରରେ ଉନ୍ନତ ଚିନ୍ତା ଓ ନୂତନ ଯୋଜନାର ଶୁଭାରମ୍ଭ କରାଇବେ। କର୍ମକ୍ଷେତ୍ରରୁ ଉଚ୍ଚ ପଦାଧିକାରୀଙ୍କ ସାହାଯ୍ୟ ଓ ସହଯୋଗର ଅବାରିତ ଧାରା ମନକୁ ପ୍ରଫୁଲ୍ଲିତ କରିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ଶିଥିଳତା ପରିଲକ୍ଷିତ ହେଲେ ମଧ୍ୟ ଲାଭ କିଛି ଊଣା ହେବନି।

**ବୃଷ** ମାନସିକ ଅସ୍ଥିରତାରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇପାରନ୍ତି। କର୍ମକ୍ଷେତ୍ର ମନ୍ଦ ନ ହେଲେ ମଧ୍ୟ ଶାନ୍ତିପ୍ରଦ ହୋଇ ନ ପାରେ। ଆଜି ଅଫିସରେ ପରିସ୍ଥିତିକୁ ସ୍ୱାଭାବିକ କରିବା ମାନସରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରିନେବେ। ସାହିତ୍ୟ, ସାମ୍ବାଦିକତା, ଆଲୋଚନା, ଚୁକ୍ତିପତ୍ର ସମ୍ପାଦନ କ୍ଷେତ୍ରରେ ସୁଫଳ ପାଇବେ।

**ମିଥୁନ** ବିଶେଷ ଝଡ଼ଝଞ୍ଜା ନ ଥାଇ ଦିନଟି ଏକ ପ୍ରକାର ଭଲରେ ଭଲରେ ଅତିବାହିତ ହେବ। ହସଖୁସୀ ଓ ମଜାମଉଜର ପରିବେଶ ମଧ୍ୟରେ ନିଜର ସ୍ଥିତିକୁ ମଧ୍ୟ ପାସୋରି ଦେଇ ପାରନ୍ତି। ଶୁଭେଚ୍ଛୁମାନଙ୍କ ଦ୍ୱାରା ପ୍ରଶଂସା ପାଇବା ସମୟରେ ନିନ୍ଦୁକ ଗୋଷ୍ଠୀ କୁତ୍ସାରଟନା କରିପାରନ୍ତି। ବ୍ୟବସାୟ, ପ୍ଲଟିଂ କାରବାର କ୍ଷେତ୍ରରେ ସଫଳତା ପାଇବେ ନାହିଁ।

**କର୍କଟ** ଆଜିର ଚନ୍ଦ୍ର ରାହୁଙ୍କ ନକ୍ଷତ୍ରରେ ରହି କର୍ମକ୍ଷେତ୍ର ଓ ପାରିବାରିକ ଜୀବନକୁ ସମସ୍ୟା ବହୁଳ କରିପାରନ୍ତି। ଅର୍ଥାଭାବ ନ ଥିଲେ ମଧ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଟଙ୍କା, ପଇସା ଅଭାବ ପରିଲକ୍ଷିତ ହେବ। ଶିଳ୍ପ,ବାଣିଜ୍ୟ, ଯାତ୍ରା, ରାଜନୀତି, ପ୍ରଶାସନ କ୍ଷେତ୍ରରେ ସମସ୍ୟା ସୁଧାରିନେବା ପାଇଁ ପ୍ରଯତ୍ନ କରିବେ।

**ସିଂହ** ଧୈର୍ଯ୍ୟର ସହ ପ୍ରତ୍ୟେକ ପରିସ୍ଥିତିର ସଫଳ ମୁକାବିଲା କରିବାରେ ସମର୍ଥ ହେବେ। କିଛି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ମନ ବଳାଇପାରନ୍ତି। ଜମିଜମା, କଚେରି ମାମଲା, ପରିବହନ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରୁ ଉପକୃତ ହେବେ। ମହିଳା ନିଜ ପସନ୍ଦର ଜିନିଷ ଆଣିବା ପାଇଁ ପରିବାରବର୍ଗଙ୍କୁ ଅନୁରୋଧ କରିପାରନ୍ତି।

**କନ୍ୟା** ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମାନସିକ ସୁସ୍ଥତା ରହି ନ ପାରେ। କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଆଗାମୀ ମାଙ୍ଗଳିକ କାମ ପରିପ୍ରେକ୍ଷୀରେ ଗାଡ଼ି, ମୋଟର, ଯାନ୍ତ୍ରିକ ଜିନିଷ କିମ୍ବା ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି। ଶିଳ୍ପ,ବାଣିଜ୍ୟ, ବ୍ୟବସାୟ କିମ୍ବା ପରିବହନରେ ସମସ୍ୟାର ସମାଧାନ ହୋଇଯିବ।

**ତୁଳା** ପାରିବାରିକ ପ୍ରତିରୋଧ କିମ୍ବା ବୃଦ୍ଧ ପିତାଙ୍କ ସ୍ୱାସ୍ଥ୍ୟହାନି ମାନସିକ ସ୍ଥିତିକୁ ଦୋହଲାଇଦେଇପାରେ। ଅତି ନିକଟରେ ରହି ସାହାଯ୍ୟ କରୁଥିବା ବ୍ୟକ୍ତି ଉପରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ। କେତେକ କ୍ଷେତ୍ରରେ ମନକଥା ମନରେ ରଖି ଗୁରୁଜନମାନଙ୍କୁ ପ୍ରତାରିତକରି ଅନୁଶୋଚନା କରିବେ। ଅଫିସ୍‌ରେ ପରିଚାଳନା ଦାୟିତ୍ୱ କ୍ରମେ ବୃଦ୍ଧି ପାଇବ।

**ବିଛା** ଯେତେ ପ୍ରକାର ଉପାୟ ଅବଲମ୍ବନକଲେ ମଧ୍ୟ ସମୟଚକ୍ର ଦୁଃଖସୀମାକୁ ଆଜି ଅତିକ୍ରମ କରିପାରିବେ ନାହିଁ। କିନ୍ତୁ ଜ୍ୟେଷ୍ଠା ନକ୍ଷତ୍ର କର୍ମକ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ଦୀର୍ଘଦିନରୁ କ୍ଷୁଣ୍ଣ ହୋଇଥିବା ସମ୍ପର୍କ ପୁନଶ୍ଚ ଫେରିପାଇବେ। ବନ୍ଧୁଙ୍କ ଛୋଟ କଥାକୁ ବଡ଼ ଆକାରରେ ଚିନ୍ତା କରିବେ।

**ଧନୁ** ସକାଳୁ ସକାଳୁ କୌଣସି ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଅଭାବ ନ ଥିଲେ ମଧ୍ୟ ମାନସିକ ସୁସ୍ଥତା ଅଭାବରୁ କୌଣସି ସୁଖଦ ପରିସ୍ଥିତି ମଧ୍ୟ ଉପଭୋଗ୍ୟ ହେବନାହିଁ। ପ୍ରକାଶନ, ପ୍ରଶାସନ, ଗବେଷଣା, ଅନୁସନ୍ଧାନ, କଳା, ସାହିତ୍ୟ ପ୍ରଭୃତି କ୍ଷେତ୍ରରେ ଶୁଭଫଳ ପାଇବେ। ମହିଳାମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ମକର** ପ୍ରତିରୋଧର ସାମ୍ନାକରି ନିଜର ଲକ୍ଷ୍ୟ ସାଧନ ଦିଗରେ ଅଗ୍ରସର ହେବେ। ଯୁକ୍ତିଯୁକ୍ତ କଥା କହି ନିଜ ସଂସ୍ପର୍ଶରେ ଆସୁଥିବା ଲୋକମାନଙ୍କୁ ମୁଗ୍ଧ କରିବାରେ ଅଗ୍ରଣୀ ହେବେ। ଆର୍ଥିକ ସ୍ଥିତି ମଧ୍ୟ ମନ୍ଦ ହେବନି, କିନ୍ତୁ ଋଣ ଭାର କ୍ରମଶଃ ବୃଦ୍ଧିପାଉଥିବା କାରଣରୁ ସାମୟିକ ଚିନ୍ତା କରିବେ। ଦୀର୍ଘ ପ୍ରତୀକ୍ଷାର ଅବସାନ ଘଟିବ।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ହେତୁ ଚିନ୍ତା କରିପାରନ୍ତି। ଗତକାଲିଠାରୁ ସ୍ଥଗିତ କାମକୁ ଆଜି ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବା ଦ୍ୱାରା ଅଟକି ଥିବା କାମ ତ୍ୱରାନ୍ୱିତ ହେବ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚପ୍ରଶଂସା ପାଇବେ।

**ମୀନ** କର୍ମକ୍ଷେତ୍ରରେ ସାମାନ୍ୟ ସୁଧାର ଆସିଲେ ମଧ୍ୟ ପାରିବାରିକ ସ୍ଥିତି ପୂର୍ବପରି ରହିବ। ଅଭାବ ନ ଥିଲେ ମଧ୍ୟ କ୍ରମଶଃ ଆବଶ୍ୟକତା ବୃଦ୍ଧି ପାଉଥିବାର ଅନୁଭବ କରିବେ। ବ୍ୟବସାୟ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂରହୋଇପାରେ। କର୍ମକ୍ଷେତ୍ରରେ ପକ୍ଷପାତିତାର ବିରୋଧକରି କଳହ ସୃଷ୍ଟି ହୋଇପାରେ।

ଆଜି ଜ୍ୟେଷ୍ଠ କୃଷ୍ଣ ତୃତୀୟା ମଙ୍ଗଳବାର, ମେ ୨୧ ତାରିଖ, ଆତଙ୍କବାଦ ବିରୋଧୀ ଦିବସ, ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ମୂଳା/ଧନୁ, ମକର ରାଶିର ଘାତବାର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ୮।୨୫ ଗତେ ଘ୧୦।୦୨ମି. ମଧ୍ୟେ ଅମୃତବେଳା, ଦିବା ଘ୧୦।୦୨ମି. ଗତେ ଘ୧୧।୩୮ମି. ମଧ୍ୟେ ମାହେନ୍ଦ୍ରବେଳା, ଦିବା ଘ୨।୫୮ମି. ଗତେ ଘ୪।୩୬ମି. ମଧ୍ୟେ ରାହୁକାଳ।

### ପ୍ରଥମ ପୃଷ୍ଠାରୁ...

## ରାଜ୍ୟରେ...

କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଏକ୍‌ଜିଟ୍ ପୋଲ୍ ରିପୋର୍ଟକୁ ନେଇ କହିଛନ୍ତି ଯେ, ଏଥର କେନ୍ଦ୍ରରେ ଆମକୁ ୩ଶହ ଆସନ ମିଳିବ। ଓଡିଶା ବିଧାନସଭାରେ ମଧ୍ୟ ଭଲ ପ୍ରଦର୍ଶନ କରିବୁ। ରାଜ୍ୟରେ ଭାଜପା ବେଧଡକଭାବେ ସରକାର କରିବାକୁ ଯାଉଛି। ରାଜ୍ୟରେ ମୋଦି ମ୍ୟାଜିକ୍ କାମ ଦେଇଛି। ରାଜ୍ୟରେ ୭୦ ବିଧାନସଭା ଆସନରେ ଆମେ ଜିତି ସରକାର ଗଢ଼ିବୁ ବୋଲି ଜୁଏଲ କହିଛନ୍ତି। ସେହିପରି ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଛନ୍ତି, ଭାଜପା ବଢୁଛି। ଦେଶରେ କଂଗ୍ରେସ ଛିଡୁଛି ଓ ବିଜେଡି ମଧ୍ୟ ରାଜ୍ୟରେ ତଳକୁ ଖସିବାରେ ଲାଗିଛି। ଏଥର ରାଜ୍ୟରେ ଭାଜପା ସରକାର କରିବାକୁ ଯାଉଛି ବୋଲି ବସନ୍ତ କହିଛନ୍ତି। କିନ୍ତୁ ବରିଷ୍ଠ ନେତା ଦାମୋଦର ରାଉତ କହିଛନ୍ତି ଯେ, ଏଥର ରାଜ୍ୟରେ ଝୁଲା ବିଧାନସଭା ହେବାର ସମ୍ଭାବନା ରହିଛି। ବିଜେଡି ମ୍ୟାଜିକ୍ ନମ୍ବର ଛୁଇଁପାରିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଭାଜପା ବିଜେଡି ପାଖାପାଖି ଆସନ ପାଇଲେ ବିଜେଡି ରାଜ୍ୟରେ କଂଗ୍ରେସ ସହ ମେଣ୍ଟ କରିପାରେ ବୋଲି ଦାମ ଆକଳନ କରିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଏକ୍‌ଜିଟ୍ ପୋଲ୍ ଆକଳନ ବିଶ୍ୱାସଯୋଗ୍ୟ ବୋଲି କହିହେବ ନାହିଁ। ରାଜ୍ୟରେ ୨୦ରୁ ୩୦ ଆସନ ପାଇବୁ ବୋଲି ଆକଳନ କରିଥିଲୁ। ରାଜ୍ୟରେ କିନ୍ତୁ ଭାଜପା କ୍ଷମତାକୁ ଆସିପାରିବ ନାହିଁ। ଦଳର ବରିଷ୍ଠ ନେତା ସୁର ରାଉତରାୟଙ୍କ କହିବାନୁଯାୟୀ, ଏକ୍‌ଜିଟ୍ ପୋଲ୍ ଆକଳନ ସମ୍ପୂର୍ଣ୍ଣ ଠିକ୍ ହେବ ବୋଲି କହିହେବ ନାହିଁ। କେନ୍ଦ୍ରରେ ଏନ୍‌ଡିଏ ସଂଖ୍ୟା କମିବ ଏବଂ ରାଜ୍ୟରେ କଡା ପ୍ରତିଯୋଗିତା ହେବ। ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୨୩ତାରିଖ ମେଣ୍ଟ ବୈଠକରେ ଯୋଗଦେବା ପାଇଁ ଚିଠି ଦେଇଛନ୍ତି। ଯଦି ମେଣ୍ଟ ହୁଏ ତେବେ ଓଡିଶାରେ କଂଗ୍ରେସ ମୁଖ୍ୟ ଭୂମିକା ତୁଲାଇବ ବୋଲି ସୁର କହିଛନ୍ତି। ଏହିସବୁ ଆକଳନ ଚାଲିଥିବା ବେଳେ ରାଜ୍ୟର ବହୁ ହେଭିୱେଟ୍ ନେତା ଏଥର ଚିତ୍‌ପଟାଙ୍ଗ ମାରିପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ରାଜ୍ୟର ଏକାଧିକ ଲୋକ ସଭା ଏବଂ ବିଧାନସଭା ଆସନରୁ ଲଢୁଥିବା ଟାଣୁଆ ନେତାଙ୍କ ନାମ ଏହି ତାଲିକାରେ ରହିଛି। ଏକ୍‌ଜିଟ ପୋଲ୍ ରିପୋର୍ଟ ଅନୁସାରେ ଭାଜପା ଯଦି ବିଜେଡି ପାଖାପାଖି ବିଧାନସଭା ଆସନ ପାଇବ ତେବେ କ'ଣ ରହିବ ନବୀନ ପଟ୍ଟନାୟକଙ୍କ ଆଭିମୁଖ୍ୟ ସେ ନେଇ ରାଜନୈତିକ ପର୍ଯ୍ୟବେକ୍ଷକମାନେ ଅନୁମାନ ଲଗାଇ ପାରୁ ନାହାନ୍ତି।

### ଓଡ଼ିଶାର ଲୋକ ସଭା ଆସନ
#### ଆଜ୍‌ତକ ଓ ଆକ୍ସିସ ମାଇଁ ଇଣ୍ଡିଆର ଏକ୍‌ଜିଟ୍ ପୋଲ୍

| | ଆସନ | ଦଳ |
|---|---|---|
| ୧ | ବରଗଡ଼ | ଭାଜପା |
| ୨ | ସୁନ୍ଦରଗଡ଼ | ଭାଜପା |
| ୩ | ସମ୍ବଲପୁର | ଭାଜପା |
| ୪ | କେନ୍ଦୁଝର | ଭାଜପା |
| ୫ | ମୟୂରଭଞ୍ଜ | ଭାଜପା |
| ୬ | ବାଲେଶ୍ୱର | ଭାଜପା |
| ୭ | ଭଦ୍ରକ | କଡ଼ା ମୁକାବିଲା (ଭାଜପା-ବିଜେଡି) |
| ୮ | ଯାଜପୁର | ଭାଜପା |
| ୯ | ଢେଙ୍କାନାଳ | ଭାଜପା |
| ୧୦ | ବଲାଙ୍ଗୀର | ଭାଜପା |
| ୧୧ | କଳାହାଣ୍ଡି | ଭାଜପା |
| ୧୨ | ନବରଙ୍ଗପୁର | କଡ଼ା ମୁକାବିଲା (ଭାଜପା-ବିଜେଡି-କଂଗ୍ରେସ) |
| ୧୩ | କନ୍ଧମାଳ | ଭାଜପା |
| ୧୪ | କଟକ | ବିଜେଡି |
| ୧୫ | କେନ୍ଦ୍ରାପଡ଼ା | କଡ଼ା ମୁକାବିଲା (ଭାଜପା-ବିଜେଡି) |
| ୧୬ | ଜଗତ୍‌ସିଂହପୁର | ବିଜେଡି |
| ୧୭ | ପୁରୀ | ଭାଜପା |
| ୧୮ | ଭୁବନେଶ୍ୱର | ଭାଜପା |
| ୧୯ | ଆସ୍କା | ଭାଜପା |
| ୨୦ | ବ୍ରହ୍ମପୁର | ଭାଜପା |
| ୨୧ | କୋରାପୁଟ | କଡ଼ା ମୁକାବିଲା (ଭାଜପା-ବିଜେଡି-କଂଗ୍ରେସ) |

## ପରଲୋକରେ...

ତା'ଠୁ ଅଧିକ ଓଡ଼ିଶାର ସାମାଜିକ ଓ ଅର୍ଥନୈତିକ ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ ରହିଥିଲା। କେବଳ ଅର୍ଥନୀତି ନୁହେଁ, ଭାଷା ଓ ସାହିତ୍ୟ କ୍ଷେତ୍ରରେ ମଧ୍ୟ ତାଙ୍କର ଉତ୍କର୍ଷ ପ୍ରତିଫଳିତ ହୋଇଥିଲା। ସେ ଏକାଧିକ କବିତା ଏବଂ ଭିନ୍ନସ୍ୱାଦର ପୁସ୍ତକ ରଚନା କରିଥିଲେ। ଅର୍ଥନୀତି ବିଷୟବସ୍ତୁ ଉପରେ ଆଧାରିତ ରିସର୍ଚ୍ଚ ଜର୍ନାଲ 'ଭିଜନ୍'ର ସମ୍ପାଦକ ଓ ପ୍ରକାଶକ ଭାବେ ଦାୟିତ୍ୱ ତୁଲାଉଥିଲେ ବାସୁଦେବ। ଏହି ଜର୍ନାଲ ରାଜ୍ୟ ଏବଂ ରାଜ୍ୟ ବାହାରର ଅର୍ଥନୀତି ଛାତ୍ରୀଛାତ୍ର ଓ ଗବେଷକମାନଙ୍କୁ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ ଯୋଗାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଅବସର ପରେ ସେ ସାମାଜିକ କ୍ଷେତ୍ରରେ ବେଶ୍ କ୍ରିୟାଶୀଳ ଥିଲେ।

## ଉଛୁଳିଲା...

କ୍ୟାପ ସୂଚକାଙ୍କରେ କାରବାର ପ୍ରାୟ ୩.୫୭% ବଢିଛି। ଏହାବାଦ ନିଫ୍ଟିରେ ପିଏସ୍‌ୟୁ ବ୍ୟାଙ୍କ, ରିୟଲିଟି, ଫାଇନାନ୍ସିଆଲ ସର୍ଭିସ, ବ୍ୟାଙ୍କିଙ୍ଗ ଷ୍ଟକ ଭଲ ପ୍ରଦର୍ଶନ କରିବା ସହ ୭.୮୮% ଉଚ୍ଚ ସ୍ତରରେ ରହିଛି। ରବିବାର ପ୍ରକାଶିତ ଏକ୍‌ଜିଟ ପୋଲ ଫଳାଫଳରେ କେନ୍ଦ୍ରର ଶାସନାଧୀନ ଏନ୍‌ଡିଏକୁ ୩୦୦ରୁ ଅଧିକ ଆସନ ମିଳିବ ବୋଲି କୁହାଯାଇଛି। ଲୋକସଭାରେ ସଂଖ୍ୟା ଗରିଷ୍ଠତା କୁହାଯାଉଥିବା ୨୭୨ ଆସନ ଠାରୁ ଏନ୍‌ଡିଏ ଅଧିକ ଆସନ ଲାଭ କରିବାକୁ ସକ୍ଷମ ହେବ ଆକଳନ କରାଯାଇଛି। ଏନ୍‌ଡିଏ ସରକାର ପୁଣି କ୍ଷମତାକୁ ଆସିଲେ ସଂସ୍କାର ଧାରା ଜାରି ରଖିବେ ବୋଲି ବଜାର ବିଶେଷଜ୍ଞ ମାନେ କହିଛନ୍ତି। ଏନ୍‌ଡିଏକୁ ସଂଖ୍ୟା ଗରିଷ୍ଠତା ମିଳିବା ନେଇ ଆକଳନ ହୋଇଥିବାରୁ ଏହାର ପ୍ରଭାବ ପୁଞ୍ଜି ବଜାର ଉପରେ ପଡିଥିବା ଏମ୍‌କେ ୱେଲଥ ମ୍ୟାନେଜମେଣ୍ଟ ରିସର୍ଚ୍ଚର ମୁଖ୍ୟ ଯୋଶେପ ଥୋମାସ କହିଛନ୍ତି। ସେହିଭଳି ଦିନ ମଧ୍ୟରେ ଡଲାର ତୁଳନାରେ ଟଙ୍କାର ମୂଲ୍ୟରେ ୪୯ ପଇସା ବୃଦ୍ଧି ଘଟିଛି। ଏହା ବାଦ ବ୍ରେଣ୍ଟ କ୍ରୁଡ ମୂଲ୍ୟ ମଧ୍ୟ ବ୍ୟାରେଲ ପିଛା ୭୨.୬୧ ଡଲାର ରହିଛି। ଏଥିରେ ୧.୪୦% ବୃଦ୍ଧି ଘଟିଥିବା ବଜାର ସୂତ୍ରରୁ ପ୍ରକାଶ ପାଇଛି।

## ବାପ, ପୁଅ...

ପୋଲିସ ମୃତଦେହ ଦୁଇଟିକୁ ଜବତ କରି ନଂ. ୧୦୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଛି। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରି ଘଟଣାର ଅନୁସନ୍ଧାନ ଚଳାଇଛି ।
ମିଳିଥିବା ସୂଚନାନୁସାରେ, ସୋମବାର ସକାଳେ ଏରେଣ୍ଡ୍ରା ଗ୍ରାମର ସନ୍ତୋଷ ସ୍ତ୍ରୀ ଓ ୨ ପୁଅଙ୍କୁ ସାଙ୍ଗରେ ଧରି ବାଇକ୍ (ନଂ ଓଆର୦୭ୱାଇ୬୦୮୯) ରେ କୌଣସି କାମରେ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ । ସେଠାରୁ ଫେରୁଥିବା ବେଳେ ଢ଼େପାପେଣ୍ଠରୁ ଦ୍ରୁତଗତିରେ ଆସୁଥିବା ଏକ ବୋଲେରୋ(ନଂ ଓଡି୦୭ଡି୭୭୫୫) ବାଇକ୍ ପଛପଟୁ ଧକ୍କା ଦେଇଥିଲା ।

## ପୁଣି କ୍ଷମତାକୁ...

ଆସନ ୧୦୦ ଟପିବ ଏବଂ ଲୋକ ସଭା ଆସନ ଗତ ନିର୍ବାଚନ ତୁଳନାରେ ୪ରୁ ୫ଟି କମିପାରେ । ଚଳିତ ନିର୍ବାଚନରେ ଭାଜପା ଓ ବିଜେଡି ମଧ୍ୟରେ କଣ୍ଟା ଟକ୍କର ହୋଇଛି। ମୋଦିଙ୍କ ଦେଶପ୍ରେମ ନାଟକର ପ୍ରଭାବ କିଛିଟା ରହିବାରୁ ଲୋକ ସଭାରେ ଭାଜପାକୁ ଏହାର ଫାଇଦା ମିଳିପାରେ ବୋଲି ସେ କହିଛନ୍ତି। ବିଜେଡି ମୁଖପାତ୍ର ସମୀର ରଞ୍ଜନ ଦାଶ କହିଛନ୍ତି, ଏକଜିଟ୍ ପୋଲର ସତ୍ୟତା ନାହିଁ। ରାଜ୍ୟରେ ବିଜେଡି ୧୦୫ ଏବଂ ୧୪ଟି ଲୋକ ସଭା ଆସନରେ ବିଜୟୀ ହେବ। ରାଜ୍ୟରେ ଲୋକମାନେ ନବୀନ ବାବୁଙ୍କୁ ପୁଣି ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁଛନ୍ତି। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କୁ ପ୍ରଧାନମନ୍ତ୍ରୀ କରିବା ପାଇଁ କିଛି ପରିମାଣରେ ଲୋକ ସଭା ଭୋଟ ଭାଜପା ସପକ୍ଷରେ ଯାଇ ଥାଇପାରେ। ରାଜ୍ୟରେ ବିଜେଡି ପଞ୍ଚମ ଥର ପାଇଁ ଶାସନକୁ ଫେରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ବୋଲି ସେ କହିଛନ୍ତି।

## ଆଜି ମାଟ୍ରିକ...

ରୋଲ ନମ୍ବର ଲେଖି ୫୬୭୬୭୫୦କୁ ଏସ୍‌ଏମ୍‌ଏସ୍ କଲେ ମୋବାଇଲରେ ପରୀକ୍ଷା ଫଳର ଏସ୍‌ଏମ୍‌ଏସ୍ ଆସିବ। କୌଣସି ସୂଚନା ପାଇବା ତଥା ଅଭିଯୋଗ ନିମନ୍ତେ ବୋର୍ଡର କଣ୍ଟ୍ରୋଲ ରୁମ୍ ନମ୍ବର ୦୬୭୧- ୨୪୧୨୦୫୯ କିମ୍ବା ୦୬୭୧-୨୪୧୨୦୬୦ ସହ ଯୋଗାଯୋଗ କରିବାକୁ ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ପରୀକ୍ଷା ନିୟନ୍ତ୍ରକ ଡ. ନିହାର ରଞ୍ଜନ ମହାନ୍ତି, ସମ୍ପାଦକ ରାମାଶିଷ ହାଜରା ଉପସ୍ଥିତ ଥିଲେ।

## ଅଡୁଆରେ...

ରାଜ୍ୟରେ ସରକାର ଗଠନ କରିଥିଲା। ଭାଜପାକୁ ମାତ୍ର ୧୦୯ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଏବେ ପରିବର୍ତ୍ତିତ ରାଜନୈତିକ ସ୍ଥିତିରୁ ଭାଜପା ଫାଇଦା ଉଠାଇବା ଲାଗି ଚେଷ୍ଟା କରୁଥିବାବେଳେ କମଲନାଥ ସରକାର ପାଖରେ ବହୁମତ ଥିବା କଂଗ୍ରେସ ଦର୍ଶାଇଛି। ଅନ୍ୟପକ୍ଷରେ ଦୁର୍ନୀତିପୂର୍ଣ୍ଣ ଉପାୟରେ ଭାଜପା ମଧ୍ୟପ୍ରଦେଶର କଂଗ୍ରେସ ସରକାରରେ ଅସ୍ଥିରତା ସୃଷ୍ଟି ଲାଗି ଉଦ୍ୟମ କରୁଛି ବୋଲି ରାଜ୍ୟ ଦାୟିତ୍ୱରେ ଥିବା ଦଳର ସାଧାରଣ ସମ୍ପାଦକ ଦୀପକ ବାବାରିୟା କହିଛନ୍ତି। ବିଧାନସଭା ନିର୍ବାଚନରେ ଜନମତ କଂଗ୍ରେସ ସପକ୍ଷରେ ଯାଇଛି। ଏହାକୁ ଭଣ୍ଡୁର କରିବା ଲାଗି ଭାଜପା କରୁଥିବା ଉଦ୍ୟମକୁ ଜନସାଧାରଣ କଦାପି କ୍ଷମା ଦେବେ ନାହିଁ ବୋଲି ସେ କହିଛନ୍ତି। ରାଜ୍ୟ ବିଧାନସଭାରେ ଲୋକ ସଭା ଫଳାଫଳକୁ ନେଇ ଆଲୋଚନା କରାଯିବା ପୂର୍ବରୁ କେବେ ହୋଇନାହିଁ ବୋଲି କଂଗ୍ରେସ ମୁଖପାତ୍ର ଭୂପେନ୍ଦ୍ର ଗୁପ୍ତା କହିଛନ୍ତି। ରାଜ୍ୟରେ ସେଭଳି କୌଣସି ସଙ୍କଟ ସୃଷ୍ଟି ହୋଇନାହିଁ ଯେଉଁଥିପାଇଁ ଜରୁରୀ ଆଲୋଚନା ହେବା ଆବଶ୍ୟକ। ବାଚସ୍ପତି ନିର୍ବାଚନ ବେଳେ କଂଗ୍ରେସ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇସାରିଥିବାରୁ ସରକାର ସଂଖ୍ୟାଲଘୁ ନୁହେଁ ବୋଲି ସେ ଦାବି କରିଛନ୍ତି। ଗତବର୍ଷ ଶେଷ ଭାଗରେ ହୋଇଥିବା ବିଧାନସଭା ନିର୍ବାଚନରେ ୩ ପ୍ରମୁଖ ହିନ୍ଦୀଭାଷୀ ରାଜ୍ୟ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡରେ କ୍ଷମତାସୀନ ଦଳ ଭାଜପାକୁ ପରାସ୍ତ କରି କଂଗ୍ରେସ ସେଠାରେ ସରକାର ଗଠନ କରିଥିଲା। ମଧ୍ୟପ୍ରଦେଶରେ ଦଳ ଆବଶ୍ୟକଠାରୁ ସାମାନ୍ୟ କମ୍ ଆସନ ପାଇଥିଲେ ମଧ୍ୟ ବିଏସ୍‌ପି ଏବଂ ଏସ୍‌ପିର ବାହ୍ୟ ସମର୍ଥନରେ ସରକାର ଗଠନ କରିବାକୁ ସକ୍ଷମ ହୋଇଥିଲା।

## ୩୧ ଯାଏ...

୮୫ ପ୍ରତିଶତ ଉପରକୁ ଉଠିଯାଉଛି । ଫଳରେ ଦେହ ମୁଣ୍ଡରୁ ଗମ୍ ଗମ୍ ଝାଳ ବୋହି ଅଶ୍ୱସ୍ତିକର ପରିବେଶ ସୃଷ୍ଟି ହେଉଛି। ଆସନ୍ତା ୩୧ ତାରିଖ ଯାଏ ତାତି ଓ ଗୁଳୁଗୁଳିରୁ ନିସ୍ତାର ମିଳିବା ସମ୍ଭାବନା ନାହିଁ। ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଓଡିଶାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବା ସହ ଅଧିକାଂଶ ସ୍ଥାନରେ ପାରଦ ୪୫ ଡିଗ୍ରୀ ଉପରେ ରହିବ। ତେବେ ଆସନ୍ତା ୨୩ ତାରିଖରୁ ଉପକୂଳ ଓଡ଼ିଶାରେ ଗରମ ଓ ଗୁଳୁଗୁଳି ଆହୁରି ବଢିଯିବ। କେତେକ ସ୍ଥାନରେ ପାରଦ ୪୦ରୁ ୪୫ ଡିଗ୍ରୀ ଟିପିଯିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଲାଙ୍ଗୀର, ସୋନପୁର, ନବରଙ୍ଗପୁର, ନୂଆପଡା, ବରଗଡ, ସମ୍ବଲପୁର, ଦେବଗଡ, ବୌଦ୍ଧ, କଳାହାଣ୍ଡି, ଝାରସୁଗୁଡା ଜିଲାର କେତେକ ସ୍ଥାନରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବ ବୋଲି ପାଣିପାଗ ବିଭାଗ ଚେତାବନୀ ଦେଇଛି। ମୟୂରଭଞ୍ଜ, ବାଲେଶ୍ୱର, କଟକ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ, କେନ୍ଦୁଝର ଏବଂ ଯାଜପୁର ଜିଲାର କେତେକ ସ୍ଥାନରେ କାଳବୈଶାଖୀ ଜନିତ ଝଡବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଜିଲାଗୁଡିକରେ ପର୍ଯ୍ୟାପ୍ତ ଜଳଛତ୍ର, କାମ କରିବା ସମୟ ନିର୍ଘଣ୍ଟ କରିବା ଏବଂ ଜିଲା ହସ୍ପିଟାଲରେ ଅଂଶୁଘାତ ଚିକିତ୍ସା କୋଠରି ଓ ୨୪ ଘଣ୍ଟା ବିଦ୍ୟୁତ ଯୋଗାଣ ବ୍ୟବସ୍ଥା କରିବାକୁ । ରାଜ୍ୟରେ ଏ ପର୍ଯ୍ୟନ୍ତ କେହି ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ଆସିନାହିଁ ବୋଲି ସ୍ୱତନ୍ତ୍ର ରିଲିଫ କମିଶନ ବିଷ୍ଣୁପଦ ସେଠୀ କହିଛନ୍ତି।


# classifieds Everyday
0674-2580101, 2549302




**HIRE**

Volvo 210B Excavator available on rental basis for earth work. Contact: 9658683328. D-12552

ମାସିକିଆ ଭଡ଼ା ସୂତ୍ରରେ Auto ଏବଂ Tata Magic ଆବଶ୍ୟକ। Contact: 9078000108, 6361358814. D-12574

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**SALE**

Sthitiban plot at Bhubaneswar near Pandra chhak, NH-203 to 50mtrs, Total area, 1600 sqft. and 1400 Rate per sqft @ 1750 with boundary wall. Contact No: 7008093886. D-64402

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

Gharabari yellowzone plot at Khandagiri near Amri Hospital & Duplex/ Simplex at Atala near Hanspal square: 9438419823, 9337086655. D-66462

Ready to move 2BHK flat 1120 sqft. 20lakh near ZEE School Kateni, Bhubaneswar is for sale. 9937162220 D-66133

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369


Bhubaneswar Patia New Railway Station ଠାରେ ସ୍ଥିତିବାନ demarcated plot sqft. 500/-, 700/- 9337505891, 7978286401. D-66375

ନଖରା ତ୍ରିନାଥ ବଜାରଠାରେ SC ଘରବାରି plot 1200କୁ 3,80,000/-, ପ୍ରତାପନଗରୀ ଧାକୁଲେଇ ପୀଠଠାରେ 1200କୁ 3,00,000/- (outright) 9348817649, 8144706560. D-66377

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3.5k.m ବାସୋପଯୋଗୀ plot 1200 sqft. 5,40,000/- immediate registration/possession. 9937032327, 9583328312. D-66376

**Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332.** D-66366

ଭୁବନେଶ୍ୱର KEC, ଗୁଡିଆ ପୋଖରୀଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-12573




Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304. D-66509

Herbal full body massage by smart/expert therapist. Contact: 8338067247. D-66528

Newly opening ayurvedic body massage smart therapist, Shree herbal. 7750020754. D-66529

Full body massage with refreshment, expert therapist. 7381239385, 0674-2540855. D-66526

Experience full body massage with us (expert). Call: 7377048581, 0674-2597822. D-66527

**ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା**



(Vivaan)
**Deb Nigyash Swain**
ଆଜି ତୋର ପ୍ରଥମ ଜନ୍ମବାର୍ଷିକ ଉତ୍ସବରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ସହାୟ ହୁଅନ୍ତୁ ଏବଂ ତୋର ଚଲାପଥ କୁସୁମିତ ହେଉ ଏହାହିଁ ଆମର ଭଗବାନଙ୍କ ନିକଟରେ ପ୍ରାର୍ଥନା।
ଶୁଭେଚ୍ଛା ସହ: ପାପା, ମାମା, ଜେଜେ ବାପା, ଜେଜେମା, ଅଜା, ଆଈ, ମଉସା, ମାଉସୀ, ପିଉସା, ପିଉସୀ, ରିୟା, ପ୍ରିୟା, ଖୁସୀ, ଦିକ୍ଷସା, ବାବୁନା, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୫୦୪

Now Matrimonial ads. only on Wednesday & Sunday Book 1 Get 1 FREE




## ସଂକ୍ଷେପରେ

### ଏନ୍‌ଆଇଟି ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ


ସୟଦ ମୁନୀବ ଅହମ୍ମଦ(ଫାଇଲ ଫଟୋ)

**ରାଉରକେଲା ଅଫିସ,୨୦।୫:** ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ (ଏନ୍‌ଆଇଟି)ର ଜଣେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ଛାତ୍ର ଜଣକ ହେଲେ ଏମ୍‌ଏସ୍‌ସି ଦ୍ୱିତୀୟ ବର୍ଷର ସୟଦ ମୁନୀବ ଅହମ୍ମଦ (୨୧) । ତାଙ୍କ ଘର ଭୁବନେଶ୍ୱର। ସୟଦଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ସୂଚନାନୁସାରେ ସୟଦ ସୋମବାର ସକାଳେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ସେ ରହୁଥିବା ସ୍ୱାମୀନାଥନ ହଲ୍ ବାରଣ୍ଡାରେ ଅଚେତ ହୋଇ ପଡ଼ିଯାଇଥିଲେ। ତାଙ୍କୁ ସ୍ଥାନୀୟ ସିଡବ୍ଲ୍ୟୁଏସ୍ ହସ୍ପିଟାଲ ନିଆଯାଇଥିଲା। ଏ ନେଇ ତୁରନ୍ତ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୟଦଙ୍କ ମୃତ୍ୟୁ ନେଇ ପୋଲିସ ତଦନ୍ତ ଜାରି ରଖିଛି।

### ପେରୁମଞ୍ଜିରେ ମାଓବାଦୀ ପୋଷ୍ଟର

**ଭବାନୀପାଟଣା,୨୦।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା ଭବାନୀପାଟଣା ଥୁଆମୂଳ ରାମପୁର ମୁଖ୍ୟ ରାସ୍ତା କର୍ଲାପାଟ ଅଭୟାରଣ୍ୟ ସଂଲଗ୍ନ ପେରୁମଞ୍ଜି ଛକ ନିକଟ ଏକ ଆମ୍ବ ଗଛରେ ଗତ ରବିବାର ରାତିରେ ୨ଟି ମାଓବାଦୀ ପୋଷ୍ଟର ଲଗାଯାଇଥିଲା। ଲୋକେ ଏହା ଦେଖି କର୍ଲାପାଟ ଫାଣ୍ଡି ଅଧିକାରୀଙ୍କୁ ସୂଚନା ଦେଇଥିଲେ। ପୋଲିସ ସେହି ପୋଷ୍ଟର ଜବତ କରି ତଦନ୍ତ ଆରମ୍ଭ କରିଛି । ଏହି ପୋଷ୍ଟରରେ ସାମୁଦ୍ରିକ ବାତ୍ୟା ଫଣୀ ପ୍ରାକୃତିକ ନୁହେଁ, ଏହା କୃତ୍ରିମ। ଏହି ବାତ୍ୟା ଓଡ଼ିଶାବାସୀଙ୍କ ପାଇଁ ମହାବିପତ୍ତି ଆଣି ଦେଇଛି। ବାତ୍ୟା ପାଇଁ ପ୍ରାକୃତିକ ସମ୍ପତ୍ତିକୁ ରୀତିମତ ନଷ୍ଟ କରୁଥିବା ଶୋଷକ ଶ୍ରେଣୀର ବହୁରାଷ୍ଟ୍ରୀୟ ପୁଞ୍ଜିପତି ଓ ତାଙ୍କ ଦ୍ୱାରା ପ୍ରତିପାଳିତ ଦଲାଲ ନେତା ଦାୟୀ ବୋଲି ଉଲ୍ଲେଖ ରହିଛି । ବିକାଶ ନାଁରେ ଲୋକଙ୍କୁ ବିନାଶର ଭିତରକୁ ଠେଲି ଦିଆଯାଉଛି। ବିକାଶ ନାମରେ ଖଣିଜ ସମ୍ପତ୍ତି ଲୁଟ, ନଦୀ ବନ୍ଧ ନିର୍ମାଣ, ସ୍ମାର୍ଟ ସିଟି ନାଁରେ ଜଙ୍ଗଲ ଧ୍ୱଂସ କରାଯାଇ କଂକ୍ରିଟ ଜଙ୍ଗଲ ନିର୍ମାଣ ଚାଲିଛି । ଏଥିପାଇଁ ଦିନକୁ ଦିନ ପ୍ରକୃତି ଅଶାନ୍ତ ହେବାରେ ଲାଗିଛି। ସମୁଦ୍ର ଗର୍ଭରେ ଜାତୀୟ ସୁରକ୍ଷା ନାଁରେ ବିଭିନ୍ନ ଯୁଦ୍ଧାସ୍ତ୍ରର ପରୀକ୍ଷଣରୁ ଅଶାନ୍ତ ହୋଇ ଉଠୁଛି ସମୁଦ୍ର। ଯାହାର ପ୍ରଭାବ ଯୋଗୁ ଏହି ବାତ୍ୟା ଆସିଥିଲା। ଏବେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଛି । ଆଗାମୀ ଦିନରେ ଏଭଳି ପୁଞ୍ଜିପତିଙ୍କ ପ୍ରଭାବ ଯୋଗୁ ଅନେକ ସାମୁଦ୍ରିକ ବାତ୍ୟା ସୃଷ୍ଟି ହେବ। ଜନସାଧାରଣ ଏହାଦ୍ୱାରା ପ୍ରଭାବିତ ହେବେ। ତେଣୁ ତୁରନ୍ତ ସାଧାରଣ ଜନତା ପୁଞ୍ଜିପତିଙ୍କ ଲୁଟେରା ନୀତିକୁ ବିରୋଧ କରିବା ସମୟ ଆସିଛି ବୋଲି ଉକ୍ତ ପୋଷ୍ଟରରେ ଉଲ୍ଲେଖ ରହିଛି। ଏହି ସାମୁଦ୍ରିକ ବାତ୍ୟା ଫଣୀ ପାଇଁ ସରକାରଙ୍କୁ ଦାୟୀ କରାଯାଇଛି। ଏହି ବାତ୍ୟା ପ୍ରଭାବରେ ପ୍ରାଣ ହରାଇଥିବା ଅସହାୟଙ୍କ ପରିବାରକୁ କ୍ଷତିପୂରଣ ବାବଦକୁ ୨୦ ଲକ୍ଷ ଟଙ୍କା ଓ ଘର ଭାଙ୍ଗିଯାଇଥିବା ନିରୀହ ଲୋକଙ୍କୁ ଘର ନିର୍ମାଣ ପାଇଁ ୨ ଲକ୍ଷ ୫୦ ହଜାର ଟଙ୍କା ଯୋଗାଇ ଦେବାକୁ ପୋଷ୍ଟରରେ ଦାବି କରାଯାଇଛି।




# ଚାଟ୍ ଖାଇ ୧୧ ଅସୁସ୍ଥ, ଜଣେ ଗୁରୁତର

**ଆନନ୍ଦପୁର,୨୦।୫(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଘସିପୁରା ଥାନା ନିକଟ ଏକ ଦୋକାନରୁ ଚାଟ୍ ଖାଇବା ପରେ ୧୧ଜଣ ଅସୁସ୍ଥ ହୋଇପଡିଥିବା ଅଭିଯୋଗ ହୋଇଛି । ସମସ୍ତ ଅସୁସ୍ଥଙ୍କୁ ଆନନ୍ଦପୁର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣେ ଯୁବତୀଙ୍କ ଅବସ୍ଥା ଗୁରୁତର ରହିଛି । ଅନ୍ୟମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡିଛି। ରବିବାର ସନ୍ଧ୍ୟାରେ କେତେକ ଯୁବତୀ ଯୁବକ ଉପରୋକ୍ତ ଦୋକାନରୁ ଚାଟ୍ ଖାଇଥିଲେ । ବିଳମ୍ବିତ ରାତିରେ ସେମାନେ ଅସୁସ୍ଥତା ଅନୁଭବ କରିଥିଲେ। ସୋମବାର ସକାଳୁ ସେମାନଙ୍କ ପେଟରେ ଯନ୍ତ୍ରଣା ହେବା ସହିତ ଝାଡା ହୋଇଥିଲା। ଦେହ ଝିମ୍‌ଝିମ୍ ହେବାରୁ ସମସ୍ତଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅସୁସ୍ଥମାନେ ହେଲେ ଘସିପୁରା ଥାନା ପଞ୍ଚୁପଲୀ ଗ୍ରାମର ବବୁଲ ସା, ଦୀପକ ନାଇକ, କୃପାସିନ୍ଧୁ ରାଉତ, ରଶ୍ମୀରଞ୍ଜନ ମହାପାତ୍ର, ସୌମ୍ୟ ସା, ସୁବାସ ସନ୍ନିବିଗ୍ରହ, ଲିପୁନ ସନ୍ନିବିଗ୍ରହ, ଲୋକନାଥ ପାଡୀ। ଘସିପୁରାର ରଞ୍ଜିତା ମହାରଣାଙ୍କ ଅବସ୍ଥା ଗୁରୁତର ରହିଛି। ତାଙ୍କ ଭାଇ ଓ ଭାଉଜ ସାମାନ୍ୟ ଅସୁସ୍ଥ ଥିବା ଜଣାପଡିଛି। ଏହି ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଅସୁସ୍ଥମାନେ ଡାକ୍ତରଖାନାରେ ଅଛନ୍ତି । ବାସି ମସଲା ଓ ଆଳୁରେ ଚାଟ୍ ପ୍ରସ୍ତୁତ ହୋଇଥିବାରୁ ଏପରି ହୋଇଥିବା ସନ୍ଦେହ ପ୍ରକାଶ ପାଇଛି।


ଅସୁସ୍ଥମାନଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଚିକିତ୍ସା କରାଯାଉଛି ।

# ୬ ଡବା ଛାଡ଼ି ପଳାଇଲା ମାଲ୍ ଗାଡ଼ି

**ବାମରା,୨୦।୫ (ସ୍ୱ.ପ୍ର.)**



ସମ୍ବଲପୁର ଜିଲା ବାମରା ରେଳ ଷ୍ଟେଶନଠାରୁ ପ୍ରାୟ ୩୫ କି.ମି. ଦୂର ହରିପଡା ରେଳ ଫାଟକ ନିକଟ ଡାଉନ ଲାଇନରେ ସୋମବାର ଏକ କୋଇଲା ବୋଝେଇ ରେଳଗାଡି ୬ଟି ଡବାକୁ ଛାଡି ପ୍ରାୟ ଅଧ କି.ମି ପଳାଇ ଯାଇଥିଲା। ଅପରାହ୍ନ ପ୍ରାୟ ୧୨ଟା ୪୫ରେ ଏହି ଘଟଣା ଘଟିଥିଲା । ପଛରେ ଥିବା ଗାର୍ଡ ଏହା ଜାଣିବା ପରେ ତୁରନ୍ତ ୱାକିଟକିରେ ଡ୍ରାଇଭରଙ୍କୁ ଜଣାଇଥିଲେ। ଏହାର ଅଧ ଘଣ୍ଟା ପରେ ସେହି ଲାଇନରେ ଇଞ୍ଜିନ ସମେତ ପ୍ରାୟ ୫୦ଟି କୋଇଲା ବୋଝେଇ ଡବା ପଛୁଆ ଆସି ପହଞ୍ଚିଥିଲା। ଡ୍ରାଇଭର ଅରୁଣ କୁମାର, ସହକାରୀ ଡ୍ରାଇଭର ଦିନେଶ କୁମାର ଓ ଗାର୍ଡ ରାଜନ କୁମାର ଖୋଲି ଯାଇଥିବା ୬ଟି ଡବାକୁ ଯୋଡିବା ପରେ ଗାଡି ଆଗକୁ ଗଡିଥିଲା। ଡବାର ଲକ୍ (କପଲ୍) ଉପର ପଟୁ ଖୋଲି ଯିବାରୁ ଏଭଳି ଘଟିଥିଲା ବୋଲି ରେଳ କର୍ମଚାରୀମାନେ କହିଛନ୍ତି। ଏ ନେଇ ବାମରା ଷ୍ଟେଶନ ମ୍ୟାନେଜର ଟି. ନାଏକଙ୍କୁ ପଚାରିବାରୁ ଘଟଣା ବିଷୟରେ ତାଙ୍କ ପାଖରେ କୌଣସି ଲିଖିତ ସୂଚନା ଦିଆଯାଇ ନାହିଁ। ଏଭଳି ଘଟଣାକୁ ନେଇ ଡିଟିଆଇ (ଡିଭିଜନାଲ ଟ୍ରାଫିକ୍ ଇନ୍ସପେକ୍ଟର ଅଫ୍ ରେଲଓ୍ୱେ) ନୀଳମାଧବ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ପୁରୁଣା ମାଲ୍‌ଗାଡିଗୁଡିକର ଲୁଜ ଲକ୍ ସିଷ୍ଟମ ଓ ଜର୍କ ହେବା ଫଳରେ ପ୍ରାୟ ଏହିଭଳି ପରିସ୍ଥିତି ଦେଖା ଯାଇଥାଏ । ହେଲେ ଏହି ଘଟଣାରେ ତାଙ୍କ ପାଖରେ ମଧ୍ୟ ସୂଚନା ନାହିଁ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ଉକ୍ତ ମାଲଗାଡିଟି ବ୍ରଜରାଜନଗର ଅଞ୍ଚଳରୁ କୋଇଲା ବୋଝେଇ କରି ପଶ୍ଚିମବଙ୍ଗ ଯାଉଥିଲା।

## ■ ସରିଲା ନିଟ୍

# ବାହାରେ ରବର ବ୍ୟାଣ୍ଡ, କ୍ଲିପ୍ ରଖିଲେ ଛାତ୍ରୀ


ପରୀକ୍ଷା ସରିବା ପରେ ପିଲାମାନେ ନିଜନିଜ କ୍ଲିପ୍ ଓ ରବରବ୍ୟାଣ୍ଡ୍ ନେଉଛନ୍ତି।

**ଭୁବନେଶ୍ୱର,୨୦।୫(ବ୍ୟୁରୋ)**

ରାଜ୍ୟ ତଥା ଦେଶର ପ୍ରମୁଖ ମେଡିକାଲ କଲେଜରେ ଏମ୍‌ବିବିଏସ୍ ଓ ବିଡିଏସ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ନିଟ୍) ସୋମବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ୧ଟାରେ ଶେଷ ହୋଇଥିଲା। ଅନୁଗୋଳ, ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, କଟକ, ରାଉରକେଲା ଓ ସମ୍ବଲପୁର ସହରର ପରୀକ୍ଷା କେନ୍ଦ୍ରରେ ପ୍ରାୟ ୪୨ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଏଥର ମଧ୍ୟ ପରୀକ୍ଷାର୍ଥୀଙ୍କ ପାଇଁ କଡ଼ା ନିୟମ କରାଯାଇଥିଲା। ପରୀକ୍ଷା କେନ୍ଦ୍ରକୁ ପ୍ରବେଶ ସମୟରେ ପରୀକ୍ଷାର୍ଥୀ ସାଙ୍ଗରେ ପେନ୍‌ସିଲ୍ ବକ୍ସ, ପ୍ଲାଷ୍ଟିକ୍ ପାଉଚ୍, କାଲ୍‌କୁଲେଟର, ପେନ୍, ସ୍କେଲ୍, ପେନ୍ ଡ୍ରାଇଭ୍, ରବର, ଇଲେକ୍ଟ୍ରୋନିକ୍ ପେନ୍, ମୋବାଇଲ୍ ଫୋନ୍, ବ୍ଲୁଟୁଥ୍, ଇୟରଫୋନ୍, ମାଇକ୍ରୋଫୋନ୍, ହେଲଥ୍ ବ୍ୟାଣ୍ଡ, ହ୍ୟାଣ୍ଡବ୍ୟାଗ୍, ୱାଲେଟ୍, କ୍ୟାପ୍, ହାତଘଣ୍ଟା, ବ୍ରେସ୍‌ଲେଟ୍, କ୍ୟାମେରା, ଅଳଙ୍କାର, ଖାଦ୍ୟ ସାମଗ୍ରୀ, ପାଣି ବୋତଲ ଆଦି ନେଇପାରିବେ ନାହିଁ ବୋଲି ନିୟମ ରହିଥିଲା। ସୋମବାର ପରୀକ୍ଷା ଦେବା ପାଇଁ ଛାତ୍ରୀଛାତ୍ର ସକାଳ ସାଢ଼େ ୯ଟାରେ ପ୍ରବେଶ କରିଥିଲେ। ପ୍ରବେଶ ସମୟରେ ଛାତ୍ରୀମାନେ ମୁଣ୍ଡରେ ବାନ୍ଧିଥିବା ରବର ବ୍ୟାଣ୍ଡକୁ ଓହ୍ଲାଇ ଯାଇଥିଲେ। ଏପରି କି, ଲଗାଇଥିବା କ୍ଲିପ୍ ମଧ୍ୟ ବାହାରେ ରଖି ଯାଇଥିଲେ।

## ■ ଭାଜପାର ରାଜ୍ୟସ୍ତରୀୟ କର୍ମଶାଳା

# ଭୋଟ ଗଣତି, ଫଳାଫଳ ନେଇ ଆଲୋଚନା


କର୍ମଶାଳାରେ ଯୋଗଦେଇଥିବା ଭାଜପା ନେତାମାନେ ।

**ଭୁବନେଶ୍ୱର,୨୦।୫(ବ୍ୟୁରୋ)**

ରାଜ୍ୟର ସମସ୍ତ ଲୋକ ସଭା ଏବଂ ବିଧାନସଭା ଭାଜପା ପ୍ରାର୍ଥୀମାନଙ୍କୁ ନେଇ ସ୍ଥାନୀୟ ଏକ ହୋଟେଲ୍‌ରେ ରାଜ୍ୟସ୍ତରୀୟ କର୍ମଶାଳା ଆୟୋଜିତ ହୋଇଛି । ଏହି କର୍ମଶାଳାରେ ନିର୍ବାଚନ ଗଣତି ପଦ୍ଧତିର ବୈଷୟିକ ଦିଗ ଉପରେ ଆଲୋଚନା ହୋଇଛି। ଦୁଇ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଦଳର ରାଜ୍ୟ ସଭାପତି ବସନ୍ତ ପଣ୍ଡା ଓ ସବୁ ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀମାନେ ଏଥିରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ ନିର୍ବାଚନ ପ୍ରକୋଷ୍ଠ ଆବାହକ ସୁଦର୍ଶନ ନାୟକ ଏହି ଅବସରରେ ଭୋଟ ଗଣତିର ବିଭିନ୍ନ ନିୟମ ସମ୍ବନ୍ଧରେ ସୂଚନା ଦେଇଥିଲେ । ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି ନିର୍ବାଚନ ପରିଚାଳନାର ଆର୍ଥିକ ଦିଗ ଏବଂ ଗଣତିରେ ବୁଥ୍ ଏଜେଣ୍ଟ ପରିଚାଳନା ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ଭାଜପା ଭୋଟ ଗଣତି ପ୍ରକ୍ରିୟା ଏବଂ ଫଳାଫଳର ବିଭିନ୍ନ ଦିଗକୁ ନେଇ ଆଲୋଚନା ହୋଇଛି। ଭୋଟ ଗଣନା ପ୍ରକ୍ରିୟାରେ ଦଳର କାର୍ଯ୍ୟକର୍ତ୍ତାମାନଙ୍କ କ'ଣ ଭୂମିକା ରହିଛି ଏବଂ ପ୍ରକୃତ ଖର୍ଚ୍ଚ ହିସାବ ବିଷୟରେ ଆଲୋଚନା ସହ କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ରଶିକ୍ଷିତ କରାଯାଇଛି।

ଏହି ଅବସରରେ ବସନ୍ତ ପଣ୍ଡା କହିଛନ୍ତି, ସମସ୍ତ ଏକ୍‌ଜିଟ୍ ପୋଲ ଅନୁସାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା ଆଗାମୀ ଦିନରେ ସରକାର ଗଢିବ। ଇଣ୍ଡିଆ ଟୁଡେ ଏବଂ ଟୁଡେ ଚାଣକ୍ୟ ଅନୁମାନ ଯଦି ସତ ହୁଏ ତେବେ ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ସରକାର ଗଠନ ହେବ । ଆସନ୍ତା ୨୩ରେ 'ଫିର୍ ଏକବାର ମୋଦି ସରକାର' ନାରା ସଫଳ ହେବାକୁ ଯାଉଛି। ଓଡିଶାର ସ୍ଥାଣୁ ଅପାରଗ ସରକାର ବଦଳିବାର ଅନୁଭବ କରାଯାଉଛି। ଓଡିଶାରେ ଭାଜପା ଏକାକୀ ସଂଖ୍ୟା ଗରିଷ୍ଠତା ହାସଲ କରିବ। 'ଭାଜପା ବଢୁଛି, କଂଗ୍ରେସ ଓ ବିଜେଡି ଛିଡୁଛି' । ଏହାସହ ଓଡ଼ିଶାରେ ଧୀରେ ଧୀରେ କଂଗ୍ରେସ ଏବଂ ବିଜେଡି ସୀମିତ ଏବଂ ଅବକ୍ଷୟ ହେବାକୁ ଯାଉଛନ୍ତି। ଆଗାମୀ ଦିନରେ ଭାଜପା ଓଡିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବ ବୋଲି ବସନ୍ତ କହିଛନ୍ତି ।

### ସରକାରୀ କ୍ୱାର୍ଟର୍ସ ପଛରୁ ୨ ବୋମା ଜବତ

**ଭୁବନେଶ୍ୱର, ୨୦।୫(ବ୍ୟୁରୋ)**

ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ୍-୯ସ୍ଥିତ ଗୋପବନ୍ଧୁ ସ୍କୁଲ ନିକଟ ସରକାରୀ କ୍ୱାର୍ଟର୍ସ ନଂ.୨ଆରଏ୨୫ ପଛରୁ ପୋଲିସ ଦୁଇଟି ଅଫୁଟା ବୋମା ଜବତ କରିଛି। ଏକ ବ୍ୟାଗ୍‌ରେ ଥିବା ଦୁଇଟି ବୋମାକୁ ଡଷ୍ଟବିନ ଭିତରେ ଲୁଚାଇ ରଖାଯାଇଥିଲା । ସକାଳୁ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଏହ ଦେଖି ଅନ୍ୟମାନଙ୍କୁ ଜଣାଇବା ପରେ ଆଖ ପାଖ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ପୋଲିସ ଟିମ୍ ସହ ପହଞ୍ଚି ଥାନାଧିକାରୀ ନିଜେ ଏକ ବାଉଁଶ ସହାୟତାରେ ବୋମା ବ୍ୟାଗ୍‌କୁ ଉଠାଇ ଆଣି ପାଣି ବାଲ୍‌ତି ଭିତରେ ପୂରାଇ ଦେଇଥିଲେ। ପରେ ବୋମା ନିଷ୍କ୍ରିୟକାରୀ ଟିମ୍ ଉକ୍ତ ବୋମାକୁ ଜବତ କରିଥିଲେ। ତେବେ କିଏ, କେଉଁ ଉଦ୍ଦେଶ୍ୟରେ ସେଠାରେ ବୋମା ରଖିଥିଲା ତାହାକୁ ନେଇ ପୋଲିସ ଖୋଳତାଡ଼ ଆରମ୍ଭ କରିଛି। ଏ ସଂକ୍ରାନ୍ତରେ ଯେଉଁ ଘର ନିକଟରୁ ବୋମା ମିଳିଥିଲା ତାହାର ମାଲିକଙ୍କ ସମେତ ଆଖପାଖ ଅଞ୍ଚଳର ଲୋକଙ୍କୁ ପଚରାଉଚରା କରିଥିଲା। ହେଲେ ବୋମା ବିଷୟରେ କେହି କିଛି ଜାଣି ନ ଥିବା କହିଥିଲେ। ଏହି ଘଟଣାରେ ପୋଲିସ ସନ୍ଦେହରେ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଆସନ୍ତା ୨୩ ତାରିଖରେ ସାଧାରଣ ନିର୍ବାଚନର ଫଳଫଳ ଆସିବାର ରହିଛି। କୌଣସି ରାଜନୈତିକ ଦଳ କିମ୍ବା ରାଜନୈତିକ ଶତ୍ରୁତାକୁ ନେଇ ବିରୋଧୀ କ୍ୟାମ୍ପ ଉପରେ ବୋମା ପକାଇବା ପାଇଁ ଯୋଜନା କରାଯାଇଥିବା ସନ୍ଦେହ କରାଯାଉଛି।



ଯାହାସବୁ ତୁମକୁ ଅଶୁଦ୍ଧତା, ଅପୂର୍ଣ୍ଣତା, ମାନସିକ ଉଦ୍‌ବେଗ, ହାର୍ଦ୍ଦିକ ଆସକ୍ତି, ପ୍ରାଣିକ କାମନା ଓ ପ୍ରବେଗ ତଥା ଶାରୀରିକ ରୋଗକୁ ଦୀର୍ଘସ୍ଥାୟୀ କରିବାକୁ ବା ଦୃଢ଼କରି ଧରି ରଖିବାକୁ ପରାମର୍ଶ ଦିଏ। ସେ ସବୁ ସମ୍ପର୍କରେ ତୁମେ ସାବଧାନ ରୁହ। ଏଇସବୁ ଜିନିଷକୁ ଚତୁରତାର ସହ ସମର୍ଥନ କରିବା ଓ ଆଢୁଆଳରେ ଡାକି ରଖିବା ବିରୋଧୀ ଶକ୍ତିର ସାଧାରଣ କୌଶଳ। -ଶ୍ରୀଅରବିନ୍ଦ

# ଦୁଃଖଭୋଗ

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁମାନ କରିଛି ଯେ, ଆସନ୍ତା ୩ ଦିନ ଧରି ଓଡ଼ିଶାରେ ପ୍ରବଳ ତାତି ଅନୁଭୂତ ହେବ। କେତେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଓ ଆଉ କିଛି ସ୍ଥାନରେ ୪୫ ଡିଗ୍ରୀ ଉପରକୁ ଚାଲିଯିବ। ଇତିମଧ୍ୟରେ ରାଜ୍ୟର ଉତ୍ତପ୍ତ ସହର ଟିଟିଲାଗଡ଼ରେ ଏକାଧିକ ଦିନ ୪୫ ଡିଗ୍ରୀ ସେଲ୍‌ସିୟସ ଅତିକ୍ରମ କରିସାରିଲାଣି। ୩ ମେ'ରେ ଓଡ଼ିଶା ଉପକୂଳକୁ ବାତ୍ୟା 'ଫନୀ' ଛୁଇଁବା ପରେ ପୁରୀ, ଖୋର୍ଦ୍ଧା ଏବଂ କଟକ ଜିଲାରେ ବ୍ୟାପକ କ୍ଷତି ଘଟିଛି। ବିଶେଷକରି ପୁରୀ, ଖୋର୍ଦ୍ଧା ଏବଂ ଭୁବନେଶ୍ୱରରେ ବହୁଳମାତ୍ରାରେ ଗଛ ଉପୁଡ଼ି ବା ଭାଙ୍ଗିଯିବା ପରେ ଚାରିଆଡ଼େ ଖାଁଖାଁ ପରିସ୍ଥିତି ସୃଷ୍ଟି ହୋଇଛି। ସବୁଜ ସୁନ୍ଦର ଭୁବନେଶ୍ୱରର ଗୋଟିଏ ସ୍ଥାନରେ ଛିଡ଼ା ହୋଇ ୧୦୦ କିମ୍ବା ୨୦୦ ମିଟର ଦୂରତାକୁ ଦେଖିବା ସହଜ ହେଉ ନ ଥିଲା। ଗଛସଂଖ୍ୟା କମିଯିବା ପରେ ଏବେ ମଣିଷ ଖାଲି ଆଖିରେ ବହୁଦୂରକୁ ଅନାୟାସରେ ଦେଖିପାରୁଛି। ଏଣେ ସୂର୍ଯ୍ୟଙ୍କ ତାତି ସହି ହେଉ ନାହିଁ। ଏଥିସହିତ ବାରମ୍ବାର ବିଦ୍ୟୁତ୍ ସେବା ବ୍ୟାହତ ହେବା ଦ୍ୱାରା ଲୋକଙ୍କ ଦୁଃଖ ବହୁଗୁଣିତ ହୋଇଯାଉଛି। ଆସନ୍ତା ମୌସୁମୀ ବର୍ଷା ସ୍ୱାଭାବିକଠାରୁ କମ୍ ରହିବ ବୋଲି ପାଣିପାଗ ସଂସ୍ଥାଗୁଡ଼ିକ ଯେଉଁ ଅନ୍ଦାଜ ଲଗାଇଛନ୍ତି, ତାହା ସତ ପାଲଟିଲେ କୃଷି କ୍ଷେତ୍ର ଘୋର ପ୍ରଭାବିତ ହେବ। ଫଳରେ ଖାଦ୍ୟଶସ୍ୟର ମୂଲ୍ୟ ଢେର ବଢ଼ିଯିବ ବୋଲି ବିଶେଷଜ୍ଞମାନେ ମତ ରଖିଲେଣି।

ଲକ୍ଷାଧିକ ସଂଖ୍ୟାର ଗଛ ନଷ୍ଟ ହେବା ପରେ ରାଜ୍ୟ ସରକାର ଆସନ୍ତା ୫ ବର୍ଷ ମଧ୍ୟରେ ୧୮୮ କୋଟି ଟଙ୍କାର ବୃକ୍ଷରୋପଣ କରିବେ ବୋଲି ନିକଟରେ ଘୋଷଣା କରିଛନ୍ତି। ୨୦୧୯-୨୦ରେ ୧୩୦ ଲକ୍ଷ ୫୦ ହଜାର ଚାରା ରୋପଣ କରାଯିବ ବୋଲି ସରକାରୀ ଭାବେ କୁହାଯାଇଛି। ଏହିସବୁ ଚାରା ଗଛ ହୋଇ ପରିବେଶକୁ ସୁରକ୍ଷା ଦେବା ଲାଗି ଅନେକ ବର୍ଷ ଲାଗିବା ସ୍ୱାଭାବିକ। ଏକ ରିପୋର୍ଟ ଅନୁଯାୟୀ, ୧୯୬୦ରେ ବାତ୍ୟା ପ୍ରତିରୋଧ କରିବା ସକାଶେ ଓଡ଼ିଶା ସରକାର ଅସଂଖ୍ୟ ଝାଉଁବଣ ସୃଷ୍ଟି କରିଥିଲେ। ହେଲେ ୧୯୯୯ ମହାବାତ୍ୟା ଓ ୨୦୧୯ର ଫନୀ ବ୍ୟାପକ ଗଛ ନଷ୍ଟ କରି ମଣିଷ ପାଇଁ ବିପଦ ସୃଷ୍ଟି କରିଛି। କେବଳ ସରକାରୀ ଭାବେ ଏ ଦିଗରେ ପ୍ରଚେଷ୍ଟା କରାଗଲେ ତାହା ଯଥେଷ୍ଟ ହେବ ନାହିଁ। ଏଥିପାଇଁ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ। ନିଜ ପିଲାକୁ ଯତ୍ନ ନେବା ଭଳି ସମସ୍ତେ ଗଛ ଲଗାଇ ତା'ର ରକ୍ଷଣାବେକ୍ଷଣ କଲେ ହୁଏତ ପରିବେଶକୁ ଗରମ ଦାଉରୁ ସାମାନ୍ୟ ଆଶ୍ୱସ୍ତି ମିଳିପାରେ।

ଅନ୍ତର୍ଜାତୀୟ ପତ୍ରିକା 'କ୍ଲାଇମେଟ୍ ଡାଇନାମିକ୍ସ'ରେ ଏକ ରିପୋର୍ଟ ପ୍ରକାଶ ପାଇଛି ଯେ, ଭାରତରେ ୨୦୨୦ରୁ ୨୦୬୪ ଦୀର୍ଘ ୪୪ ବର୍ଷ ଧରି ଏଲ୍ ନିନ୍ୟୋ ପ୍ରଭାବ ରହିବ। ଫଳରେ ଗ୍ରୀଷ୍ମ ପ୍ରବାହ ବଢ଼ିବା ସହିତ ବର୍ଷାରେ ଅନିୟମିତତା ଦେଖାଯିବ, ଯାହାକି ଚାଷ ଉପରେ ନକାରାତ୍ମକ ପ୍ରଭାବ ପଡ଼ିବ। ଏହା ଦ୍ୱାରା ଖାଦ୍ୟଶସ୍ୟର ଅଭାବ ଦେଖାଦେଇପାରେ। ଏହି ସମୟରେ ଦକ୍ଷିଣ ଭାରତ ବିଶେଷକରି ଉପକୂଳ ଅଞ୍ଚଳ ଅଧିକ ପ୍ରଭାବିତ ହେବ। ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନର ଏଭଳି ରିପୋର୍ଟ ଶୁଣିବା ପରେ ଯେକେହି ଚିନ୍ତିତ ରହିବା ସୁନିଶ୍ଚିତ। ହେଲେ ଏହି ଚିନ୍ତା ଲୋକଙ୍କ ମନରେ କିଛି ସମୟ ରହିଲା ପରେ ଆପେ ଆପେ ମିଳାଇ ଯାଉଥିବା ଲକ୍ଷ୍ୟ କରାଯାଉଛି। ବାରମ୍ବାର ଦେଖାଗଲାଣି ଯେ ବିପର୍ଯ୍ୟୟ ପରେ ଜନସାଧାରଣ କିଛି ଦିନ 'ଆହା, ଚୁଚୁ' କରିବା ପରେ ପୁରୁଣା ଖୋଇ ଦେଖାଇଥାଆନ୍ତି। ଉଦାହରଣ ସ୍ୱରୂପ ଫନୀ ପରେ ପୁରୀ, ଭୁବନେଶ୍ୱର ଓ କଟକ ଅଞ୍ଚଳରେ ଦୀର୍ଘଦିନ ବିଦ୍ୟୁତ୍ ସେବା ବ୍ୟାହତ ହୋଇଥିଲା। ଅଦ୍ୟାବଧି ଅନେକ ଅଞ୍ଚଳକୁ ଏହି ସୁବିଧା ମିଳିପାରି ନାହିଁ। ତେବେ ଯେଉଁ ଜାଗାକୁ ପ୍ରଥମେ ବିଜୁଳି ମିଳିଲା ଓ ଯାହାଙ୍କ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ବା ଏୟାର କଣ୍ଡିସନ୍‌ର ରହିଛି, ସେମାନେ କାଳ ବିଳମ୍ବ ନ କରି ତାହାକୁ ଚାଲୁ କରିଦେଲେ। ଅସହ୍ୟ ଗରମ ଗୁଳୁଗୁଳିରେ ଜୀବନ ବିତାଉଥିବା ବେଳେ କେମିତି ଟିକେ ପଙ୍ଖା ଘୂରିବ ସେହି କଥା ଯିଏ ଭାବୁଥିଲେ ସଙ୍ଗେ ସଙ୍ଗେ ଆରାମ ଖୋଜିଲେ। ଏଭଳି ମାନସିକତା ପୋଷଣ କରୁଥିବା ବ୍ୟକ୍ତିଙ୍କଠାରୁ ପରିବେଶ ସୁରକ୍ଷା ଚିନ୍ତା କରିବା ବୃଥା।

ଆଜିର ମଣିଷ ସୁବିଧା ପାଇବା ମାତ୍ରେ ସବୁ କିଛି ରାମ୍ପି ନେଇ ନିଜେ ବଞ୍ଚିବା ପାଇଁ ଚେଷ୍ଟା କରୁଛି। ଏଭଳି ଅତ୍ୟଧିକ ଲୋଭ ଏବଂ ସ୍ୱାର୍ଥପର ଚରିତ୍ର ପ୍ରକୃତିକୁ ବିଗାଡ଼ି ଦେଉଛି। ଦୁନିଆରେ ତାପମାତ୍ରା ଯେଭଳି ବଢ଼ି ଚାଲିଲାଣି ସମୟ ଆସିବ ଏୟାର କଣ୍ଡିସନ୍‌ର ଅକାମୀ ହୋଇଯିବ। ଏଭଳି ସ୍ଥଳେ ସୂର୍ଯ୍ୟଙ୍କ କିରଣରେ ହନ୍ତସନ୍ତ ହେବା ଥୟ। ତେଣୁ ସମସ୍ତେ ଏବେଠାରୁ ସଜାଗ ହେବା ଦରକାର। ପ୍ରକୃତିର ନିୟମକୁ ମାନିବା ଲାଗି ଯେତେ ସମ୍ଭବ ଉଦ୍ୟମ କରାଯାଇପାରେ, ତାହା କରଣୀୟ ହେବା ଆବଶ୍ୟକ। ମଣିଷ ଅଧିକ ଚାଲାକ ହୋଇ ଚାହିଦାଠାରୁ ଅଧିକ ବ୍ୟବହାର କରିବାର ମାନସିକତା ରଖିଲେ, ଫନୀ ଭଳି ପ୍ରାକୃତିକ ବିପର୍ଯ୍ୟୟ କାହାରିକୁ ଛାଡ଼ିବ ନାହିଁ। ଓଡ଼ିଆରେ କଥା ଅଛି, 'ଠିକିଲେ ଶିଖିବା'। କିନ୍ତୁ ଅନେକେ ଭୁଲ୍‌ରୁ ଶିଖୁ ନ ଥିବାରୁ ଦୁଃଖଭୋଗ ବଢ଼ୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ମେ ୧୯୯୪

- ଗଣବିଧ୍ୱଂସୀ ଅସ୍ତ୍ରଶସ୍ତ୍ର ପରିହାର ଦ୍ୱାରା ବିଶ୍ୱବ୍ୟାପୀ ନିରସ୍ତ୍ରୀକରଣ ନିଶ୍ଚିତ ସମ୍ଭବ ହେବ ବୋଲି ଭାରତର ଦୃଷ୍ଟିକୋଣ ତଥା ମତକୁ ପ୍ରଥମଥର ପାଇଁ ଆମେରିକା ଗ୍ରହଣ କରିଛି।
- ଆସାମରେ ଉଗ୍ରପନ୍ଥୀଙ୍କ ହିଂସାକାଣ୍ଡରେ ୧୪ଜଣ ନିହତ।
- ଯୁକ୍ତରାଷ୍ଟ୍ର ଆମେରିକାର ସ୍ୱର୍ଗତ ରାଷ୍ଟ୍ରପତି ଜନ୍. ଏଫ୍. କେନେଡିଙ୍କ ସ୍ତ୍ରୀ ଜାକ୍ୟୁଲିନ୍ କେନେଡିଙ୍କ ପରଲୋକ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 2 | | 1 | | | 3 | | | | 0 | 9 |
| | | 8 | | | | | | | 2 | | C | | | |
| | 1 | | | | | D | 6 | 7 | | 5 | | | | 3 |
| 9 | | | | | | A | 3 | E | 4 | | 8 | | | |
| | 6 | | 8 | | E | | 2 | | 9 | A | | | | |
| 6 | 7 | | A | 1 | | | D | B | | | | | | |
| | | 2 | 7 | D | | | | | 6 | | | | C | |
| | | | 3 | 0 | | | A | | 5 | | 2 | | 1 | |
| | 9 | | | | | 3 | | | | | A | | | 0 |
| | | | | | | | | 2 | | C | E | 5 | 6 | 8 |
| 3 | | | | | 9 | | | 5 | | | D | | | C |
| | | 0 | | | | | | | C | | 3 | 2 | E | 7 |
| | 2 | 1 | B | | | | 7 | | 8 | | | | 9 | |
| | A | | | 8 | 1 | | 0 | | | | | B | 4 | 5 |
| 4 | B | | 5 | 3 | | | | | | | | | A | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 0 | D | 4 | 6 | C | 2 | B | E | 7 | 9 | 3 | 8 | A | 5 |
| 8 | 3 | 9 | 0 | 1 | 2 | C | 4 | 7 | 5 | E | A | 6 | B | D |
| B | 4 | 5 | 9 | A | E | 0 | 3 | 6 | 2 | D | 8 | C | 7 | 1 |
| 2 | C | 7 | D | 5 | 8 | 1 | A | 9 | B | 6 | 4 | E | 0 | 3 |
| E | A | 6 | 3 | B | 7 | 5 | D | 8 | 1 | 0 | C | 2 | 4 | 9 |
| 5 | 6 | 0 | A | D | 1 | B | C | 2 | 3 | 8 | 7 | 4 | 9 | E |
| 4 | E | C | B | 8 | 9 | 6 | 7 | 3 | A | 5 | 1 | 0 | D | 2 |
| 3 | D | 1 | 7 | 0 | 6 | 9 | 8 | A | E | 4 | 2 | B | 5 | C |
| 9 | B | A | 2 | E | 3 | 4 | 0 | 5 | 6 | C | D | 1 | 8 | 7 |
| 7 | 8 | 2 | 5 | C | 4 | E | 1 | D | 9 | B | 0 | 3 | 6 | A |
| C | 1 | E | 8 | 2 | D | A | 6 | 4 | 0 | 7 | 5 | 9 | 3 | B |
| A | 7 | 4 | 6 | 9 | B | D | 2 | 0 | C | 3 | E | 5 | 1 | 8 |
| D | 5 | B | E | 3 | 0 | 7 | 9 | C | 8 | 1 | 6 | A | 2 | 4 |
| 0 | 9 | 3 | C | 7 | A | 8 | 5 | 1 | 4 | 2 | B | D | E | 6 |
| 6 | 2 | 8 | 1 | 4 | 5 | 3 | E | B | D | A | 9 | 7 | C | 0 |

ଗତକାଲିର ଉତ୍ତର

# ଆପଣା ହସ୍ତେ ଜିହ୍ୱା ଛେଦି



ବୈକୁଣ୍ଠନାଥ ମିଶ୍ର

ଭାରତ ଏକ ଗ୍ରାମବହୁଳ ଦେଶ। ସମୁଦାୟ ଜନସଂଖ୍ୟାର ପ୍ରାୟ ୮୬ ପ୍ରତିଶତ ଗ୍ରାମଗୁଡ଼ିକରେ ବାସ କରନ୍ତି। କୃଷି ଗ୍ରାମାଞ୍ଚଳର ମୁଖ୍ୟ ଜୀବିକା। ବହୁ ଲୋକଙ୍କର ଜୀବିକା ସାଜିଥିବା କୃଷିର ଯୋଗଦାନ ଦେଶର ଜିଡିପିରେ ଉଲ୍ଲେଖନୀୟ। କିନ୍ତୁ କୃଷିକ୍ଷେତ୍ର କ୍ରମାଗତ ଭାବେ ପ୍ରଚଣ୍ଡ ଅବହେଳାର ଶିକାର ହୋଇଚାଲିଛି। କୃଷକ ପାରମ୍ପରିକ କୃଷି ପଦ୍ଧତିରୁ ଓହରିଯାଇ ସମ୍ପୂର୍ଣ୍ଣ ଅଣପାରମ୍ପରିକ ପଦ୍ଧତିକୁ ଆପଣେଇ ନେଇଛି। କୃଷିଜାତ ଦ୍ରବ୍ୟ ବିଶେଷକରି ଆମ ରାଜ୍ୟରେ ଧାନର ସହାୟକ ମୂଲ୍ୟ ଯେତେ ବୃଦ୍ଧି ହେଲେ ମଧ୍ୟ ଖର୍ଚ୍ଚ ତୁଳନାରେ କୃଷିରୁ ଆୟ କ୍ରମେ ହ୍ରାସ ପାଇଚାଲିଛି। କୃଷିରେ ଯାନ୍ତ୍ରିକ ନିର୍ଭରଶୀଳତା ପୂର୍ବାପେକ୍ଷା ଯଥେଷ୍ଟ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳରେ ହଳ, ଲଙ୍ଗଳ ଓ ବଳଦ ଆଉ ଦୃଶ୍ୟ ହେଉନାହିଁ। ଜମି ଚାଷ, ଫସଲକଟା ଓ ଅମଳ ସବୁ କାର୍ଯ୍ୟ ଯନ୍ତ୍ର ସାହାଯ୍ୟରେ ହେବା ଦ୍ୱାରା ମଣିଷ ଯନ୍ତ୍ରମୁଖାପେକ୍ଷୀ ହୋଇଯାଉଛି। ତେଣୁ ତା' ମଧ୍ୟରେ କର୍ମବିମୁଖତା ଦେଖାଦେଇଛି। କୃଷିରେ ଖର୍ଚ୍ଚ ଆଶାତୀତ ବୃଦ୍ଧି ପାଇଛି। ଅବଶ୍ୟ ଏକଥା ସତ୍ୟ ଯେ କୃଷିଜାତ ଦ୍ରବ୍ୟର ମୂଲ୍ୟ ପୂର୍ବାପେକ୍ଷା ଯଥେଷ୍ଟ ବୃଦ୍ଧି ପାଇଛି। ହେଲେ କୃଷିରୁ ଆୟ ଓ କୃଷକର ବ୍ୟୟ ମଧ୍ୟରେ ସନ୍ତୁଳନ ରକ୍ଷା ହୋଇପାରୁ ନାହିଁ। କର୍ମବିମୁଖତା କୃଷିକର୍ମ ପାଇଁ ମଜୁରି ସଙ୍କଟ ସୃଷ୍ଟି କରିଛି। ଏକଟଙ୍କା ବିନିମୟରେ ସହଜ ସୁଲଭ ଚାଉଳ ଉପଲବ୍ଧ ହେଉଥିବା ଯୋଗୁ ମୂଲ ଲାଗିବାକୁ ଲୋକେ ଆଗ୍ରହ ପ୍ରକାଶ କରୁନାହାନ୍ତି। ବିଲରେ କାଦୁଅପାଣି କାମ ପାଇଁ ସେମାନଙ୍କର ଘୋର ଅନିଚ୍ଛା। ଗତ କିଛିବର୍ଷ ତଳର କୃଷି ଓ ଆଜିର କୃଷିକୁ ତୁଳନା କଲେ ଭବିଷ୍ୟତ ପାଇଁ ଏକ ଭୟଙ୍କର ପରିସ୍ଥିତିର ସୂଚନା ମିଳେ।

କୃଷିକ୍ଷେତ୍ରରେ ବିଗତ କିଛିବର୍ଷ ହେଲା ଏକ ବିଷମ ପରିସ୍ଥିତି ଦେଖାଦେଇଛି। ଅନେକ କାରଣରୁ ଜମିମାଲିକ ନିଜେ ଚାଷ ନ କରି ଜମିକୁ ଭାଗ କିମ୍ବା ଲିଜ୍ ସୂତ୍ରରେ ଅନ୍ୟକୁ ଦେଉଛି। ଯେଉଁମାନେ ସହରକୁ କର୍ମଭୂମି ଭାବେ ବାଛିନେଇ ସେଠାରେ ସ୍ଥାୟୀ ବାସିନ୍ଦା ହୋଇଛନ୍ତି, ସେମାନେ ତ ପର ହାତରେ ଜମିକୁ ଟେକିଦେଇ ସାମାନ୍ୟ କିଛି ପ୍ରାପ୍ୟରେ ସନ୍ତୁଷ୍ଟ ହେଉଛନ୍ତି। ଅପରନ୍ତୁ ଯେଉଁ ବାବୁମାନେ ଗ୍ରାମାଞ୍ଚଳରେ ରହି ମଧ୍ୟ ସରକାରୀ ଚାକିରିରେ ନିଯୁକ୍ତ, ସେମାନେ ମଧ୍ୟ ପିତୃଅର୍ଜିତ ସମ୍ପତ୍ତିକୁ ପରହାତକୁ ଟେକିଦେଉଛନ୍ତି। ଫଳତଃ ଜମିମାଲିକ ପ୍ରକୃତ ଚାଷୀ ନୁହେଁ, କିମ୍ବା ପ୍ରକୃତ ଚାଷୀ ଜମିର ସ୍ଥାୟୀ ମାଲିକ ନୁହେଁ। ଦିନେ ଯିଏ ଶ୍ରମ କରି ମାଲିକ ଜମିରେ ସୁନା ଫଳାଉଥିଲା, ଆଜି ସେ ଜମିର ପରୋକ୍ଷ ମାଲିକ। ଏହି ଦ୍ୱୈତମାଲିକାନାରେ ଜମି ସର୍ବାଧିକ କ୍ଷତିଗ୍ରସ୍ତ। ଚାଷ କରୁଥିବା ବ୍ୟକ୍ତି ଅସ୍ଥାୟୀ ମାଲିକ ହୋଇଥିବାରୁ ଜମିର ଆବଶ୍ୟକ ଯତ୍ନ ନେଉନାହିଁ। ତା'ର ଏକମାତ୍ର ଉଦ୍ଦେଶ୍ୟ ଜମିରୁ ସର୍ବାଧିକ ପରିମାଣର ଫସଲ ଅମଳ କରିବା। ତେଣୁ ସେ ଅଧିକରୁ ଅଧିକ ରାସାୟନିକ ସାର ପ୍ରୟୋଗ କରି ଚାଲିଛି। ଦୁଇ/ତିନି ବର୍ଷ ତଳେ ୫ କି.ଗ୍ରା. ସାର ପ୍ରୟୋଗ କରି ଗୁଣ୍ଠ ପ୍ରତି ପ୍ରାୟ ଏକ କୁଇଣ୍ଟାଲ ଧାନ ଅମଳ କରୁଥିବା ବେଳେ ବର୍ତ୍ତମାନ ତାକୁ ସେତିକି ଅମଳ ପାଇଁ ୭/୮ କି.ଗ୍ରା. ସାର ଓ ତଦନୁଯାୟୀ କୀଟନାଶକ ପ୍ରୟୋଗ କରିବାକୁ ହେଉଛି। ଦ୍ୱିତୀୟତଃ ଜମିର ସ୍ଥାୟୀ କିମ୍ବା ଅସ୍ଥାୟୀ ମାଲିକ ଜମିର ଉନ୍ନତି କଳ୍ପେ କୌଣସି ଯୋଜନା ହାତକୁ ନେଉନାହାନ୍ତି। ଜମି ଆବଶ୍ୟକ କରୁଥିବା ମାଟିକାମ, ବନ୍ଧବାଡ଼ ମରାମତି, ଜଳ ନିଷ୍କାସନ ଓ ଜଳ ସଂରକ୍ଷଣ ଆଦି କାର୍ଯ୍ୟ ଠିକ୍ ଭାବେ କରାଯାଉନାହିଁ। ଫଳରେ ଜମିଗୁଡ଼ିକ ଭୀଷଣ ଅଯତ୍ନର ଶିକାର ହେଉଛନ୍ତି। ଆଧୁନିକ ହାର୍ଭେଷ୍ଟର ଦ୍ୱାରା ଧାନ ଅମଳ କରି ତା' ନଡାଗୁଡ଼ିକୁ ଖେତରେ ପୋଡ଼ିଦେବା ଦ୍ୱାରା ଯେଉଁ ଧୂଆଁ ସୃଷ୍ଟି ହେଉଛି ତାହା ବାୟୁପ୍ରଦୂଷଣ ଓ ଉତ୍ତାପ ବୃଦ୍ଧିର କାରଣ ହେବା ସହ କୃଷିର ଅନେକ ଉପକାରୀ କୀଟଙ୍କୁ ବ୍ୟାପକ କ୍ଷତି ପହଞ୍ଚାଉଛି। ମନୁଷ୍ୟର ସ୍ୱାସ୍ଥ୍ୟ ଉପରେ ଏହା କୁପ୍ରଭାବ ପକାଉଥିବା ବେଳେ ମାଟିର ଜୈବ ଅଂଶ ନଷ୍ଟ ହୋଇ ମାଟିକୁ ଅନୁର୍ବର କରି ଖପରାରେ ପରିଣତ କରିଦେଉଛି। ପଞ୍ଜାବ ଓ ହରିୟାଣାରେ ଖେତରେ ପୋଡ଼ିଦିଆଯାଉଥିବା ନଡାର ଧୂଆଁ ଦିଲ୍ଲୀ ସହରର ପ୍ରଦୂଷଣର ପ୍ରମୁଖ କାରଣ।

ତୃତୀୟତଃ ଆଧୁନିକ କୃଷି ଯନ୍ତ୍ର ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଭୂଗର୍ଭରୁ ଉତ୍ତୋଳିତ ତୈଳ ଯୋଗାଣ ବ୍ୟାହତ ହେଲେ କୃଷିକାର୍ଯ୍ୟ ଉଜୁଡ଼ିଯିବ। କାରଣ ପ୍ରାଚୀନ କାଳରୁ ଅନୁସୃତ ହଳବଳଦ ଦ୍ୱାରା ଚାଷ ଆଉ ପ୍ରାୟ ନାହିଁ। ଚାଷୀ ମଧ୍ୟ ଲଙ୍ଗଳ ଦ୍ୱାରା ହଳ କରିବା କ୍ରମଶଃ ଭୁଲିଗଲାଣି। ଆଗାମୀ ତିରିଶ ବର୍ଷ ମଧ୍ୟରେ ଯଦି ତୈଳର ଉପଯୁକ୍ତ ବିକଳ୍ପ ସନ୍ଧାନ କରା ନ ଯାଏ, ତେବେ କୃଷିକର୍ମ ବନ୍ଦ ହେବାର ସମ୍ଭାବନାକୁ ଏଡାଇ ଦେଇ ହେବ ନାହିଁ। କୃଷି ପାଇଁ ଆଉ ଏକ ବିପଦ ହେଲା ଜଙ୍ଗଲ ଧ୍ୱଂସ। ଭାରତରେ ଦୈନିକ ପ୍ରାୟ ଏକ ଏକର ଜଙ୍ଗଲ ଧ୍ୱଂସ ହେଉଛି। ନଦୀଗୁଡ଼ିକର ଉପରମୁଣ୍ଡ ପାର୍ବତ୍ୟଶଯ୍ୟା (କ୍ୟାଚ୍‌ମେଣ୍ଟ ଏରିଆ)ରେ ଘଞ୍ଚ ଜଙ୍ଗଲ ନ ଥିବାରୁ ବୃଷ୍ଟିଜଳ ଭୂ-ଅଭ୍ୟନ୍ତରକୁ ପ୍ରବେଶ କରିବାର ସୁଯୋଗ ନ ପାଇ ତତକ୍ଷଣାତ୍ ନଦୀମାନଙ୍କରେ ପ୍ରବାହିତ ହେବା ଫଳରେ ତ୍ରିକୋଣଭୂମି ଓ ସଂଲଗ୍ନ ସମତଳ ଅଞ୍ଚଳରେ ବନ୍ୟା ବିଭୀଷିକା ସୃଷ୍ଟି କରୁଛି। ଅତି ବୃଷ୍ଟି ଓ ଅନାବୃଷ୍ଟି ଭାରତୀୟ କୃଷି ଓ କୃଷକ ପାଇଁ ଘାତକ ସାଜିଲାଣି। ଜଙ୍ଗଲ ଧ୍ୱଂସ ଯୋଗୁ ଜଙ୍ଗଲୀ ଜୀବ ବିଶେଷକରି ହାତୀପଲ କୃଷିକ୍ଷେତ୍ରରେ ପ୍ରବେଶ କରି ଧାନଫସଲ ଉଜାଡି ଦେଉଛନ୍ତି। ସେମାନେ ଖାଉଛନ୍ତି ଯେତିକି ତା'ଠାରୁ କାହିଁ କେତେଗୁଣ ଫସଲ ନଷ୍ଟ କରୁଛନ୍ତି। ମାଙ୍କଡ଼ଙ୍କର ବଂଶବୃଦ୍ଧି ଓ ସମତାଳରେ ତାଙ୍କ ପ୍ରାକୃତିକ ବାସସ୍ଥଳୀ ଲୁପ୍ତ ହେବା ଯୋଗୁ ସେମାନେ ଉଦ୍ୟାନକୃଷି ଯଥା ଫୁଲଫଳ ଓ ପନିପରିବା ସହ ମୁଗବିରି ଭଳି ରବି ଫସଲକୁ ଖାଇ ନଷ୍ଟ କରୁଛନ୍ତି। ବଳଦର ଆବଶ୍ୟକତା ନ ଥିବାରୁ କୃଷକ ଗାଈର ଅଣ୍ଡିରା ବାଛୁରିଙ୍କୁ ଷଣ୍ଢ କରିଦେଉଛନ୍ତି। ଫଳସ୍ୱରୂପ ସେମାନେ ଖେତର ଫସଲ ଓ ବାଡ଼ିବଗିଚାକୁ ଉଜାଡି ଦେଉଛନ୍ତି। ସମୟ ବଦଳିଛି। କୃଷକ ପତ୍ନୀ ଗାଈର ଝିଅ ଓ ବୋହୂର ପୁଅ ମନାସି କେତେ ଦିଅଁ ଦେବତାଙ୍କୁ ପୂଜା କରୁଛି। କିନ୍ତୁ ବିପରୀତ ହେଲେ ଅର୍ଥାତ୍ ଗାଈର ପୁଅ ଓ ବୋହୂର ଝିଅ ହେଲେ ସତେ ଯେପରି ଏହା ଦୈବୀ ଅଭିଶାପ ବୋଲି ନିଜକୁ ଧିକ୍କାର କରୁଛି। ଏତଦ୍‌ବ୍ୟତୀତ ପ୍ରାକୃତିକ ବିପର୍ଯ୍ୟୟ ଯଥା ବନ୍ୟା, ମରୁଡ଼ି ଓ ବାତ୍ୟା ଭାରତୀୟ କୃଷକର ଶତ୍ରୁ ରୂପେ ପ୍ରାୟତଃ ଦଣ୍ଡାୟମାନ।

ଗୋସମ୍ପଦରୁ ପ୍ରାପ୍ତ ଗୋବର କୃଷି ପାଇଁ ଏକ ଅମୂଲ୍ୟ ସମ୍ପଦ। ଆମ ଦେଶରେ ଉପଲବ୍ଧ ଗୋବରର ୯୦ ଭାଗ ଘଷି ଆକାରରେ ଗ୍ରାମାଞ୍ଚଳରେ ଜାଳେଣି ରୂପେ ବ୍ୟବହୃତ ହୋଇଥାଏ। ବୈଜ୍ଞାନିକ ସର୍ବେକ୍ଷଣ ଅନୁସାରେ ଆମ ଦେଶରେ ଉପଲବ୍ଧ ସମସ୍ତ ଗୋବରକୁ ଯଦି ଖତସାର ରୂପେ ଜମିରେ ବ୍ୟବହାର କରାଯାନ୍ତା ତେବେ ତାହା ୨୨୫ ମିଲିୟନ ଏକର ଜମିକୁ ଉର୍ବର କରିପାରନ୍ତା ଓ ସେଥିରୁ ପ୍ରାୟ ୨୫ ମିଲିୟନ ଟନ ଅଧିକ ଖାଦ୍ୟଶସ୍ୟ ଉତ୍ପନ୍ନ ହୁଅନ୍ତା। ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରି ଗୋବରରୁ ଗ୍ୟାସ୍ ଉତ୍ପାଦନ କରାଯାଇ ଘରେ ଘରେ ରନ୍ଧନ କାର୍ଯ୍ୟରେ ବ୍ୟବହୃତ ହୋଇପାରନ୍ତା। ଗ୍ୟାସ୍ ଉତ୍ପାଦନ ପରେ ମଧ୍ୟ ଗୋବରକୁ ଖତରୂପେ ବ୍ୟବହାର କରାଯାଇପାରନ୍ତା। ଗୋବର ରାସାୟନିକ ସାରର ଏକ ଉତ୍କୃଷ୍ଟ ବିକଳ୍ପ। ଗ୍ରାମାଞ୍ଚଳରେ ବହୁ ପ୍ରାଚୀନ କାଳରୁ ଥିବା ପୁଷ୍କରିଣୀ ଓ ବୃହତ୍ ଜଳାଶୟଗୁଡ଼ିକ ଜଳଶୁଷ୍କତାର ଶିକାର ହୋଇଛନ୍ତି। ପୂର୍ବେ ଉପଲବ୍ଧ ବିଭିନ୍ନ ପ୍ରଜାତିର ଦେଶୀ ମାଛ ଏବେ ସାତ ସପନ। ପୁଷ୍କରିଣୀଗୁଡ଼ିକ ଅଯତ୍ନର ଶିକାର ହୋଇ କ୍ରମେ ଜଳଧାରଣ କ୍ଷମତା ହରାଇ ବସିଛନ୍ତି। ସେଗୁଡ଼ିକରେ ଦଳ ଭର୍ତ୍ତି ହୋଇ ମଶାବଂଶ ବୃଦ୍ଧିରେ ସହାୟକ ହେଉଛି। ନିକଟରେ ଘଟିଥିବା ଅଦିନିଆ ବାତ୍ୟା ସହରୀ ଓ ଗ୍ରାମୀଣ ଲୋକମାନଙ୍କୁ ଜଳାଶୟ ସ୍ନାନର ଅନୁଭୂତିକୁ ଉଜ୍ଜୀବିତ କରିଛି। ପୁଷ୍କରିଣୀ ଓ ନଦୀ ସ୍ନାନରେ ଅନଭ୍ୟସ୍ତ ଆଜିର ଯୁବଗୋଷ୍ଠୀ ପର୍ଯ୍ୟଟନ ଓ ବଣଭୋଜି ସମୟରେ ସନ୍ତରଣ ଅନଭିଜ୍ଞତା ଯୋଗୁ ସଲିଳସମାଧି ବରଣ କରିବାର ଦୁଃସମ୍ବାଦ ବିଭିନ୍ନ ଗଣମାଧ୍ୟମରୁ ପ୍ରାପ୍ତ ହେଉଛି।

ଉଠା ଜଳସେଚନ ଓ ନଳକୂପରୁ ପର୍ଯ୍ୟାପ୍ତ ଜଳ ଉତ୍ତୋଳନ ଫଳରେ ଭୂନିମ୍ନସ୍ଥ ଜଳ ସ୍ତର ହ୍ରାସ ପାଉଛି। ଗ୍ରୀଷ୍ମର ଯଥେଷ୍ଟ ପୂର୍ବରୁ ବିଭିନ୍ନ ଅଞ୍ଚଳରେ ଜଳକଷ୍ଟ ଦେଖାଦେଉଛି। ପାର୍ବତ୍ୟାଞ୍ଚଳ ଶିଳାଶୂନ୍ୟ ହୋଇ ସମତଳ ଅଞ୍ଚଳରେ କଂକ୍ରିଟସ୍ତୂପ ଗଢ଼ିଉଠିଲାଣି। ତାପମାତ୍ରାର ଅସ୍ୱାଭାବିକ ବୃଦ୍ଧି ଓ ଅନିୟମିତ ବୃଷ୍ଟିପାତ ସହ ନାନା ପ୍ରାକୃତିକ ବିପତ୍ତି ମଣିଷର ସ୍ଥିତି ପ୍ରତି ଆହ୍ୱାନ ସୃଷ୍ଟି କଲାଣି। କୋଟି କୋଟି ବର୍ଷରୁ ସଞ୍ଚିତ ଖଣିଜ ପଦାର୍ଥ ଓ ଖଣିଜ ତୈଳ ଉତ୍ତୋଳିତ ହୋଇ ଭୂ-ଅଭ୍ୟନ୍ତର ଶୂନ୍ୟ ହେବାକୁ ବସିଲାଣି। ଭବିଷ୍ୟତରେ କେତେ ଯେ ବିପତ୍ତି ଘଟିବ ତାହା ଆକଳନ କରିବା କଷ୍ଟକର। ପ୍ରାକୃତିକ ସମ୍ପଦରେ ମିତବ୍ୟୟିତା ରକ୍ଷା ନ କଲେ ଆମ ବିକାଶ ବିନାଶରେ ରୂପାନ୍ତରିତ ହେବାକୁ ବେଶି ଡେରି ନାହିଁ। ମଣିଷ ନିଜ ଗୋଡ଼ରେ ନିଜେ କୁରାଢ଼ି ମାରୁଛି। ଆପଣା ହସ୍ତେ ଜିହ୍ୱା ଛେଦି, କେ ଅଛି ତା'ର ପ୍ରତିବାଦୀ।

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ-୯୯୩୭୪୫୦୫୪୦

# କୁନି ବାହାଘର ହବ ତ



ସୁଧାକର ଦାସ

ନିର୍ବାଚନ ଫଳାଫଳ ବାହାରିବ ୨୩ ତାରିଖରେ। ସ୍ପଷ୍ଟ ହେଇଯିବ କିଏ ଜିତିଲା, କିଏ ହାରିଲା। ନିଷ୍ପତ୍ତି ହେଇଯିବ କାହା ହାତକୁ ଯିବ କ୍ଷମତା ଆଉ କିଏ ବସିବେ ବିରୋଧୀ ଆସନରେ। ପରିଷ୍କାର ହେଇଯିବ ଲୋକମତ କାହା ସପକ୍ଷରେ ଆଉ କାହା ବିପକ୍ଷରେ...।

ହେଲେ ଗୋଟିଏ କଥା କେବେ ସ୍ପଷ୍ଟ ଆଉ ପରିଷ୍କାର ହେବ, ତା'କୁ ମତେ ପ୍ରତୀକ୍ଷା କରିବାକୁ ପଡିବ। କଥାଟି ହେଲା...

ଆମ ଗାଁର ଦୀନବନ୍ଧୁ ଓ କୃପାସିନ୍ଧୁ ଦୁଇ ଭାଇ। କୃପାସିନ୍ଧୁର ପିଲାପିଲି କିଛି ନାହିଁ। ଦୀନବନ୍ଧୁର ତିନିବର୍ଷ ଭିତରେ ଲାଗ ଲାଗ ଦୁଇଟି ଝିଅ ଜନ୍ମ ହେଲେ। ପୁଣି ବର୍ଷ ତିନିଟା ପରେ ଦୀନବନ୍ଧୁର ସ୍ତ୍ରୀ ଗର୍ଭବତୀ ହେଲା। ଦୀନବନ୍ଧୁ ଯେତେବେଳେ ସ୍ତ୍ରୀକୁ ନେଇ ତା' ପେଟ ୱାଶ୍ କରିବାକୁ ବାହାରିଲା କୃପାସିନ୍ଧୁ ଆଉ ତା' ସ୍ତ୍ରୀ ବାଟ ଓଗାଳିଲେ। କହିଲେ- ପୁଅ ହଉ କି ଝିଅ, ଯାହା ହବ ଆମ କୋଳକୁ ଟେକିଦେବୁ। ଭାଇଭାଉଜଙ୍କ ଦମ୍ଭରେ ଦୀନବନ୍ଧୁ ସମ୍ଭାଳିଗଲା ଆଉ ୭ ମାସ ପରେ ତା'ର ଝିଅଟିଏ ହେଲା। ତା' ନାଁ ରଖାଗଲା କୁନି। ଇଏ ଆଜକୁ ପ୍ରାୟ ୧୯-୨୦ ବର୍ଷ ତଳର କଥା। ସେତେବେଳେ ଅବଶ୍ୟ ଦୀନବନ୍ଧୁ ଓ କୃପାସିନ୍ଧୁ ଗୋଟିଏ ଓଳି ତଳେ ରହୁଥିଲେ। ଅପେକ୍ଷା କରାଗଲା, କୁନି କ୍ଷୀର ଛାଡିବା ପରେ କୃପାସିନ୍ଧୁ ପାଖକୁ ଚାଲି ଆସିବ। ତା' ତ ହେଲାନି ବରଂ ବର୍ଷ ପାଞ୍ଚଟା ଭିତରେ ଦୁଇଭାଇ ଅଲଗା ହେଇଗଲେ। ଭିନ୍ନେ ହବା ଦିନ କୃପାସିନ୍ଧୁ କିନ୍ତୁ ଜୋର୍ ଦେଇ କହିଥିଲା- କୁନି ତୋ ପାଖରେ ରହୁ କି ମୋ ପାଖରେ...ତା' ବାହାଘର ମୁଁ କରିବି, ଯାବତୀୟ ଖର୍ଚ୍ଚ ମୋର। ୟା ଭିତରେ ଦୀନବନ୍ଧୁର ବଡ଼ ଦୁଇ ଝିଅ ରମା ଓ ଭବାନୀଙ୍କର ବାହାଘର ସରିଛି। ଝିଅଦୁହିଁଙ୍କୁ ବାହା ଦବା ପାଇଁ ଦୀନବନ୍ଧୁ ନିଜ ଭାଗର ପୈତୃକ ସମ୍ପତ୍ତି ସବୁ ବିକିଭାଙ୍ଗି ଦେଇଛି। ଏବେ ତା' ପାଖରେ ସମ୍ବଳ କେବଳ ଘରଡିହ ଖଣ୍ଡକ। ଚାରିମାସ ତଳେ କୁନି ପାଇଁ ଆସିଥିଲା ଗୋଟେ ବାହାଘର ପ୍ରସ୍ତାବ। ଦୁଇପକ୍ଷ ରାଜି ହେଲେ। ଯୌତୁକ ବାବଦକୁ ବରପକ୍ଷକୁ କେତେ ଟଙ୍କା ଦିଆଯିବ, ତା' ବି ସ୍ଥିର ହେଲା। ଏ ସବୁ କାମରେ କୃପାସିନ୍ଧୁର ସହଯୋଗ ଦୀନବନ୍ଧୁର ମନୋବଳ ବଢ଼ଉଥିଲା। ଆଉ ଦୀନବନ୍ଧୁ ନିଶ୍ଚିନ୍ତ ଥିଲା ଯେ, ତା' ଜବାବ ମୁତାବକ କୃପାସିନ୍ଧୁ କୁନି ବାହାଘରର ସକଳ ଭାର ବହନ କରିବ। ଆଉ ସେଦିନ ଦୀନବନ୍ଧୁ ପୂରା ଆଶ୍ୱସ୍ତ ହେଇଗଲା, ଯୋଉଦିନ କୃପାସିନ୍ଧୁ ଗାଁ ଲୋକଙ୍କ ସାଙ୍ଗରେ ତା' ଭାଗର ଦୁଇମାଣ ଜମି ବିକିବା ପାଇଁ ମୂଲଚାଲ ଆରମ୍ଭ କଲା। ଜମି ବିକ୍ରିରୁ ଯାହା ପଇସା ମିଳିବ, ସେ ସବୁକିଛି କୁନି ବାହାଘରରେ ଖର୍ଚ୍ଚ ହବ ବୋଲି କୃପାସିନ୍ଧୁ ତା' ବନ୍ଧୁବାନ୍ଧବଙ୍କ ଆଗରେ ବି କହୁଥିଲା।

ଏତିକିବେଳେ ଆସିଲା ନିର୍ବାଚନ। କୃପାସିନ୍ଧୁ ଚାଳରେ ଉଡିଲା ଗୋଟିଏ ଦଳର ପତାକା ତ ଦୀନବନ୍ଧୁ ଚାଳରେ ଆଉ ଗୋଟିଏ ଦଳର। ଦୀନବନ୍ଧୁର କାନ୍ଥରେ ଗୋଟିଏ ଦଳର ପୋଷ୍ଟର ତ କୃପାସିନ୍ଧୁର କାନ୍ଥରେ ଆଉ ଗୋଟିଏ ଦଳର। ସାରା ଗାଁ ଭିତରେ ଦୁଇଟା ଦଳ। ଗୋଟିଏ ପଟରେ କୃପାସିନ୍ଧୁ ଅନ୍ୟ ପଟରେ ଦୀନବନ୍ଧୁ। ଦୁଇ ଦଳଙ୍କ ଭିତରେ ଛକାପଞ୍ଝା, କଥା କଟାକଟି...।

ଠିକ୍ ଭୋଟ ପୂର୍ବଦିନ ଗାଁରେ ଟଙ୍କାବଣ୍ଟା ଘଟଣାକୁ ନେଇ ପ୍ରକାଶ ପାଇଲା ଉତ୍ତେଜନା। ରାତି ଅନ୍ଧାରରେ ଘୋ-ଘା, ଚିତ୍କାର, ମରଣାନ୍ତକ ଆକ୍ରମଣ, ଗାଁ ଭିତରେ ଦୌଡ଼ିଲା ଆମ୍ବୁଲାନ୍ସ। ପରଦିନ ସକାଳୁ ଜଣାପଡ଼ିଲା ସେଇ ଅନ୍ଧାର ଭିତରେ ଦୀନବନ୍ଧୁର ଟାଙ୍ଗିଆ ମାଡ଼ରେ ଗୁରୁତର ଅସୁସ୍ଥ ହେଇ କୃପାସିନ୍ଧୁ ପଡ଼ିଛି ବଡ଼ମେଡ଼ିକାଲରେ।

ୟା ଭିତରେ ନିର୍ବାଚନ ସରିଯାଇଛି। ଖାଲି ଯାହା ଫଳାଫଳ ଘୋଷଣାକୁ ଅପେକ୍ଷା। ଆଉ କେଇଟା ଦିନ ପରେ କୃପାସିନ୍ଧୁ ଓ ଦୀନବନ୍ଧୁଙ୍କ ଚାଳରୁ ପବନରେ ଉଡ଼ିଯିବ ଦଳୀୟ ପତାକା, କାନ୍ଥରୁ କବାଟରୁ ଚିରିଯିବ ପୋଷ୍ଟର। ହେଲେ କ'ଣ ହବ କୁନିର? କ'ଣ ହବ କୃପାସିନ୍ଧୁ ଦୀନବନ୍ଧୁକୁ ଦେଇଥିବା ଭରସାର? ସତରେ, ଭୋଟ ଗଣତି ଦିନ ଏସବୁ କଥା ସ୍ପଷ୍ଟ ହେଇଯା'ନ୍ତା କି! ଜଣା ପଡ଼ିଯା'ନ୍ତା କି କୃପାସିନ୍ଧୁ ଏବେ ବି ନିଜର ଜବାବ ରଖିବାକୁ ପ୍ରସ୍ତୁତ କି ନା...!!

ଗଣତନ୍ତ୍ରର ଏକ ଅବିଚ୍ଛେଦ୍ୟ ପ୍ରକ୍ରିୟା ହେଉଛି ନିର୍ବାଚନ। ନିର୍ବାଚନ ଆୟୋଗ ଏଥରର ନିର୍ବାଚନକୁ ଘୋଷଣା କଲେ ଗଣତନ୍ତ୍ରର ମହାପର୍ବ। ଏଇ କ'ଣ ମହାପର୍ବର ସୂଚନା ଯାହା ବିଭେଦ, ଅସୂୟା, ହିଂସା ସୃଷ୍ଟି କରି ମାନବିକତା, ସୌହାର୍ଦ୍ଦ୍ୟ ଆଉ ଭ୍ରାତୃତ୍ୱକୁ ପରାହତ କରେ?

କେଜାଣି, ହୁଏତ କୁନି ପାଖରେ ଏହାର ଉତ୍ତର ଥାଇପାରେ!! କାରଣ, ଏଥର କୁନି ଥିଲା ଫାଷ୍ଟ ଟାଇମ୍ ଭୋଟର୍।

ମୋ-୯୪୩୭୨୭୪୮୫୭

## ଏଇ ଭାରତରେ

ପାଣି ନଷ୍ଟ କଲେ ଦେବାକୁ ପଡିବ ଜରିମାନା। ଗୁଜରାଟର ଗାନ୍ଧୀନଗର ନିକଟବର୍ତ୍ତୀ ଦାହୋଦରେ ଏବେ ପାଣି ନଷ୍ଟ କଲେ ଦେବାକୁ ପଡିବ ୨୫୦ରୁ ୫୦୦ ଟଙ୍କା ଜରିମାନା। ଏଠାରେ ଅନେକ ସ୍ଥାନରେ ଜଳାଭାବ ଦେଖା ଦେଇଥିବାରୁ ଏମିତି କଡ଼ାକଡ଼ି ନିୟମ ଲାଗୁ କରାଯାଇଛି। କେବଳ ସେତିକି ନୁହେଁ କୌଣସି ବ୍ୟକ୍ତି ୩ ଥର ପାଣି ନଷ୍ଟ କଲେ ତାଙ୍କର ପାଣି କନେକସନ୍ କାଟି ଦିଆଯିବ ବୋଲି ଜଳଯୋଗାଣ ସମିତିର ମୁଖ୍ୟ ଲଖନ ରାଜଗୋର ସୂଚନା ଦେଇଛନ୍ତି। ଦାହୋଦରେ ପାଣିର ଅଭାବ ଦେଖାଦେଇଛି। ଏଠାରେ ଜଳାଭାବ ଦୂର କରୁଥିବା କାଡାଣା ବନ୍ଧ ଓ ପାଟା ଡୁଙ୍ଗରି ନଗରର ଜଳସ୍ତର ବହୁ ନିମ୍ନକୁ ଚାଲିଯାଇଛି। ତେଣୁ ଏଠାରେ ଦିନେ ଛାଡି ଦିନେ ଲୋକଙ୍କୁ ଜଳ ଯୋଗାଣ କରାଯାଉଛି। ସେଥିପାଇଁ ପାଣି ବଞ୍ଚାଇବାକୁ ଯାଇ ଏଭଳି ନିୟମ କରାଯାଇଛି। ଏହି ଚେତାବନୀ ପରେ କୌଣସି ଉପଭୋକ୍ତା ପାଣି ନଷ୍ଟ କରୁଥିବାର ୨-୩ ଥର ଧରାପଡ଼ିଲେ ଜରିମାନା ସହ ବିନା ନୋଟିସରେ ତାଙ୍କ ପାଣି ସଂଯୋଗ କାଟି ଦିଆଯିବ ବୋଲି ସୂଚନା ଦିଆଯାଇଛି।

## ଚିରନ୍ତନୀ

ପ୍ରଦୋଷ ଉଷାର ରଙ୍ଗମହଲ କୋଳେ
ରୂପାୟିତ ହୋଇ କେତେ ଋତୁ ମାସ ତଳେ
ସପତ ରଙ୍ଗେ ରଞ୍ଜିତ କରି ଧରା
ସପତ ସ୍ୱରରେ ସଙ୍ଗୀତ ହେଉ ଭରା
କୁସୁମ କୋରକ କହି ଉଠୁ ସେହି କଥା
ଫଗୁଣ ସମୀରେ ବାଜୁ ଦୁଇ ଗୁଣ ବ୍ୟଥା
କୋଟିଏ ବିଶ୍ୱ ଗୋଟିଏ କଥାରେ ଟାଣି
ସତ୍ୟ ହେଉ ଏ ସଚେତନ ରୂପବାଣୀ।

(ରୂପ ଓ ବାଣୀ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜୀବ ସୁରକ୍ଷା ପୃଥିବୀ ରକ୍ଷା

ମହାଶୟ,

ସାଧାରଣତଃ ପ୍ରାକୃତିକ ଉପାୟରେ ଜଳବାୟୁ ପରିବର୍ତ୍ତନ ଘଟିଥାଏ। ମାତ୍ର ବର୍ତ୍ତମାନ ପରିପ୍ରେକ୍ଷୀରେ ମାନବ ହିଁ ପ୍ରକୃତି ବିରୋଧରେ ଗତି କରୁଛି। ଫଳରେ ପୃଥିବୀର ସନ୍ତୁଳନ ନଷ୍ଟ ହେବା ସହ ପରିବେଶର ସ୍ୱଚ୍ଛତା ନଷ୍ଟ ହେବାରେ ଲାଗିଛି। ଶାଗୁଣା, ଚିଲ, ଘରଚଟିଆ ଓ ହଳଦୀବସନ୍ତ ପ୍ରଭୃତି ଜୀବ ଅଦୃଶ୍ୟ ହୋଇଗଲେଣି। ଏହା ବ୍ୟତୀତ ବହୁ ଛୋଟବଡ ପଶୁ ଧୀରେ ଧୀରେ ଲୋପ ହୋଇଗଲେଣି। ଯେହେତୁ ମଣିଷ ସୃଷ୍ଟିର ଶ୍ରେଷ୍ଠ ଜୀବ, ଏ ସୃଷ୍ଟିର ସନ୍ତୁଳନ ରକ୍ଷା ନିମନ୍ତେ ସେ ବିଶେଷ ଭାବେ ଚିନ୍ତା କରିବା ଉଚିତ। ନଚେତ୍ ନେଡିଗୁଡ କହୁଣିକୁ ବୋହିଯିବ। ପରିଣାମସ୍ୱରୂପ ପୂର୍ବରୁ ବିଲୁପ୍ତ ହୋଇଯାଇଥିବା ପ୍ରାଣୀମାନଙ୍କ ଭଳି ମଣିଷ ବି ଦିନେ ନିଶ୍ଚିହ୍ନ ହୋଇଯିବ। ବେଳହୁଁ ମାନବ ସମାଜ ଏଥିପ୍ରତି ସତର୍କତା ଅବଲମ୍ବନ କରିବା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ଧରିତ୍ରୀ(୨୨।୪)ରେ ପ୍ରକାଶିତ ଡ. ଦେବାନନ୍ଦ ବେଉରାଙ୍କ 'ଜୀବ ସୁରକ୍ଷା ପୃଥିବୀ ରକ୍ଷା' ଲେଖାଟି ବିଶେଷ ଉପାଦେୟ ମନେହୁଏ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### ଆତ୍ମାର ମୃତ୍ୟୁ ନାହିଁ

ଧରିତ୍ରୀରେ ପ୍ରକାଶିତ ବୈକୁଣ୍ଠନାଥ ମିଶ୍ରଙ୍କ 'ମୃତ୍ୟୁ ପରେ ଜୀବନ' ନିବନ୍ଧଟିର ବିଷୟବସ୍ତୁ ବହୁବର୍ଷ ଧରି ଚର୍ଚ୍ଚିତ ପ୍ରସଙ୍ଗ ହୋଇଆସିଛି। ଲେଖକ ତାଙ୍କ ଗ୍ରାମର ଜଣେ ମୃତ ବ୍ୟକ୍ତିକୁ ଶ୍ମଶାନକୁ ସଂସ୍କାର ପାଇଁ ନେବାବେଳେ ସେ ସେଠାରେ ଉଠି ବସି ପୁନର୍ଜୀବନ ଲାଭ କରି ପୁଣି ଆହୁରି ୪୦ ବର୍ଷ ବଞ୍ଚିବା ବିଷୟ ଉଲ୍ଲେଖ କରିଛନ୍ତି। କେତେକ ସ୍ଥଳରେ ଶିଶୁ ବାଲ୍ୟାବସ୍ଥାରେ ପୂର୍ବଜନ୍ମରେ କେଉଁଠି ବାସ କରୁଥିଲା ଓ ପିତାମାତା ସମେତ ପରିବାରବର୍ଗଙ୍କ ନାମ କହିବାରେ ସେଠାକୁ ଯାଇ ତା'ର ଉକ୍ତିର ସତ୍ୟତା ଥିବା ଜଣା ପଡ଼େ। ଧର୍ମଶାସ୍ତ୍ରରେ ବହୁ କ୍ଷେତ୍ରରେ ପୂର୍ବଜନ୍ମର କର୍ମଫଳ ଏବେ ଫଳିଲା ବୋଲି କୁହାଯାଇଛି। ତେବେ କୁପ୍ରବୃତ୍ତିରେ ମଜ୍ଜିଥିବା ବ୍ୟକ୍ତି ଯଦି ଜୀବନକାଳରେ ଦୁଃଖକଷ୍ଟ ଭୋଗ ନ କରେ ତେବେ ପୁନର୍ଜନ୍ମ ପାଇ ଏସବୁ ଭୋଗ କରିବାକୁ ପଡ଼େ। ଆତ୍ମା ତ ଅମର, ତା'ର ମୃତ୍ୟୁ ନାହିଁ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ଦୁର୍ନୀତି ଓ ଭ୍ରଷ୍ଟାଚାର ବଢ଼ୁଛି

ଭଣ୍ଡାମି, ଲାଞ୍ଚ, ମିଛ, ଦୁର୍ନୀତି ଓ ଭ୍ରଷ୍ଟାଚାର ବ୍ୟାପିବାରେ ଲାଗିଛି। ପ୍ରଶାସନ ଏ ସବୁକୁ ଦମନ କରିବାରେ ସମର୍ଥ ହେଉନାହିଁ। ଅର୍ଥବଳ, ବାହୁବଳ ଓ ଆପରାଧିକ ତତ୍ତ୍ୱଗୁଡ଼ିକ ଦ୍ୱାରା ରାଜନୀତି ସମ୍ପୂର୍ଣ୍ଣ କଳୁଷିତ ହୋଇଯାଇଛି। ନିର୍ବାଚିତ ଲୋକପ୍ରତିନିଧିମାନେ ସେବା ପରିବର୍ତ୍ତେ ସମ୍ପତ୍ତି ଆହରଣ କରିବାରେ ବ୍ୟସ୍ତ ରହୁଛନ୍ତି। ଚାରିଆଡ଼େ ଅବିଶ୍ୱାସର ବାତାବରଣ। ଅର୍ଥ, କ୍ଷମତା ଓ ପ୍ରଭାବ ବଳରେ ନାନା ପ୍ରକାର ଗଫଲତି କାମ କରାଯାଉଛି। ପ୍ରତିଭା ନ ଥାଇ ପ୍ରଭାବ ବଳରେ ଅଯୋଗ୍ୟମାନେ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ମଣ୍ଡନ କରୁଛନ୍ତି। ନିର୍ବାଚନ ପୂର୍ବରୁ ମିଥ୍ୟା ଓ ଲୋଭନୀୟ ପ୍ରତିଶ୍ରୁତିମାନ ଦେଇ ଭୋଟରମାନଙ୍କୁ ବିଭ୍ରାନ୍ତ କରାଯାଉଛି। ଭୋଟ ସମୟରେ ମଦ, ଟଙ୍କା ଓ ଭୋଜିଭାତ ଦେଇ ଜନମତକୁ ବିଭ୍ରାନ୍ତ କରାଯାଉଛି। ଜାତି, ଧର୍ମ ଓ ସାମ୍ପ୍ରଦାୟିକ ଆଧାରରେ ହିଂସା ଏବଂ ଅସହିଷ୍ଣୁତାର ବାତାବରଣ ସୃଷ୍ଟି କରାଯାଉଛି। ରାଜନୈତିକ ହିଂସା ବଢ଼ୁଛି। ମାନବିକ ଅଧିକାରର ବ୍ୟାପକ ଉଲ୍ଲଂଘନ ହେଉଛି। ଗଣମାଧ୍ୟମ ଉପରେ ଆକ୍ରମଣ ହେଉଛି। ଏଭଳି ଏକ ଘଡ଼ିସନ୍ଧି ସମୟରେ ଲେଖକ ଓ ବୁଦ୍ଧିଜୀବୀମାନେ ନୀରବତା ଭଙ୍ଗ କରି ସ୍ୱର ଉତ୍ତୋଳନ କରିବା ଆବଶ୍ୟକ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଭୋଟ ଗଣତି ଆଉ ମାତ୍ର ଦୁଇଦିନ

# ସବୁ ଆସନ ପୁଣି ଦଖଲ ଆଶା ରଖିଛି ବିଜେଡି

- ଓଲଟପାଲଟ ହେବାର ବାହୁସ୍ଫୋଟ ମାରୁଛି ଭାଜପା
- କଂଗ୍ରେସ କହୁଛି ଏଥର ଖାତା ଖୋଲିବ
- ଆସିକା ଲୋକ ସଭା ଫଳାଫଳ ଉପରେ ନଜର

ବ୍ରହ୍ମପୁର ଅଫିସ,୨୦।୫

ଭୋଟ ଗଣତି ଆଉ ମାତ୍ର ଦୁଇଦିନ ଥିବା ବେଳେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ଭିନ୍ନ ଭିନ୍ନ ଆକଳନ ସାଙ୍ଗକୁ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି । ୨୦୧୪ ନିର୍ବାଚନ ଭଳି ଗଞ୍ଜାମ ଜିଲାର ୧୩ ବିଧାନସଭା ଓ ଦୁଇ ଲୋକ ସଭା ଆସନ ଦଖଲ କରିବାର ଦମ୍ଭୋକ୍ତି ପ୍ରକାଶ କରୁଛି ବିଜେଡି । ଅପରପକ୍ଷରେ ଏଥର ଅଙ୍କ ଓଲଟପାଲଟ ହେବ ଏବଂ ଅର୍ଦ୍ଧେକ ଆସନରେ ବାଜିମାତ କରିବାର ବାହୁସ୍ଫୋଟ ମାରୁଛି ଭାଜପା। ତେବେ କଂଗ୍ରେସ ମଧ୍ୟ ଖାତା ଖୋଲିବାର ଗଭୀର ଆଶା ରଖିଛି । ଆସିକା ଲୋକ ସଭା ଆସନର ଫଳାଫଳ ଉପରେ ସଚେତନ ମହଲର ନଜର ରହିଛି। ଆସିକାରେ ପ୍ରଥମ କରି ଭାଜପା ଓ ବିଜେଡିରୁ ଦୁଇ ମହିଳାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ଜଣେ ଗାଉଁଲି ମହିଳା ପ୍ରମିଳା ବିଷୋୟୀଙ୍କୁ ପ୍ରାର୍ଥୀ କରି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ରାଜନୀତି ଦୃଶ୍ୟପଟରେ ହଇଚଇ ସୃଷ୍ଟି କରିଛନ୍ତି । ବରିଷ୍ଠ ରାଜନେତା ତଥା ରାଜ୍ୟର ପୂର୍ବତନ ମନ୍ତ୍ରୀ ରାମକୃଷ୍ଣ ପଟ୍ଟନାୟକଙ୍କ ଝିଅ ଅନିତା ଶୁଭଦର୍ଶିନୀ ଭାଜପାରୁ ଲଢ଼ିଛନ୍ତି ।

ସୂଚନାଯୋଗ୍ୟ, ଆସିକା ଲୋକ ସଭା କ୍ଷେତ୍ର ଅଧୀନ ସୋରଡ଼ା, ପୋଲସରା, ଖଲ୍ଲିକୋଟ ଓ ଆସିକା ବିଧାନସଭା ସେଗମେଣ୍ଟରେ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ମୁକାବିଲା ହୋଇଥିବାରୁ ଲୋକ ସଭା ଫଳାଫଳ କଣ ହେବ ଅଙ୍କକଷା ଚାଲିଛି । ସାନଖେମୁଣ୍ଡି ଆସନରେ କଂଗ୍ରେସ ଓ ବିଜେଡି ମଧ୍ୟରେ ସଂଘର୍ଷପୂର୍ଣ୍ଣ ଲଢ଼େଇ ହୋଇଥିଲେ ମଧ୍ୟ ଲୋକ ସଭା କ୍ଷେତ୍ରରେ ଭାଜପା ସପକ୍ଷରେ କ୍ରସଭୋଟିଂ ହୋଇଥିବା ଆଶଙ୍କା କରାଯାଇଛି। ଆସିକା ଲୋକ ସଭା ଆସନରେ କଂଗ୍ରେସ ପ୍ରାର୍ଥୀ ନ ଦେଇ ଆସନ ବୁଝାମଣାରେ ସିପିଆଇକୁ ଛାଡ଼ିଛି । ବରିଷ୍ଠ ବାମପନ୍ଥୀ ନେତା ରାମକୃଷ୍ଣ ପଣ୍ଡା ସିପିଆଇରୁ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି । ୭ଟି ଯାକ ବିଧାନସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଏବଂ ଦଳର କର୍ମୀମାନେ କେତେଦୂର ଆନ୍ତରିକତା ସହିତ ସିପିଆଇକୁ ସମର୍ଥନ କରିଛନ୍ତି ତାହା ଗଣତି ପରେ ସ୍ପଷ୍ଟ ହେବ ।

# ଦଶମ ଶ୍ରେଣୀ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ଉମେଶଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ବ୍ରହ୍ମପୁର ଅଫିସ୍,୨୦।୫

ଆଇସିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ବ୍ରହ୍ମପୁରରେ ଟପ୍ପର୍ ହୋଇଥିଲେ ଉମେଶ ପ୍ରସାଦ ପଣ୍ଡା। ସୋମବାର ଉମେଶଙ୍କୁ ନେହେରୁ ନଗର ଉନ୍ନୟନ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା, ପୂର୍ବତନ କର୍ପୋରେଟର୍ ପାର୍ବତୀ ପ୍ରଧାନ, ଏନ୍‌ଡିସି ଅଧ୍ୟକ୍ଷ ଅଶ୍ୱିନୀ କୁମାର ପଟ୍ଟନାୟକ, ସମ୍ପାଦିକା ସ୍ମିତାରାଣୀ ପଣ୍ଡା, ସଭ୍ୟ ସୁଧୀରକାନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇ ଉମେଶଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସୂଚନାଯୋଗ୍ୟ, ଉମେଶ ହେଉଛନ୍ତି ନେହେରୁ ନଗର ନବମ ଲେନ୍‌ର ବାସିନ୍ଦା ଗିରିଜା ଶଙ୍କର ପଣ୍ଡା ଏବଂ ଲିଲିମା ପଣ୍ଡାଙ୍କ ପୁଅ । ଏହି ଅବସରରେ ଉମେଶଙ୍କ ଶିକ୍ଷୟିତ୍ରୀ କଲ୍ୟାଣୀ ମହାପାତ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଡୁମାଳ କୁଳ ସମାଜର ବାର୍ଷିକ ଉତ୍ସବ

ଫିରିଙ୍ଗିଆ, ୨୦।୫



ଡୁମାଳ ସମାଜର ଲୋକେ ।

ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ପଞ୍ଚାୟତ ନାହାଣାଗାଁଠାରେ ଡୁମାଳ କୁଳ ସମାଜର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରଥମେ ମହିଳାମାନଙ୍କ ଦ୍ୱାରା ଏକ କଳସ ଶୋଭାଯାତ୍ରା କରି ମାତା ମାହେଶ୍ୱରୀଙ୍କୁ ପୂଜାର୍ଚ୍ଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶେଷ ଭାବେ ଚାରାରୋପଣ, ନାରୀ ଜାଗରଣ, ନିଶା ନିବାରଣ, ବାଲ୍ୟ ବିବାହ ରୋକିବା ଏବଂ ସମାଜ ଉନ୍ନତି ମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ସେହିପରି ଯୁବକମାନେ ଉତ୍ତମ ମାର୍ଗରେ ଯାଇ ସମାଜ ଗଠନରେ ମୁଖ୍ୟ ଭୂମିକା ନିର୍ବାହ କରିବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ପରେ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ । ସଭାପତି ଭାବେ ବିମଳ ମହାକୁଡ, ସମ୍ପାଦକ ବିଷ୍ଣୁ ପ୍ରସାଦ ପାତ୍ର, ଉପ ସଭାପତି ଜଳନ୍ଧର ମହାକୁଡ, ସହ ସମ୍ପାଦକ ବିଷ୍ଣୁ ଚରଣ ମହାକୁଡ, କୋଷାଧ୍ୟକ୍ଷ ଅଶୋକ କୁମାର ପାତ୍ର, ପ୍ରଦୀପ କୁମାର ପାତ୍ର ପ୍ରମୁଖ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ । ସେହିପରି ଆଇନଜୀବୀ ପ୍ରତାପ ପାତ୍ର ଉପଦେଷ୍ଟା ଭାବେ ନିର୍ବାଚିତ ହୋଇଥିଲେ । ଦାମୋଦର ପାତ୍ର, ପ୍ରଭାକର ପ୍ରଧାନ, ପଦ୍ମ ଚରଣ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

# ଅଂଶୁଘାତରେ ଜଣଙ୍କ ମୃତ୍ୟୁ ସନ୍ଦେହ

ଗଞ୍ଜାମ,୨୦।୫(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ଖଣ୍ଡଦେଉଳୀ ଗ୍ରାମପଞ୍ଚାୟତର ଅସ୍ଥାୟୀ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସୋମବାର ଅଂଶୁଘାତରେ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ମୃତକ ହେଲେ ଖଣ୍ଡଦେଉଳୀ ଗ୍ରାମର ଖଲି ସାହୁ(୬୨)। ସୋମବାର ପଞ୍ଚାୟତରେ ଚାଉଳ ବଣ୍ଟାଯାଉଥିଲା। ଚତୁର୍ଥ ଶ୍ରେଣୀ କର୍ମଚାରୀ ଖଲି କୌଣସି କାର୍ଯ୍ୟରେ ପଞ୍ଚାୟତ କାର୍ଯ୍ୟାଳୟରୁ ବାହାରକୁ ଆସିଥିବା ବେଳେ ହଠାତ୍ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଖଲିଙ୍କର ମୃତ୍ୟୁ ଘଟିଥିବା ଡା. ସୁଧାକର ଦାସ କହିଛନ୍ତି। ଅଂଶୁଘାତରେ ତାଙ୍କର ମୃତ୍ୟୁ ଘଟିଥାଇପାରେ ବୋଲି ସେ ସୂଚନା ଦେଇଛନ୍ତି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି। ଗରିବ ଶ୍ରେଣୀର ଖଲିଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ପୂର୍ବତନ ଜିଲା ପରିଷଦ ସଭ୍ୟ ପି. ହରେକୃଷ୍ଣ ରେଡ୍ଡୀ ଏବଂ ପୂର୍ବତନ ସରପଞ୍ଚ ଅନ୍ତର୍ଯାମୀ ବେହେରା ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ବଜ୍ରପାତରେ ବାପ, ପୁଅ ଗୁରୁତର

ଶଙ୍କରାଖୋଲ,୨୦।୫(ଡି.ଏନ୍.ଏ.)

ଚକାପାଦ ବ୍ଲକ ପସରା ପଞ୍ଚାୟତର ବରଡିକିଆ ଗ୍ରାମରେ ସୋମବାର ଅପରାହ୍ନରେ ବଜ୍ରପାତରେ ବାପ, ପୁଅ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଲକ୍ଷ୍ମୀନାରାୟଣ ପୃଷ୍ଟି ଓ ପୁଅ ଅଜିତ୍। ଉଭୟଙ୍କୁ ଗ୍ରାମବାସୀଙ୍କ ସହାୟତାରେ ବ୍ରାହ୍ମଣପାଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଗୁରୁତର ଅବସ୍ଥାରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ଅପରାହ୍ନରେ ବାପ ଓ ପୁଅ ନିଜ ଘର ପାଖରେ ଥିବା ଆମ୍ବଗଛ ତଳୁ ଆମ୍ବ ଗୋଟାଉଥିବା ସମୟରେ ବଜ୍ରପାତ ହେବାରୁ ଉଭୟର ଗୁରୁତର ହୋଇଥିଲେ।

# ଫନୀ ବିପନ୍ନଙ୍କୁ ଅଙ୍ଗନୱାଡି ସଂଘର ସହାୟତା

ଫୁଲବାଣୀ ଅଫିସ, ୨୦।୫

ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ସାହାଯ୍ୟ ପାଇଁ କନ୍ଧମାଳ ଜିଲା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ସହାୟତା ପ୍ରଦାନ କରିଛି । ସଂଘ କର୍ମକର୍ତ୍ତାମାନେ ସୋମବାର ଜିଲାପାଳଙ୍କୁ ଭେଟି ସେମାନଙ୍କର ଗୋଟିଏ ଦିନର ଦରମା ଫନୀ ବିପନ୍ନଙ୍କ ନିମନ୍ତେ କାଟିବାକୁ ନିବେଦନ କରିଛନ୍ତି। ଅଲ ଓଡିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ ସଭାନେତ୍ରୀ ଭଗବତୀ ବିନ୍ଧାଣୀ, ସମ୍ପାଦିକା ସାରଦା ପରିଚ୍ଛାଙ୍କ ନେତୃତ୍ୱରେ ସଂଘର ସଦସ୍ୟମାନେ ଜିଲାପାଳଙ୍କୁ ଭେଟିଥିଲେ ।


## ମନେ ପଡ଼ନ୍ତି

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ରତ୍ନପ୍ରଭା ମିଶ୍ର
ରାଜୀବ ନଗର, ବଲାଙ୍ଗୀର
ଆବିର୍ଭାବ: ୦୩।୦୬।୧୯୬୩
ତିରୋଧାନ: ୧୦।୦୫।୨୦୧୯
ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ମିଶ୍ର ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ
ଧ-୧୨୫୭୭

### ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଭୁବନ ବିହାରୀ କର
ଆପଣଙ୍କ ଅବର୍ତ୍ତମାନରେ ଦୀର୍ଘ ୫ବର୍ଷ ଧରି ଆମ୍ଭେ ଆପଣଙ୍କ ଆଦର୍ଶରେ ଅନୁପ୍ରାଣିତ ତଥା ଆମ ପରିବାରର ଗର୍ବଗୌରବର ପ୍ରତୀକ। ଆମ ସମସ୍ତଙ୍କ ମନରେ ତୁମର ସ୍ମୃତି ଅତୁଟ ରହିଛି ଏବଂ ରହିବ ମଧ୍ୟ। ଆପଣଙ୍କ ଆଦର୍ଶ ଓ ଉପଦେଶ ସଦାସର୍ବଦା ପ୍ରେରଣା ଦେଉ। ପରିବାରବର୍ଗ ଆପଣଙ୍କୁ ଶ୍ରଦ୍ଧାସୁମନ ଜଣାଉଅଛୁ।
ଧ-୧୨୫୭୨

### ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ଯୋଗେନ୍ଦ୍ର ଚରଣ ନାୟକ
୨୩୩/ବି, ବାୟାବାବା ମଠ ରୋଡ୍, ୟୁନିଟ-୯, ଭୁବନେଶ୍ୱର-୭୫୧୦୨୨
ଆବିର୍ଭାବ: ୧୪।୦୨।୧୯୪୩
ତିରୋଧାନ: ୧୧।୦୫।୨୦୧୯
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ"
ଆପଣଙ୍କର ସ୍ନେହବତ୍ସଳ, ଆଦର୍ଶ, ନିଷ୍ଠା, କର୍ତ୍ତବ୍ୟ ପରାୟଣତା ଓ ପରୋପକାର ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ
ଶୋକସନ୍ତପ୍ତ ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ-୧୨୫୭୧



### ନୋଟିସ

ଏଥିଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲଭୁକ୍ତ ଜମି ଆମ୍ଭ ପିତୃଅର୍ଜିତ ଅଟେ, ଯାହାକି ପୁରୁଷୋତ୍ତମପୁର ସବ୍-ରେଜିଷ୍ଟ୍ରାର ଅଫିସ୍‌ରେ ରେଜିଷ୍ଟ୍ରି ଦଲିଲ ନଂ ୨୮୪୭/୧୯୮୩ ଦ୍ୱାରା ଆମ୍ଭ ପିତା ଆଇ. ରାଧାମୋହନ, ପିତା-ସ୍ୱର୍ଗତ ଇଷ୍ଣା ଚେନ୍ନୟା ତା୧୦।୧୦।୧୯୮୩ ରିଖରେ ମଧୁସୂଦନ ମହାପାତ୍ର, ପିତା-ସ୍ୱର୍ଗତ ଅନନ୍ତ ମହାପାତ୍ର ଓ ତାଙ୍କ ପୁତ୍ର ନୀଳମଣି ମହାପାତ୍ରଙ୍କଠାରୁ କ୍ରୟ ଲଭିଥିଲେ। ଏଥିପୂର୍ବରୁ ଉକ୍ତ ବିକ୍ରେତାଙ୍କ ଯଥାକ୍ରମେ ପତ୍ନୀ ଓ ମାଆ ହେବା ଖଲିଦେବୀ ମହାପାତ୍ର ପୁରୁଷୋତ୍ତମପୁର ସବ୍-ରେଜିଷ୍ଟ୍ରାର ଅଫିସ୍‌ର ରେଜିଷ୍ଟ୍ରେସନ୍ ଦଲିଲ ନଂ-୬୯୩/୧୯୫୭ ତା୦୬।୦୩।୧୯୫୭ ରିଖ ମତେ ମୂଳ ପଟ୍ଟାଦାର ଶ୍ରୀମତୀ ଦେବୀ ତ୍ରିପାଠୀଙ୍କଠାରୁ କ୍ରୟ କରିଥିଲେ।
ପ୍ରକାଶଥାଉ କି, ଉକ୍ତ ଭୂସମ୍ପତ୍ତିର ଗତ ବନ୍ଦୋବସ୍ତ-ତଥା-(୧୯୭୬-୭୮) ମସିହା ସମୟରେ ଉଚିତ ରେକର୍ଡ ନ ହେବା ଯୋଗୁ କେତେକ ଖଳ ପ୍ରକୃତିର ଲୋକ ଏହା କ୍ରୟ ବିକ୍ରୟ କରିବା ପାଇଁ ଚକ୍ରାନ୍ତ କରୁଛନ୍ତି। ବର୍ତ୍ତମାନ ଏହି ସମ୍ପତ୍ତିର ଠିକ୍ ରେକର୍ଡ କରାହେବା ପାଇଁ ଆମ୍ଭେ ଅଦାଲତର ଆଶ୍ରୟ ନେଇଅଛୁ। ଏଣୁ ଯଦି କେହି ବ୍ୟକ୍ତି ଏହି ସମ୍ପତ୍ତି କ୍ରୟ କରିବା ପାଇଁ ଚେଷ୍ଟା କରନ୍ତି, ତେବେ ତା'ର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଆମ୍ଭେ ଦାୟୀ ରହିବୁ ନାହିଁ।
ସମ୍ପତ୍ତିର ବିବରଣୀ:- ମୌଜା/ଥାନା-ପୁରୁଷୋତ୍ତମପୁର, ଜିଲ୍ଲା-ଗଞ୍ଜାମ, ଖାତା ନଂ-୧୩୧, ସର୍ଭେ ନଂ- ୮୮୧, ଏରିଆ-ଏ୦.୩୨୫ ଡେସିମି.
(୧) ଇଷ୍ଣା ଅର୍ଣ୍ଣପୂର୍ଣ୍ଣା, ସ୍ୱା- ସ୍ୱର୍ଗତ ଇଷ୍ଣା ରାଧାମୋହନ, (୨) ଆଇ. ରାମା ରାଓ, (୩) ଆଇ. ବିଶ୍ୱନାଥ ରାଓ, (୪) ଆଇ. ମୁକୁନ୍ଦ ରାଓ


# ଲକ୍ଷ୍ମୀନୃସିଂହନାଥଙ୍କ ଯାତ୍ରାରେ ଭିଡ଼ ଜମୁଛି

ଫୁଲବାଣୀ ଅଫିସ, ୨୦।୫

ଫୁଲବାଣୀ ସହର ଜିରିଙ୍ଗିପଡାଠାରେ ଲକ୍ଷ୍ମୀ ନୃସିଂହନାଥଙ୍କ ଯାତ୍ରା ଆରମ୍ଭ ହୋଇଛି । ଯାତ୍ରାର ପ୍ରଥମ ଦିନ କଳସ ଶୋଭାଯାତ୍ରା ସାଲୁଙ୍କି ନଦୀରୁ ବାହାରି ଲକ୍ଷ୍ମୀ ନୃସିଂହନାଥଙ୍କ ମନ୍ଦିରରେ ପହଞ୍ଚିଥିଲା । ଏହା ପରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ହୋଇଥିଲା । ଯାତ୍ରା ପରିଚାଳନା କମିଟି ସଭାପତି ଦୀନେଶ ବେହେରା, ଗ୍ରାମ କମିଟି ସଭାପତି ସୂଜିତ ବେହେରାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ । ଏହି ଯାତ୍ରା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଠାକୁରଙ୍କ ଯାତ୍ରା ପଡିଆରେ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି । ଏହାକୁ ଦେଖିବାକୁ ବହୁ ସଂଖ୍ୟାରେ ଲୋକଙ୍କ ସମାଗମ ଦେଖିବାକୁ ମିଳୁଛି । ଦର୍ଶକଙ୍କ ଗହଳିକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ରବିବାର ଗଞ୍ଜାମ ଜିଲା ଭଞ୍ଜନଗର ନିକଟସ୍ଥ ଲୁଦୁଲୁଦି ଗ୍ରାମର କଳାକାରଙ୍କ ଦ୍ୱାରା ହିରଣ୍ୟ ଭକ୍ତ ପ୍ରହ୍ଲାଦ ନାଟକ ପରିବେଷଣ କରାଯାଇଥିଲା । ଯାତ୍ରା ପରିଚାଳନା କମିଟି କାର୍ଯ୍ୟକାରୀ ସଭାପତି ବଳଦେବ ବେହେରା, ଉପସଭାପତି ଶିବଶଙ୍କର ବେହେରା, ସହ ସମ୍ପାଦକ ସନ୍ତୋଷ ସାହୁ, ସାଂସ୍କୃତିକ ସମ୍ପାଦକ ପାର୍ଥସାରଥୀ ବିଶ୍ୱାଳଙ୍କ ସମେତ ଅନ୍ୟ କର୍ମକର୍ତ୍ତାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଯାତ୍ରା ଚାଲିଛି ।


### PARADIP PORT TRUST

E-TENDER CALL NOTICE

Name of the work "Allotment of 04(Four) nos. of Mechanical Iron Ore / Iron Ore Pellet Plots at PPT". License Fees : Rs.2,50,18,950/-. Wharfage Fees : Rs.14,31,340/-. The last date & time of Submission of bid : 06.06.2019 upto 15:00 hrs. Date and time of opening (technical bid) : 07.06.2019 upto 15:00 hrs. Refer our website for details : https://eprocure.gov.in/eprocure/app. Traffic Manager

PPT/PR/70/19-20, Dt.20.05.2019


# ଜୁଆ ଆଡ୍ଡାରେ ଚଢାଉ, ୪ ଗିରଫ

ଆସିକା,୨୦।୫ (ଡି.ଏନ୍.ଏ)

ଗାଙ୍ଗପୁର ଥାନା କାଳିଆଗୁଡ଼ା ଗ୍ରାମରେ ଚାଲିଥିବା ଏକ ଜୁଆଆଡ୍ଡା ଉପରେ ସୋମବାର ଅପରାହ୍ନରେ ପୋଲିସ ଚଢାଉ କରି ୪ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୩ ହଜାର ୨୭୦ ଟଙ୍କା ଜବତ କରାଯାଇଛି । ଏ ନେଇ ଗାଙ୍ଗପୁର ଥାନାରେ ନଂ. ୮୭/୧୯ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ କହିଛନ୍ତି।

# ଅଟୋ ଧକ୍କାରେ ମହିଳା ମୃତ

ଗୋପାଳପୁର,୨୦।୫

ଗୋପାଳପୁର ଥାନା ବାହାଦୁରପେଟାରେ ସୋମବାର ଅପରାହ୍ନରେ ଏକ ଅଟୋ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାହାଦୁରପେଟା ଗାଁର ଡି ନିଲମ୍ମା ରେଡ୍ଡୀ (୫୨)। ଏ ନେଇ ନଂ. ୫୬/୧୯ରେ ଏକ ମାମଲା ରୁଜୁ କରି ପୋଲିସ ଅଟୋକୁ ଜବତ କରିଛି। ନିଲମ୍ମା ଅପରାହ୍ନରେ ନିକଟସ୍ଥ ବ୍ୟାଙ୍କକୁ ଯାଇଥିଲେ। ସେଠାରୁ ସେ ଫେରୁଥିବା ବେଳେ ତାଙ୍କୁ ପଛପଟୁ ଏକ ଅଟୋ ଧକ୍କା ଦେଇଥିଲା। ସେ ତଳେ ପଡ଼ିଯିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତୁରା ସରପଞ୍ଚ କେ.କ୍ରିଷ୍ଣା ରେଡ୍ଡୀ ପହଞ୍ଚି ତାଙ୍କୁ ଆମ୍ବୁଲାନ୍ସରେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟାରେ ମହିଳାଙ୍କ ମୃତ୍ୟୁ ଘଟିଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।


## CLASSIFIED DISPLAY

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କର୍ଲାପୋରା
ଶିକ୍ଷାବର୍ଷ-୨୦୧୯-୨୦୨୦
ନାମଲେଖା ବିଜ୍ଞାପନ
ଶ୍ରେଣୀ :- ଶିଶୁ ବାଟିକା
ଶିଶୁ ପ୍ରାରମ୍ଭ ବୟସ ସୀମା :- (ତା.୩୧।୦୩।୨୦୧୯ସୁଦ୍ଧା ୦୩+ବର୍ଷ ହୋଇଥିବ)।
ଫର୍ମ ପ୍ରଦାନ :- (ତା.୦୩।୦୪।୨୦୧୯ରୁ ୨୨।୦୫।୨୦୧୯ ପର୍ଯ୍ୟନ୍ତ)।
ଫର୍ମ ଗ୍ରହଣ :- ପ୍ରତିଦିନ ସକାଳ ୦୭ଟାରୁ ୧୦ଟା ମଧ୍ୟରେ (ଛୁଟିଦିନ ବ୍ୟତୀତ)।
ବିଦ୍ର : ସରକାରଙ୍କ ଶିକ୍ଷା ଅଧିକାର ଆଇନ-୨୦୦୯ ଅନୁଯାୟୀ ଶିଶୁ ପ୍ରାରମ୍ଭ ଶ୍ରେଣୀରେ ନାମଲେଖା ପାଇଁ ୨୫% ନିମ୍ନ ପ୍ରକାର ସ୍ଥାନ ସଂରକ୍ଷଣ ରହିଛି। ଉକ୍ତ ଶ୍ରେଣୀର ମୋଟ ସିଟ୍ ସଂଖ୍ୟା ୪୦। ଏଥିରୁ ୧୦ଜଣ ଶିଶୁଙ୍କୁ ସରକାରୀ ନିୟମରେ ମାଗଣାରେ ନାମଲେଖା କାର୍ଯ୍ୟ କରାଯିବ। ଇଚ୍ଛୁକ ଅଭିଭାବକ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ▶ ସଂସ୍କାରକ୍ଷମ ଶିଶୁ, ଭାରତୀୟ ସଂସ୍କୃତି ଓ ବିଚାରଧାରା, ଖେଳ ସାମଗ୍ରୀ ଆଧାରିତ ଶାରିରୀକ ବିକାଶ ଶିକ୍ଷା ତଥା ପ୍ରତ୍ୟକ୍ଷ ଅନୁଭୂତିମୂଳକ ଶିକ୍ଷାର ବ୍ୟବସ୍ଥା ଅଛି।
10%-SC,ST,SEBC, Categories; 05%- Homeless, Bagger, Child Labour, Street Child; etc, 10% - BPL Category / card holder of different Poverty, Elimination Programme of govt.
କାର୍ଯ୍ୟାଳୟ ସହାୟକ Mob.- 8658827904 | ପ୍ରଧାନ ଆଚାର୍ଯ୍ୟ Mob.- 7873448098 | ସଂପାଦକ Mob.- 8328849597

### ଛାତ୍ରବୃତ୍ତି
ଓଡ଼ିଶା ରାଜ୍ୟର ପୁରୀ ଜିଲ୍ଲାର ବାତ୍ୟା ପୀଡ଼ିତ ଗରିବ ପରିବାରର ପିଲାମାନଙ୍କ ବିଦ୍ୟାଳୟ ଶିକ୍ଷା ପାଇଁ
ଗ୍ଲୋବାଲ୍ କ୍ୟାନ୍‌ସର କନ୍‌ସର୍ନ ଇଣ୍ଡିଆ,
ସମ୍ବଳହୀନ କ୍ୟାନ୍‌ସର ରୋଗୀଙ୍କ ପାଇଁ ରାଷ୍ଟ୍ରବ୍ୟାପୀ କାର୍ଯ୍ୟରତ,
ଓଡ଼ିଶାର ପୁରୀ ଜିଲ୍ଲାରେ ବାତ୍ୟା ପୀଡ଼ିତ ଗରିବ ପରିବାରଙ୍କଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ନିଜ ପିଲାଙ୍କ ବିଦ୍ୟାଳୟ ଶିକ୍ଷା ଜାରି ରଖିବା ଲାଗି ଦରଖାସ୍ତ ଆହ୍ୱାନ କରୁଛି।
ଦୟାକରି ଆମକୁ କଲ୍ କରନ୍ତୁ : 124-2564473,74, 75
କିମ୍ବା ଲେଖନ୍ତୁ ଗ୍ଲୋବାଲ୍ କ୍ୟାନ୍‌ସର କନ୍‌ସର୍ନ ଇଣ୍ଡିଆ, ସି-659, ସୁଶାନ୍ତ ଲୋକ- 1, ଗୁରଗାଓଁ - 122009, ହରିୟାଣା କିମ୍ବା ଇମେଲ୍ କରନ୍ତୁ : ho@gcci.org.in
Global Cancer Concern India
"Striving Nationwide for Cause and Care of Cancer Patients"

### ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ



2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ, ଓକ୍ସିସ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଭଟଲି
ଶିକ୍ଷାବର୍ଷ-୨୦୧୯-୨୦୨୦
ନାମଲେଖା ବିଜ୍ଞାପନ
ଶ୍ରେଣୀ :- ଶିଶୁ ବାଟିକା
ଶିଶୁ ପ୍ରାରମ୍ଭ ବୟସ ସୀମା :- (ତା.୩୧।୦୩।୨୦୧୯ସୁଦ୍ଧା) (୦୩+ବର୍ଷ ହୋଇଥିବ)।
ଫର୍ମ ପ୍ରଦାନ :- (ତା.୦୩।୦୪।୨୦୧୯ରୁ ୨୨।୦୫।୨୦୧୯ ପର୍ଯ୍ୟନ୍ତ)।
ଫର୍ମ ଗ୍ରହଣ :- ପ୍ରତିଦିନ ସକାଳ ୦୭ଟାରୁ ୧୦ଟା ମଧ୍ୟରେ (ଛୁଟିଦିନ ବ୍ୟତୀତ)।
ବିଦ୍ର : ସରକାରଙ୍କ ଶିକ୍ଷା ଅଧିକାର ଆଇନ-୨୦୦୯ ଅନୁଯାୟୀ ଶିଶୁ ପ୍ରାରମ୍ଭ ଶ୍ରେଣୀରେ ନାମଲେଖା ପାଇଁ ୨୫% ନିମ୍ନ ପ୍ରକାର ସ୍ଥାନ ସଂରକ୍ଷଣ ରହିଛି। ଉକ୍ତ ଶ୍ରେଣୀର ମୋଟ ସିଟ୍ ସଂଖ୍ୟା ୬୦। ଏଥିରେ ୧୫ଜଣ ଶିଶୁଙ୍କୁ ସରକାରୀ ନିୟମରେ ମାଗଣାରେ ନାମଲେଖା କାର୍ଯ୍ୟ କରାଯିବ। ଇଚ୍ଛୁକ ଅଭିଭାବକ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ▶ ସଂସ୍କାରକ୍ଷମ ଶିଶୁ, ଭାରତୀୟ ସଂସ୍କୃତି ଓ ବିଚାରଧାରା, ଖେଳ ସାମଗ୍ରୀ ଆଧାରିତ ଶାରିରୀକ ବିକାଶ ଶିକ୍ଷା ତଥା ପ୍ରତ୍ୟକ୍ଷ ଅନୁଭୂତିମୂଳକ ଶିକ୍ଷାର ବ୍ୟବସ୍ଥା ଅଛି।
10%-SC,ST,SEBC; Categories, 05%- Homeless, Bagger, Child Labour, Street Child; etc, 10% - BPL Category / card holder of different Poverty, Elimination Programme of govt.
କାର୍ଯ୍ୟାଳୟ ସହାୟକ Mob.- 7894624167 | ପ୍ରଧାନ ଆଚାର୍ଯ୍ୟ Mob.- 9777782186 | ସଂପାଦକ Mob.- 9777520724



### କର୍ପୋରେଶନ ବ୍ୟାଙ୍କ
(ଭାରତ ସରକାରଙ୍କ ଏକ ଅଗ୍ରଣୀ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ବ୍ଲକ୍ ନଂ.: ୪, ୱିଙ୍ଗ-୩, ୧ମ ମହଲା, ବିଏମ୍‌ସି ଭବାନୀ ଏନ୍‌କ୍ଲେଭ୍, ସହିଦ ନଗର, ଭୁବନେଶ୍ୱର-୭୫୧୦୦୭

#### ବନ୍ଧକ ସୁନା ଅଳଙ୍କାର ନିଲାମ ନୋଟିସ୍

ନିମ୍ନ ଦର୍ଶିତ ଋଣଗ୍ରହୀତାମାନେ ବ୍ୟାଙ୍କରେ ଅଳଙ୍କାର ବନ୍ଧକ ରଖି ନେଇଥିବା ଋଣ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ପରିଶୋଧ କରିବାରେ ବିଫଳ ହୋଇଛନ୍ତି ଏବଂ ସେମାନଙ୍କୁ ରେଜେଷ୍ଟ୍ରୀ ଡାକ ଯୋଗେ ପଠାଯାଇଥିବା ନୋଟିସ୍ ଗ୍ରହଣ କରିବା ପାଇଁ ମନା କରିଥିବା କିମ୍ବା ଦିଆଯାଇପାରିନଥିବା କାରଣରୁ ଫେରସ୍ତ ଆସିଅଛି । ଏହି ନୋଟିସ୍ ମାଧ୍ୟମରେ ସେମାନଙ୍କୁ ଜଣାଇ ଦିଆଯାଉଛିଯେ ଯେହେତୁ ସେମାନେ ଋଣ ପରିଶୋଧ କରିବାରେ ବିଫଳ ହୋଇଛନ୍ତି ତେଣୁ ପୁନଶ୍ଚ କୌଣସି ନୋଟିସ୍ ଦିଆ ନ ଯାଇ ଆଗାମୀ ତା.୨୮.୦୫.୨୦୧୯ରିଖ ପୂର୍ବାହ୍ନ ୧୧.୦୦ଘଟିକା ଠାରୁ ଅପରାହ୍ନ ୨.୩୦ଘଟିକା ମଧ୍ୟରେ ବନ୍ଧକ ରଖାଯାଇଥିବା ଅଳଙ୍କାରଗୁଡ଼ିକୁ ବ୍ୟାଙ୍କର ସମ୍ପୃକ୍ତ ଶାଖା ପରିସରରେ ସର୍ବସାଧାରଣରେ ନିଲାମ କରାଯିବ । ଏହି ସମ୍ବନ୍ଧୀୟ ଅନ୍ୟାନ୍ୟ ଖର୍ଚ୍ଚ ଏବଂ ତତ୍‌ପରବର୍ତ୍ତୀ ସୁଧ ପାଇଁ ଋଣଗ୍ରହୀତାମାନେ ଦାୟୀ ରହିବେ ।

| ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ସ୍ୱର୍ଣ୍ଣ ଋଣ ଆକାଉଣ୍ଟ ନଂ. / ଋଣ ତାରିଖ | ମୋଟ ଓଜନ (ଗ୍ରାମରେ) | ତା.୧୭.୦୫.୨୦୧୯ରିଖ ପର୍ଯ୍ୟନ୍ତ ସୁଧ ସହିତ ବକେୟା ଋଣ (ଟଙ୍କାରେ) + ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ |
|---|---|---|
| **ତାଳଚେର ଶାଖା, ସା: ଶର୍ମା ଛକ, ତାଳଚେର, ହାଣ୍ଡିଧୁଆ ମେନ୍ ରୋଡ୍, ପୋ.: ତାଳଚେର, ଜିଲ୍ଲା: ଅନୁଗୁଳ, ଓଡ଼ିଶା, ପିନ୍-୭୫୯୧୦୦, ଫୋନ୍ ନଂ.: ୦୬୭୬୦-୨୪୧୦୬୦, ମୋ.: ୭୦୪୧୪୭୭୦୨** | | |
| ଶିଶିର କୁମାର ପାଣୀ, ପିତା: ଚତୁର୍ଭୁଜ ପାଣୀ, ସା/ପୋ.: ଗୁରୁଜଙ୍ଗ, ଥାନା: ତାଳଚେର, ଜିଲ୍ଲା: ଅନୁଗୁଳ / ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୪୫୬୦୭୫୩ / ୦୨.୦୧.୨୦୧୮ | ୨୩.୫୩ | ଟ.୩୮,୭୩୪/- |
| **ଭଞ୍ଜନଗର ଶାଖା, ମେନ୍ ରୋଡ୍, ସା/ପୋ.: ଭଞ୍ଜନଗର, ଇଣ୍ଡେନ୍ ଗ୍ୟାସ୍ ସମ୍ମୁଖ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୨୬, ମୋ.: ୯୯୩୮୦୦୩୩୬୮** | | |
| ସନ୍ତୋଷ ନାୟକ, ସା: ସାନକୋଦଣ୍ଡା, ପୋ.: ମହାଗୁଡ, ଭଞ୍ଜନଗର-୭୬୧୧୩୨ / ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୯୦୨୮୧ / ୨୭.୦୨.୨୦୧୭ | ୮.୧୫ | ଟ.୧୬,୦୯୨/- |
| ସିମାଞ୍ଚଳ ପ୍ରଧାନ, ପିତା: କୀର୍ତ୍ତନ ପ୍ରଧାନ, ସା/ପୋ.: କାଳିଆଗୁଡା, ଥାନା: ଗଙ୍ଗପୁର, ଜିଲ୍ଲା: ଗଞ୍ଜାମ / ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୦୫୭୯୯ / ୨୭.୦୨.୨୦୧୭ | ୨୦.୩୪ | ଟ.୨୦,୯୧୮/- |
| ତିଙ୍ଗିର ନାୟକ, ପିତା: ଚରଣ ନାୟକ, ସା/ପୋ.: ବାଉଁଶଲୁଣ୍ଡି, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା-୭୬୧୧୨୬ / ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୦୫୮୪୫ / ୦୩.୦୩.୨୦୧୭ | ୨୪.୫୨ | ଟ.୪୪,୮୪୧/- |
| ରାମ ଡାକୁଆ, ପିତା: ହରି ଡାକୁଆ, ସା: ନୂଆସାହି, ଅଗଝୋଳ, ପୋ.: ବାଉଁଶଲୁଣ୍ଡି, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୫ / ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୧୨୨୬୪ / ୨୭.୦୩.୨୦୧୭ | ୨୩.୬୬ | ଟ.୩୪,୩୪୯/- |
| ଦେବଜୟ ପ୍ରଧାନ, ପିତା: ଅର୍ଜୁନ ପ୍ରଧାନ, ସା/ପୋ.: ଜିଲୁଣ୍ଡି, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୩୩ / ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୯୪୭୯୮୪/ ୦୬.୦୫.୨୦୧୭ | ୧୩.୦୦ | ଟ.୧୯,୯୩୮/- |
| ସମୀର କୁମାର ବିଶୋଇ, ପିତା: ସାଧୁ ଚରଣ ବିଶୋଇ, ସା: ଛେଦଭୂମି, ପୋ.: ଲାଲସିଂ, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୬ / ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୦୫୯୮୫ / ୨୨.୦୫.୨୦୧୭ | ୨୧.୪୪ | ଟ.୧୫,୮୭୭/- |
| ସମୀର କୁମାର ବିଶୋଇ, ପିତା: ସାଧୁ ଚରଣ ବିଶୋଇ, ସା: ଛେଦଭୂମି, ପୋ.: ଲାଲସିଂ, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୬ / ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୦୯୯୦୫ / ୨୨.୦୫.୨୦୧୭ | ୩୮.୦୦ | ଟ.୩୪,୦୧୦/- |
| ଲିପି ପ୍ରଧାନ, ସ୍ୱାମୀ: ବିଜନକାନ୍ତ ପ୍ରଧାନ, ସା: ଅଡଣାପ୍ରସାଦ, ପୋ.: ଜଗନ୍ନାଥପ୍ରସାଦ, ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ-୭୬୧୧୨୧ / ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୯୦୪୯୨୪/ ୦୬.୦୬.୨୦୧୭ | ୨୫.୯୨ | ଟ.୪୯,୭୪୦/- |
| କାର୍ତ୍ତିକେଶ୍ୱର ଗୌଡ, ପିତା: ସହଦେବ ଗୌଡ, ସା: କଳିଙ୍ଗ ନଗର ୩ୟ ଲେନ୍, ବାଇଲୁଗୁଣ୍ଡା ରୋଡ୍, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୬ / ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୯୮୮୩୫ / ୩୧.୦୭.୨୦୧୭ | ୩୯.୬୬ | ଟ.୭୧,୬୮୫/- |
| ବସନ୍ତ ସ୍ୱାଇଁ, ପିତା: କାଳୁ ସ୍ୱାଇଁ, ସା: ମୁଦୁଲିପାଲି, ପୋ.: ଗାମୁଣ୍ଡି, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୫ / ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୭୨୮୭୯ / ୦୫.୦୮.୨୦୧୭ | ୧୫.୬୯ | ଟ.୨୯,୮୨୯/- |
| ସୁଶାନ୍ତ କୁମାର ଜେନା, ପିତା: ନିରଞ୍ଜନ ଜେନା, ସା: ଟୋକାଗଣ୍ଡ, ପୋ.: ବଡକୋଦଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା-୭୬୧୧୨୫ / ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୧୦୦୮୩ / ୦୯.୦୮.୨୦୧୭ | ୨୭.୪୦ | ଟ.୪୧,୬୭୪/- |
| ପ୍ରସାନ୍ତ କୁମାର ସାହୁ, ପିତା: ଭଗବାନ ସାହୁ, ସା: ଅଗଝୋଳ, ପୋ.: ବାଉଁଶଲୁଣ୍ଡି, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୦୬୦୯୪/୨୭.୦୭.୨୦୧୭ | ୩୧.୮୫ | ଟ.୫୩,୪୦୭/- |

ତାରିଖ: ୨୦.୦୫.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ

## ସଂକ୍ଷେପରେ

### ନବଜାତ ଶିଶୁ କନ୍ୟା ଉଦ୍ଧାର

**ଭବାନୀପାଟଣା,୨୦।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ମାଣିଙ୍ଗପଦର ଗାଁ ରାସ୍ତା କଡ଼ରୁ ଏକ ନବଜାତ ଶିଶୁକନ୍ୟାକୁ ଗାଁ ଲୋକେ ଉଦ୍ଧାର କରିଥିଲେ। ସୋମବାର ସକାଳେ ଜଣେ ମହିଳା ସେହି ବାଟଦେଇ ଯାଉଥିବାବେଳେ ଶିଶୁକନ୍ୟାର କାନ୍ଦ ଶୁଣିବାକୁ ପାଇଥିଲେ। ଏନେଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ଶିଶୁକୁ ଉଦ୍ଧାର କରି ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲା। ଶିଶୁଟି ସୁସ୍ଥ ଥିବା ସୂଚନା ମିଳିଛି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଛାତ୍ରୀ ମୃତ

**ଗଣ୍ଡତୁରମ, ୨୦।୫ (ଡି.ଏନ୍.ଏ.) :** ବରଗଡ଼ ଜିଲା ଭେଡେନ ଥାନା ତଥା ରକ୍ଷୁଡ଼ା ଫାଣ୍ଡି ଅନ୍ତର୍ଗତ ଟିହିକିପାଲି ଗ୍ରାମର ପ୍ରଦୀପ କୁମ୍ଭାରଙ୍କ ଝିଅ ଦୀପା(୧୩)ଙ୍କ ସୋମବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି । ପରିବାର ଲୋକେ ତାଙ୍କୁ ବୁର୍ଲା ଡାକ୍ତରଖାନା ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଦନ୍ତା ନେଲା ୨ ଜୀବନ

## ■ ମୋଟଙ୍ଗାରେ ବୃଦ୍ଧ, ଛେଣ୍ଡିପଦାରେ ବୃଦ୍ଧାଙ୍କୁ ମାରିଲା

**ଢେଙ୍କାନାଳ ଅଫିସ/ଛେଣ୍ଡିପଦା,୨୦।୫**

ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ସୋମବାର ହାତୀ ଆକ୍ରମଣରେ ୨ଜଣଙ୍କ ଜୀବନ ଯାଇଛି। ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଅଧୀନ ହିନ୍ଦୋଳରୋଡ ଫାଣ୍ଡିର ଗୁଣ୍ଡୁଦେଇ ଗ୍ରାମରେ ଦନ୍ତା ହାତୀ ଜଣେ ବୃଦ୍ଧଙ୍କୁ ଦଳି ଦେଇଥିବା ବେଳେ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କଣଲୋଇରେ ଜନୈକା ବୃଦ୍ଧାଙ୍କ ଜୀବନ ନେଇଛି ଆଉ ଏକ ଦନ୍ତାହାତୀ।

ବନ ବିଭାଗର ସୂଚନା ଅନୁଯାୟୀ, ମୋଟଙ୍ଗା ଥାନା ଗୁଣ୍ଡୁଦେଇ ଗ୍ରାମର ମଙ୍ଗରାଜ ପାତ୍ର(୬୫) ସକାଳ ସାଢେ ୬ଟାରେ ଆମ୍ବ ଗୋଟାଇବା ପାଇଁ ତୋଟାକୁ ଯାଇଥିବା ବେଳେ ସେଠାରେ ଥିବା ଦନ୍ତା ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହା ଜଣାପଡ଼ିବା ପରେ ଅଞ୍ଚଳବାସୀ ଗୁଣ୍ଡୁଦେଇ ଛକଠାରେ ମୃତଦେହ ରଖି ୫୫ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବରପାଇ ଓଡାପଡା ତହସିଲଦାର ବାଣୀ ନିବେଦିତା ସ୍ୱାଇଁ, ମୋଟଙ୍ଗା ଥାନା ଅଧିକାରୀ ନମିତା ନାୟକ, ସଦର ରେଞ୍ଜର ମନୱର ଖାଁ, ଫାଣ୍ଡି ଅଧିକାରୀ ଅକ୍ଷୟ କୁମାର ଦାସ ପ୍ରମୁଖ ପହଞ୍ଚି ମୃତକଙ୍କ ପରିବାରକୁ ୪୦ ହଜାର ଟଙ୍କା ପ୍ରଦାନ କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏ ସଂକ୍ରାନ୍ତରେ ମୋଟଙ୍ଗା ଥାନାରେ ନଂ. ୨୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।



ଅନୁଗୋଳ-ଛେଣ୍ଡିପଦା ରାଜ୍ୟ ରାଜପଥର ଗୋଡ଼ିମରାଠାରେ ଦନ୍ତାହାତୀ ରାସ୍ତା ଅତିକ୍ରମ କରୁଛି।

ସେହିପରି ଛେଣ୍ଡିପଦା ବନାଞ୍ଚଳ କଣଲୋଇ ସଂରକ୍ଷିତ ଜଙ୍ଗଲ ନିକଟସ୍ଥ ତାଳତଇଲାରେ କଣଲୋଇ ଗ୍ରାମର ଦୁର୍ଯ୍ୟୋଧନ ମାଝିଙ୍କ ସ୍ତ୍ରୀ ଖେଡି ମାଝି (୬୮) ବୋହୂଙ୍କ ସହ କାଜୁ ତୋଳିବା ପାଇଁ ଯାଇଥିବା ବେଳେ ଏକ ଦନ୍ତା ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡି ଦେଇଥିଲା। ଘଟଣାସ୍ଥଳରେ ହିଁ ଖେଡ଼ିଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ଛେଣ୍ଡିପଦା ଥାନା ଅଧିକାରୀ ପ୍ରିୟବ୍ରତ ଦାଶ ଓ ବନବିଭାଗ କର୍ମଚାରୀମାନେ ପହଞ୍ଚି ବୁଝାଶୁଝା କରିବା ସହିତ ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ ପ୍ରତିଶ୍ରୁତି ଦେବାପରେ ଲୋକେ ଶାନ୍ତ ପଡ଼ିଥିଲେ।



ଠଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାଇରେ ରସିକ ଭଲା ରୁଷିଲୁ,
ମଧୁମାଳତୀକୁ ଛାଡ଼ିଦେଇ ଯାହା
ପୋକଶୁଂଘା ବଣେ ପଶିଲୁ ।**

ଭଲକୁ ଛାଡ଼ି ମନ୍ଦକୁ ଆପଣେଇବାର ପରିଣତି ଅନେକ ସମୟରେ ବିଷମ ହୋଇଥାଏ। ରୂପଠାରୁ ଗୁଣର ମହତ୍ତ୍ୱ କାହିଁ କେତେ ଗୁଣରେ ଅଧିକ। ଗୁଣ ନ ଚିହ୍ନି ରୂପରେ ମୋହିବାର ଫଳ ସର୍ବଦା ମନ୍ଦ ହିଁ ହୋଇଥାଏ। ଭଲ ଓ ଭେଲ ମଧ୍ୟରେ ତଫାତ୍ ଜାଣିପାରୁ ନ ଥିବା ବ୍ୟକ୍ତି ଉପହସିତ ହେବା ସାର ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ହଗି ଧାଉଁଥାଏ ଛୁଟୁଛୁଟୁ ।
ଭୋକେ ହଉଥାଏ ରୁଟୁପୁଟୁ ।**

ଖାଦ୍ୟଲୋଭୀ ବ୍ୟକ୍ତି ଯେତେ ପେଟ ପୂରାଇ ଖାଇଥିଲେ ମଧ୍ୟ ଆହୁରି ଖାଇବା ପାଇଁ ମନ ବଳାଇଥାନ୍ତି। ପେଟ ବା ସ୍ୱାସ୍ଥ୍ୟ ପଛେ ଖରାପ ହୋଇଯାଉ ସେଥିକୁ ଚିନ୍ତା ନ ରଖି ଖାଦ୍ୟଗ୍ରହଣ କରିବାରେ କେବେ ହେଳା କରି ନ ଥାନ୍ତି। ଖାଦ୍ୟ ପ୍ରତି ଅହେତୁକ ଲାଳସା ଭାବନା ରଖୁଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଟ୍ରେନ୍ ବଗିରେ ଏସି ନ ଚାଲିବାରୁ ଉତ୍ତେଜନା



ଷ୍ଟେଶନ କର୍ତ୍ତୃପକ୍ଷ ଯାତ୍ରୀମାନଙ୍କୁ ବୁଝାଶୁଝା କରୁଛନ୍ତି।

- ■ ବାରମ୍ବାର ଚେନ୍ ଟାଣି ଅଟକାଇଲେ ଯାତ୍ରୀ
- ■ ରାଉରକେଲାରୁ ଘଣ୍ଟାଏ ବିଳମ୍ବରେ ଟ୍ରେନ ଛାଡ଼ିଲା

**ରାଉରକେଲା ଅଫିସ,୨୦।୫**

ଟିଟିଲାଗଡ଼-ହାୱଡ଼ା ଇସ୍ପାତ ଏକ୍ସପ୍ରେସରେ ଏସି ଚାଲୁ ନ ଥିବା ଅଭିଯୋଗ କରି ସୋମବାର ଅପରାହ୍ନରେ ରାଉରକେଲା ଷ୍ଟେଶନରେ ଯାତ୍ରୀ ଉତ୍ତେଜନା ପ୍ରକାଶ ପାଇଥିଲା। ଏସି ନ ଚାଲିଲେ ଟ୍ରେନ୍ ଛଡ଼ାଯିବ ନାହିଁ ବୋଲି କହି ଯାତ୍ରୀମାନେ ବାରମ୍ବାର ଚେନ୍ ଟାଣିଥିଲେ। ବିଭାଗୀୟ ଅଧିକାରୀ ଯାତ୍ରୀମାନଙ୍କୁ ବୁଝାଶୁଝା କରିବା ପରେ ପ୍ରାୟ ଘଣ୍ଟାଏ ବିଳମ୍ବରେ ଏଠାରୁ ଟ୍ରେନ୍ ଛାଡ଼ିଥିଲା।

ସୂଚନାନୁସାରେ ୧୨୮୭୨ନଂ ଟିଟିଲାଗଡ଼-ହାୱଡ଼ା ସୁପରଫାଷ୍ଟ ଟ୍ରେନ୍‌ର ୩ଟି ଚେୟାର କାର୍ ଏବଂ ୩ ଟାୟାର ବଗିର ଏସି କାମ କରୁ ନ ଥିବା ଯାତ୍ରୀମାନେ ସମ୍ବଲପୁର ଷ୍ଟେଶନ ନିକଟରୁ ଅଭିଯୋଗ କରି ଆସୁଥିଲେ। ଏହାକୁ ଝାରସୁଗୁଡ଼ାରେ ମରାମତି କରାଯିବ ବୋଲି ପ୍ରଥମେ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ତାହା କରାଗଲା ନାହିଁ। ଯାତ୍ରୀମାନେ ପୁଣି ଅଭିଯୋଗ କରିବାରୁ ରାଉରକେଲାଠାରେ ମରାମତି କରାଯିବ ବୋଲି କୁହାଗଲା। ରାଉରକେଲାରେ ଟ୍ରେନ୍ ଅପରାହ୍ନ ୩ଟା ୫୭ରେ ପହଞ୍ଚି କିଛି ସମୟ ରହଣି ପରେ ଛାଡ଼ିଥିଲା। କିନ୍ତୁ ଏସି ମରାମତି କରାଯାଇ ନ ଥିଲା। ଫଳରେ ଗୁଳୁଗୁଳିରେ ଅତିଷ୍ଠ ଯାତ୍ରୀ ଚେନ୍ ଟାଣି ଗାଡ଼ିକୁ ଅଟକାଇଥିଲେ। ବାରମ୍ବାର ଚେନ୍ ଟାଣିବାରୁ ବିଭାଗୀୟ ଅଧିକାରୀ ସମ୍ପୃକ୍ତ ବଗିଗୁଡ଼ିକରେ ପହଞ୍ଚି ଯାତ୍ରୀମାନଙ୍କୁ ବୁଝାଶୁଝା କରିଥିଲେ। ପରବର୍ତ୍ତୀ ଷ୍ଟେଶନରେ ଏସି ମରାମତି କରି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଯାତ୍ରୀମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଏସି ମରାମତି କରା ନ ଯିବା ପର୍ଯ୍ୟନ୍ତ ରାଉରକେଲାରୁ ଟ୍ରେନ୍ ଛଡ଼ାଯିବ ନାହିଁ ବୋଲି ଅଡ଼ିବସିଥିଲେ। ଶେଷରେ କର୍ତ୍ତୃପକ୍ଷ ଦୁଇଜଣ ଏସି ମେକାନିକ୍‌ଙ୍କୁ ଟ୍ରେନ୍‌ରେ ଚଢ଼ାଇବାରୁ ଯାତ୍ରୀମାନେ ଶାନ୍ତ ପଡ଼ିଥିଲେ। ଅପରାହ୍ନ ୫ଟାରେ ଟ୍ରେନ୍ ଏଠାରୁ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲା।

# ଆନ୍ତଃରାଜ୍ୟ କଫ୍ ସିରପ୍ ର୍‍ୟାକେଟର ୨ଗିରଫ

**ବଲାଙ୍ଗୀର ଅଫିସ, ୨୦।୫**

ଆନ୍ତଃରାଜ୍ୟ କଫ୍‌ସିରପ୍‌ଚୋରା ର୍‍ୟାକେଟ୍ ଚଳାଇଥିବା ସାନ ଓରଫ୍ ଗୋବିନ୍ଦ ନେଗୀ (୩୮) ଓ ପ୍ରଶାନ୍ତ କ୍ଷେତୀ (୪୨)ଙ୍କୁ ବଲାଙ୍ଗୀର ଟାଉନ୍ ଥାନା ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ ଭୁବନେଶ୍ୱରରୁ ଗିରଫ କରିଛି। ପୋଲିସ ଆଖିରେ ଧୂଳିଦେଇ ଗତ କିଛିମାସ ତଳେ ଏହି ର୍‍ୟାକେଟ୍‌ର ମୁଖ୍ୟ ସାନ ନେଗୀ ବଲାଙ୍ଗୀରରୁ ଚମ୍ପଟ ମାରିଥିଲେ। ସେହିପରି ଗତ ୬ ତାରିଖରେ ବଲାଙ୍ଗୀର ଟାଉନ୍ ଥାନା ଭିତରୁ ପ୍ରଶାନ୍ତ କ୍ଷେତୀ ବି ଫେରାର ହୋଇଯାଇଥିଲେ। ଗିରଫ ୨ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।

ବଲାଙ୍ଗୀର ସହର ବରପାଲିପଡାର ସାନ ଓ ମାଳପଡାର ପ୍ରଶାନ୍ତ କେତେଜଣ ସହଯୋଗୀଙ୍କୁ ଧରି ବେଶ୍ କିଛିବର୍ଷ ହେଲା ବଲାଙ୍ଗୀର ଓ ପଡୋଶୀ ଜିଲାମାନଙ୍କରେ ଅବାଧରେ କଫ୍ ସିରପ୍ କାରବାର କରିଆସୁଥିଲେ। ବଲାଙ୍ଗୀର ସହରର ଗଳିକନ୍ଦିରେ ଏଜେଣ୍ଟ ରଖି ସାନଙ୍କ ଗୋଷ୍ଠୀ କଫ୍ ସିରପ୍ କାରବାର କରୁଥିଲେ। ଏହି ବ୍ୟବସାୟରୁ ବିପୁଳ ଟଙ୍କା ଆଦାୟ କରିବା ପରେ ସେମାନେ ପଡୋଶୀ ଜିଲାରେ ବ୍ୟବସାୟ ଆରମ୍ଭ କରିଥିଲେ। କଫ୍ ସିରପ୍‌ର ବ୍ୟାପକ ବ୍ୟବହାର ଫଳରେ ସହରରେ ଅଶାନ୍ତି ସୃଷ୍ଟି ହୋଇଥିଲା। ଏହି ବ୍ୟବସାୟକୁ କେନ୍ଦ୍ରକରି ଦୁଇଟି ହତ୍ୟା ଘଟଣା ଘଟିଥିବା ମଧ୍ୟ ଚର୍ଚ୍ଚାର ବିଷୟ ହୋଇଥିଲା। ସହରର ଯୁବଗୋଷ୍ଠୀ କଫ୍ ସିରପ୍ ନିଶାରେ ଅଭ୍ୟସ୍ତ ହୋଇ ପଡିବା ସହ ସେମାନେ ବହୁ ଆପରାଧିକ ଘଟଣାରେ ଲିପ୍ତ ହେଉଥିବା ଜଣାପଡିଥିଲା। ଏନେଇ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ପୋଲିସ ଆଖିରେ ଧୂଳିଦେଇ ସାନ ନେଗୀ ଗୁପ୍ତ ଆଡ୍ଡା କରି କାରବାର ଚଳାଇ ଆସୁଥିଲେ। ଗତ ମାର୍ଚ୍ଚ ୨୧ ତାରିଖରେ ସ୍ଥାନୀୟ ପୋଲିସ ବଲାଙ୍ଗୀର ରେଳ ଷ୍ଟେଶନ୍‌ରୁ ଗୋଟିଏ ସ୍କର୍ପିଓ ଏବଂ ଏକ ଟାଟା ଏସିଇ ଗାଡିରେ ଚାଲାଣ ହୋଇଥିବା ୩୫୨୦ ବୋତଲ କଫ୍ ସିରପ୍ ଜବତ୍ କରିଥିଲା। ଏହି ଘଟଣାରେ ୫ଜଣଙ୍କୁ ଗିରଫ କରାଯାଇଥିଲା। ଛତିଶଗଡ଼ ରାଜଧାନୀ ରାୟପୁରର ସାଇକ୍ରିଷ୍ଣା ସର୍ଜିକୋ ନାମକ ଏକ ଦୋକାନରୁ ବଲାଙ୍ଗୀର ଶ୍ରୀସାଇ ମେଡିଫାର୍ମା ନାମରେ ଏହି କଫ୍ ସିରପ୍ ଆସୁଥିବା ଜଣାପଡିଥିଲା।



ପୋଲିସ ଗହଣରେ ସାନ ନେଗୀ ଓ ପ୍ରଶାନ୍ତ କ୍ଷେତୀ।

- ■ ଭୁବନେଶ୍ୱରରୁ କାବୁ କଲା ବଲାଙ୍ଗୀର ପୋଲିସ
- ■ ଖୋଲିବ କଫ୍ ସିରପ୍ ର୍‍ୟାକେଟ୍‌ର ଗୁମର
- ■ ରାୟପୁରକୁ ଲମ୍ବିଛି ଚେର
- ■ ଦୁଇ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବ ପୋଲିସ

# ବାର୍‌ହାକୁ ପିଟି ପିଟି ମାରିଦେଲେ

## ■ ପ୍ରତି ଆକ୍ରମଣରେ ୩ ଆହତ

**ସିନାପାଲି,୨୦।୫ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ରେଞ୍ଜ ଅଧୀନ କେନ୍ଦୁମୁଣ୍ଡା ଗ୍ରାମରେ ସୋମବାର ସକାଳ ପ୍ରାୟ ୬ଟାରେ ବାର୍‌ହା ଆକ୍ରମଣରେ ୩ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ସିନାପାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଏହି ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ବାର୍‌ହାକୁ ପିଟିପିଟି ମାରି ଦେଇଛନ୍ତି । ଘଟଣାସ୍ଥଳରେ ବନ ବିଭାଗ ଏକ ଟିମ ପହଞ୍ଚି ବାର୍‌ହା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ଘଟଣାର ତଦନ୍ତ ଚାଲିଥିବା ସିନାପାଲି ରେଞ୍ଜର କହିଛନ୍ତି ।

ସୋମବାର ସକାଳ ପ୍ରାୟ ୬ଟାରେ ସ୍ଥାନୀୟ ଜଙ୍ଗଲରୁ ଏକ ବାର୍‌ହା ଗାଁ ଭିତରକୁ ପଶି ଆସିଥିଲା। ଲୋକେ ବାର୍‌ହାକୁ ଦେଖି ଗୋଡ଼ାଇଥିଲେ । ଗ୍ରାମବାସୀଙ୍କ ଆକ୍ରମଣରେ ବାର୍‌ହା ହିଂସ୍ର ହୋଇ ଉଠିବା ସହ ଗାଁ ଲୋକଙ୍କୁ ଆକ୍ରମଣ କରିଥିଲା। ଏଥିରେ ୩ ଗ୍ରାମବାସୀ ଆହତ ହୋଇଥିଲେ। ଶେଷରେ ଗ୍ରାମବାସୀ ଠେଙ୍ଗା ଓ ବାଡ଼ିରେ ପିଟିପିଟି ବାର୍‌ହାକୁ ମାରି ଦେଇଥିଲେ। ପ୍ରମାଣ ନଷ୍ଟ କରିବା ପାଇଁ ସ୍ଥାନୀୟ ଲୋକେ ଗାଁ ନିକଟସ୍ଥ କାଦୁଅରେ ମୃତଦେହ ପୋତି ଦେଇଥିଲେ। କୌଣସି ସୂତ୍ରରୁ ଖବର ପାଇ ସିନାପାଲି ରେଞ୍ଜର ମୁରାରୀ ପ୍ରସାଦ ପଣ୍ଡା କେନ୍ଦୁମୁଣ୍ଡା ଗ୍ରାମରେ ପହଞ୍ଚି ବାର୍‌ହା ମୃତଦେହ ଜବତ କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ଗ୍ରାମବାସୀଙ୍କ ନାମରେ ମାମଲା ରୁଜୁ କରାଯାଇ ନ ଥିବା ବେଳେ ଏହାର ତଦନ୍ତ ଚାଲିଛି ଓ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରେଞ୍ଜର ପଣ୍ଡା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ସିନାପାଲି ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ନଦୀ ନାଳ, ପୋଖରୀ, ଝରଣା ପାଣି ଶୁଖିବାରେ ଲାଗିଛି। ଫଳରେ ବନ୍ୟଜନ୍ତୁମାନେ ପାଣି ପାଇଁ ଗାଁ ମୁହାଁ ହେଉଛନ୍ତି। ଗାଁକୁ ଆସିବା ପରେ କେତେକ ବ୍ୟକ୍ତି ବନ୍ୟଜନ୍ତୁଙ୍କୁ ଶିକାର କରିବା ଉଦ୍ଦେଶ୍ୟରେ ଏପରି କାଣ୍ଡ ଘଟାଉଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ବାର୍‌ହା ଆକ୍ରମଣରେ ଆହତ ବ୍ୟକ୍ତିମାନଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପରେ ଛାଡି ଦିଆଯାଇଛି।



CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

Dhanlaxmi Financial Services
ଏବେ କରିବ ସବୁ ଗାଁ/ସହରରେ ବଡ଼ ଋଣ 50,000-95 ଲକ୍ଷ ପର୍ଯ୍ୟନ୍ତ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାରର ଋଣ ଘରେ ବସି 2% ସୁଧ 40% ରିହାତି। ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Number
[ 8221048110 ]
T-51, Gautam Nagar, Galli-8, Delhi

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ଭାରତର ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN BHARTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଜୁକେଶନ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 50% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
ରାକେଶ 9499133937
ଶର୍ମା 9423171970
H.No. 798 Block-H Jaitpur Extn. Part-2,Badarpur, South Delhi.

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

SMS JOB
Send SMS. Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ
Regd. ଗୋଲ୍ଡ ମେଡାଲିଷ୍ଟ
ଆମେରିକାନ୍ କଂପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
ଅନ୍ୟ କଂପାନୀ ରୁ ଧୋକା ଖାଇଥିବା ବ୍ୟକ୍ତି ନିଶ୍ଚିତ ଫୋନ୍ କରନ୍ତୁ
Plot No - 10/251, Devaraja Mohalla, Bangalore, 570001
8818962375
7869219354

See Color Display Classified on every Tuesday & Friday

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

EDUCATION

ADMISSION GUIDANCE
Last Chance for MD, MS & MDS aspirants, confirm your seat in top Colleges/ Universities all over India at lowest packages with your preferred branch. Book/ Confirm your seats in top Colleges/ Universities at lowest packages. Courses offered are MBBS, BDS, B.Sc. Nursing, B.Sc. Agriculture, B.Pharm, B.Tech. B.Arch, MBA, BBA, LLB etc.
SAIRAM EDUCATION HUB
Plot No: 175, Lane-10, Soubhagya Nagar, Baramunda, Bhubaneswar- 751003
Contact: 9937452320, 9938309070

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯଦି ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ସହ କିଛି ସମସ୍ୟା ଅଛି ତେବେ ସିଦ୍ଧୁ କ୍ୟାବିନେଟ୍ ଛାଡ଼ିଦେବା ଉଚିତ।
- ସାଧୁ ସିଂ ଧରମସୋତ୍, ପଞ୍ଜାବ ମନ୍ତ୍ରୀ



## ଏନ୍‌ଡିଏ ନେତାଙ୍କ ଲାଗି ଆଜି ଶାହଙ୍କ ନୈଶଭୋଜି

**ନୂଆଦିଲ୍ଲୀ,୨୦।୫:** ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ ମଙ୍ଗଳବାର ଏନ୍‌ଡିଏ ସହଯୋଗୀ ଦଳର ନେତାମାନଙ୍କୁ ନୈଶଭୋଜି ଲାଗି ନୂଆଦିଲ୍ଲୀ ଆମନ୍ତ୍ରଣ କରିଛନ୍ତି। ୨୩ରେ ଭୋଟ ଗଣତି ହେବାକୁ ଥିବାବେଳେ ତା' ପୂର୍ବରୁ ମେଣ୍ଟନେଇ ସହଯୋଗୀଙ୍କ ସହ ନୂଆଦିଲ୍ଲୀର ଅଶୋକ ହୋଟେଲ୍‌ରେ ଆଲୋଚନା କରାଯିବ ବୋଲି ଜଣାପଡ଼ିଛି। ୧୪ରୁ ୧୨ ଏକ୍‌ଜିଟ୍ ପୋଲ ରିପୋର୍ଟରେ ଏନ୍‌ଡିଏକୁ ପୂର୍ଣ୍ଣ ବହୁମତ ମିଳିଥିବାରୁ ଭାଜପା ଉତ୍ସାହିତ ହୋଇପଡ଼ିଛି।

### ଇତିହାସର ଆଇନାରେ

## ମେ ୨୧ର ପ୍ରମୁଖ ଘଟଣା

୨୦୦୧ ମେ ୨୧ରେ ଫ୍ରେଞ୍ଚ୍ ଟାଉବିରା ଆଇନ ପ୍ରଣୟନ ହୋଇଥିଲା। ଉକ୍ତ ଆଇନ ଅନୁଯାୟୀ, ଆଟଲାଣ୍ଟିକ୍ କ୍ରୀତଦାସ ବ୍ୟବସାୟକୁ ମାନବତା ବିରୋଧୀ ଅପରାଧ ଭାବେ ବିବେଚନା କରାଯାଇଥିଲା। ଫ୍ରାନ୍ସ ରାଷ୍ଟ୍ରପତି ଫ୍ରାଙ୍କୋଇସ୍ ହୋଲାଣ୍ଡେଙ୍କ ଅଧୀନରେ ଖ୍ରୀଷ୍ଟିଆନ୍ ଟାଉବିରା ଫ୍ରାନ୍ସର ନ୍ୟାୟମନ୍ତ୍ରୀ ଭାବେ ନିଯୁକ୍ତି ପାଇଥିଲେ। ତାଙ୍କ ନାମାନୁସାରେ ଉକ୍ତ ଆଇନ ପ୍ରଣୟନ କରାଯାଇଥିଲା।

୨୦୧୧ ମେ ୨୧ରେ ରେଡିଓ ଉପସ୍ଥାପକ ହାରୋଲ୍ଡ କ୍ୟାମ୍ପିଂ ଭବିଷ୍ୟବାଣୀ କରିଥିଲେ, ଏହି ଦିନ ବିଶ୍ୱ ଧ୍ୱଂସ ପାଇବ। ସେ ହେଉଛନ୍ତି ଆମେରିକାର ଖ୍ରୀଷ୍ଟିଆନ୍ ରେଡିଓ ବ୍ରଡକାଷ୍ଟର ତଥା ଲେଖକ। ସେ ୧୯୫୮ରୁ କାଲିଫର୍ଣ୍ଣିଆର ଏକ ରେଡିଓ ଷ୍ଟେଶନ୍ ଗ୍ରୁପ୍ ଫ୍ୟାମିଲି ରେଡିଓର ପ୍ରେସିଡେଣ୍ଟ ଭାବେ କାର୍ଯ୍ୟ କରୁଥିଲେ।

# ଏକ୍‌ଜିଟ୍ ପୋଲ୍‌କୁ ନେଇ ବିରୋଧୀଙ୍କ ସନ୍ଦେହ

**ନୂଆଦିଲ୍ଲୀ,୨୦।୫**



**ପାଟନା:** ଇଭିଏମ୍ ରଖାଯାଇଥିବା ଷ୍ଟ୍ରଙ୍ଗ୍‌ରୁମ୍ ବାହାରେ ଏସ୍‌ଏସ୍‌ବି ଯବାନ ମୁତୟନ।

- ୨୩ ପାଇଁ ଭାଜପା କର୍ମୀଙ୍କ ପ୍ରସ୍ତୁତି
- କଂଗ୍ରେସ ଶିବିରରେ ନୀରବତା

ଏନ୍‌ଡିଏ ସରକାର ଗଠନ କରିବ ବୋଲି ସବୁ ଏକ୍‌ଜିଟ୍ ପୋଲ୍ (ବୁଥ୍‌ଫେରନ୍ତା ମତ) ଅନୁମାନ କରିବା ପରେ ଉଭୟ ଶାସକ ଓ ବିରୋଧୀ ଶିବିରରେ ଭିନ୍ନ ଭାବାବେଗ ସ୍ପଷ୍ଟ ହୋଇଛି। ୨୩ ତାରିଖ ଫଳାଫଳ ପାଇଁ ଭାଜପା ମୁଖ୍ୟାଳୟରେ ଜୋରଦାର ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଥିବାବେଳେ କଂଗ୍ରେସ କାର୍ଯ୍ୟାଳୟରେ ନୀରବତା ଦେଖାଦେଇଛି। ତଥାପି ସେମାନେ ଆଶା ହରାଇ ନ ଥିବା ଜଣାପଡିଛି। ଏନ୍‌ଡିଏ କେନ୍ଦ୍ରରେ କ୍ଷମତା ବଜାୟ ରଖିବ ବୋଲି ଏକ୍‌ଜିଟ୍ ପୋଲ୍ ଅନୁମାନ କରିଥିବାବେଳେ ଏହାକୁ ନେଇ ବିରୋଧୀ ଦଳଗୁଡିକ ସନ୍ଦେହ ବ୍ୟକ୍ତ କରିଛନ୍ତି। ଏହା ଏକ ପରିକଳ୍ପନା ଏବଂ ବାସ୍ତବତାର ପରିପନ୍ଥୀ ବୋଲି ସେମାନେ କହିଛନ୍ତି। ଅନ୍ୟପକ୍ଷରେ ଫଳାଫଳ ପୂର୍ବାନୁମାନ ଅନୁରୂପ ହେବ ବୋଲି ଶାସକ ଦଳ ପକ୍ଷରୁ କୁହାଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଉ ଗୋଟିଏ ପାଳି କ୍ଷମତାରେ ରହିବେ ବୋଲି ରବିବାର ଏକ୍‌ଜିଟ ପୋଲ୍ ରିପୋର୍ଟ ପ୍ରକାଶ ପାଇଥିଲା। ଏନ୍‌ଡିଏ ୩୦୦ରୁ ଉର୍ଦ୍ଧ୍ୱ ଆସନ ଜିତି ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିବ ବୋଲି ଅଧିକାଂଶ ସଂସ୍ଥା ପକ୍ଷରୁ କୁହାଯାଇଥିଲା। ତେବେ ଉକ୍ତ ରିପୋର୍ଟ କେତେଦୂର ଠିକ୍, ତାକୁ ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ଏହା ଚୂଡାନ୍ତ ନିଷ୍ପତ୍ତି ନୁହେଁ ବୋଲି କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ କହିଛନ୍ତି। ତେବେ ଏନ୍‌ଡିଏ ସରକାର କରିଥିବା ବିକାଶମୂଳକ କାର୍ଯ୍ୟ ଲାଗି ଏହା ପୁଣି ଥରେ କ୍ଷମତାକୁ ଫେରିବ ବୋଲି ସେ ଦୃଢ଼ୋକ୍ତି କରିଛନ୍ତି। ଏକ୍‌ଜିଟ ପୋଲ୍ ଯାହା ଅନୁମାନ କରିଛନ୍ତି ଫଳାଫଳ ତାହା ହିଁ ହେବ ବୋଲି ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ କହିଛନ୍ତି। ଅନୁମାନ ଉପରେ ପ୍ରସ୍ତୁତ ରିପୋର୍ଟକୁ ବିଶ୍ୱାସକୁ ନ ନେବା ଲାଗି କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ କହିଛନ୍ତି। ପୂର୍ବରୁ ଅନେକ ଥର ଏକ୍‌ଜିଟ ପୋଲ୍ ଭୁଲ୍ ସାବ୍ୟସ୍ତ ହୋଇଥିବା ସେ ସୂଚନା ଦେଇଛନ୍ତି। ଏକ୍‌ଜିଟ ପୋଲ୍‌କୁ ଜାଲିଆତି କହି ଆରଜେଡି ନେତା ତେଜସ୍ୱୀ ଯାଦବ ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହା ପ୍ରକୃତ ବାସ୍ତବତା ନୁହେଁ, ସଂଘ ସମର୍ଥିତ ସଂସ୍ଥା ଦ୍ୱାରା ମାନସିକ ଧୋକାବାଜି ଲାଗି ପୁରୁଣା କୌଶଳ ବୋଲି ସେ କହିଛନ୍ତି। ତେଜସ୍ୱୀଙ୍କ ମତକୁ ବରିଷ୍ଠ ସମାଜବାଦୀ ନେତା ଶରଦ ଯାଦବ ସମର୍ଥନ କରିଛନ୍ତି। ଏକ୍‌ଜିଟ ପୋଲ୍ ମନଗଢ଼ା କାହାଣୀ ବୋଲି ତୃଣମୂଳ କଂଗ୍ରେସ କହିଛି।

ସାତ ପର୍ଯ୍ୟାୟ ନିର୍ବାଚନ ଲାଗି ଦିନରାତି ଏକ କରି ଅକ୍ଳାନ୍ତ ପରିଶ୍ରମ କରିଥିବା ଅଧିକାଂଶ ଭାଜପା କର୍ମୀଙ୍କୁ ବିଶ୍ରାମ ନେବା ଲାଗି କୁହାଯାଇଥିବାବେଳେ ଅନ୍ୟମାନେ ଫଳାଫଳ ଦିନ ପ୍ରସ୍ତୁତିକୁ ଅନୁଧ୍ୟାନ କରୁଛନ୍ତି। ଭାଜପା ୩୦୦ ସଂଖ୍ୟା ଅତିକ୍ରମ କରିବା ନେଇ ନିଶ୍ଚିତ ଥିଲା ବୋଲି ଏହାର ମିଡିଆ ସେଲ୍ ସଦସ୍ୟ ଜିତେନ୍ଦ୍ର ରାଓ୍ୱତ କହିଛନ୍ତି। ଅନ୍ୟପକ୍ଷରେ ନରେନ୍ଦ୍ର ମୋଦି ପୁଣି କ୍ଷମତାକୁ ଫେରିବା ଅନୁମାନକୁ କେତେକ କଂଗ୍ରେସ କର୍ମୀ ଖଣ୍ଡନ କରିଛନ୍ତି। ଏକ୍‌ଜିଟ୍ ପୋଲ୍ ଦ୍ୱାରା ମିଥ୍ୟାର ବାତାବରଣ ସୃଷ୍ଟି କରାଯାଇଥିବା ସେମାନେ କହିଛନ୍ତି। କଂଗ୍ରେସ ନିଶ୍ଚୟ ଭଲ ପ୍ରଦର୍ଶନ କରିବ। ଯଦି ତାହା ନ ହୁଏ, ତେବେ ଇଭିଏମ୍‌ରେ ଜାଲିଆତି ହୋଇଥିବା କଂଗ୍ରେସ କର୍ମୀ ରାମ ସିଂ କହିଛନ୍ତି।

## 'ଏଥିରେ ବିଶ୍ୱାସ କରେନାହିଁ'

**ଚେନ୍ନାଇ,୨୦।୫(ପି.ଟି.)–** ତାମିଲନାଡୁରେ ଡିଏମ୍‌କେ ଭଲ ପ୍ରଦର୍ଶନ କରିବ ବୋଲି ଅଧିକାଂଶ ଏକ୍‌ଜିଟ୍ ପୋଲ୍ ରିପୋର୍ଟରେ ପୂର୍ବାନୁମାନ କରାଯାଇଥିବା ସତ୍ତ୍ୱେ ଏହାକୁ ସେ ବିଶ୍ୱାସ କରନ୍ତି ନାହିଁ ବୋଲି ଦଳ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍ କହିଛନ୍ତି। ୨୩ରେ ଭୋଟଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ପ୍ରକୃତ ଜନାଦେଶ ଜାଣିବାକୁ ହେଲେ ଆଉ ୩ ଦିନ ଅପେକ୍ଷା କରିବାକୁ ପଡିବ ବୋଲି ସେ କହିଛନ୍ତି।



ଏମ୍.କେ. ଷ୍ଟାଲିନ୍

## ୟୁପି କ୍ୟାବିନେଟ୍‌ରୁ ରାଜଭର୍ ବହିଷ୍କୃତ

**ଲକ୍ଷ୍ନୌ,୨୦।୫(ପି.ଟି.)**



ଉତ୍ତରପ୍ରଦେଶ (ୟୁପି) ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ତାଙ୍କ ମନ୍ତ୍ରିମଣ୍ଡଳରୁ ଏନ୍‌ଡିଏ ସହଯୋଗୀ ଏସ୍‌ବିଏସ୍‌ପି (ସୁହେଲଦେବ ଭାରତୀୟ ସମାଜ ପାର୍ଟି) ନେତା ଓମ୍ ପ୍ରକାଶ ରାଜଭର୍‌ଙ୍କୁ ବହିଷ୍କାର ଲାଗି ସୋମବାର ରାଜ୍ୟପାଳଙ୍କୁ ସୁପାରିସ କରିଛନ୍ତି। ନିର୍ବାଚନ ପ୍ରଚାର ବେଳେ ଭାଜପା ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଇଥିବାରୁ ରାଜଭର୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଭାଜପା ସଦସ୍ୟମାନଙ୍କୁ ଜୋତାରେ ପିଟିବା ଉଚିତ ବୋଲି ସେ କହିଥିଲେ। ରାଜ୍ୟ କ୍ୟାବିନେଟ୍‌ରେ ଥିବା ଏସ୍‌ବିଏସ୍‌ପିର ଅନ୍ୟ ସଦସ୍ୟମାନଙ୍କୁ ତୁରନ୍ତ ବହିଷ୍କାର କରାଯିବାକୁ ଆଦିତ୍ୟନାଥ ସୁପାରିସ କରିଥିବା ଜଣାପଡ଼ିଛି। ପଛୁଆବର୍ଗ ଏବଂ ଦିବ୍ୟାଙ୍ଗ ଜନ କଲ୍ୟାଣ ବିଭାଗ ମନ୍ତ୍ରୀ ଥିବା ରାଜଭର ନିକଟରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପତ୍ର ଲେଖି କ୍ୟାବିନେଟ୍‌ରୁ ଇସ୍ତଫା ଦେଇଥିବା କଥା ଜଣାଇଥିଲେ। ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଯିବାକୁ ରାଜଭର ସ୍ୱାଗତ କରିଛନ୍ତି। ଏଭଳି ନିଷ୍ପତ୍ତି ଆଗରୁ ନେଇଥିଲେ ଭଲ ହୋଇଥାଆନ୍ତା ବୋଲି ସେ କହିଛନ୍ତି।



ନିର୍ବାଚନ ପରବର୍ତ୍ତୀ ମେଣ୍ଟ ଗଠନ ଲାଗି କୋଲକାତାରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭେଟିଛନ୍ତି।

## 'ଇଭିଏମ୍ ସଂଖ୍ୟାରେ ଅମେଳ ହେଲେ ସବୁ ଭିଭିପିଏଟି ସ୍ଲିପ୍ ଗଣାଯାଉ'

**ନୂଆଦିଲ୍ଲୀ,୨୦।୫(ପି.ଟି.)**



ସୀତାରାମ ୟେଚୁରୀ

ଇଭିଏମ୍ ବିଶ୍ୱସନୀୟତାର ପ୍ରମାଣ ଲାଗି ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀର ୫ଟି ବୁଥ୍‌ର ଇଭିଏମ୍ ସଂଖ୍ୟା ସହ ଭିଭିପିଏଟି ସ୍ଲିପ୍ ଗଣନା କରିବା ଲାଗି ବ୍ୟବସ୍ଥା ରହିଛି। ଯଦି ଉଭୟ ସଂଖ୍ୟା ମେଳ ନ ଖାଏ, ତେବେ ଭିଭିପିଏଟି ସଂଖ୍ୟାକୁ କାଏମ ରଖାଯିବ ବୋଲି ନିର୍ବାଚନ କମିଶନ କହିଛନ୍ତି। ତେବେ ଇଭିଏମ୍ ଓ ଭିଭିପିଏଟି ସଂଖ୍ୟାରେ ତାଳମେଳ ନ ରହିଲେ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀର ସବୁ ଭିଭିପିଏଟି ସ୍ଲିପ୍ ଯାଞ୍ଚ କରିବା ଲାଗି ନୂଆ ନିୟମ ପ୍ରଣୟନ କରାଯାଉ ବୋଲି ସିପିଆଇ(ଏମ୍) ପକ୍ଷରୁ ଦାବି କରାଯାଇଛି। ୫୦ ପ୍ରତିଶତ ଇଭିଏମ୍‌କୁ ଭିଭିପିଏଟି ସ୍ଲିପ୍ ସହ ମେଳ କରିବାକୁ ୨୧ଟି ବିରୋଧୀ ଦଳ ପକ୍ଷରୁ ଦାଏର ରିଭ୍ୟୁ ପିଟିସନ ସୁପ୍ରିମକୋର୍ଟରେ ଖାରଜ ହୋଇଥିବା ପରେ ଏଥିପାଇଁ ନୂଆ ନିୟମ ପ୍ରଣୟନ କରିବାକୁ ବିରୋଧୀ ଦଳଗୁଡିକ ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ଦାବି କରିଥିଲେ। ଯଦି ଗୋଟିଏ ଭିଭିପିଏଟି ଗଣନା ଇଭିଏମ୍ ସହ ସମାନ ନ ହୁଏ, ତେବେ ଏହା ନିର୍ବାଚନ ପ୍ରକ୍ରିୟାର ସାଧୁତା ଉପରେ ପ୍ରଶ୍ନ ଉଠାଇବ। ସେଥିପାଇଁ ଉକ୍ତ ନିର୍ବାଚନ ମଣ୍ଡଳୀର ସମସ୍ତ ଭିଭିପିଏଟି ଯାଞ୍ଚ ହେବା ଜରୁରୀ ବୋଲି ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ କହିଛନ୍ତି।

## ଇଭିଏମ୍‌କୁ ନେଇ ପ୍ରଶ୍ନ ଉଠାଇଲେ କୁମାରସ୍ୱାମୀ

**ବେଙ୍ଗାଲୁରୁ,୨୦।୫(ପି.ଟି.)**

ଲୋକ ସଭା ନିର୍ବାଚନରେ କର୍ଣ୍ଣାଟକରେ ଭାଜପା ପୂର୍ଣ୍ଣ ବହୁମତ ହାସଲ କରିବ ବୋଲି ଅଧିକାଂଶ ଏକ୍‌ଜିଟ୍ ପୋଲ୍ (ବୁଥ୍‌ଫେରନ୍ତା ମତ) ସର୍ଭେ ରିପୋର୍ଟରେ ପୂର୍ବାନୁମାନ କରାଯିବା ପରେ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍)ର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଏକ୍‌ଜିଟ ପୋଲ୍ ମାଧ୍ୟମରେ କୃତ୍ରିମ ଭାବେ ମୋଦିଲହର ସୃଷ୍ଟି କରାଯାଉଛି। ମେ ୨୩ରେ ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ଆବଶ୍ୟକ ସଂଖ୍ୟା ଯୋଗାଡ ଲାଗି ଆଞ୍ଚଳିକ ଦଳଗୁଡ଼ିକୁ ଆଗୁଆ ପ୍ରଲୋଭିତ କରିବା ନିମନ୍ତେ ଭାଜପାର ଏହା ଏକ ପ୍ରୟାସ ବୋଲି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଟ୍ୱିଟ୍ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନରେ ଇଭିଏମ୍‌ର ବିଶ୍ୱସନୀୟତାକୁ ନେଇ ସମସ୍ତ ବିରୋଧୀ ଦଳ ଚିନ୍ତାବ୍ୟକ୍ତ କରୁଛନ୍ତି। ତ୍ରୁଟିପୂର୍ଣ୍ଣ ଇଭିଏମ୍ ବଦଳରେ ବାଲଟ ପେପରର ପୁନଃପ୍ରଚଳନ ଲାଗି ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ଇଭିଏମ୍ ଜାଲିଆତିର ଯଥେଷ୍ଟ ସମ୍ଭାବନା ଥିବା କୁମାରସ୍ୱାମୀ କହିଛନ୍ତି। ଏପରିକି ବିକଶିତ ରାଷ୍ଟ୍ରଗୁଡ଼ିକ ମଧ୍ୟ ନିର୍ବାଚନରେ ପାରମ୍ପରିକ ବାଲଟ ପେପରର ବ୍ୟବହାର କରୁଛନ୍ତି। ରବିବାର ପ୍ରକାଶ ପାଇଥିବା ଏକ୍‌ଜିଟ ପୋଲ୍ ରିପୋର୍ଟ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ଇଭିଏମ୍ ଅପବ୍ୟବହାର ଚିନ୍ତା ବଢ଼ାଇଦେଇଛି ବୋଲି କୁମାରସ୍ୱାମୀ ଆଉ ଏକ ଟ୍ୱିଟ୍‌ରେ କହିଛନ୍ତି। ଜଣେ ନିର୍ଦ୍ଦିଷ୍ଟ ନେତା ଏବଂ ଦଳ ସପକ୍ଷରେ ଭୁଲ୍ ମନୋଭାବ ସୃଷ୍ଟି କରିବା ଲାଗି ସମସ୍ତ ଏକ୍‌ଜିଟ ପୋଲ୍ ଉଦ୍ୟମ କରିଛନ୍ତି। ସେ ନିଶ୍ଚୟ ଅଛନ୍ତି। ନିଜ ଅନୁଯାୟୀ ଏହି କେବଳ ଏକ୍‌ଜିଟ ପୋଲ୍, ପ୍ରକୃତ ଫଳାଫଳ ନୁହେଁ ବୋଲି କୁମାରସ୍ୱାମୀ କହିଛନ୍ତି।



### ଉଗାଣ୍ଡାରେ ବୋଟ୍ ଦୁର୍ଘଟଣା: ୮ ମୃତ, ୧୫ ନିଖୋଜ

**କାମ୍ପାଲା,୨୦।୫(ଏଏଫ୍‌ପି)–** ଲେକ୍ ଆଲବର୍ଟରେ ଏକ ବୋଟ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୮ ଫୁଟବଲ୍ ଖେଳାଳିଙ୍କ ମୃତ୍ୟୁ ଘଟିଛି ଏବଂ ୧୫ଜଣ ନିଖୋଜ ଅଛନ୍ତି। ଉଗାଣ୍ଡା ପଶ୍ଚିମ ଭାଗରେ ଥିବା ଏକ ହ୍ରଦରେ ଯାଉଥିବାବେଳେ ବୁଡ଼ିଯାଇଥିଲା। ଏଥିରେ ଆବଶ୍ୟକତାଠାରୁ ଅଧିକ ଯାତ୍ରୀ ଥିଲେ ଏବଂ ପ୍ରତିକୂଳ ପାଗ ଯୋଗୁ ଡଙ୍ଗାଟି ଓଲଟି ପଡିଥିବା ପୋଲିସ ଅନୁମାନ କରୁଛି। ଏ ପର୍ଯ୍ୟନ୍ତ ୮ ମୃତଦେହ ଉଦ୍ଧାର କରାଯାଇଛି। ୧୫ ଜଣ ନିଖୋଜ ଅଛନ୍ତି। ନିଜ ଅନୁସନ୍ଧାନ ଆରମ୍ଭ ହୋଇଥିବା ଉଗାଣ୍ଡାର ଆଞ୍ଚଳିକ ମୁଖପାତ୍ର ଜୁଲିଅସ୍ ଆଲାନ୍ ହାକିଜା ସୂଚନା ଦେଇଛନ୍ତି।

## ଆଜି ବିରୋଧୀ ଦଳ ନେତାଙ୍କ ବୈଠକ

**ନୂଆଦିଲ୍ଲୀ,୨୦।୫ (ପି.ଟି.)**

**ଭିଭିପିଏଟି ନେଇ ଇସିଙ୍କୁ ଭେଟିବେ**

ନିର୍ବାଚନ ଫଳ ପ୍ରକାଶର ଦୁଇଦିନ ପୂର୍ବରୁ ମଙ୍ଗଳବାର ବିରୋଧୀ ଦଳ ନେତାମାନଙ୍କର ଏକ ବୈଠକ ନୂଆଦିଲ୍ଲୀରେ ବସୁଛି। ଏଥିରେ ରାଜନୈତିକ ସ୍ଥିତି ଏବଂ ସରକାର ଗଠନ ଲାଗି ଅଣଏନ୍‌ଡିଏ ମେଣ୍ଟ ସମ୍ଭାବନାକୁ ନେଇ ଆଲୋଚନା କରାଯିବ। ବିରୋଧୀ ଦଳଗୁଡ଼ିକୁ ଏକାଠି କରିବା ଲାଗି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରବାବୁ ନାଇଡୁ ଉଦ୍ୟମ ଚଳାଇଛନ୍ତି। ସୋମବାର ସେ କୋଲକାତାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭେଟି ଝୁଲା ପାର୍ଲାମେଣ୍ଟ ହେଲେ ଅଣଭାଜପା ସରକାର ଗଠନ ନେଇ ଆଲୋଚନା କରିଛନ୍ତି। ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ମଧ୍ୟ ଫୋନ ଯୋଗେ ମମତାଙ୍କ ସହ ମହାମେଣ୍ଟ ସମ୍ପର୍କରେ ଆଲୋଚନା କରିଥିବା ଜଣାପଡିଛି। ରବିବାର ଚନ୍ଦ୍ରବାବୁ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏବଂ ଏନ୍‌ସିପି ସୁପ୍ରିମୋ ଶରଦ ପାୱାରଙ୍କୁ ଭେଟିଥିଲେ। ଏନ୍‌ଡିଏ ସରକାର ଗଢ଼ିବ ବୋଲି ଏକ୍‌ଜିଟ ପୋଲ୍ ପୂର୍ବାନୁମାନ ସତ୍ତ୍ୱେ ବିରୋଧୀ ଦଳଗୁଡ଼ିକ ଏହାକୁ ଗ୍ରହଣ କରିବାକୁ ନାରାଜ। ମଙ୍ଗଳବାର ବିରୋଧୀ ନେତାମାନେ ଭିଭିପିଏଟି ପ୍ରସଙ୍ଗ ନେଇ ନିର୍ବାଚନ କମିଶନଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ଇଭିଏମ୍ ସଂଖ୍ୟା ସହ ଭିଭିପିଏଟି ସ୍ଲିପ୍‌ର ମେଳ ନ ହେଲେ ସମଗ୍ର ନିର୍ବାଚନ ମଣ୍ଡଳୀର ଭିଭିପିଏଟି ସ୍ଲିପ୍ ଗଣନା ଲାଗି ସେମାନେ ଦାବି କରିବେ।

## ୨୦୧୬ ସେପ୍ଟେମ୍ବରରେ ହୋଇଥିଲା ପ୍ରଥମ ସର୍ଜିକାଲ ଷ୍ଟ୍ରାଇକ୍

**ନୂଆଦିଲ୍ଲୀ,୨୦।୫**

ସେନା ପକ୍ଷରୁ ପ୍ରଥମ ସର୍ଜିକାଲ୍ ଷ୍ଟ୍ରାଇକ୍ ୨୦୧୬ ସେପ୍ଟେମ୍ବର ମାସରେ କରାଯାଇଥିଲା। ଉରି ଗ୍ୟାରିଶନ୍ ଆକ୍ରମଣର ପ୍ରତିଶୋଧ ନେବା ଲାଗି ସେନା ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିଲା ବୋଲି ଜେନେରାଲ୍ ଅଫିସର କମାଣ୍ଡି ଇନ୍ ଚିଫ୍, ନର୍ଦ୍ଦନ କମାଣ୍ଡ ଲ୍ୟୁଟେନାଣ୍ଟ ଜେନେରାଲ୍ ରଣବୀର ସିଂ ସୋମବାର ପ୍ରକାଶ କରିଛନ୍ତି।

ପ୍ରକାଶଥାଉ କି, କିଛିଦିନ ପୂର୍ବରୁ ଜିଜ୍ଞାସିତ ଆର୍ଟିଆଇ ଉତ୍ତରରେ ଏଭଳି ତଥ୍ୟ ଦେଇଥିଲା। ବାଲାକୋଟ୍‌ରେ ଭାରତୀୟ ବାୟୁସେନାର ସର୍ଜିକାଲ୍ ଷ୍ଟ୍ରାଇକ୍ ସବୁଠାରୁ ସଫଳ ଥିଲା ବୋଲି ସେ କହିଛନ୍ତି। ଫେବୃୟାରୀ ୨୭ରେ ସେନା ପକ୍ଷରୁ ଜୈଶ୍-ଏ-ମହମ୍ମଦ ଆତଙ୍କବାଦୀ ଆଡ୍ଡାକୁ ଟାର୍ଗେଟ କରି ଆକ୍ରମଣ କରାଯାଇଥିଲା। ପାକିସ୍ତାନ ବାୟୁସେନା ଭାରତ ଉପରେ ପ୍ରତିଆକ୍ରମଣ ଲାଗି ପ୍ରୟାସ କରି ଶେଷରେ ବିଫଳ ହେଲା। ପ୍ରକାଶଥାଉ କି, କିଛିଦିନ ପୂର୍ବରୁ କଂଗ୍ରେସ ପକ୍ଷରୁ ଭାରତୀୟ ସେନା ୬ଥର ସର୍ଜିକାଲ୍ ଷ୍ଟ୍ରାଇକ୍ କରିସାରିଛି ବୋଲି କହିଥିଲା। ଉପା ସରକାରବେଳେ ଏହା ସଫଳତାର କରାଯାଇଥିଲା ବୋଲି ଦାବି କରାଯାଇଥିଲା। ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ରାଜୀବ ଶୁକ୍ଲା କେବେ କେବେ ସର୍ଜିକାଲ୍ ଷ୍ଟ୍ରାଇକ୍ ହୋଇଥିଲା ତା'ର ବିବରଣୀ ପ୍ରଦାନ କରିଥିଲେ। ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ମଧ୍ୟ ୨ ଥର ଏଭଳି ସର୍ଜିକାଲ୍ ଷ୍ଟ୍ରାଇକ୍ କରାଯାଇଥିବା ସେ ଦର୍ଶାଇଥିଲେ। ହେଲେ ଏଥିରୁ ଫାଇଦା ନେବାଲାଗି ମନମୋହନ ସିଂ କିମ୍ବା ବାଜପେୟୀ ସାମ୍ବାଦିକ ସମ୍ମିଳନୀ କରି ନ ଥିଲେ ବୋଲି ଶୁକ୍ଲା ଦର୍ଶାଇଥିଲେ।



ଜେନେରାଲ ରଣବୀର ସିଂ

## କାନ୍ସ ଫେଷ୍ଟିଭାଲ୍‌ରେ ଐଶ୍ୱର୍ଯ୍ୟା

**କାନ୍ସ:** ପୂର୍ବତନ ବିଶ୍ୱ ସୁନ୍ଦରୀ ତଥା ବଲିଉଡ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ଯୋଗଦେଇ ରେଡ୍ କାର୍ପେଟରେ ଚାଲିଛନ୍ତି। ସେ ଏକ ମେଟାଲିକ୍ ଗୋଲ୍ଡେନ୍ ମେରମେଡ୍ (ମତ୍ସ୍ୟକନ୍ୟା ଭଳି ଦୃଶ୍ୟମାନ) ଗାଉନ୍ ପରିଧାନ କରି ରମଣୀୟ ଦେଖାଯାଉଛନ୍ତି। ନୀଳନୟନା ଏହି ଭାରତୀୟ ଲଲନା କାନ୍ସ ଫିଲ୍ମ ଫେଷ୍ଟିଭାଲର ୭୨ତମ ସଂସ୍କରଣରେ ରବିବାର ରାତିରେ ପ୍ରଥମକରି ଦୃଶ୍ୟମାନ ହୋଇଥିଲେ। ତାଙ୍କ ସହ ଥିଲେ ତାଙ୍କର ଏକମାତ୍ର କନ୍ୟା ଆରାଧ୍ୟା।



ଐଶ୍ୱର୍ଯ୍ୟା ଲେବାନୀୟ ଡିଜାଇନର ଜିନ୍-ଲୁଇସ୍ ସବାଜିଙ୍କ ଦ୍ୱାରା ପ୍ରସ୍ତୁତ ଏକ ଗାଉନ ପରିଧାନକରି 'ଏ ହିଡ଼ିନ୍ ଲାଇଫ୍'ର ପ୍ରିମିୟର ଉତ୍ସବରେ ଯୋଗଦେଇଥିଲେ। ୪୫ ବର୍ଷୀୟା ଏହି ଅଭିନେତ୍ରୀଙ୍କ ଚାହାଣି ସାମାନ୍ୟ ମେକ୍‌ଅପ୍‌ରେ ଖୁବ୍ ଆକର୍ଷଣୀୟ ଥିଲା। ଐଶ୍ୱର୍ଯ୍ୟା ତାଙ୍କ ଚାହାଣିର ଫଟୋ ଓ ଭିଡିଓ ଇନ୍‌ଷ୍ଟାଗ୍ରାମ୍‌ରେ ସେୟାର କରିଛନ୍ତି। ପ୍ରତିବର୍ଷ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଐଶ୍ୱର୍ଯ୍ୟା କସ୍‌ମେଟିକ୍ ବ୍ରାଣ୍ଡ ଏଲ୍' ଓରିଅଲ୍ ପ୍ୟାରିସ୍‌ର ପ୍ରତିନିଧିତ୍ୱ କରିଆସୁଛନ୍ତି।


**ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
(ଭାରତ ସରକାରଙ୍କ ଏକ ଉପକ୍ରମ)
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ପ୍ଲଟ୍ ନଂ.: ୧୦୮-ବି, ୟୁନିଟ୍-୭, ପ୍ରଥମ ମହଲା, ସୂର୍ଯ୍ୟନଗର, ଗୋପବନ୍ଧୁ ଛକ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୩, ଇମେଲ୍ : recoverybhubro@centralbank.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

"ପରିଶିଷ୍ଟ-୪-ଏ" [ରୁଲ୍ ୮(୬) ଦ୍ରଷ୍ଟବ୍ୟ] (ସ୍ଥାବର ସମ୍ପତ୍ତିଗୁଡ଼ିକ ବିକ୍ରୟ ନିମନ୍ତେ ବିକ୍ରୟ ନୋଟିସ୍)

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ୍।

ଅସୁରକ୍ଷିତ ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ସହିତ ଜ୍ଞାତ ଥିବା ଏନ୍‌କମ୍ବ୍ରାନ୍‌ସେସ୍, ଯଦି ଥାଏ

ସୁରକ୍ଷିତ ଋଣଦାତାଙ୍କୁ ଜ୍ଞାତ ଥିବା ଏନ୍‌କମ୍ବ୍ରାନ୍‌ସେସ୍ :

ଓଡ଼ିଶା ସରକାରଙ୍କ ନିମ୍ନଲିଖିତ ନିୟମ ଏବଂ ସର୍ତ୍ତାବଳୀ ଅନୁଯାୟୀ ଲିଜ୍ ହୋଲ୍ଡ ବନ୍ଧକ ସମ୍ପତ୍ତିକୁ ନିଲାମ ପାଇଁ ଅନୁମତି ଦେଇଛନ୍ତି:

** ମାନ୍ୟବର ହାଇକୋର୍ଟ ଓଡ଼ିଶା WP(C) No-17530 of 2017, ତାରିଖ: ୦୪.୦୯.୨୦୧୭ ...

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ସୁରକ୍ଷିତ ଋଣଦାତାଙ୍କର ପ୍ରଦତ୍ତ www.centralbankofindia.co.in ଲିଙ୍କ୍ ଦେଖନ୍ତୁ, ନିଲାମଧାରୀ https://centralbank.auctiontiger.net & https://ibapi.in ଦେଖନ୍ତୁ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮(୬)/ ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍

ସ୍ଥାନ : ଭୁବନେଶ୍ୱର, ତାରିଖ : ୨୦.୦୫.୨୦୧୯
କ୍ଷମତାପ୍ରାପ୍ତ ଅଧିକାରୀ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ଆମ୍ବ ଗଛରୁ ପଡ଼ି ଜଣଙ୍କର ମୃତ୍ୟୁ

ବ୍ରହ୍ମପୁର ଅଫିସ,୨୦।୫: ଗଛରେ ଚଢ଼ି ଆମ୍ବ ତୋଳୁଥିବା ବେଳେ ଅସାବଧାନତା ଯୋଗୁ ଖସିପଡି ଗୁରୁତର ହୋଇଥିବା ଅରକ୍ଷିତ ପ୍ରଧାନଙ୍କୁ ଏମ୍‌କେସିଜି ମେଡିକାଲରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୨୪୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରକାଶ ଯେ, ଅରକ୍ଷିତ ସୋମବାର ସକାଳେ ନିଜ ଖଳାରେ ଥିବା ଗଛରେ ଆମ୍ବ ତୋଳିବା ପାଇଁ ଚଢ଼ିଥିଲେ। ହଠାତ ତାଙ୍କ ଗୋଡ ଖସିଯିବାରୁ ସେ ପଡିଯାଇଥିଲେ। ଗୁରୁତର ଅବସ୍ଥାରେ ଅରକ୍ଷିତଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିଲା। ମେଡିକାଲ ଆଣିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିବା ଡ଼ାକ୍ତର ଘୋଷଣା କରିଥିଲେ।

### ମୋବାଇଲ ଫୋନ ଚୋରିକରି ଜଣେ ଗିରଫ

ବ୍ରହ୍ମପୁର ଅଫିସ,୨୦।୫: ଟ୍ରେନ ଯାତ୍ରୀଙ୍କ ମୋବାଇଲ ଫୋନ ଚୋରି କରିବା ଅଭିଯୋଗରେ ରେଳବାଇ ପୋଲିସ ସୋମବାର ଜଣଙ୍କୁ ଗିରଫ କରିଛି। ସେ ହେଲେ କୈଳାସ ବେହେରା। ସେ ଚୋରି କରି ନେଇଥିବା ମୋବାଇଲ ଫୋନ ପୋଲିସ ଜବତ କରିଛି। ମାମଲା ନଂ. ୩୩/୧୯ରେ କୈଳାସଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ଅଶୋକ କୁମାର ପଣ୍ଡା କହିଛନ୍ତି। ପ୍ରକାଶ ଯେ, ପୁରୀର ସୁବ୍ରତ କୁମାର ନାୟକ ବ୍ରହ୍ମପୁର ତାଙ୍କ ବନ୍ଧୁ ଘରକୁ ଆସିଥିଲେ। ସୋମବାର ସକାଳେ ସେ ବ୍ରହ୍ମପୁର ରେଳଷ୍ଟେଶନରେ ଟ୍ରେନକୁ ଅପେକ୍ଷା କରିଥିଲେ। ଜଣେ ଦୁର୍ବୃତ୍ତ ତାଙ୍କ ସାର୍ଟ ପକେଟରେ ଥିବା ମୋବାଇଲ ଫୋନଟି ଝାମ୍ପି ନେଇଯାଇଥିଲେ। ସେ ପାଟି କରିବାରୁ ସେଠାରେ ପାଟ୍ରୋଲିଂ କରୁଥିବା ପୋଲିସ କୈଳାସଙ୍କୁ କାବୁ କରି ଥାନାକୁ ଆଣିଥିଲେ।

### ଫୋରମ ଫର ଗଞ୍ଜାମ ପକ୍ଷରୁ ସ୍ମୃତିଚାରଣ ସଭା

ବ୍ରହ୍ମପୁର ଅଫିସ,୨୦।୫: ଫୋରମ ଫର ଗଞ୍ଜାମ ଅଧକ୍ଷ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ବାଣିଜ୍ୟ ବିଭାଗ ମୁଖ୍ୟ ତଥା ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ସ୍ୱର୍ଗତ ପ୍ରଫେସର ପ୍ରମୋଦ ସାହୁଙ୍କ ସ୍ମୃତିରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଫୋରମ ଫର ଗଞ୍ଜାମ ପକ୍ଷରୁ ସ୍ଥାନୀୟ ଏନଜିଓ ହଲରେ ଅନୁଷ୍ଠିତ ସଭାରେ ସଂଯୋଜକ ସୁଧୀର ରାଉତ ସଭାପତିତ୍ୱ କରିଥିଲେ। ବିଶିଷ୍ଟ ଶଲ୍ୟ ଚିକିତ୍ସକ ତଥା ଫୋରମ ଫର ଗଞ୍ଜାମ ଉପଦେଷ୍ଟା ପ୍ରଫେସର ନୃସିଂହ ଚରଣ ପାଢ଼ୀ ଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ସାହିତ୍ୟିକ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପ୍ରଫେସର ଅଲଟଫ ହୁସେନ ପ୍ରଫେସର ସାହୁଙ୍କ ଜୀବନ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧରେ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଫୋରମର ସଦସ୍ୟ ସାଗର ତ୍ରିପାଠୀ, ଜାମୁଲା ସୁରେଶ, ସ୍ୱରାଜ୍ୟ ସୁବୁଦ୍ଧି, ଶ୍ୟାମ ସୁନ୍ଦର ଖାଡଙ୍ଗା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ସାହୁଙ୍କ ସ୍ମୃତି ଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଫୋରମର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

■ ୨୩ରେ ଭୋଟ ଗଣତି: ଏସ୍‌ପିଙ୍କ ନିର୍ଦ୍ଦେଶ

# ଅପରାଧୀଙ୍କ ଉପରେ କଡ଼ା ନଜର ରଖ

■ସବୁ ମାମଲାର ଶୀଘ୍ର ତଦନ୍ତ
■ସପ୍ତାହରେ ଦିନେ ଜିରୋ ଟଲରାନ୍ସ

ବ୍ରହ୍ମପୁର ଅଫିସ,୨୦।୫

ବ୍ରହ୍ମପୁର ସହରରେ ଥିବା ୫ ଥାନାଧିକାରୀଙ୍କୁ ନେଇ ଅପରାଧ ସମୀକ୍ଷା କରିଛନ୍ତି ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର। ଜିଲା ପୋଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏସ୍‌ପି ମିଶ୍ର ରବିବାର ଅପରାଧ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସାଧାରଣ ନିର୍ବାଚନର ଫଳାଫଳ ଆସନ୍ତା ୨୩ରେ ଘୋଷଣା ହେବ। ସହରରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ଅପରାଧ ନିୟନ୍ତ୍ରଣ ପାଇଁ ଏବେଠୁ ପ୍ରସ୍ତୁତ ହେବାକୁ ଏସ୍‌ଡିପିଓ ଓ ସମସ୍ତ ଥାନାଧିକାରୀମାନଙ୍କୁ ଏସ୍‌ପି ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ ସମୟରେ ବିଭିନ୍ନ ଅଞ୍ଚଳରେ ଗୋଷ୍ଠୀ-ଗୋଷ୍ଠୀ ଓ ବ୍ୟକ୍ତି-ବ୍ୟକ୍ତିଙ୍କ ଭିତରେ ଶତ୍ରୁତା ଓ ବିବାଦ ରହିଥିଲା। କାଁ ଭାଁ ଛୋଟ ଗଣ୍ଡଗୋଳକୁ ଛାଡ଼ିଦେଲେ ମୋଟାମୋଟି ସହରରେ ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ସରିଛି। ତେବେ ସମସ୍ତ ପ୍ରାର୍ଥୀ ବିଜୟୀ ହେବା ଆଶା ରଖିଥିବା ବେଳେ ଫଳାଫଳ ଘୋଷଣା ପରେ ପରାଜିତ ପ୍ରାର୍ଥୀଙ୍କ ସମର୍ଥକମାନେ ଯେପରି କିଛି ଅଭାବନୀୟ କାଣ୍ଡ ନ ଘଟାଇବେ, ସେଥିପ୍ରତି ସତର୍କ ଦୃଷ୍ଟି ଦେବା ସହ ସେମାନଙ୍କ ଗତିବିଧି ଉପରେ ନଜର ରଖିବାକୁ ସମସ୍ତ ଥାନାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଫଳାଫଳ ଘୋଷଣା ପୂର୍ବରୁ ଓ ପରେ ଯେଉଁମାନେ ବିଶୃଙ୍ଖଳା ସୃଷ୍ଟି କରିବେ ସେମାନଙ୍କୁ ଗିରଫ କରିବାକୁ କୁହାଯାଇଛି। ପୁରୁଣା ମାମଲାର ତଦନ୍ତ ସାରିବା ସହ ସମସ୍ତ ମାମଲାଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବାକୁ କୁହାଯାଇଛି। ଯଥାଶୀଘ୍ର ପୁରୁଣା ମାମଲାଗୁଡ଼ିକର ତଦନ୍ତ ସାରି ଫେରାର ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଥାନାଧିକାରୀମାନଙ୍କୁ ଏସ୍‌ପି କହିଛନ୍ତି। ଥାନା ରେଜିଷ୍ଟର ଅପଟୁଡେଟ୍ ରଖିବାକୁ କୁହାଯାଇଛି। କେତେଜଣ ଅପରାଧୀଙ୍କ ନାଁରେ ୱାରେଣ୍ଟ ରହିଛି। ତା'ର ତାଲିକା ପ୍ରସ୍ତୁତ କରିବା ସହ ପ୍ରତି ମାସରେ କେତେଜଣ ୱାରେଣ୍ଟିଙ୍କୁ ଗିରଫ କରାଯାଉଛି। ସାଧାରଣ ଜନତା ଓ ମହିଳାଙ୍କୁ ସୁରକ୍ଷା ଦେବା ସହ ଅପରାଧୀଙ୍କ ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ସେ କହିଛନ୍ତି। ମହିଳା ଓ ଶିଶୁଙ୍କ ସମ୍ପର୍କିତ ମାମଲାଗୁଡ଼ିକୁ ଅଗ୍ରାଧିକାର ଦେଇ ଯଥାଶୀଘ୍ର ସମାଧାନ କରିବାକୁ କୁହାଯାଇଥିଲା। ସହରର ବିଭିନ୍ନ ହୋଟେଲ, ଲଜ୍ ଓ ରେଷ୍ଟୁରାଣ୍ଟ ଉପରେ ଚଢ଼ାଉ କରିବା ସହ ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିବାକୁ ସେ କହିଛନ୍ତି। ସହରରେ ପୋଲିସ ଏବେ ହେଲମେଟ ଚେକିଂ ଦିଗରେ ଧ୍ୟାନ ଦେଇ ଯାଇଛି। ଆଗକୁ ଏହା କଡ଼ାକଡ଼ି ପାଳନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବ୍ରହ୍ମପୁରରେ ଟ୍ରାଫିକ ସମସ୍ୟା ଜଟିଳ ହେଉଛି। ସପ୍ତାହରେ ଦିନେ ପ୍ରତି ଥାନା ପକ୍ଷରୁ ଜିରୋ ଟଲରାନ୍ସ ପାଳନ କରାଯିବ ବୋଲି ଏସ୍‌ପି କହିଛନ୍ତି। ଦୁର୍ଘଟଣା ରୋକିବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଦେଶକୁ ପାଳନ କରିବା ସହ ଯେପରି ଦୁର୍ଘଟଣା ସଂଖ୍ୟା କମିବ ସେଥିପ୍ରତି ଦୃଷ୍ଟି ଦେବାକୁ ଟ୍ରାଫିକ ଥାନାଧିକାରୀ ସୁମିତ କୁମାର କିଶାନଙ୍କୁ କୁହାଯାଇଛି। ଅନ୍ୟପଟେ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ ପୋଲିସ ନିଷ୍ପତ୍ତି ନେଇଛି। ଆଗାମୀ ଦିନରେ ଦୁର୍ଘଟଣା କମାଇବାକୁ ଉଦ୍ୟମ କରିବା ସହ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ପ୍ରତି କଡ଼ା ଆଭିମୁଖ୍ୟ ଗ୍ରହଣ କରାଯିବ। ସହରସାରା ଗାଡ଼ି ମୋଟର ଯାଞ୍ଚ ହେବ। ଯେଉଁମାନେ ନିୟମ ଉଲ୍ଲଂଘନ କରିଥିବେ ସେମାନଙ୍କଠାରୁ ଜରିମାନା ଆଦାୟ ହେବ। ସହରର ସବୁ ଥାନାରେ ଏହି ଅଭିଯାନ କରାଯିବ ବୋଲି ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଅନ୍ୟମାନଙ୍କ ମଧରେ ଅତିରିକ୍ତ ଏସ୍‌ପି ମାୟାଧର ସେଠୀ, ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତିଙ୍କ ସମେତ ସମସ୍ତ ଥାନାଧିକାରୀ ଉପସ୍ଥିତ ଥିଲେ।



ପ୍ରବଳ ଖରାକୁ ଦେଖି ବ୍ରହ୍ମପୁରର ଏମ୍‌କେଡି ଗ୍ରୁପ୍ ତରଫରୁ ଲୋକଙ୍କୁ ଦହି ଚଲା ପଣା ବଣ୍ଟନ କରାଯାଉଛି।(ଫଟୋ: ସମୀର)

## ଗରମ ପାଣି ପଡ଼ି ଶିଶୁ ମୃତ

ବ୍ରହ୍ମପୁର ଅଫିସ,୨୦।୫

ଗରମ ପାଣି ପଡି ଗୁରୁତର ହୋଇଥିବା ୨ ବର୍ଷର ଶିଶୁର ମୃତ୍ୟୁ ହୋଇଛି। ମୃତ ଶିଶୁ ହେଲେ ବରଗଡ ଥାନା ଅନ୍ତର୍ଗତ ବାଲିନାଲ ଗ୍ରାମର ସୁବାସ ନାୟକଙ୍କ ପୁଅ ସୁଦୀପ (୨) ବୋଲି ମେଡିକାଲ ଫାଣ୍ଡି ପୋଲିସ କହିଛି। ପୋଲିସ ମୃତଦେହ ଜବତ କରି ନଂ. ୨୪୫/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରକାଶ ଯେ, ଗତ ୧୫ ତାରିଖରେ ସୁଦୀପ ତାଙ୍କ ମା'ଙ୍କ ସହ ମାମୁ ଘର ବ୍ରାହ୍ମଣୀଗାଁ ଲଣ୍ଡାଗୁଡି ଗ୍ରାମକୁ ଯାଇଥିଲେ। ଗତ ୧୮ ତାରିଖ ସନ୍ଧ୍ୟାରେ ସୁଦୀପଙ୍କ ମା' ଗ୍ୟାସରେ ଚା' ପ୍ରସ୍ତୁତ କରିବା ଲାଗି ପାଣି ବସାଇଥିଲେ। ସେହି ସମୟରେ ସୁଦୀପ କେଟିଲକୁ ଟାଣି ଦେଇଥିଲେ। ଫଳରେ ଗରମ ପାଣି ତାଙ୍କ ମୁହଁ ଓ ଛାତିରେ ପଡିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶିଶୁଟିର ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ୪ ମାସ ହେଲା ଦରମା ପାଇନାହାନ୍ତି ବିଏସ୍‌ଏନ୍‌ଏଲ୍ କର୍ମଚାରୀ



ବିଏସ୍‌ଏନ୍‌ଏଲ୍ ଠିକା କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବ୍ରହ୍ମପୁର ଅଫିସ,୨୦।୫

ଭାରତ ସଂଚାର ନିଗମ ଲିମିଟେଡ୍(ବିଏସ୍‌ଏନ୍‌ଏଲ୍)ରେ ଠିକା ଏବଂ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ଗତ ୪ ମାସ ହେଲା ଦରମା ମିଳିନି। ଫଳରେ ସେମାନଙ୍କ ପକ୍ଷେ ଘର ଚଳାଇବା କଷ୍ଟକର ହୋଇପଡ଼ିଲାଣି। ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳୁ ନାହିଁ। ସୋମବାର ବିଏସ୍‌ଏନ୍‌ଏଲ୍ କାଜୁଆଲ୍ କର୍ମଚାରୀ ସଂଘ ଆହ୍ୱାନରେ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି।

କର୍ମଚାରୀଙ୍କ ଅଭିଯୋଗ ହେଲା, ସେମାନେ ବିଭିନ୍ନ ଠିକା ସଂସ୍ଥା ଅଧୀନରେ ବିଏସ୍‌ଏନ୍‌ଏଲ୍‌ରେ ଦୀର୍ଘ ବର୍ଷ ହେଲା କାର୍ଯ୍ୟ କରୁଛନ୍ତି। କିନ୍ତୁ ଗତ ୪ମାସ ହେଲା ସେମାନଙ୍କୁ ଦରମା ମିଳିନି। ଏନେଇ କେତେକ ବରିଷ୍ଠ ଅଧିକାରୀଙ୍କୁ ଗୁହାରି କରିବା ପରେ ସେମାନେ କହିଥିଲେ, ପାଣ୍ଠି ନାହିଁ, ଆସିଲେ ଦରମା ମିଳିବ। ଅନ୍ୟପଟେ ଠିକା ସଂସ୍ଥାକୁ ମଧ୍ୟ ଗତ ଡିସେମ୍ବରରୁ ଟଙ୍କା ଦିଆଯାଇ ନାହିଁ। ଏଣୁ ସେ କର୍ମଚାରୀଙ୍କୁ ଦରମା ଦେଇପାରୁ ନାହାନ୍ତି। ଏପରିକି ଠିକା ସଂସ୍ଥା ଟଙ୍କା ପାଉ ନ ଥିବା ଯୋଗୁ କର୍ମଚାରୀଙ୍କ ଭବିଷ୍ୟନିଧି ପାଣ୍ଠିରେ ଟଙ୍କା ଜମା କରାଯାଉ ନାହିଁ। ବିଏସ୍‌ଏନ୍‌ଏଲ୍‌ର ନିୟମିତ କର୍ମଚାରୀମାନେ ମୋଟା ଅଙ୍କର ଦରମା ପାଉଛନ୍ତି। ହେଲେ ସ୍ୱଳ୍ପ ଦରମାରେ କାମ କରୁଥିବା ଠିକା କର୍ମଚାରୀମାନଙ୍କୁ ଦରମା ଦେବା ପାଇଁ ବିଏସ୍‌ଏନ୍‌ଏଲ୍ ପାଖରେ ଟଙ୍କା ନାହିଁ।

ଏଣୁ ତୁରନ୍ତ ଦରମା ପ୍ରଦାନ ସହ ଭବିଷ୍ୟନିଧି ପାଣ୍ଠିରେ ଟଙ୍କା ଜମା କରିବା ଦାବିରେ କର୍ମଚାରୀମାନେ ସୋମବାର ଦିନିକିଆ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଏନେଇ ଏକ ଦାବିପତ୍ର ବିଏସ୍‌ଏନ୍‌ଏଲ୍‌ର ବରିଷ୍ଠ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ସଂଘ ସମ୍ପାଦକ ଅଶୋକ କୁମାର ବେହେରା, ଏସ୍.କେ. ଗିରି, ସୋମନାଥ ମହାପାତ୍ର, କେ. ବାସୁଦେବ, କେ. ରବି କୁମାର, ସଞ୍ଜୟ କୁମାର ମହାନ୍ତିଙ୍କ ସମେତ ବହୁ କର୍ମଚାରୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

## ଅଭିଯୋଗକୁ ସିପିଏସ୍ ପରିଚାଳନା କମିଟିର ଖଣ୍ଡନ

ବ୍ରହ୍ମପୁର ଅଫିସ୍,୨୦।୫

କଲେଜ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍ସ(ସିପିଏସ୍)ରେ ବ୍ୟାପକ ଅନିୟମିତତା ନେଇ କେତେକ ସଂଗଠନ ଅଭିଯୋଗ କରିବା ପରେ କଲେଜ ପରିଚାଳନା କମିଟି ପକ୍ଷରୁ ଏହାକୁ ଦୃଢ଼ ଖଣ୍ଡନ କରାଯାଇଛି। ପ୍ରତିଷ୍ଠାଠାରୁ ଏହି କଲେଜରୁ ବହୁ ମେଧାବୀ ଛାତ୍ରୀଛାତ୍ର ବାହାରି ଅନେକ ପ୍ରତିଷ୍ଠିତ ସଂସ୍ଥାରେ କାର୍ଯ୍ୟ କରୁଛନ୍ତି। ଓଡ଼ିଶା ତଥା ଭାରତ ବର୍ଷରେ ଖ୍ୟାତି ଅର୍ଜନ କରିଛି। ପ୍ରତି ବର୍ଷ କଲେଜର ଅଡିଟ୍ ହେଉଛି। ସେଇ ରିପୋର୍ଟକୁ ସମସ୍ତ ଅନୁମୋଦନକାରୀଙ୍କୁ ଦିଆଯାଏ। କଲେଜ ପରିଚାଳନା ଦାୟିତ୍ୱରେ ଥିବା ଗଞ୍ଜାମ ଆଣ୍ଡ ଫୁଲବାଣୀ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ସଂଘ ନିର୍ବାଚନ ପ୍ରତି ୩ ବର୍ଷରେ ଥରେ ଅନୁଷ୍ଠିତ ହୋଇଥାଏ। କଲେଜ ପରିଚାଳନାରେ କୌଣସି ପ୍ରକାର ଅନିୟମିତତା ହୋଇନାହିଁ। କିନ୍ତୁ ଗତ ୧୮ତାରିଖରେ କଲେଜ ବିରୋଧରେ କେତେକ ସଂଗଠନ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗଗୁଡ଼ିକ ମିଥ୍ୟା। କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ପ୍ରରୋଚନାରେ ଏସବୁ ଅଭିଯୋଗ କରାଯାଉଛି ବୋଲି କମିଟି ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି।

## ଆଞ୍ଚଳିକ ନିଦାନ କେନ୍ଦ୍ରରେ ରୋଗୀଙ୍କୁ ଶୋଷଣ




ଆର୍‌ଡିସି ସମ୍ମୁଖରେ ଘଣ୍ଟ ପିଟି ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବ୍ରହ୍ମପୁର ଅଫିସ୍,୨୦।୫

ବ୍ରହ୍ମପୁର ବଡ଼ ମେଡ଼ିକାଲ୍ ପରିସରରେ ଥିବା ଆଞ୍ଚଳିକ ନିଦାନ କେନ୍ଦ୍ର(ଆର୍‌ଡିସି)ରେ ରୋଗୀଙ୍କୁ ଶୋଷଣ ଏବଂ ଦୁର୍ବ୍ୟବହାର କରାଯାଉଥିବା ନେଇ ସୋମବାର ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଆଣି ଘଣ୍ଟଯାତ୍ରା ମାଧ୍ୟମରେ ଆର୍‌ଡିସି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି ମାନବ ଅଧିକାର ସୁରକ୍ଷା ମଞ୍ଚ। ଅଭିଯୋଗ ଅନୁଯାୟୀ, ଆର୍‌ଡିସିରେ ରୋଗୀଙ୍କୁ ଶୋଷଣ କରାଯାଉଛି। କେତେକ କର୍ମଚାରୀ ରୋଗୀଙ୍କୁ ଖରାପ ଭାଷାରେ ଗାଳି ଗୁଲଜ କରୁଛନ୍ତି। ରିପୋର୍ଟ ନେବା ପାଇଁ ବହୁ ସମୟ ଅପେକ୍ଷା କରିବାକୁ ପଡୁଛି। ରୋଗୀଙ୍କ ସଂଖ୍ୟା ବଢୁଥିବା ବେଳେ ତଦନୁଯାୟୀ ରକ୍ତ ଓ ମୂତ୍ର ନମୁନା ପରୀକ୍ଷା ଠିକ୍ ଭାବେ କରାଯାଉ ନାହିଁ। ଏଣୁ ଆର୍‌ଡିସିକୁ ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ କରିବା, ତୁରନ୍ତ ରିପୋର୍ଟ ପ୍ରଦାନ କରିବା, ସିସି କ୍ୟାମେରା ଲଗାଇବା, ମହିଳା ଓ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ି ବ୍ୟବସ୍ଥା, ଠିକ୍ ସମୟରେ କେନ୍ଦ୍ର ଖୋଲିବା ସହ ଅନ୍ୟାନ୍ୟ ଦାବିରେ ଏହି ଘଣ୍ଟଯାତ୍ରା କରାଯାଇଥିଲା। ଶେଷରେ ଅଧକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ମଞ୍ଚ ସଂଯୋଜକ ଅବନୀ କୁମାର ଗୟା, ମହେଶ୍ୱର ବାଡ଼ତ୍ୟା, କାହ୍ନୁଚରଣ ସ୍ୱାଇଁ, ଧନୁର୍ଜୟ ପାତ୍ର, ତଅପୋଇ ବେହେରା, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ମାଗୁଣି ନାହାକ, ଶାନ୍ତନୁ ବେହେରା, ପୂର୍ଣ୍ଣଚନ୍ଦ୍ର ମହାରଣା ଓ ବିପିନ ଚନ୍ଦ୍ର ନାହାକ ପ୍ରମୁଖ ଏଥିରେ ଭାଗ ନେଇଥିଲେ।

## ହତ୍ୟା ଉଦ୍ୟମ ମାମଲା, ୪ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ, ୨୦।୫

ଜଣେ ଯୁବକଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା ମାମଲା ଏସ୍‌ଟି ୬୭/୧୮ର ଶୁଣାଣି କରି ପ୍ରମାଣ ଅଭାବରୁ ସୋମବାର ମୁଖ୍ୟ ବିଚାର ବିଭାଗ ମାଜିଷ୍ଟ୍ରେଟ (ସିଜେଏମ) ପ୍ରଜ୍ଞା ରାଉଳ ୪ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ଆମ୍ବଗଡ ଗ୍ରାମର ମିହିର ଡାକୁଆ, ପ୍ରଶାନ୍ତ ବେହେରା, ସନ୍ତୋଷ ପଣ୍ଡା ଓ ପ୍ରଶାନ୍ତ ମହାଙ୍କୁଡ ବୋଲି ସେମାନଙ୍କ ଓକିଲ ପ୍ରଦୀପ କୁମାର ବେହେରା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ୨୦୧୫ ଡିସେମ୍ବର ୨୭ରେ ଆମ୍ବଗଡ ଗ୍ରାମର ପ୍ରଭାତ ରଞ୍ଜନ ସାହୁ ଏକ ଦୋକାନ ପାଖରେ ଠିଆ ହୋଇଥିବା ବେଳେ ତାଙ୍କୁ ଉପରୋକ୍ତ ଅଭିଯୁକ୍ତମାନେ ଏଠାରେ କାହିଁକି ଠିଆ ହୋଇଛୁ ବୋଲି କହିବା ସହ ଖଣ୍ଡାରେ ଘାତକ ଆକ୍ରମଣ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରଭାତଙ୍କୁ ବ୍ରହ୍ମପୁର ବଡ ମେଡିକାଲ ପଠାଇଥିଲା। ଉପରୋକ୍ତ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଅଭିଯୁକ୍ତମାନେ ଜାମିନରେ ଛାଡ଼ ପାଇଥିଲେ। ସୋମବାର ଏହି ମାମଲାର ବିଚାର ବେଳେ ୧୬ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଅଭିଯୁକ୍ତମାନଙ୍କୁ ସିଜେଏମ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ରାଜେନ୍ଦ୍ର ସାବତ ଓ ମୁଦଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ କୁମାର ବେହେରା ମକଦ୍ଦମା ପରିଚାଳନା କରିଥିଲେ।

## ଜାଗୁଆର ଏକାଡେମୀକୁ ୪୨ ପଦକ

ବ୍ରହ୍ମପୁର ଅଫିସ୍,୨୦।୫

ଛତ୍ରପୁରସ୍ଥିତ ରିଡିଙ୍ଗ୍ ରୁମ୍ ପରିସରରେ ରବିବାର ସପ୍ତମ ଗଞ୍ଜାମ ଜିଲାସ୍ତରୀୟ କ୍ୟୁରୋଗୀ ଏବଂ ଷଷ୍ଠ ପୁମ୍‌ସେ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ବ୍ରହ୍ମପୁରସ୍ଥିତ ଜାଗୁଆର୍ ଏକାଡ଼େମୀ ଅଫ୍ ମାର୍ଶଲ୍ ଆର୍ଟ୍ସ(ଜାମ୍‌ସ)ର ୩୨ଜଣ ଖେଳାଳି ଭାଗ ନେଇଥିଲେ। ସେମାନେ ମୋଟ ୪୨ ପଦକ ଜିତିଛନ୍ତି। ଏଥିରେ ୩୧ ସ୍ୱର୍ଣ୍ଣ ପଦକ ଥିବା ବେଳେ ୭ ରୌପ୍ୟ ଏବଂ ୪ ବ୍ରୋଞ୍ଜ ପଦକ ରହିଛି। କୋଚ୍ ଅମ୍ବିକା ପ୍ରସାଦ ଦାସଙ୍କ ତତ୍ତ୍ୱାବଧାନରେ ଏହି ଖେଳାଳିମାନେ ପ୍ରଶିକ୍ଷଣ ନେଉଥିଲେ। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭାପତି ସୁବାସ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଗଞ୍ଜାମ ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ ଏବଂ ଜିଲା କ୍ରୀଡ଼ା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।



ଅତିଥିଙ୍କ ଗହଣରେ ସଫଳ ଖେଳାଳିମାନେ।

## ଅସ୍ଥାୟୀ ମଣ୍ଡପରେ ବିଜେ କଲେ ମା'

ବ୍ରହ୍ମପୁର ଅଫିସ,୨୦।୫

ବ୍ରହ୍ମପୁର ଲାଞ୍ଜିପଲ୍ଲୀ ମା' ତାରାଦେବୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ରବିବାର ମଧରାତ୍ରିରୁ ଆରମ୍ଭ ହୋଇଛି। ପରମ୍ପରା ଅନୁସାରେ ରବିବାର ବିଳମ୍ବିତ ରାତିରେ ଅସ୍ଥାୟୀ ପୀଠ ରଘୁନାଥ ମଠ ସାହିରୁ ଏକ ବିରାଟ ପଟୁଆର ମନ୍ଦିର ଅଭିମୁଖେ ବାହାରିଥିଲା। ଘଣ୍ଟ, ବାଦ୍ୟ, ଢୋଲ, ଶଙ୍ଖ, ମହୁରି ଓ ହୁଳହୁଳି ନାଦରେ ଯାତ୍ରାସ୍ଥଳ ତଥା ରଘୁନାଥ ମଠ ସାହି ପ୍ରକମ୍ପିତ ହୋଇ ଉଠିଥିଲା। ଯାତ୍ରାର ମୁଖ୍ୟ ପୁରୋଧା ତଥା ମା' ତାରାଦେବୀଙ୍କ ବାପା କୁହାଯାଉଥିବା ଦେଶୀବେହେରା ସାହିର କୁନା ସାବତ ଫୁଲ ଚାଙ୍ଗୁଡି ଧରି ମା' ତାରାଦେବୀ ଠାକୁରାଣୀଙ୍କ ମନ୍ଦିରକୁ ଯାଇଥିଲେ। ଶୋଭାଯାତ୍ରାରେ ଯାତ୍ରା ପରିଚାଳନା କମିଟି ଉପଦେଷ୍ଟା ଗଙ୍ଗାଧର ପାତ୍ର, ପୂର୍ବତନ ଡେପୁଟିମେୟର ଜ୍ୟୋସ୍ନା ନାୟକ, ଭଗବାନ ଗନ୍ତାୟତ, ଉମା ନାୟକ ଓ ରଶ୍ମିତା ପ୍ରଧାନଙ୍କ ସମେତ ବ୍ରହ୍ମପୁର ବିଧାୟକ ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିଡିଏ ଅଧକ୍ଷ ସୁବାସ ମହାରଣା, ବିଏମ୍‌ସିର ଡେପୁଟି କମିଶନର ସୌରୀନ୍ଦ୍ର ରାଉତରାୟ, ଡିଏସ୍‌ପି ଅଜୟ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ। ମନ୍ଦିରରେ ରିତିନୀତି ସହ ପୂଜାର୍ଚ୍ଚନା ପରେ ମା'ଙ୍କଠାରୁ ଆଜ୍ଞାମାଳ ନେଇ ରାତି ପ୍ରାୟ ୨ ଟାରେ ଶୋଭାଯାତ୍ରା ଅସ୍ଥାୟୀ ପୀଠକୁ ଫେରିଥିଲା। ଏହାପରେ ମା'ଙ୍କ ଆଜ୍ଞାମାଳ ଚାଙ୍ଗୁଡିକୁ ଅସ୍ଥାୟୀ ପୀଠ ଗର୍ଭଗୃହରେ ସ୍ଥାପନ କରାଯାଇଥିଲା। ଭୋରୁ ରୀତିନୀତି ପରେ ମା'ଙ୍କ ପୂଜାର୍ଚ୍ଚନା ସହ ଆଜ୍ଞାମାଳ ଚାଙ୍ଗୁଡିକୁ ଘଟରେ ପରିଣତ କରାଯିବା ସହ ୪ ପାର୍ଶ୍ୱଘଟକୁ ଅସ୍ଥାୟୀ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଅନ୍ୟପଟରେ ଯାତ୍ରାର ଦ୍ୱିତୀୟ ଦିବସ ହୋଇଥିବାରୁ ପରମ୍ପରା ଅନୁସାରେ ସୋମବାର ମା' ବିଶ୍ରାମ ନେଇଛନ୍ତି। ଗୁରୁବାର ପର୍ଯ୍ୟନ୍ତ ମା' ଅସ୍ଥାୟୀ ପୀଠରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବାକୁ ଥିବା ଯାତ୍ରା କମିଟି ପକ୍ଷରୁ ସୂଚନା ମିଳିଛି। ମା' ତାରାଦେବୀ ଠାକୁରାଣୀ ଯାତ୍ରା କମିଟି ସଭାପତି ଭଗବତ ପ୍ରସାଦ ସିଂ ଦେଓ, ସମ୍ପାଦକ ହୃଷୀକେଶ ପାତ୍ର, ସଂଗଠକ କାହ୍ନୁଚରଣ ଚୌଧୁରୀ, ସହକାରୀ ସମ୍ପାଦକ ସୀମାଦ୍ରି ପାତ୍ର, ସଦସ୍ୟ ଲଡୁକିଶୋର ପାଣିଗ୍ରାହୀଙ୍କ ସମେତ ସମସ୍ତ କମିଟି ସଦସ୍ୟ ଯାତ୍ରା ପରିଚାଳନା କରିଥିବା ବେଳେ ଅଞ୍ଚଳବାସୀ ସହଯୋଗ କରିଥିଲେ।



ଦେଶୀବେହେରା କୁନା ସାବତ ମା'ଙ୍କ ଆଜ୍ଞାମାଳ ଚାଙ୍ଗୁଡି ଧରି ଅସ୍ଥାୟୀ ପୀଠକୁ ବାହୁଡୁଛନ୍ତି।

**ମା' ତାରାଦେବୀ ଠାକୁରାଣୀ ଯାତ୍ରା**
■ଦ୍ୱିତୀୟ ଦିନରେ ବିଶ୍ରାମ

## ସଂକ୍ଷେପରେ

### ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି ବୈଠକ

**ଶେରଗଡ଼,୨୦ା୫(ଡି.ଏନ.ଏ.):** ଶେରଗଡ଼ ବ୍ଲକ ହରିକୃଷ୍ଣପୁର ଗ୍ରାମରେ ଜୁନ ୭ରୁ ଆରମ୍ଭ ହେବାକୁ ଥିବା ଶୀତଳଷଷ୍ଠୀ ଯାତ୍ରା ନିମନ୍ତେ ସୋମବାର ଏକ ପ୍ରସ୍ତୁତି ବୈଠକ ଗୋପୀନାଥ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରଷ୍ଟି ବିପ୍ରଚରଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ରଜନୀକାନ୍ତ ତ୍ରିପାଠୀ ଓ କୃତ୍ତିବାସ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ୩ ଦିନ ଧରି ପାଳନ ହେବାକୁ ଥିବା ଶୀତଳ ଷଷ୍ଠୀ ଯାତ୍ରା କିଭଳି ସୁରୁଖୁରୁରେ ସମ୍ପନ୍ନ ହେବ ତାହା ଆଲୋଚନା କରାଯାଇଥିଲା। ପ୍ରଥମ ଦିନ ୭ ତାରିଖରେ ଶିବ ବିବାହ ଓ ଦାସକାଠିଆ ନାଟକ, ୮ରେ ଭାରତ ଲୀଳା ଓ ରାତିରେ ସାମାଜିକ ନାଟକ 'ଦୁଃଖ ବାରମାସି ଲୁହ ପଡୋଶୀ' ମଞ୍ଚସ୍ଥ ଏବଂ ୯ ତାରିଖରେ ପ୍ରହଲ୍ଲାଦ ନାଟକ ପରିବେଷଣ କରାଯିବା କାର୍ଯ୍ୟକ୍ରମ ରହିଛି। ରାଜୀବ ଲୋଚନ ମିଶ୍ର ଓ ବିଭୂତି ଭୂଷଣ ମହାପାତ୍ରଙ୍କ ତତ୍ୱାବଧାନରେ ମନୋରଞ୍ଜନ କାର୍ଯ୍ୟକ୍ରମ ହେବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ପ୍ରଦ୍ୟୁମ୍ନ କୁମାର ଷଡ଼ଙ୍ଗୀ, ସୁଧାକର ପାଢ଼ୀଙ୍କ ସମେତ କମିଟି ସଭ୍ୟମାନେ ଓ ବହୁ ଗ୍ରାମବାସୀ ଯୋଗଦେଇଥିଲେ।

### ୨୩ରେ ଗଙ୍ଗାଧର ସ୍ୱାମୀଙ୍କ ମନ୍ଦିର ପ୍ରତିଷ୍ଠା

**ବୁଗୁଡ଼ା,୨୦ା୫(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଚକରାପଲ୍ଲୀରେ ଆସନ୍ତା ଗୁରୁବାର ଗଙ୍ଗାଧର ସ୍ୱାମୀଙ୍କ ମନ୍ଦିର ପ୍ରତିଷ୍ଠା କରାଯିବ। ଏଥିସକାଶେ ରବିବାର ଦୀକ୍ଷା ଗ୍ରହଣ, ଜଳଯାତ୍ରା, ଅଙ୍କୁରାରୋପଣ ଏବଂ ସୋମବାର ବନଯୋଗ ଓ ରତ୍ନମୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର କର୍ମାରମ୍ଭ ଓ ଅଗ୍ନି ସ୍ଥାପନ, ବୁଧବାର ଗଙ୍ଗାଧରେଶ୍ୱରଙ୍କ ସ୍ନାନ ଓ ଜୀବନ୍ୟାସ କରାଯିବ। ଗୁରୁବାର ଠାକୁରଙ୍କ ସିଂହାସନ ଆରୋହଣ, ଧ୍ୱଜ ଭ୍ରମଣ ଓ ପୂର୍ଣ୍ଣାହୁତି ସମ୍ପନ୍ନ ହେବ। ମଙ୍ଗଳବାର ଠାରୁ ଶୁକ୍ରବାର ସକାଳ ପର୍ଯ୍ୟନ୍ତ ଚବିଶ ପ୍ରହର ନାମ ସଂକୀର୍ତ୍ତନ ଯଜ୍ଞ ଓ ଅନ୍ନଯଜ୍ଞ ଆୟୋଜନ କରାଯିବ ବୋଲି ପରିଚାଳନା କମିଟି ସୂଚନା ଦେଇଛି।

### ଏକଜିଟ୍ ପୋଲକୁ ନେଇ ଚର୍ଚ୍ଚା ଜୋରଦାର

**ଜି.ଉଦୟଗିରି,୨୦ା୫(ଡି.ଏନ.ଏ.):** ରବିବାର ଆସିଥିବା ଏକ୍‌ଜିଟ୍ ପୋଲ ଭବିଷ୍ୟବାଣୀକୁ ନେଇ ଜି.ଉଦୟଗିରି ସହରରେ ସୋମବାର ସକାଳୁ ବିଭିନ୍ନ ଚା ଷ୍ଟଲ, ସେଲୁନ ଓ ଛକ ଜାଗାରେ ଚର୍ଚ୍ଚା ଜୋରଦାର ଆରମ୍ଭ ହୋଇଯାଇଛି । କେନ୍ଦ୍ରରେ ପୁଣି ଏନଡିଏ ସରକାର ଗଠନ କରିବାକୁ ଯାଉଛି ଓ ରାଜ୍ୟରେ ଭାଜପା ଅଧିକ ଆସନ ପାଇବ ବୋଲି ଖବର ପ୍ରସାରଣ ପରେ ଭାଜପାରେ ଉତ୍ସାହ ବଢ଼ିଯାଇଛି । ରାଜ୍ୟ ବିଧାନସଭାରେ ମଧ ଅଧିକା ଆସନ ପାଇ ଭାଜପା ସରକାର ଗଢ଼ିବ ବୋଲି ଭାଜପା ନେତା ଆଶୁତୋଷ ସାହୁ, ରବିନ୍ଦ୍ର କୁମାର ସାହୁଙ୍କ ସମେତ ବହୁ କର୍ମୀ ଆଶାବାଦୀ ଅଛନ୍ତି । କେନ୍ଦ୍ରରେ ଯାହା ବି ହେଉ ଓଡ଼ିଶାରେ ବିଜୁ ଜନତା ଦଳ ଅଧିକ ଆସନରେ ଜିତିବ ଓ ନବୀନ ପଟ୍ଟନାୟକ ପୁଣି ମୁଖ୍ୟମନ୍ତ୍ରୀ ହେବେ ବୋଲି ବିଜେଡିର ସ୍ଥାନୀୟ ନେତା ଦେବନାଥ ଦଳ ବେହେରା, ସୁଶୀଲ ପାଣିଗ୍ରାହୀ ପ୍ରମୁଖ କହିଛନ୍ତି । ଅନେକ ସ୍ଥାନରେ ସମର୍ଥକମାନଙ୍କ ମଧ୍ୟରେ ଏହି ପରିସଂଖ୍ୟାନକୁ ନେଇ ଯୁକ୍ତିତର୍କ ମଧ ଆରମ୍ଭ ହୋଇଯାଇଛି । ପୂର୍ବତନ କାଉନସିଲର ରାଜେନ୍ଦ୍ର ମହାପାତ୍ର ଆସନ୍ତା ଗୁରୁବାର ଭୋଟ ଗଣତି ପରେ ହିଁ ଫଳାଫଳ ଜଣାପଡ଼ିବ ଏବଂ ଅନେକ ନିର୍ବାଚନରେ ଏହି ଏକଜିଟ୍ ପୋଲ ଭୁଲ ପ୍ରମାଣିତ ହେଉଛି ବୋଲି କହିଥିଲେ ।

### ଚୋରାମଦ ବିକ୍ରି ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ମହିଳା

**ଭଦ୍ରକ ଅଫିସ, ୨୦ା୫:** ଗାଁରେ ବେଆଇନ ଚୋରାମଦ ବିକ୍ରି ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ମହିଳା। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଖଣ୍ଡିଆବଜାରର ଶତାଧିକ ଆଦିବାସୀ ମହିଳା ସୋମବାର ଏସ୍‌ପିଙ୍କ ନିକଟରେ ପହଞ୍ଚି ଚୋରାମଦ ବିକ୍ରି ସମ୍ପର୍କରେ ଅଭିଯୋଗ ଜଣାଇଛନ୍ତି। ଗାଁରେ କିଭଳି ଏହି ବ୍ୟବସାୟୀମାନେ ଅରାଜକତା ଚଳାଇ ଆସିବା ସହ ଚୋରାରେ ମଦ ଆଣି ବେଆଇନ ଭାବେ ବିକ୍ରିକରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି, ସେନେଇ ଅଭିଯୋଗ କରିଛନ୍ତି। ଏହି ମହିଳାମାନେ ପୂର୍ବରୁ ଅବକାରୀ କାର୍ଯ୍ୟାଳୟ ଓ ଥାନାରେ ବହୁବାର ଲିଖିତ ଅଭିଯୋଗ କରିଥିଲେ ମଧ ପୋଲିସ କିମ୍ବା ଅବକାରୀ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ସେମାନେ ଦର୍ଶାଇଥିଲେ। ଓଲଟି ମଦ ବ୍ୟବସାୟୀମାନେ ଗ୍ରାମବାସୀଙ୍କୁ ଧମକ ଦେଉଛନ୍ତି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଆଇନଜୀବୀ ରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଆସିଥିବା ମହିଳାମାନେ ଦାବି କରିଛନ୍ତି।

### ମାଳତେନ୍ତୁଳିଆ ପଞ୍ଚାୟତରେ ବ୍ୟାପକ ଦୁର୍ନୀତି

# ଅଭିଯୋଗ ଆଣିଲେ ପଞ୍ଚାୟତବାସୀ

**ପୋଲସରା,୨୦ା୫(ଡି.ଏନ.ଏ.)**


କନିଷ୍ଠ ଯନ୍ତ୍ରୀ, ଜିଆରଏସ୍ ଓ ସମିତିସଭ୍ୟଙ୍କ ସହ ପଞ୍ଚାୟତବାସୀ ଆଲୋଚନା କରୁଛନ୍ତି।

ଗଞ୍ଜାମ ଜିଲା ପୋଲସରା ବ୍ଲକ ମାଳତେନ୍ତୁଳିଆ ପଞ୍ଚାୟତରେ ବିଭିନ୍ନ ଯୋଜନାରେ ଆସୁଥିବା ଟଙ୍କାକୁ ନେଇ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ହୋଇଛି। ସୋମବାର ପୂର୍ବତନ ସରପଞ୍ଚ ତଥା ବର୍ତ୍ତମାନର ସମିତିସଭ୍ୟଙ୍କ ପ୍ରତିନିଧି ଲକ୍ଷ୍ମୀ ଚରଣ ପ୍ରଧାନଙ୍କ ସମେତ ପଞ୍ଚାୟତର ୬୦ରୁ ଊର୍ଦ୍ଧ୍ୱ ଲୋକ ପଞ୍ଚାୟତ କାର୍ଯ୍ୟାଳୟରେ ବସି ସରପଞ୍ଚଙ୍କୁ ଡ଼କାଇଥିଲେ। କିନ୍ତୁ ସରପଞ୍ଚ ଆସି ନ ଥିଲେ। ସରପଞ୍ଚଙ୍କ ଅନୁପସ୍ଥିତି ହେତୁ ଗ୍ରାମ ରୋଜଗାର ସେବକ (ଜିଆରଏସ)ଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ବସାଇ ସମସ୍ତ କାର୍ଯ୍ୟର ତଥ୍ୟ ମାଗିଥିଲେ। ଗ୍ରାମ ରୋଜଗାର ସେବକ ମିଥୁନ କୁମାର ସାହୁଙ୍କୁ ଏମଜିଏନଆରଇଜିଏସ୍‌ରେ ଜଗନ୍ନାଥ ବନ୍ଧଠାରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟ ବ୍ୟୟ ଅଟକଳ ୭ ଲକ୍ଷ ଟଙ୍କା ରହିଛି। କିନ୍ତୁ ଏହି କାମ ଠିକ ଭାବେ ହୋଇ ନ ଥିବା ଅଭିଯୋଗ ଆଣିଥିଲେ। ଏଥିସହିତ ଖଇରଛଟାଠାରୁ ପଲ୍ଲୀଦଣ୍ଡା ରାସ୍ତା, ଯାହା ବ୍ୟୟ ଅଟକଳ ୫ ଲକ୍ଷ ଟଙ୍କା ରହିଛି। ଉକ୍ତ ରାସ୍ତାରେ କେହି କାମ ନ କରି ୧ ଲକ୍ଷ ୩୨ ହଜାର ଟଙ୍କା ବିଲ୍ ହୋଇଥିବା ଉକ୍ତ ପଞ୍ଚାୟତ ଖଇରଛଟା ଗ୍ରାମର ସତ୍ୟବାଦୀ ଗୌଡ଼, ତେନ୍ତୁଳିଆର ହରିହର ଦାସ, ତୋଫାନ ପ୍ରଧାନ, ଲକ୍ଷ୍ମୀ ଚରଣ ପ୍ରଧାନ, କେ. ଦିଲୀପ କୁମାର ମହାପାତ୍ର ଓ ସୁକାନ୍ତ ରାଉତ ପ୍ରମୁଖଙ୍କ ସମେତ ବହୁ ବ୍ୟକ୍ତି ଅଭିଯୋଗ ଆଣିଥିଲେ।

ସେହିପରି ଖଇରଛଟା ଗ୍ରାମରେ ଶିବ ମନ୍ଦିର କଂକ୍ରିଟ ରାସ୍ତା ନିର୍ମାଣରେ ବ୍ୟାପକ ଦୁର୍ନୀତି, ସରକାରୀ ନିର୍ଦ୍ଦେଶ ପ୍ରକାରେ ଯେଉଁ ପରିମାଣରେ ନିର୍ମାଣ ହେବା କଥା ତାହା ନ ହୋଇ ଅତି ନିମ୍ନମାନର କାର୍ଯ୍ୟ ହୋଇଥିବା, ଆମ ଗାଁ ଆମ ବିକାଶ ଯୋଜନାରେ ପାଠାଗାର ନିର୍ମାଣ ଲାଗି ୫ ଲକ୍ଷ ଟଙ୍କା ଆସିଥିବା ବେଳେ ତାହା ବଳାସୀ ସମାଜ କୋଠଘର ବୋଲି କହି ନିର୍ମାଣ କରାଯାଇଥିବା ଅଭିଯୋଗ ଆଣିଥିଲେ। ଗ୍ରାମ ରୋଜଗାର ସେବକ ଠିକ୍ ହିସାବ ବା ତଥ୍ୟ ପ୍ରଦାନ ନ କରିବା ଯୋଗୁ କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ଶତପଥୀଙ୍କୁ ଡ଼କାଇ ଆଲୋଚନା କରିଥିଲେ। ଦୁଇଦିନ ପରେ ସମସ୍ତ କାର୍ଯ୍ୟର ତଦାରଖ କରି ଯାଞ୍ଚ କରିବା ପାଇଁ ଉପସ୍ଥିତ ପଞ୍ଚାୟତବାସୀଙ୍କୁ କନିଷ୍ଠ ଯନ୍ତ୍ରୀ ଶତପଥୀ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ଦୁର୍ନୀତି ପ୍ରସଙ୍ଗରେ ସରପଞ୍ଚ ପ୍ରତିନିଧି ନରହରି ପ୍ରଧାନ ପଞ୍ଚାୟତରେ ଠିକ୍ କାମ ହୋଇଥିବା କହିଥିଲେ। ଆଲୋଚନା ବେଳେ ତେନ୍ତୁଳିଆ ପଞ୍ଚାୟତର ବହୁ ଜନସାଧାରଣ ଉପସ୍ଥିତ ଥିଲେ। ଯେଉଁ ଦୁର୍ନୀତି ହୋଇଛି ଏହାର ଭରଣା କରା ନ ଗଲେ ଆଗାମୀ ଦିନରେ ବ୍ୟାପକ ଜନ ଆନ୍ଦୋଳନ ହେବ ବୋଲି ପଞ୍ଚାୟତବାସୀ କହିଥିଲେ।

## ପ୍ରବଳ ଗ୍ରୀଷ୍ମ ପ୍ରବାହ, ଜନଜୀବନ ଅସ୍ତବ୍ୟସ୍ତ

**ବୁଗୁଡ଼ା,୨୦ା୫(ଡି.ଏନ.ଏ.)**

ବୁଗୁଡ଼ା ସହର ଓ ଗ୍ରାମାଞ୍ଚଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଲାଗି ରହିଛି। ମୁଣ୍ଡଫଟା ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ସକାଳ ୧୦ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ରାସ୍ତାଘାଟ ଶୂନଶାନ ଦେଖିବାକୁ ମିଳୁଛି। ଗତ ୧୦ ଦିନ ହେଲା ବୁଗୁଡ଼ାରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହୁଛି। କେତେକ ଅଞ୍ଚଳରେ ଲୋ–ଭୋଲଟେଜ୍ ଓ ବିଦ୍ୟୁତ୍ କାଟ୍ ଲୋକଙ୍କ ଉପରେ ଏହା ବେଡ଼ି ଉପରେ କୋରଡ଼ା ମାଡ଼ ସଦୃଶ ହେଉଛି। ଆସିକା କିମ୍ବା ଭେଟନଇ ଅଞ୍ଚଳରେ ଘଡ଼ଘଡ଼ି ବର୍ଷା କିମ୍ବା ବିଜୁଳି ମାରିଲେ ବୁଗୁଡ଼ାରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ ହେଉଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବୁଗୁଡ଼ାରେ ବିଦ୍ୟୁତ୍ ଗ୍ରୀଡ୍ ପାଇଁ ଜାଗା ଚିହ୍ନଟ ହୋଇ କିଣା ଯାଇଥିଲେ ମଧ ବର୍ଷେ ହେଲା କାମ ଆରମ୍ଭ ହୋଇନାହିଁ। ଆସିକା ଗ୍ରୀଡରୁ ବୁଗୁଡ଼ା ୧୬ ମାଇଲ୍‌ରେ ଷ୍ଟ୍ରକ୍‌ଚରକୁ ବିଦ୍ୟୁତ ଆସୁଛି। ତେଣୁ ୪ ମାଇଲ୍‌ରେ ନିର୍ମିତ ବିଦ୍ୟୁତ୍ ଗ୍ରୀଡରୁ ବୁଗୁଡ଼ାକୁ ବିଦ୍ୟୁତ୍ ଯୋଗାଣ ହେଉ କିମ୍ବା ବିଦ୍ୟୁତ୍ ଗ୍ରୀଡ ପ୍ରତିଷ୍ଠା ହେଉ ବୋଲି ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଗୋପାଳ କୃଷ୍ଣ ପ୍ରଧାନଙ୍କୁ ପଚାରିବାରୁ ବୁଗୁଡ଼ାରେ ଗ୍ରୀଡ଼ ପ୍ରତିଷ୍ଠା ନ ହେବା ପର୍ଯ୍ୟନ୍ତ ଏ ସମସ୍ୟା ଲାଗି ରହିବ ବୋଲି ସେ କରିଥିଲେ। ଅନ୍ୟପଟେ ବୁଗୁଡ଼ା ଏନ୍‌ଏସିରେ ଖୋଲା ଯାଇଥିବା ଜଳଛତ୍ରଗୁଡ଼ିକରେ କୌଣସି ଛପର ହୋଇ ନ ଥିବାରୁ ଲୋକେ ପ୍ରଚଣ୍ଡ ଖରାରେ ଠିଆ ହୋଇ ଗରମ ପାଣି ପିଉଛନ୍ତି। ତେଣୁ ଜଳଛତ୍ରରେ ଛପର କରି ଥଣ୍ଡା ପାଣି ଯୋଗାଇ ଦେବାକୁ ଦାବି ହେଉଛି।

## ବାଉରି, ଖଦାଳ ସମାଜ ମହାସଂଘ ବୈଠକ

**ଛତ୍ରପୁର,୨୦ା୫(ଡି.ଏନ.ଏ)**

ବାଉରି ଓ ଖଦାଳ ସମାଜ ମହାସଂଘ ମହୁରି ତାଲୁକା ଆନୁକୂଲ୍ୟରେ ସୁନ୍ଦରେଶ୍ୱର ପୀଠରେ ସୁନ୍ଦରପୁର ଗାଁ ବଜାର ସାହିର ବାଉରି ସମାଜଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୁରି ତାଲୁକା ସଭାପତି ରାମ ଦାସ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉମା ଦାସ, ସୁଧୀର ଦାସ, ଅଭିମନ୍ୟୁ ଦାସ, ସନ୍ନ୍ୟାସୀ ଦାସ, କୃଷ୍ଣ ଦାସ, ମଧୁ ଦାସ, ସୁଦର୍ଶନ ଦାସ, ବାବୁଲା ଦାସ, ଯୁଧିଷ୍ଠିର ଦାସ, ନାରସୁ ଦାସଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଜାତିର ଏକତା, ଶିକ୍ଷା, ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା କରାଯିବା ସହ ଯୌତୁକକୁ ବିରୋଧ, ମାଦକ ଦ୍ରବ୍ୟରୁ ନିବୃତ୍ତ ରହିବା ନିମନ୍ତେ ଆଲୋଚନା ହୋଇଥିଲା। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। କାହ୍ନୁ ଦାସ ସଭାପତି, ରତ୍ନାକର ଦାସ ଉପସଭାପତି, ଜଗନ୍ନାଥ ଦାସ ସମ୍ପାଦକ, ସନ୍ତୋଷ ଦାସ ସହ ସମ୍ପାଦକ, ସୁଦାମ ଦାସ କୋଷାଧ୍ୟକ୍ଷ, ସୁରେନ୍ଦ୍ର ଦାସ, ବାବୁଲା ଦାସ, ଗୁଣ୍ଡିଚା ଦାସ ଉପଦେଷ୍ଟା ଭାବେ ମନୋନୀତ ହୋଇଥିଲେ। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ୮ ଜଣଙ୍କୁ ମନୋନୀତ କରାଯାଇଥିଲା। ଡାକୁଆ ଭାବେ ମୋହନ ଦାସ ମନୋନୀତ ହୋଇଛନ୍ତି।

## ଶୌଚାଳୟ ନିର୍ମାଣ ଅର୍ଥ ପାଇଁ ଦାବିପତ୍ର

**ବେଗୁନିଆପଡ଼ା,୨୦ା୫(ଡି.ଏନ.ଏ.)**


ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ମହିଳାମାନେ।

ବାହ୍ୟ ମଳମୁକ୍ତ କରିବା ପାଇଁ ସରକାର ସଚେତନତା କରିବା ସହ ବ୍ୟକ୍ତିଗତ ପାଇଖାନା ନିର୍ମାଣ ପାଇଁ ୧୨ ହଜାର ୫୦୦ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରୁଛନ୍ତି। କିନ୍ତୁ କେତେକ କର୍ମଚାରୀମାନଙ୍କ ଖାମଖିଆଲ ମନୋଭାବ ଯୋଗୁ ହିତାଧିକାରୀମାନେ ଏହି ଟଙ୍କା ପାଇଁ ବାରମ୍ବାର ଦୌଡ଼ି ନୟାନ୍ତ ହେଉଛନ୍ତି। ଫଳରେ ଅନ୍ୟମାନେ ଏଥିପ୍ରତି ଆଗ୍ରହ ସୃଷ୍ଟି କରୁନାହାନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବେଗୁନିଆପଡ଼ା ବ୍ଲକରେ। ବୁରୁଝରି ଗ୍ରାମର ମାଟିଆ ଡିହ ସାହିରେ ଦୀର୍ଘ ୮ ମାସ ହେଲା ପାଇଖାନା ନିର୍ମାଣ କରି ଅନୁଦାନ ଅର୍ଥ ନ ପାଇବାରୁ ସୋମବାର ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଗ୍ରାମର ସତ୍ୟ ଦାସ, କସ୍ତୁରୀ ଦାସ, ସୁଜ୍ଞାନୀ ଦାସ, ଭାରତୀ ଦାସ ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି।

## କୂଅକୁ ଡେଇଁ ବୃଦ୍ଧଙ୍କ ଆତ୍ମହତ୍ୟା

### ସୂଚନା ନ ଦେବା ପାଇଁ ଗାଁ ମୁଖିଆଙ୍କ ଫତୱା

**ଦିଗପହଣ୍ଡି,୨୦ା୫(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଗଡ଼ଗୋବିନ୍ଦପୁର ପଞ୍ଚାୟତ ଅଧୀନ ଏକ ଗାଁରେ ସୋମବାର ସକାଳ ପ୍ରାୟ ୭ଟାରେ ଜଣେ ବୃଦ୍ଧ କୂଅକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଏ ନେଇ କେ. ନୂଆଗାଁ ଥାନାରେ କୌଣସି ସୂଚନା ନ ଥିବା ଆଇଆଇସି ମାଧବାନନ୍ଦ ନାୟକ କହିଛନ୍ତି। ଗତ କିଛିବର୍ଷ ହେଲା ବୃଦ୍ଧ ଜଣକ କୁଷ୍ଠ ରୋଗରେ ଆକ୍ରାନ୍ତ ଥିଲେ। ପରିବାର ଲୋକେ ତାଙ୍କୁ ସେବା କରୁ ନ ଥିଲେ ଏବଂ ଏହି ରୋଗ ଅନ୍ୟମାନଙ୍କୁ ସଂକ୍ରମିତ କରିବ ଏହା ଭାବି ତାଙ୍କଠାରୁ ଦୂରେଇ ଯାଇଥିଲେ। ଏହି ଚିନ୍ତାରେ ବୃଦ୍ଧ ଜଣକ ମାନସିକ ଭାରସାମ୍ୟ ହରାଇ କୂଅକୁ ଡେଇଁ ପଡ଼ିଥିଲେ। ସ୍ଥାନୀୟ ଲୋକେ ମୃତଦେହକୁ ଉଦ୍ଧାର କରି ଗାଁ ମଶାଣିରେ ସତ୍କାର କରିଥିଲେ। ଘଟଣା ପ୍ରଘଟ ହେବା ପୂର୍ବରୁ ପରିବାର ଲୋକେ ଗ୍ରାମବାସୀଙ୍କ ସହାୟତାରେ ସମସ୍ତ କାମ ସାରି ଦେଇଛନ୍ତି। ଅପରପକ୍ଷରେ ଘଟଣା ସମ୍ପର୍କରେ କାହାରିକୁ ସୂଚନା ପ୍ରଦାନ ନ କରିବା ପାଇଁ ଗାଁର ମୁଖିଆ ଫତୱା ଜାରି କରିଥିବା ଘଟଣା ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି।

## ଆମ ପୋଲିସ ବୈଠକ: ଜଳଛତ୍ର ଉଦ୍‌ଘାଟିତ

**ଶେରଗଡ଼,୨୦ା୫(ଡି.ଏନ.ଏ)**

ଶେରଗଡ଼ ଥାନାରେ ଆମ ପୋଲିସର ବୈଠକ ଓ ଜଳଛତ୍ର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବୈଠକରେ ଥାନା ଅଧିକାରୀ ରମେଶ ଚନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିବା ବେଳେ ଆୟୋଜିତ ଜଳଛତ୍ରକୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାବୁଲା କୁମାର ଚୌଧୁରୀ ଶୁଭାରମ୍ଭ କରିଥିଲେ। ଶେରଗଡ଼ର ଟ୍ରାଫିକ ସମସ୍ୟା, ଅଂଶୁଘାତର ପ୍ରତିକାର, ବିଭିନ୍ନ ସଚେତନତା ଆଦି ନେଇ ଆମ ପୋଲିସ ବୈଠକରେ ଆଲୋଚନା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ହୃଷୀକେଶ ପାଢ଼ୀ, ପ୍ରସନ୍ନ କୁମାର ପଣ୍ଡା, ବାସୁଦେବ ରାଉତ, ସୀତାରାମ ପଟ୍ଟନାୟକ, ଗୌରହରି ବିଷୋୟୀ, ଗଣେଶ ପ୍ରଧାନଙ୍କ ସମେତ ବହୁ ସଭ୍ୟ ଉପସ୍ଥିତ ଥିଲେ।



ଜଳଛତ୍ର ଶୁଭାରମ୍ଭ କରାଯାଉଛି।

## ଫନୀରେ ୩୦ ସମବାୟ ସମିତି କୋଠା କ୍ଷତି

**ଛତ୍ରପୁର,୨୦ା୫(ଡି.ଏନ.ଏ)**

ବାତ୍ୟା 'ଫନୀ'ରେ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଅଧୀନ ସମବାୟ ସେବା ସମିତି କୋଠା ଗୁଡିକର ବିଶେଷ କ୍ଷତି ହୋଇଛି। ଆସିକା ସମବାୟ ସମିତିର ଆସିଷ୍ଟାଣ୍ଟ ରେଜିଷ୍ଟ୍ରାରଙ୍କ ଅଧୀନରେ ଥିବା ୩୦ଟି ସମବାୟ ସମିତି କେନ୍ଦ୍ରର କୋଠା ଏହି ବାତ୍ୟାରେ ଭାଙ୍ଗିଥିବା ରିପୋର୍ଟ ପ୍ରସ୍ତୁତ ହୋଇଛି। ଉକ୍ତ ରିପୋର୍ଟକୁ ସେ ବ୍ରହ୍ମପୁରସ୍ଥିତ ଡେପୁଟି ରେଜିଷ୍ଟ୍ରାର (କୋଅପରେଟିଭ ସୋସାଇଟି)ଙ୍କୁ ପଠାଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ଉକ୍ତ ୩୦ଟି ସୋସାଇଟିର କୋଠାର ୪୦ ପ୍ରତିଶତ କ୍ଷତି ହୋଇଛି। ବାତ୍ୟାରେ ୭୫ ଲକ୍ଷ ଟଙ୍କାର କ୍ଷତି ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। କୋଠା ମରାମତି ପାଇଁ ଅର୍ଥ ଆବଶ୍ୟକ ପଡୁଛି। ଉକ୍ତ ସମସ୍ତ ସୋସାଇଟି ଗୁଡିକ ଆସିକା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଅଧିନରେ ରହିଛି। ପ୍ରତି ସୋସାଇଟି ର କୋଠା ମରାମତି ପାଇଁ ୨ଲକ୍ଷ ୫୦ ହଜାର ଟଙ୍କାର ଆବଶ୍ୟକତା ପଡୁଛି। ଗୁଣ୍ଠପଡା, ଘାଟଖୁରୀ, ବେଣାପାଟ, ଗହଙ୍ଗୁ, ମଣିତାରା, ଗୋଳାବନ୍ଧ, ବିରଞ୍ଚିପୁର, କରାଚୁଲି, କଳାସୂତା, ଜଗମୋହନ, ଧରାକୋଟ, ହରିପୁର, ବିଡ଼ିପୁର, ପ୍ରତାପପୁର, ଖମାରପଲ୍ଲୀ, ଇଙ୍ଗିନାଠି, ନେତଙ୍ଗ, ଆମ୍ବପୁଆ, ବଡଗଡ, ଏକଲପୁର, ମେରିକୋଟ, ଗୌଡଗୋଠ, କେ. କରଡାକଣ, ଧନନ୍ତର, ଟାକରଡା, ବ୍ରାହ୍ମଣଛାଇ, ଡେଙ୍ଗାପଦର, କୁଲାଡ, ମୁଜାଗଡ, ତିଳିସିଙ୍ଗ ଆଦି ସୋସାଇଟି ରେ କ୍ଷତି ହୋଇଛି।

## ଠାକୁରାଣୀ ଯାତ୍ରା ଶୁଭଖୁଣ୍ଟି ସ୍ଥାପନ

**ପାତ୍ରପୁର,୨୦ା୫(ଡି.ଏନ୍.ଏ.)**

ଆନ୍ଧ୍ର ସୀମାନ୍ତକୁ ଲାଗିଥିବା ପାତ୍ରପୁର ବ୍ଲକର ଗୁଣ୍ଡ୍ରା ଗ୍ରାମରେ ଜୁନ ୭ ତାରିଖରୁ ମା' ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ଆରମ୍ଭ ହେବ। ଏଥିପାଇଁ ସୋମବାର ଶୁଭଖୁଣ୍ଟି ସ୍ଥାପନ ହୋଇଛି। ଯାତ୍ରା ପରିଚାଳନା କମିଟି ଓ ଗ୍ରାମବାସୀ ସଂକୀର୍ତ୍ତନରେ ଯାଇ ମା'ଙ୍କଠାରୁ ଆଜ୍ଞାମାଳ ଆଣି ମଣ୍ଡପ ନିକଟକୁ ଆସିଥିଲେ। ସେଠାରେ ପୂଜାପାଠ ପରେ ଶୁଭଖୁଣ୍ଟି ସ୍ଥାପନ ହୋଇଥିଲା। ୫ ଦିନ ବ୍ୟାପୀ ହେବାକୁ ଥିବା ଏହି ଯାତ୍ରା ପରିଚାଳନା ପାଇଁ ସ୍ଥାୟୀ କମିଟି ଗଠନ କରାଯାଇଛି। ସ୍ଥାୟୀ କମିଟି ସହାୟତାରେ ବିଭିନ୍ନ ବିଭାଗରେ କାର୍ଯ୍ୟ କରିବା ପାଇଁ ସବ୍ କମିଟି ଗଠନ ସହ ଦାୟିତ୍ୱ ହସ୍ତାନ୍ତର କରାଯାଇଛି।।

## ଚକ୍ଷୁ, ଦନ୍ତ ଚିକିତ୍ସା ଶିବିର

**କବିସୂର୍ଯ୍ୟନଗର,୨୦ା୫**

କବିସୂର୍ଯ୍ୟନଗର ବିଶ୍ୱ ହିନ୍ଦୁ ପରିଷଦ ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟ ମିଳିତ ଆନୁକୂଲ୍ୟରେ ଏନ୍‌ଏସି ଅଫିସଠାରେ ମଙ୍ଗଳବାର ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମାଗଣା ଚକ୍ଷୁ ଓ ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହେବ। ଏଥିପାଇଁ ପରିଷଦ ପକ୍ଷରୁ ମାଗଣା ଚିକିତ୍ସା, ଯିବା ଆସିବା, ରହିବା, ଖାଇବା ସବୁ ବ୍ୟବସ୍ଥା କରାଯିବ ବୋଲି ଜଣାଇଛନ୍ତି। ପରଳ ଚିକିତ୍ସା ସହ ସୁଲଭ ମୂଲ୍ୟରେ ଚଷମା ପ୍ରଦାନ କରାଯିବ।

## ୧୦୮ ସମୂହ ବ୍ରତୋପନୟନ

**କବିସୂର୍ଯ୍ୟନଗର, ୨୦ା୫**

କବିସୂର୍ଯ୍ୟନଗର ନିକଟ ମା' ତାରାତାରିଣୀ ପୀଠରେ ନିଖିଳ ଉତ୍କଳ ଶୈବ ପାଞ୍ଚାଳ ବିଶ୍ୱ ବ୍ରାହ୍ମଣ ସମାଜ ପୂର୍ବଖଣ୍ଡ ତାଲୁକା ଦ୍ୱାରା ଗତ ରବିବାର ୮୦ ଦମ୍ପତି ସତ୍ୟ ନାରାୟଣ ବ୍ରତ ଓ ସୋମବାର ୧୦୮ ସମୂହ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବଖଣ୍ଡ ତାଲୁକ ସଭାପତି ଜେ. ଦଣ୍ଡପାଣି ଆଚାରୀ ଆବାହକତ୍ୱ ଏବଂ କେନ୍ଦ୍ର ମହାସଂଘ ସଭାପତି ଡି. ଶିବ ଶଙ୍କର ଆଚାରୀ ସଂଯୋଜନା କରିଥିଲେ। କେନ୍ଦ୍ର ସଦସ୍ୟ ବି. କେଦାରନାଥ ଆଚାରୀ, ଉପଦେଷ୍ଟା ଏସ. ନରସିଂହ ଆଚାରୀ, ସମ୍ପାଦକ ଏଲ. ନରସିଂହ ଆଚାରୀ, ଉପସଭାପତି କେ. ରାଜକିଶୋର ଆଚାରୀ, ଯୁଗ୍ମ ସମ୍ପାଦକ ଜେ. ଧର୍ମାରାଓ ଆଚାରୀ, କୋଷାଧ୍ୟକ୍ଷ ବି. ନାଗେଶ୍ୱର ଆଚାରୀ ପ୍ରମୁଖ କେନ୍ଦ୍ର ଉପଦେଷ୍ଟା, ୧୫ ତାଲୁକ ସଭାପତି, ସହଯୋଗୀ ପରିଚାଳନାରେ ସହଯୋଗ କରିଥିଲେ।


ଦମ୍ପତିଙ୍କ ସତ୍ୟନାରାୟଣ ବ୍ରତ କାର୍ଯ୍ୟକ୍ରମ।

## ଚାଷୀଙ୍କୁ ମିଳିନି ଫସଲ ବୀମା କ୍ଷତିପୂରଣ

**ଛତ୍ରପୁର,୨୦ା୫(ଡି.ଏନ.ଏ)**

ଗଞ୍ଜାମ ଜିଲାରେ ପ୍ରତିବର୍ଷ ବାତ୍ୟା, ବନ୍ୟା ଓ ମରୁଡିରେ ବ୍ୟାପକ ଫସଲ ନଷ୍ଟ ହେଉଛି। ମାତ୍ର ଫସଲ ବୀମା ବାବଦରେ ଚାଷୀଙ୍କୁ କ୍ଷତିପୂରଣ ମିଳୁନି। ୨୦୧୮ରେ ହୋଇଥିବା ତିତ୍‌ଲି ବାତ୍ୟାରେ ଜିଲାରେ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ଫସଲ କ୍ଷତି ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ଆକଳନ କରାଯାଇ ରିପୋର୍ଟ ଦିଆଯାଇଥିଲା। ଏହାକୁ ଆଧାର କରି ଚାଷୀଙ୍କୁ ପ୍ରଶାସନ ପକ୍ଷରୁ ଫସଲ କ୍ଷତି ପୂରଣ ମିଳିଥିଲା। ମାତ୍ର କ୍ଷତିଗ୍ରସ୍ତ ଚାଷୀମାନେ ଫସଲ ବୀମା ପ୍ରିମିୟମ ଟଙ୍କା ବ୍ୟାଙ୍କ ଓ ସୋସାଇଟିରେ ଜମା କରିଥିଲେ ସୁଦ୍ଧା ଅଧିକାଂଶ ଚାଷୀ କ୍ଷତିପୂରଣ ପାଇନାହାନ୍ତି। ସେହିପରି ଯେଉଁମାନେ ବି ଫସଲ ବୀମା ସହାୟତା ପାଇଛନ୍ତି ମାତ୍ର ୧୨ ପ୍ରତିଶତ କ୍ଷତିର କ୍ଷତିପୂରଣ ମିଳିଛି।

ମିଳିଥିବା ସୂଚନା ଅନୁସାରେ ଜିଲାର ୧ ଲକ୍ଷ ୨୧ ହଜାର ଚାଷୀ ପ୍ରିମିୟମ ଟଙ୍କା ଦେଇଥିଲେ ସୁଦ୍ଧା ମାତ୍ର ୯ ହଜାର ୬୬୦ ଚାଷୀଙ୍କୁ ଫସଲ ବୀମା ବାବଦରେ କ୍ଷତିପୂରଣ ମିଳିଛି। ଏବେ ଫନୀ ବାତ୍ୟାରେ ଜିଲାର ରବି ଫସଲ ବିଶେଷ ଭାବେ କ୍ଷତି ହୋଇଛି। ବିଶେଷକରି କାଜୁ, ଆମ୍ବ, ପଣସ, କଦଳୀ, ଲେମ୍ବୁ , ଗୁଆ, ନଡିଆ ଆଦି ଗଛ ବାତ୍ୟାରେ ନଷ୍ଟ ହୋଇଯାଇଛି। ଏହାର ତୁରନ୍ତ ଆକଳନ କରି କ୍ଷତିପୂରଣ ଦେବାକୁ ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଦାବି ହୋଇଛି।

# ଜବରଦଖଲରେ ମୁଖ୍ୟ ରାସ୍ତା


### ବଢୁଛି ଟ୍ରାଫିକ୍ ସମସ୍ୟା

**ଚିକିଟି,୨୦ା୫(ଡି.ଏନ.ଏ.)**

ଗଞ୍ଜାମ ଜିଲା ଚିକିଟିପେଣ୍ଠ ମୁଖ୍ୟ ବଜାରରେ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ଗୁରୁତର ହେବାରେ ଲାଗିଛି। ବଜାରର ଅଣଓସାରିଆ ରାସ୍ତା ଏହାର ମୁଖ୍ୟ କାରଣ। ୧୯୭୩ରେ ଚିକିଟି ଏନ୍‌ଏସି ଗଠିତ ହୋଇଥିଲା। କ୍ରମବର୍ଦ୍ଧିଷ୍ଣୁ ଏହି ସହରର ମୁଖ୍ୟ ବଜାରରେ ସୁଚିନ୍ତିତ ରାସ୍ତା ନିର୍ମାଣ କରାଯାଇ ନ ଥିବାରୁ ଏହାର ପରିଣାମ ସ୍ଥାନୀୟ ଓ ଆଖପାଖ ଅଞ୍ଚଳରୁ ଆସୁଥିବା ଲୋକଙ୍କୁ ଭୋଗିବାକୁ ପଡୁଛି।

ଚିକିଟି ଏନଏସି ୧୨ ୱାର୍ଡକୁ ନେଇ ଗଠିତ। ପ୍ରତି ୱାର୍ଡରେ ରାସ୍ତା ପାଇଁ ଅତିକମ୍‌ରେ ୧୨ଫୁଟ ଓ ଡ୍ରେନ୍ ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ୩ ଫୁଟ ଜାଗା ରହିବା ଆବଶ୍ୟକ। ମାତ୍ର ଚିକିଟି ମୁଖ୍ୟ ବଜାର ଏବଂ ପ୍ରତି ୱାର୍ଡର ରାସ୍ତା ଏତେ ସଂକୀର୍ଣ୍ଣ ଯେ ରାସ୍ତାରେ ଦୁଇଟି ଗାଡି ଯାତାୟାତ ସମ୍ଭବ ହେଉନାହିଁ। ଅନ୍ୟପକ୍ଷରେ ପ୍ରତ୍ୟେକ ଗଳିକନ୍ଦିରେ ଉଠାଦୋକାନୀ ତଥା ବ୍ୟବସାୟୀମାନେ ଜବରଦଖଲ କରିଥିବାରୁ ରାସ୍ତା ଅଧିକ ସଂକୁଚିତ ହେଉଛି। ଏଥିପାଇଁ ଛୋଟବଡ ଦୁର୍ଘଟଣା ଘଟିବାରେ ଲାଗିଛି। କେତେଜଣ ବୟୋଜ୍ୟେଷ୍ଠ ଲୋକଙ୍କ କହିବା ଅନୁଯାୟୀ ବଜାରର ମୁଖ୍ୟ ରାସ୍ତା ୨୦ ଫୁଟରୁ ଅଧିକ ଥିଲା। ଦିନକୁ ଦିନ ଏହା ସଂକୁଚିତ ହେଉଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏଥିସହ ସରକାରୀ ଓ ବେସରକାରୀ ଉଚ୍ଚବିଦ୍ୟାଳୟ ସାଙ୍ଗକୁ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟ ଥିବାରୁ ବଜାର ମୁଖ୍ୟ ରାସ୍ତାରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଗହଳି ଲାଗି ରହେ। ତେଣୁ ଏନଏସି କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଓ ପୋଲିସ୍ ପ୍ରଶାସନ ପକ୍ଷରୁ ରାସ୍ତାରୁ ଜବରଦଖଲ ହଟାଇ ଅଧିକ ଚଉଡା କରିବା ନିମନ୍ତେ ସାଧାରଣରେ ଦାବି ହେଉଛି। ଅନ୍ୟପକ୍ଷରେ ବିନା ଡ୍ରାଇଭିଂ ଲାଇସେନ୍ସରେ କମ୍ ବୟସର ୨ଚକିଆ, ତିନିଚକିଆ ଓ ଚାରିଚକିଆ ଚାଳକମାନେ ବେପରୁଆ ଗାଡି ଚଳାଉ ଥିବାରୁ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀଙ୍କୁ ପଚାରିବାରୁ ସେ ୪ ମାସ ହେଲା ଏଠାରେ ନିଯୁକ୍ତି ପାଇଛନ୍ତି, ପୂର୍ବରୁ କ'ଣ ହୋଇଛି ତାହା ଜାଣି ନ ଥିବା କହିଛନ୍ତି। ବର୍ତ୍ତମାନ ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ସହଯୋଗରେ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି।

ସୌ|ନ୍ଦ|ର୍ଯ୍ୟ



# ଆମ୍ବ ଦେବ ସୁନ୍ଦର ତ୍ୱଚା



**ଖରାଦିନ ଆରମ୍ଭ ହେଉ ହେଉ ଫଳ ରାଜା ଆମ୍ବ ଆସିଯାଏ। ଆମ୍ବରେ ପ୍ରସ୍ତୁତ ଫେସ୍‌ପ୍ୟାକ୍ ଆପଣଙ୍କୁ ସୁନ୍ଦର ଏବଂ ସଫା ଦେଖାଯିବାରେ ସାହାଯ୍ୟକରେ। ତେବେ ଆସନ୍ତୁ, ଜାଣିବେ ଆମ୍ବରେ ପ୍ରସ୍ତୁତ ଫେସ୍‌ପ୍ୟାକ୍ ସମ୍ପର୍କରେ ....**

### ଆମ୍ବ ଦହି ଫେସ୍‌ପ୍ୟାକ୍

ଯଦି ଆପଣଙ୍କ ତ୍ୱଚା ଅଏଲି ହୋଇଥାଏ ଏହି ଫେସ୍‌ପ୍ୟାକ୍ ଭଲ କାମ ଦେଇଥାଏ। ପିଗ୍‌ମେଣ୍ଟେସନ ଓ ଟ୍ୟାନିଂ ଦୂରକରିବାରେ ଏହା ସାହାଯ୍ୟ କରିଥାଏ। ଏହି ପ୍ୟାକ୍ ପ୍ରସ୍ତୁତ କରିବାକୁ ହେଲେ ଆମ୍ବ ପଲ୍ପରେ ଦହି ଏକ ଚାମଚ ଓ ମହୁ ମିଶାନ୍ତୁ। ଏହାକୁ ଭଲଭାବେ ମିଶାଇ ମୁହଁରେ ମୋଟା ପରସ୍ତ ଲଗାନ୍ତୁ। ଏହାକୁ ମୁହଁରେ ୧୦ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ ଓ ପୁଣି ସଫା ପାଣିରେ ଭଲଭାବେ ଧୋଇଦିଅନ୍ତୁ।

### ଆମ୍ବ ପଲ୍ପ ଫେସ୍‌ପ୍ୟାକ୍

ଯଦି ଆପଣଙ୍କ ରଙ୍ଗ ଏତେ ସଫା ନୁହେଁ, ତେବେ ଆମ୍ବର ଫେସ୍‌ପ୍ୟାକ୍ ବ୍ୟବହାର କରିପାରିବେ। ଆମ୍ବରୁ ରସ କାଢ଼ି ଏହି ରସକୁ ୨ରୁ ୩ମିନିଟ୍ ପର୍ଯ୍ୟନ୍ତ ହାଲ୍‌କା ଭାବେ ମସାଜ୍ କରନ୍ତୁ। କିଛି ସମୟ ମସାଜ କରିବା ପରେ ୫ରୁ ୭ ମିନିଟ୍ ପର୍ଯ୍ୟନ୍ତ ମୁହଁକୁ ଏମିତି ଛାଡ଼ି ଦିଅନ୍ତୁ। ପରେ ଥଣ୍ଡା ପାଣିରେ ମୁହଁକୁ ସଫା କରିଦିଅନ୍ତୁ। ଏପରି କରିବା ଦ୍ୱାରା ଆପଣଙ୍କ ତ୍ୱଚାରେ ଚମକ ଆସିବା ସହ ସଫା ଦେଖାଯିବେ। ଏହାର ଫଳାଫଳ ଭଲ ପାଇବାକୁ ହେଲେ ଦିନରେ ତିନିଥର କରନ୍ତୁ।

### ଆମ୍ବ ଓ ବେସନ ପ୍ୟାକ୍

ଏହି ପ୍ୟାକ୍ ପ୍ରସ୍ତୁତ କରିବାକୁ ହେଲେ ଆମ୍ବରସ ,ଦୁଇ ଚାମଚ ବେସନ ଓ ଅଧା ଚାମଚ ମହୁ, କିଛି ପେସା ହୋଇଥିବା ପେସ୍ତା ବାଦାମ । ଏକ ପାତ୍ରରେ ଆମ୍ବରସ ପକାନ୍ତୁ, ଏହାପରେ ବେସନରେ ପେସା ହୋଇଥିବା ବାଦାମ ଓ ମହୁ ପକାନ୍ତୁ। ଏବେ ଏହାକୁ ମିଶାଇ ଭଲଭାବେ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏବେ ଏହି ପେଷ୍ଟକୁ ଲଗାଇ ୧୦–୧୨ମିନିଟ୍ ପର୍ଯ୍ୟନ୍ତ ରଖି ଧୋଇ ଦିଅନ୍ତୁ। ଏହି ପ୍ୟାକ୍‌କୁ ସପ୍ତାହରେ ଦୁଇଥର ଲଗାଇଲେ ଭଲ।

# ସହଯୋଗ

**ଯଦି ଉଭୟ କର୍ମଜୀବୀ ତେବେ କେତୋଟି ବିଷୟ ପ୍ରତି ବିଶେଷ ଧ୍ୟାନଦେବାକୁ ପଡ଼ିଥାଏ। ଜାଣନ୍ତୁ ସେ ସମ୍ପର୍କରେ...**







ସେଦିନ ସୁନୀତା ମନ ମାରି ବସିଥାଏ। ଗତ କିଛିଦିନ ହେବ ଠିକ୍ ସମୟରେ ଅଫିସ୍ ଯାଇପାରୁନି। ସକାଳୁ ସକାଳୁ ସ୍ୱାମୀ ତାଙ୍କ କାମରେ ବାହାରି ଯାଉଛନ୍ତି। କାମ କିପରି ହେବ ତାକୁ ନେଇ ସେ ଟେନ୍‌ସନରେ ପଡ଼ିଯାଇଛି। ଏହି ସମୟରେ କଲିଂ ବେଲ୍ ବାଜିଉଠିଲା। କବାଟ ଖୋଲି ଦେଖିଲା ବେଳକୁ ପିଲାଦିନ ସାଙ୍ଗ ରୂପା। ସୁନୀତାଙ୍କ ଉଦାସ ମୁହଁ ଦେଖି ରୂପା ପଚାରିଲେ, ‘‘ଆରେ, ତୁ ଆଜି କାହିଁକି ଏମିତି ଚୁପ୍‌ଚାପ୍ ଲାଗୁଛୁ? ବୋଧହୁଏ ତୁ ଟେନ୍‌ସନରେ ଅଛୁ।’’ ତା’ପରେ ସୁନୀତା ସବୁ କଥା ଏକା ନିଃଶ୍ୱାସରେ କହିଗଲା। ସବୁ କଥା ଶୁଣିବା ପରେ ରୂପା କହିଲା, ‘‘ଆରେ, ଯଦି ତୁ ଟିକେ ବୁଦ୍ଧି ଖଟାଇବୁ ତେବେ ସବୁ କାମ ଠିକ୍ ଭାବରେ ହୋଇପାରିବ। ମୁଁ ଯାହା କହୁଛି ମନ ଦେଇ ଶୁଣ। ତା’ପରେ ଚିନ୍ତା କରିବୁ ମୋ କଥା ପଛରେ କେତେ ସତ ରହିଛି।’’ ରୂପାଙ୍କଠାରୁ ସବୁ ଶୁଣିବା ପରେ ସୁନୀତା ମୁହଁରେ ହସ ଫୁଟିଉଠିଲା। ଠିକ୍ ସେହିପରି ଘରକାମକୁ ନେଇ ଗୃହିଣୀ ହୁଅନ୍ତୁ ଅବା କର୍ମଜୀବୀ ମୁଣ୍ଡ ଖଟାଇ କଲେ ତାହା ବେଶ୍ ହାଲ୍‌କା ଲାଗିଥାଏ। ଯଦି ଉଭୟ କର୍ମଜୀବୀ ତେବେ କେତୋଟି ବିଷୟ ପ୍ରତି ବିଶେଷ ଧ୍ୟାନଦେବାକୁ ପଡ଼ିଥାଏ। ଜାଣନ୍ତୁ ସେ ସମ୍ପର୍କରେ...

**ସମୟ :** ଆଜିକାଲି ଅଧିକାଂଶ ସ୍ୱାମୀ–ସ୍ତ୍ରୀ କର୍ମଜୀବୀ। ଦିନତମାମ ଅଫିସ କାମ ଆଉ ସନ୍ଧ୍ୟାରେ ଘରକୁ ଫେରିବା ପରେ ଘର କଥା ବୁଝିବାକୁ ପଡ଼େ। ତେଣୁ ଏହି ସମୟରେ ସ୍ୱାମୀ–ସ୍ତ୍ରୀଙ୍କ ଭିତରେ ସମନ୍ୱୟ ରହିଲେ ଘରର କାମ ସୁରୁଖୁରୁରେ ହୋଇପାରିବ। ହେଲେ ଉଭୟେ ସମୟର ମୂଲ୍ୟ ବୁଝିବା ଦରକାର। ଯଦି ଜଣେ କିଛି ସମୟ ବିଶ୍ରାମନେବାକୁ ଚାହୁଁଛନ୍ତି ତେବେ ସେ ନେଇ ଚିନ୍ତିତ ନ ହୋଇ ନିଜେ କିଛି କାମ କରିପାରିବେ। କର୍ମଜୀବୀ ହୋଇଥିଲେ ପ୍ରାୟ ଉଭୟଙ୍କୁ ସକାଳୁ ଅଫିସ ଯିବାକୁ ପଡ଼ିଥାଏ। ତେଣୁ ଉଭୟ ସ୍ୱାମୀ–ସ୍ତ୍ରୀ ଘରକାମକୁ ବାଣ୍ଟିକୁଣ୍ଟି କରିପାରିଲେ କ୍ଷତି କ’ଣ ? ହେଲେ ଏହି ସମୟରେ ସେମାନଙ୍କର ମାନସିକତା ସକାରାତ୍ମକ ରହିବା ନିହାତି ଜରୁରୀ।

**ଟେନ୍‌ସନ :** କର୍ମଜୀବୀ ହେଲେ ଅନେକ କଥାକୁ ନେଇ ଟେନ୍‌ସନରେ ରହିବା ସ୍ୱାଭାବିକ। ହେଲେ ଥଣ୍ଡା ମିଜାଜରେ କାମକଲେ ସବୁ କିଛି ଠିକ୍ ସମୟରେ ଶେଷ ହୋଇଥାଏ। ଯଦି ସ୍ୱାମୀଙ୍କର ଶୀଘ୍ର ଅଫିସ ଯିବାର ଅଛି ତେବେ ତାଙ୍କୁ ପ୍ରସ୍ତୁତ ହେବାରେ ସାହାଯ୍ୟ କରନ୍ତୁ। ସବୁଠାରୁ ବଡ଼ କଥା ହେଲା, ପ୍ରତିଦିନ କ’ଣ କରିବେ ତାହାର ଏକ ରୋଟିନ ପ୍ରସ୍ତୁତ କରନ୍ତୁ। ତେବେ ସବୁ କାମ ଠିକ୍ ସମୟରେ ଶେଷହେବ। ନ ହେଲେ କାମକୁ ନେଇ ଟେନ୍‌ସନ ଆଉ ତା’ପରେ ସବୁ କାମ ଅଡୁଆ ତଡୁଆ ହେବା ସମ୍ଭାବନା ରହିଛି।

**ଯୌଥ ପରିବାର :** ଯଦି ଆପଣଙ୍କର ବଡ଼ ପରିବାର, ତେବେ ଘର କାମ ନିଜେ କରିବା ସହ ଅନ୍ୟମାନଙ୍କର ସହଯୋଗ ନିଅନ୍ତୁ। ‘ସବୁ କାମ ମୋତେ ହିଁ ଏକୁଟିଆ କରିବାକୁ ପଡିବ’ ଏପରି ଭାବିବା ଠିକ୍ ନୁହେଁ। ପରିବାର ସଦସ୍ୟମାନେ ମଧ୍ୟ କିଛି କାମ କରିପାରିବେ ଯାହା ଦ୍ୱାରା ଆପଣଙ୍କର ବୋଝ ହାଲ୍‌କା ହେବ। କାମକୁ ନେଇ ସ୍ୱାମୀ–ସ୍ତ୍ରୀ ଭିତରେ ମାନ ଅଭିମାନ ରହିଲେ ପରିସ୍ଥିତି ଜଟିଳ ହେବା ଆଶଙ୍କା ରହିଛି। ତେଣୁ ପରିସ୍ଥିତିକୁ ଉଭୟ ଭଲ ଭାବରେ ହୃଦୟଙ୍ଗମକରି କାମକଲେ ସେଗୁଡ଼ିକ ସୁରୁଖୁରୁରେ ଶେଷ ହୋଇଥାଏ।

**ଏମାନେ କ’ଣ କରନ୍ତି ?**



ସୁଜାତା



ଶ୍ରଦ୍ଧାଞ୍ଜଳି

*–ଶ୍ରଦ୍ଧାଞ୍ଜଳି ଦଳାଇ, ନହରଣା, ଜଗତ୍‌ସିଂହପୁର*

ମୋ ସ୍ୱାମୀ ମୋତେ ପ୍ରତିଟି କ୍ଷେତ୍ରରେ ସହଯୋଗ କରନ୍ତି। ସବୁ ଜିନିଷ ମୁଁ ଭୁଲିଯାଏ, କିନ୍ତୁ ଠିକ୍ ସମୟରେ ସବୁ ଜିନିଷ ସେ ମନେପକାଇ କରନ୍ତି। ମୁଁ ଯଦି କିଛି ମାର୍କେଟିଂ କରିବାକୁ ଯାଉଛି ମୁଁ ଭୁଲିଯାଏ କ’ଣ ନେବାର ଅଛି। ସେ କିନ୍ତୁ ମନେପକାଇ ଘର ପାଇଁ କ’ଣ ଦରକାର ଆଣିଥାନ୍ତି।

*–ସୁଜାତା ମହାନ୍ତି, କର୍ମଜୀବୀ, ସିଡିଏ, କଟକ*

ମୋ ସ୍ୱାମୀ ଶତପ୍ରତିଶତ କାମରେ ଯଦି ସାହାଯ୍ୟ କରିପାରନ୍ତିନି ମୁଁ କହିବି ସେ କିନ୍ତୁ ପ୍ରାୟ ସତୁରି ପ୍ରତିଶତ କରିଥାନ୍ତି। ଆମର ଛୁଆ ଯେହେତୁ ଛୋଟ, ତା’ କପଡ଼ା ଆଦି ଧୋଇବା, ତା’ର ଦେଖାଶୁଣା କରିବାରେ ସେ ମଧ୍ୟ ସାହାଯ୍ୟ କରିଥାନ୍ତି। ମୁଁ ଯେହେତୁ ଜଣେ କର୍ମଜୀବୀ, କୌଣସି କାମରେ ବ୍ୟସ୍ତ ଅଛି ମୁଁ କିଛି କହିବା ଆଗରୁ ସେ କାମ କରି ଦେଇଥାନ୍ତି। ଘରର ଛୋଟମୋଟ କାମରେ ସାହାଯ୍ୟ ଯଦି ସ୍ୱାମୀଙ୍କର ରହିବ ତେବେ କିଛି କାମ ହାଲ୍‌କା ଲାଗିବ।

# ଗୃହିଣୀଙ୍କ ପାଇଁ



- ବିରିୟାନୀ କିମ୍ବା ପଲାଉ କରିବା ସମୟରେ ପିଆଜ ଜଲ୍‌ଦି ଫ୍ରାଏ ହେବା ଲାଗି ସେଥିରେ ଅଳ୍ପ ପରିମାଣରେ ଚିନି ପକାନ୍ତୁ, ଦେଖିବେ ପିଆଜ ଶୀଘ୍ର ଫ୍ରାଏ ହେବା ସହ କ୍ରିସ୍ପି ହୋଇଥାଏ।
- ବଙ୍କାଟଙ୍କା ଅଦାକୁ ଛୁରି ସାହାଯ୍ୟରେ ଚୋପା ଛଡ଼ାଇବା ଲାଗି ସମୟ ଲାଗିଥାଏ,ଏଥିଲାଗି ଚାମଚ ବ୍ୟବହାରକଲେ ଚୋପା ଜଲ୍‌ଦି ଛାଡ଼ିଥାଏ।
- ପିଆଜ ରସୁଣ ପେଷ୍ଟକୁ ଯଦି ଫ୍ରିଜ୍‌ରେ ରଖୁଥାନ୍ତି ତେବେ ଏଥିରେ ତେଲ ମିଶାଇ ରଖନ୍ତୁ, ଏହା କିଛିଦିନ ପର୍ଯ୍ୟନ୍ତ ଭଲ ରହିବ।
- ବାଇଗଣ ପୋଡ଼ିବା ସମୟରେ ଯଦି ତା’ ଉପରେ ଟିକେ ତେଲ ଲଗାଇଦେବେ ଏହାର ଚୋପା ଶୀଘ୍ର ଛାଡ଼ିଯିବ।
- ଆଳୁ ମିଠା ଥିଲେ ଏହାକୁ କିଛି ସମୟ ଲୁଣପାଣିରେ ଭିଜାଇ ରଖନ୍ତୁ। ପୁଣି ଏହାକୁ ରୋଷେଇ ଲାଗି ବ୍ୟବହାର କରିପାରିବେ। ସେଓର କଳାପଣ ଦୂର କରିବାକୁ ହେଲେ ଲୁଣ ବ୍ୟବହାର କରନ୍ତୁ।
- ଖରାଦିନେ ଡାଲି,ଚାଉଳ ଏବଂ ଡ୍ରାଏ ଫୁଡ୍‌ସରେ ପୋକ ଲାଗିବାର ଦେଖାଯାଏ। ଏହା ଦୂରକରିବାକୁ ହେଲେ ନିମ୍ବପତ୍ରକୁ ଶୁଖାଇ ଡବା ଭିତରେ ରଖି ଦିଅନ୍ତୁ, ଏହା ଭଲ ରହିବ।
- କୋବିରୁ ପୋକ ବାହାର କରିବାକୁ ହେଲେ ରାତିରେ ଏହାକୁ ବଡ଼ ବଡ଼ ଆକାରରେ ଭାଙ୍ଗି ଲୁଣପାଣିରେ ଭିଜାଇ ରଖିଦେବେ। ସକାଳେ ଦେଖିବେ ଏଥିରେ ଥିବା ପୋକ ପଳାଇଯିବା ସହ ଫ୍ରେଶ୍ ଦେଖାଯାଇଥାଏ।

ଫ୍ୟା|ଶ|ନ

# ବାହାଘର ପାର୍ଟି ଓ ବିବାହ ଲାଗି ଡିଜାଇନ ଚୁଡ଼ି

**ମହିଳାଙ୍କ ଚୁଡ଼ିର ଖନ୍‌ଖନ୍ ଶବ୍ଦ କାହାର ବା ଧ୍ୟାନ ଆକର୍ଷଣ ନ କରେ ! ଖାଲି ସେତିକି ନୁହେଁ, ଏହା ମହିଳାଙ୍କ ଷୋଳ ଶିଙ୍ଗାର ସହ ସମାନ। ଯଦି କୌଣସି ଫଙ୍କ୍‌ଶନ ଯିବାର ଥାଏ,ନିଜର ଲୁକ୍ସକୁ ନେଇ ଚିନ୍ତିତ ରହୁଛନ୍ତି,ତେବେ ଏଠାରେ ଆପଣଙ୍କୁ ବିବାହ ଓ ଫଙ୍କ୍‌ଶନ ଲାଗି ଡିଜାଇନ ଚୁଡ଼ି ସମ୍ପର୍କରେ ସୂଚନା ଦେଉଛୁ....**



- ସୁନାଚୁଡ଼ି ଓ ଚୁଡ୍ ସମସ୍ତଙ୍କୁ ପିନ୍ଧିବାକୁ ଭଲ ଲାଗେ। ସୁନା ପିନ୍ଧିବା ଦ୍ୱାରା ନିଜ ଷ୍ଟାଟସ୍ ମେଣ୍ଟେନ କରିବା ସହ ନିଜକୁ ମଧ୍ୟ ଆଲର୍ଜିରୁ ରକ୍ଷା କରିଥାନ୍ତି।
- ଯଦି ବିବାହରେ ରାଜସ୍ଥାନୀ ଟ୍ରାଡିସନାଲ ଲୁକ୍ ପାଇବାକୁ ଚାହୁଁଥାନ୍ତି, ତେବେ ଏମିତିରେ ଶାଢ଼ି କିମ୍ବା ଡ୍ରେସ୍‌ରେ ମ୍ୟାଚିଂ କରି ଲାଖ ଚୁଡ଼ି ସହ ଲାଖ ଚୁଡ୍ ମ୍ୟାଚ୍ କରି ପିନ୍ଧିପାରିବେ।
- ଲାଖ ଚୁଡି ବଦଳରେ ମୋତି କାମ ହୋଇଥିବା ଚୁଡ଼ି ମଧ୍ୟ ପିନ୍ଧିପାରିବେ।
- ଯଦି ଆପଣ ବାହାଘରରେ ଡ୍ରେସ୍ ସହ କିଛି ଅଲଗା ଟ୍ରାଏ କରିବାକୁ ଚାହୁଁଥାନ୍ତି, ତେବେ ସୂତାରେ ପ୍ରସ୍ତୁତ ଚୁଡି (ଥ୍ରେଡ୍ ବ୍ୟାଙ୍ଗଲ୍ସ) ପିନ୍ଧିଲେ ଷ୍ଟାଇଲିଶ ଲାଗିବେ।
- କାଚ ଚୁଡ଼ି ମହିଳାଙ୍କୁ ସବୁବେଳେ ପସନ୍ଦ। ଏମିତିରେ ଆପଣ କାଚଚୁଡ଼ିକୁ, ମେଟାଲ, ଗୋଲ୍ଡ, ଲାଖ ଚୁଡି ସହିତ ପରଫେକ୍ଟ ମ୍ୟାଚ୍ କରିପାରିବେ।

# ଘରକୁ ଥଣ୍ଡା ରଖିବାକୁ ହେଲେ

**ଖରାଦିନେ ଗରମ ବଢ଼ିବା ସହ ତାପମାତ୍ରା ବଢ଼ିଚାଲିଛି। ଏମିତିରେ ଘରେ ରହିବା କଷ୍ଟକର ହୋଇପଡୁଛି। ପ୍ରାୟ ଲୋକ ଏଥିଲାଗି ଘରେ ଏସି ଲଗାଉଛନ୍ତି; ଯାହା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ତେଣୁ ଘରେ କିଛି ପ୍ରାକୃତିକ ଉପାୟ ଅବଲମ୍ବନ କରନ୍ତୁ ଯାହାର ଭଲ ଉପାୟ ହେଲା ବୃକ୍ଷ ଲଗାଇବା। ଏହାଦ୍ୱାରା ଗରମରୁ ମୁକ୍ତି ମିଳିପାରିବ। ତେବେ ଜାଣନ୍ତୁ ଏ ସମ୍ପର୍କରେ...**

### ସ୍ନେକ୍‌ପ୍ଲାଣ୍ଟ

ଏହା ଏକ ପ୍ରକାର ଗଛ। ଅନ୍ୟ ଗଛ ଭଳି ସ୍ନେକ୍ ପ୍ଲାଣ୍ଟ ରାତିରେ ଅକ୍ସିଜେନ୍ ଛାଡ଼ିଥାଏ ଓ ତାପମାନକୁ କମାଇଥାଏ। କେବଳ ଏହା ନୁହେଁ, ଏହି ଗଛ ନାଇଟ୍ରୋଜେନ୍ ଅକ୍ସାଇଡ୍,ଟ୍ରାଇକ୍ଲୋର ଏଥିଲିନ୍,ଟୋଲ୍ୟୁନି ଆଦି ଗ୍ୟାସ୍‌କୁ ଶୋଷିଥାଏ ବାୟୁକୁ ଶୁଦ୍ଧ କରିଥାଏ।

### ଫିଚୁସ ଟ୍ରି

ଏହା ବିପିଂ ଫିଗ୍ ନାମରେ ଜଣାଶୁଣା। ଏହା ରୁମ୍‌ର ବାୟୁକୁ ସଫା କରିଥାଏ। ଗରମକୁ ଶୋଷିନେଇଥାଏ। ଏହାର ଦେଖାଶୁଣା କରିବା ବହୁତ ସହଜ ହୋଇଥାଏ। ଏହା କମ୍ ଆଲୋକ ଏବଂ କମ୍ ପାଣିରେ ମଧ୍ୟ ବଞ୍ଚିପାରେ।









### ବେବି ରବର ପ୍ଲାଣ୍ଟ

ଯେତେବେଳେ ଏହି ପ୍ଲାଣ୍ଟର କଥା ଆସେ ଯାହା ରୁମ୍‌କୁ ଥଣ୍ଡା ରଖେ ଓ ବାୟକୁ ପ୍ରଦୂଷଣ ମୁକ୍ତ କରିଥାଏ। ଏଥିରେ ପ୍ରତିଦିନ ପାଣି ଦେବା ଆବଶ୍ୟକ ହୁଏ ନାହିଁ। ଏହାକୁ ଭଲ ମାଟି ଓ ଫିଲ୍ଟର୍ଡ ଲାଇଟର ଆବଶ୍ୟକ ହୋଇଥାଏ।

### ଫର୍ନ

ବୈଜ୍ଞାନିକଙ୍କ ମତରେ ଫର୍ନ ବାୟୁମଣ୍ଡଳକୁ ଓଦାଳିଆ ରଖିବାରେ ସାହାଯ୍ୟକରେ। ରୁମ୍‌ର ବାୟୁକୁ ସଫା ରଖିବା ସହ ଗରମ୍‌କୁ କମ୍ କରିଥାଏ। ଏହାକୁ ଆପଣ ନିଜ ବାଲ୍‌କୋନୀରେ ରଖନ୍ତୁ। ଏହା ବହୁତ ଭଲ ଦେଖାଯାଇଥାଏ।

### ଗୋଲ୍‌ଡେନ ପୋଥାସ

ଆପଣ ଏହାକୁ ସିଲ୍‌ଭର କିମ୍ବା ଡେଭିଲ୍ସ ଏବି କୁହାଯାଏ। ଏହାର ଘଞ୍ଚ ପତ୍ର ଆପଣଙ୍କ ରୁମ୍‌ର ଶୋଭା ବଢ଼ାଇଥାଏ। ଏହା ବାୟୁମଣ୍ଡଳର ଦୂଷିତ ବାୟୁକୁ ଶୁଦ୍ଧ କରିଥାଏ। ଘରକୁ ଥଣ୍ଡା ରଖିଥାଏ।



ଖା|ଦ୍ୟ|ରୁ|ଚି

# ମସାଲା କୋଲ୍ଡ୍ରିଙ୍କ୍‌ସ



**ଆବଶ୍ୟକ ସାମଗ୍ରୀ –** କୋକ୍ ୨ ଗ୍ଲାସ୍, ଚାହାଗୁଣ୍ଡ ୧ ଚାମଚ, ଚାଟ୍ ମସଲା ୧ ଚାମଚ, ଅଳ୍ପ ପରିମାଣରେ ପୋଦିନା, ଲେମ୍ବୁ ୨ ଖଣ୍ଡ, ଭଜା ହୋଇଥିବା ଜିରା ୧ ଚତୁର୍ଥାଂଶ, ଲେମ୍ବୁରସ ଅଧା ଚାମଚ, ଏକ ପାତ୍ର ଆଇସ୍ କ୍ୟୁବ୍, ସ୍ୱାଦ ଅନୁସାରେ ବିଟ୍ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ –** ମସଲା କୋଲ୍ଡ୍ରିଙ୍କ୍‌ସ ପ୍ରସ୍ତୁତ କରିବାକୁ ହେଲେ ପ୍ରଥମେ ପୋଦିନାପତ୍ରକୁ ଅଧା ଗ୍ରାଇଣ୍ଡିଂ କରନ୍ତୁ। ଲେମ୍ବୁ ଖଣ୍ଡକୁ ଛୋଟ ଛୋଟ ଆକାରରେ କାଟି ଦିଅନ୍ତୁ। ଏବେ ଏକ ପାତ୍ରରେ ଦୁଇ ଗ୍ଲାସ୍ ପାଣି ଗରମ କରନ୍ତୁ। ପାଣି ଗରମ ହୋଇଗଲେ ଗ୍ୟାସ୍ ବନ୍ଦକରି ଏଥିରେ ଚାହାଗୁଣ୍ଡ ପକାନ୍ତୁ। ୧୫ ମିନିଟ୍ ପରେ ଚା’ଗୁଣ୍ଡକୁ ଛାଣି ଦିଅନ୍ତୁ। ଏବେ ସେଥିରେ ଲେମ୍ବୁରସ, ଚାଟ୍ ମସଲା, ଜିରା ପାଉଡର, ଅଳ୍ପ ପୋଦିନା, ଆଇସ୍ କ୍ୟୁବ୍ ଏବଂ ସ୍ୱାଦ ଅନୁସାରେ ଲୁଣ ମିଶାନ୍ତୁ। ଏବେ ଏହାକୁ ଗ୍ରାଇଣ୍ଡରରେ ହାଲ୍‌କା ଭାବେ ଗ୍ରାଇଣ୍ଡିଂ କରନ୍ତୁ। ଏବେ ଦୁଇଟି ଗ୍ଲାସ୍ ନିଅନ୍ତୁ। ଗୋଟିଏ ଗ୍ଲାସ୍‌ରେ ଲେମ୍ବୁ ଖଣ୍ଡ, କିଛି ପୋଦିନାପତ୍ର ଏବଂ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଚା’ପାଣିକୁ ପକାନ୍ତୁ। ଏବେ ଏଥିରେ ସ୍ୱାଦ ଅନୁସାରେ କୋକ୍ ମିଶାନ୍ତୁ। ଏଥିରେ ଲେମ୍ବୁ ଖଣ୍ଡ, ପୋଦିନାପତ୍ର, ଆଇସ୍ କ୍ୟୁବ୍ ପକାଇ ପରଷନ୍ତୁ।



“ ଦେଶରେ କାର୍ ବଜାର ଆହ୍ୱାନ ବଢ଼ିବାରେ ଲାଗିଛି। କମ୍ପାନୀକୁ ଲାଭଜନକ କରିବା ଲାଗି ଗ୍ରହଣ କରାଯାଇଥିବା ଯୋଜନା ସଫଳ ହୋଇଛି।

–ପି.ବି.ବାଲାଜି, ଗ୍ରୁପ୍ ସିଏଫ୍ଓ, ଟାଟା ମୋଟର୍ସ



“ ମାଇଣ୍ଡଟ୍ରିକୁ ଅଧିଗ୍ରହଣ କରିବା ଏଲ୍ଆଣ୍ଡଟିର ମୁଖ୍ୟ ଏଜେଣ୍ଡା ରହିଛି। କମ୍ପାନୀ ଏ ଦିଗରେ ଆଗେଇ ଚାଲିଛି।

–ଏ.ଏମ୍.ନାଏକ,ଗ୍ରୁପ୍ ଅଧ୍ୟକ୍ଷ, ଏଲ୍ଆଣ୍ଡଟି

## ସଂକ୍ଷେପରେ

### ପବନ ହଂସକୁ ବିକ୍ରି ଲାଗି ପୁଣି ଉଦ୍ୟମ





ନୂଆଦିଲ୍ଲୀ,୨୦-୫: କେନ୍ଦ୍ର ସରକାର ରାଷ୍ଟ୍ରାୟତ୍ତ ପବନ ହଂସକୁ ବିକ୍ରି କରିଦେବା ଲାଗି ପୁନର୍ବାର ପ୍ରୟାସ ଆରମ୍ଭ କରିଛନ୍ତି। ଚଳିତ ମାସ ଶେଷରେ ନୂଆକରି ବିଡିଂ ପ୍ରକ୍ରିୟା ଆରମ୍ଭ କରିବାକୁ କେନ୍ଦ୍ର ସରକାର ବିଚାର କରୁଛନ୍ତି। ଏଥିଲାଗି ନୂଆ ସରକାର ଦସ୍ତାବିଜ ଜାରି କରାଯିବ। ଏହି ହେଲିକପ୍ଟର କମ୍ପାନୀ ଉପରେ ୫୦୦ କୋଟି ଟଙ୍କାର ଋଣ ଥିବାରୁ କ୍ଷତିପୂରଣ ପ୍ରଦାନକୁ ଏଥର ବିଡିଂ ପ୍ରକ୍ରିୟାରେ ସାମିଲ କରାଯିବ। ଏଥିପୂର୍ବରୁ ପବନ ହଂସକୁ ବିକ୍ରି କରିଦେବା ଲାଗି ସରକାରଙ୍କ ଉଦ୍ୟମ ଫସର ଫାଟି ଥିଲା। ନିବେଶକଙ୍କ ସହିତ ଆଲୋଚନା ପରେ ବିଡିଂ ପ୍ରକ୍ରିୟାରେ ସଂଶୋଧନ କରିବା ଲାଗି ସରକାର ବିଚାର କରୁଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେ, ଚଳିତ ମାସ ଶେଷରେ ସଦ୍ୟତମ ପ୍ରାରମ୍ଭିକ ସୂଚନା ଜ୍ଞାପନ(ପିଆଇଏମ୍) ଜାରି କରାଯିବ। ପବନ ହଂସରେ ସରକାରଙ୍କ ୫୧% ଏବଂ ଓଏନ୍‌ଜିସି ନିକଟରେ ଅବଶିଷ୍ଟ ୪୯ ପ୍ରତିଶତ ଅଂଶଧନ ରହିଛି। ସମ୍ପୂର୍ଣ୍ଣ ଅଂଶଧନ ବିକ୍ରି ଲାଗି ନିଷ୍ପତ୍ତି ହୋଇଛି। କମ୍ପାନୀ ନିକଟରେ ୪୬ ହେଲିକପ୍ଟର ରହିଛି। କମ୍ପାନୀର ସମ୍ପୂର୍ଣ୍ଣ ଅଂଶଧନ ବିକ୍ରି କରିଦେଲେ ସରକାର ପ୍ରାୟ ୧ ହଜାର କୋଟି ଟଙ୍କା ପାଇବେ ବୋଲି ଅନୁମାନ କରାଯାଉଛି।

### ଇନ୍‌ଫୋସିସ୍ ସିଇଓଙ୍କୁ ମିଳିଛି ୨୪.୬୭ କୋଟିର ପ୍ୟାକେଜ




ବେଙ୍ଗାଲୁରୁ,୨୦-୫: ଆଇଟି କମ୍ପାନୀ ଇନ୍‌ଫୋସିସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ସଲିଲ୍ ପାରେଖଙ୍କୁ ଆର୍ଥିକ ବର୍ଷ ୨୦୧୮-୧୯ରେ ୨୪.୬୭ କୋଟି ଟଙ୍କାର ଦରମା ପ୍ୟାକେଜ ମିଳିଥିଲା। କମ୍ପାନୀ ନିଜର ବାର୍ଷିକ ରିପୋର୍ଟରେ ଏ ସମ୍ପର୍କରେ ସୂଚନା ଦେଇଛି। ପାରେଖ ଜାନୁୟାରୀ ୨୦୧୮ରେ କମ୍ପାନୀରେ ଯୋଗ ଦେଇଥିଲେ। ତାଙ୍କୁ ନିଶ୍ଚିତ ବେତନ ଭାବେ ୬.୦୭ କୋଟି ଟଙ୍କା ମିଳିଥିବା ବେଳେ ବୋନସ, ପ୍ରୋତ୍ସାହନ ଏବଂ ଭେରିଏବଲ୍ସ ପେ ବାବଦରେ ୧୦.୯୬କୋଟି ଟଙ୍କା ମିଳିଛି। ଇନ୍‌ଫୋସିସ୍ ନିଜର ସିଇଓଙ୍କୁ ୭.୬୪ କୋଟି ଟଙ୍କା ଅନ୍ୟାନ୍ୟ ସୁବିଧା ରୂପରେ ଦେଇଛି। ଅନ୍ୟପକ୍ଷରେ ଦେଶର ଏକ ନମ୍ବର ଆଇଟି କମ୍ପାନୀ ଟାଟା କନ୍‌ସଲଟାନ୍ସି ସର୍ଭିସେସ୍(ଟିସିଏସ୍) ସିଇଓ ରାଜେଶ ଗୋପୀନାଥନ ଗତ ଆର୍ଥିକ ବର୍ଷରେ ୧୬ କୋଟି ଟଙ୍କାର ପ୍ୟାକେଜ ପାଇଥିଲେ। କମ୍ପାନୀ ରିପୋର୍ଟରେ ଏହା କୁହାଯାଇଛି। ଗୋପୀନାଥନଙ୍କ ବେତନରେ ପୂର୍ବାପେକ୍ଷା ୨୮ ପ୍ରତିଶତ ବୃଦ୍ଧି ହୋଇଛି।

### ଭାରତୀୟ ସଡ଼କରେ ଦୌଡ଼ିପାରେ ଟେସ୍‌ଲା କାର୍



ନୂଆଦିଲ୍ଲୀ,୨୦-୫: ଭାରତରେ ଟେସ୍‌ଲା କାର୍ ଲଞ୍ଚକୁ ନେଇ ଦ୍ୱିଧାରେ ଥିବା ସିଇଓ ଏଲନ ମସ୍କଙ୍କ ମୁଣ୍ଡବ୍ୟଥା ହ୍ରାସ କରିଛି ଭାରତୀୟ କମ୍ପାନୀ ଅଶୋକ ଲେଲ୍ୟାଣ୍ଡ। ଭାରତୀୟ ସଡ଼କରେ ଟେସ୍‌ଲାର ଇଲେକ୍ଟ୍ରିକ କାର୍ ଦୌଡାଇବାକୁ ନେଇ ଲେଲ୍ୟାଣ୍ଡ ପକ୍ଷରୁ ପାର୍ଟନରଶିପ୍ ପାଇଁ ପ୍ରସ୍ତାବ ଦିଆଯାଇଛି। ଏ ସମ୍ପର୍କରେ କମ୍ପାନୀର ସିନିୟର ଭାଇସ ପ୍ରେସିଡେଣ୍ଟ ଭେଙ୍କଟେଶ ନଟରାଜନ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଭାରତୀୟ ସଡ଼କରେ ଇଲେକ୍ଟ୍ରିକ କାର୍ ଦୌଡାଇବାକୁ ହେଲେ ଏକାଧିକ କମ୍ପାନୀଙ୍କ ସହାୟତା ଆବଶ୍ୟକ ହେବ। ଯେ କୌଣସି କମ୍ପାନୀର ନୂଆ ଟେକ୍ନୋଲୋଜିକୁ ଅଶୋକ ଲେଲ୍ୟାଣ୍ଡ ଆପଣାଇବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି। କମ୍ପାନୀ ଅଧିକ ଅର୍ଥ ରୋଜଗାର କରିବାକୁ ଚାହୁଁଛି ବୋଲି ସେ ପ୍ରକାଶ କରିଛନ୍ତି।

## ଟିପ୍ପଣୀ ଦେବାରୁ ଦୂରେଇ ରହିଛନ୍ତି ପ୍ରମୁଖ ଶିଳ୍ପ ସଂଘ

# ଏକ୍‌ଜିଟ୍ ପୋଲ୍‌କୁ ନେଇ ଉଦ୍ୟୋଗ ଜଗତ ଚୁପ୍

ନୂଆଦିଲ୍ଲୀ,୨୦-୫




ଭାରତୀୟ ଉଦ୍ୟୋଗ ଜଗତ ସୋମବାର ଏକ୍‌ଜିଟ୍ ପୋଲ୍‌କୁ ନେଇ ଚୁପ୍ ରହିଛି। କେହି କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ରବିବାର ସାଧାରଣ ନିର୍ବାଚନର ଶେଷ ପର୍ଯ୍ୟାୟ ସରିବା ପରେ ବିଭିନ୍ନ ଟିଭି ଚ୍ୟାନେଲ ପକ୍ଷରୁ ଏକ୍‌ଜିଟ୍ ପୋଲ୍ ଜାରି କରାଯାଇଥିଲା। ତଦନୁଯାୟୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର ପୁନର୍ବାର କ୍ଷମତାକୁ ଫେରୁଥିବା ଏଥିରେ ଦର୍ଶାଯାଇଛି। ତେବେ ନିର୍ବାଚନ ଫଳାଫଳ ଆସନ୍ତା ୨୩ରେ ପ୍ରକାଶ ପାଇବ। ଏ ସମ୍ପର୍କରେ ପ୍ରମୁଖ ଉଦ୍ୟୋଗ ଜଗତ ପ୍ରତିନିଧି ଫିକି, ଭାରତୀୟ ଉଦ୍ୟୋଗ ମହାସଂଘ(ସିଆଇଆଇ) ତଥା ଆସୋଚାମ୍ କୌଣସି ଟିପ୍ପଣୀ ଦେବାରୁ ଦୂରେଇ ରହିଛି। ଗୋଟିଏ ଉଦାହରଣରୁ ଏହା ସହଜରେ ବୁଝି ହେବ। ଚଳିତ ସପ୍ତାହରେ କ'ଣ କରିବାକୁ ହେବ ବୋଲି ମହିନ୍ଦ୍ରା ଗ୍ରୁପ୍‌ର ମୁଖ୍ୟ ଅର୍ଥନୀତିଜ୍ଞ ସଚ୍ଚିଦାନନ୍ଦ ଶୁକ୍ଳା ଟୁଇଟ୍ ଜରିଆରେ ପ୍ରଶ୍ନ ପଚାରିବାରୁ ଏହାର ଉତ୍ତରରେ ଗ୍ରୁପ୍ ଅଧ୍ୟକ୍ଷ ଆନନ୍ଦ ମହିନ୍ଦ୍ରା ଚଳିତ ସପ୍ତାହରେ ଆମର ଏକମାତ୍ର ଗୋଟିଏ ଦିଗ ପ୍ରତି ନଜର ରହିଛି ବୋଲି ଉତ୍ତର ଦେଇଥିଲେ। ତାଙ୍କର ସ୍ପଷ୍ଟ ସଙ୍କେତ ମେ ୨୩ର ନିର୍ବାଚନ ଫଳାଫଳ ଆଡକୁ ଦର୍ଶାଉଛି। ଉଦ୍ୟୋଗ ଜଗତର ଅନ୍ୟତମ ପ୍ରତିନିଧି ପିଏଚ୍‌ଡିସିଆଇ ଅଧ୍ୟକ୍ଷ ରାଜୀବ ତଲୱାର କହିଛନ୍ତି ଯେ, ଭାରତରେ ସମସ୍ତଙ୍କୁ ଜନତା ଜନାର୍ଦ୍ଦନଙ୍କ ଇଚ୍ଛାକୁ ସମ୍ମାନ ଦେବା ଉଚିତ। ଯଦି ମତଦାତାଙ୍କୁ ଲାଗୁଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦ୍ୱିତୀୟ ଥର ଲାଗି ନିର୍ବାଚିତ କରିବା ଆବଶ୍ୟକ, ତେବେ ଅନ୍ୟ କୌଣସି ବିଚାର ସହ ତୁଳନା କରିବା ଅନୁଚିତ ହେବ। ଯେତେବେଳେ ଦେଶର ମତଦାତା ଚାହିଁଛନ୍ତି, ସେମାନେ ସରକାର ବଦଳାଇ ଦେଇଛନ୍ତି। ଏଭଳି ସ୍ଥିତିରେ ମୋଦିଙ୍କୁ ଦ୍ୱିତୀୟଥର ଲାଗି ନିର୍ବାଚିତ କରାଗଲେ ଏହା ଦେଶର ଅର୍ଥନୀତି ପ୍ରତି ଭଲ ହେବ। ଅନ୍ୟପକ୍ଷରେ ଆର୍‌ପିଜି ଏଣ୍ଟରପ୍ରାଇଜେସର ଅଧ୍ୟକ୍ଷ ହର୍ଷ ଗୋଏଙ୍କା କହିଛନ୍ତି ଯେ, ଏହା ନିଶ୍ଚିତ ଯେ, ପରବର୍ତ୍ତୀ ପ୍ରଧାନମନ୍ତ୍ରୀଙ୍କ ନାମର ପ୍ରଥମ ଅକ୍ଷର 'ଏନ୍'ରୁ ଆରମ୍ଭ ହେବ। ବ୍ରୋକରେଜ କମ୍ପାନୀ ଏଡଲଭାଇସ ସିକ୍ୟୁରିଟିଜ ପକ୍ଷରୁ କୁହାଯାଇଛି ଯେ, ଏନ୍‌ଡିଏ ସରକାରଙ୍କୁ ସ୍ପଷ୍ଟ ବହୁମତ ମିଳିଲେ ବଜାରରେ ଉତ୍ସାହ ବୃଦ୍ଧି ପାଇବ ଏବଂ ନୀତିଗତ ନିଷ୍ପତ୍ତିରେ ଧାରାବାହିକତା ବଜାୟ ରହିବ। ଅପରପକ୍ଷରେ କୋଟାକ୍ ଇନ୍‌ଷ୍ଟିଚ୍ୟୁଶନାଲ ସିକ୍ୟୁରିଟିଜ ପକ୍ଷରୁ ସୋମବାର ଏକ ବିବୃତି ଜାରି କରି କୁହାଯାଇଛି ଯେ, ନିର୍ବାଚନ ଫଳାଫଳ ବଜାରର ଆଶା ଅନୁରୂପ ଆସିଲେ ୨୩ ପରେ କିଛି ସମୟ ପାଇଁ ସେନ୍‌ସେକ୍ସରେ ବୃଦ୍ଧି ଦେଖିପାରିବା।

# ଗାଡ଼ିର ଥାର୍ଡ ପାର୍ଟି ବୀମା ପ୍ରିମିୟମ ବଢ଼ିବ

ନୂଆଦିଲ୍ଲୀ,୨୦-୫



ବୀମା ନିୟାମକ ଆଇଆର୍‌ଡିଏଆଇ ଚଳିତ ଆର୍ଥିକ ବର୍ଷରେ କାର୍,ଦୁଇ ଚକିଆ ଏବଂ ବାଣିଜ୍ୟିକ ଯାନର ଥାର୍ଡ ପାର୍ଟି ବୀମା ପ୍ରିମିୟମ ବୃଦ୍ଧି କରିବାକୁ ଯାଉଛନ୍ତି। ପ୍ରାପ୍ତ ସୂଚନାନୁଯାୟୀ, ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ୧୦୦୦ ସିସିରୁ କମ୍ କାର୍ ପାଇଁ ଥାର୍ଡ ପାର୍ଟି ବୀମା ପ୍ରିମିୟମକୁ ୧୮୫୦ ଟଙ୍କାରୁ ୨୧୨୦ ଟଙ୍କାକୁ ବୃଦ୍ଧି କରିବାକୁ ଯାଉଛି। ସେହିପରି ୧୦୦୦ସିସିରୁ ଊର୍ଦ୍ଧ୍ୱ ଏବଂ ୧୫୦୦ ସିସିରୁ ମଧ୍ୟରେ କାର୍ ପାଇଁ ପ୍ରିମିୟମ ୨୮୬୩ ଟଙ୍କାରୁ ୩୩୦୦ ଟଙ୍କାକୁ ବୃଦ୍ଧି ପାଇବ। ତେବେ ୧୫୦୦ ସିସିର ଲକ୍ଜ୍ୟୁରୀ କାର୍ ପାଇଁ ଥାର୍ଡ ପାର୍ଟି ବୀମା ପ୍ରିମିୟମରେ କୌଣସି ପରିବର୍ତ୍ତନ କରା ନ ଯାଇ ବର୍ତ୍ତମାନର ୭୮୯୦ ଟଙ୍କାରେ ସ୍ଥିର ରଖିବାକୁ ନିଷ୍ପତ୍ତି ହୋଇଛି। ସାଧାରଣତଃ ଏପ୍ରିଲ ପହିଲାରୁ ଥାର୍ଡ ପାର୍ଟି ବୀମା ପ୍ରିମିୟମ ସମ୍ପର୍କରେ ଆଇଆର୍‌ଡିଏଆଇ ନିଷ୍ପତ୍ତି ନେଇଥାଏ। ତେବେ ଚଳିତବର୍ଷର ପୁରୁଣା ହାରକୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଜାରି ରଖିବାକୁ କୁହାଯାଇଛି। ବର୍ତ୍ତମାନ ବୀମା ନିୟାମକ ଥାର୍ଡ ପାର୍ଟି ବୀମା ପ୍ରିମିୟମ ବୃଦ୍ଧି ନେଇ ଏକ ଚିଠାପ୍ରସ୍ତାବ ଜାରି କରିଛି। ଚଳିତ ମାସ ୨୯ତାରିଖ ସୁଦ୍ଧା ଏ ସମ୍ପର୍କରେ ନିଜର ମତ ପ୍ରକାଶ କରିବାକୁ ସମ୍ବନ୍ଧିତ ପକ୍ଷଙ୍କୁ କୁହାଯାଇଛି। ଚିଠା ପ୍ରସ୍ତାବ ଅନୁଯାୟୀ, ୭୫ସିସିର ଦୁଇଚକିଆ ଗାଡ଼ି ପାଇଁ ବୀମା ପ୍ରିମିୟମକୁ ୪୨୭ ଟଙ୍କାରୁ ୪୮୨ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ୭୫ସିସିରୁ ୩୫୦ସିସି ମଧ୍ୟରେ ଥିବା ଗାଡ଼ି ପାଇଁ ମଧ୍ୟ ପ୍ରିମିୟମ ବଢ଼ାଯିବାର ପ୍ରସ୍ତାବ ଦିଆଯାଇଛି। କିନ୍ତୁ ୩୫୦ସିସିରୁ ଅଧିକ ସୁପରବାଇକ ପାଇଁ ପ୍ରିମିୟମ ଯଥାସ୍ଥିତି ରଖାଯାଇଛି। ଅପରପକ୍ଷରେ ଘରୋଇ ଇଲେକ୍ଟ୍ରିକ କାର୍ ଓ ଦୁଇ ଚକିଆ ଯାନ ପାଇଁ ପ୍ରିମିୟମକୁ ୧୫% ହ୍ରାସ କରାଯିବାକୁ ପ୍ରସ୍ତାବ ଦିଆଯାଇଛି। ଅନୁରୂପ ଭାବେ ଇ-ରିକ୍ସାର ପ୍ରିମିୟମ ଅପରିବର୍ତ୍ତିତ ରଖାଯାଇଥିବା ବେଳେ ସ୍କୁଲ ବସ୍ ପାଇଁ ଏହା ବୃଦ୍ଧି କରାଯିବାର ପ୍ରସ୍ତାବ ଦିଆଯାଇଛି। ସେହିପରି ଟ୍ୟାକ୍ସି, ବସ୍ ଓ ଟ୍ରକ୍, ଟ୍ରାକ୍ଟର ପାଇଁ ଥାର୍ଡ ପାର୍ଟି ପ୍ରିମିୟମ ବୃଦ୍ଧି କରାଯିବାର ପ୍ରସ୍ତାବ ରହିଛି।

## ସୁନା ଆମଦାନୀ ୫୪% ବୃଦ୍ଧି

ନୂଆଦିଲ୍ଲୀ,୨୦-୫

ଦେଶର ସୁନା ଆମଦାନୀ ଏପ୍ରିଲରେ ୫୪ ପ୍ରତିଶତ ବୃଦ୍ଧି ପାଇ ୩.୯୭ ବିଲିୟନ ଡଲାରରେ ପହଞ୍ଚିଯାଇଛି। ଫଳରେ ବାଣିଜ୍ୟ ନିଅଣ୍ଟ ବୃଦ୍ଧି ପାଇବାରୁ ଚଳନ୍ତି ଜମା ନିଅଣ୍ଟ(ସିଏଡି)କୁ ନେଇ ଚିନ୍ତା ବଢ଼ିଯାଇଛି। ଗତବର୍ଷ ଏପ୍ରିଲରେ ସୁନା ଆମଦାନୀ ୨.୫୮ ବିଲିୟନ ଡଲାର ରହିଥିଲା। ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ, ସୁନା ଆମଦାନୀ ବୃଦ୍ଧି ପାଇବା କାରଣରୁ ବାଣିଜ୍ୟ ନିଅଣ୍ଟ ପରିମାଣ ଏପ୍ରିଲରେ ୫ ମାସର ସର୍ବୋଚ୍ଚ ସ୍ତର ୧୫.୩୩ ବିଲିୟନ ଡଲାରରେ ପହଞ୍ଚିଯାଇଛି। ଗତ ଆର୍ଥିକ ବର୍ଷ ତୃତୀୟ ତ୍ରୈମାସରେ ଦେଶର ଚଳନ୍ତି ଜମା ନିଅଣ୍ଟ ପରିମାଣ ମୋଟ ଘରୋଇ ଉତ୍ପାଦ(ଜିଡିପି)ର ୨.୫%ରେ ପହଞ୍ଚିଯାଇଛି, ଯାହା କି ବର୍ଷକ ପୂର୍ବରୁ ସମାନ ଅବଧିରେ ୨.୧% ରହିଥିଲା। ସୂଚନାଯୋଗ୍ୟ ଯେ, ଫେବୃୟାରୀରେ ସୁନା ଆମଦାନୀ ହ୍ରାସ ପାଇଥିଲା। ଏହାପରେ ଏହା ଦୁଇ ଅଙ୍କ ହାରରେ ବୃଦ୍ଧି ପାଇବା ଆରମ୍ଭ ହୋଇଛି। ମାର୍ଚ୍ଚରେ ଏହା ୩୧ ପ୍ରତିଶତ ବୃଦ୍ଧି ପାଇ ୩.୨୭ ବିଲିୟନ ଡଲାର ହୋଇଥିଲା। ଉଲ୍ଲେଖ କରାଯାଇପାରେ ଯେ, ସୁନା ଆମଦାନୀରେ ଭାରତ ସର୍ବାଗ୍ରେ ରହିଛି। ଏହାରି ମାଧ୍ୟମରେ ଘରୋଇ ଗହଣା ଉଦ୍ୟୋଗର ଚାହିଦା ମେଣ୍ଟାଯାଇଥାଏ। ବାର୍ଷିକ ଆଧାରରେ ଭାରତ ୮୦୦ରୁ ୯୦୦ ଟନ ସୁନା ଆମଦାନୀ କରିଥାଏ। ଆର୍ଥିକ ବର୍ଷ ୨୦୧୮-୧୯ରେ ସୁନା ଆମଦାନୀ ୩ ପ୍ରତିଶତ ହ୍ରାସ ପାଇ ୩୨.୮ ବିଲିୟନ ଡଲାର ହୋଇଥିଲା।

# ସିଣ୍ଡିକେଟ ବ୍ୟାଙ୍କର ନୂତନ କ୍ଷେତ୍ରୀୟ ପ୍ରବନ୍ଧକ


ଭୁବନେଶ୍ୱର,୨୦-୫



ସିଣ୍ଡିକେଟ ବ୍ୟାଙ୍କ କ୍ଷେତ୍ର-୨ର ନୂତନ ପ୍ରବନ୍ଧକ ଭାବେ ଚନ୍ଦ୍ରକାନ୍ତ ଦାସ ମହାପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ କାନପୁର କ୍ଷେତ୍ରୀୟ କାର୍ଯ୍ୟାଳୟର ପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ୧୯୮୪ରେ ସିଣ୍ଡିକେଟ ବ୍ୟାଙ୍କରୁ ସେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ରାଞ୍ଚିଠାରେ ଉପକ୍ଷେତ୍ରୀୟ ପ୍ରବନ୍ଧକ ଲକ୍ଷ୍ନୌଠାରେ ମୁଖ୍ୟ ପ୍ରବନ୍ଧକ ଭାବେ ସେ କାର୍ଯ୍ୟ କରିଛନ୍ତି। ୨୦୧୮ରେ ସେ ଉପମହାପ୍ରବନ୍ଧକ ପଦବୀକୁ ପଦୋନ୍ନତି ପାଇଥିଲେ। ଭୁବନେଶ୍ୱର କ୍ଷେତ୍ର-୨କୁ ଏକ ପ୍ରମୁଖ କ୍ଷେତ୍ର କରାଇବା ସହ କାସା,ରିଟେଲ, ଏଗ୍ରି, ଏମ୍‌ଏସ୍‌ଏମ୍‌ଇ ଏବଂ ରିକଭରି ଉପରେ ଧ୍ୟାନ କେନ୍ଦ୍ରୀତ କରିବା ତାଙ୍କର ଲକ୍ଷ୍ୟ ରହିଛି। ଏହି ଅବସରରେ ଉପକ୍ଷେତ୍ରୀୟ ପ୍ରବନ୍ଧକ କମଳାକାନ୍ତ ମିଶ୍ରଙ୍କ ସମେତ ବ୍ୟାଙ୍କର ଅନ୍ୟ ଅଧିକାରୀ ତଥା କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିଛନ୍ତି।

# ଏମ୍‌ଏସ୍‌ପି ହଟାଅ, କମ୍ପାନୀ ଟିକସ କମାଅ

ନୂଆଦିଲ୍ଲୀ,୨୦-୫



ନୂଆ ସରକାରଙ୍କୁ ଅର୍ଥନୀତିଜ୍ଞଙ୍କ ପରାମର୍ଶ

ଆସନ୍ତା ୨୩ ତାରିଖ ପରେ ଦେଶରେ ନୂଆ ସରକାର ଗଠନ ହେବାକୁ ଯାଉଛି। ଅର୍ଥନୀତିକୁ ଗତିଶୀଳ କରିବା ପାଇଁ ନୂଆ ସରକାରଙ୍କ ନିକଟରେ ଏକାଧିକ ଆହ୍ୱାନ ରହିଛି। ତେବେ ବିଶିଷ୍ଟ ଅର୍ଥନୀତିଜ୍ଞ ସୁରଜିତ ଭଲ୍ଲା ନୂଆ ସରକାରଙ୍କ ପାଇଁ କେତେକ ପରାମର୍ଶ ଦେଇଛନ୍ତି। କୃଷକଙ୍କ ପାଇଁ ଘୋଷଣା କରାଯାଇଥିବା ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ହଟାଇବା ସହିତ କମ୍ପାନୀ ଟିକସରେ ୫% ହ୍ରାସ କରିବା ତଥା ଆୟ ସମର୍ଥନ ଯୋଜନାର ପରିଧି ବଢ଼ାଇବାକୁ ସେ ପରାମର୍ଶ ଦେଇଛନ୍ତି।

ଉଦ୍ୟୋଗ ଜଗତ ଫିକି ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଭଲ୍ଲା କହିଛନ୍ତି ଯେ, ନୂଆ ସରକାର ଆସନ୍ତା ୩ ବର୍ଷ ପାଇଁ ଏମ୍‌ଏସ୍‌ପିକୁ ପ୍ରତ୍ୟାହାର କରିନେବା ଉଚିତ୍। କୃଷି କ୍ଷେତ୍ରରେ ହସ୍ତକ୍ଷେପ ଶୂନ୍ୟ ହେବା ଆବଶ୍ୟକ। ସେ କହିଛନ୍ତି ଯେ, ଦେଶରେ ପୁଞ୍ଜି ଲଗାଣ ଏବଂ କମ୍ପାନୀ ଟିକସ ବହୁ ଅଧିକ। ଗତ ୫/୬ ବର୍ଷ ଧରି ଭାରତୀୟ ରିଜର୍ଭ ବ୍ୟାଙ୍କ ଭୁଲ୍ ବାଟରେ ଯାଉଛି। ବାସ୍ତବିକ ସୁଧ ହାର ୩.୫% ହୋଇ ପାରିବ ନାହିଁ। ଦେଶର ଜିଡିପି ବୃଦ୍ଧି ହାର ବାର୍ଷିକ ୮ରୁ ୮.୫% ରହିବା ସମ୍ଭାବନା ରହିଛି। ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ପୂର୍ବତନ ସଦସ୍ୟ ରହିଥିବା ଭଲ୍ଲା କହିଛନ୍ତି ଯେ, ମଧ୍ୟମ ଆୟ ଜାଲରେ ଭାରତ ଫଶିବାର ସମ୍ଭାବନା ନାହିଁ। ମଧ୍ୟମ ଆୟବର୍ଗ ଜାଲ ଧାରଣାକୁ ଭୁଲ ଭାବେ ଗ୍ରହଣ କରାଯାଇଛି ଏବଂ ଭାରତୀୟମାନେ ଏଦିଗରେ ଆଗେଇନାହାନ୍ତି। ସୂଚନାଥାଉ କି, ପରିଷଦର ସଦସ୍ୟ ରଥିନ ରାୟ କହିଥିଲେ ଯେ, ଭାରତୀୟ ଅର୍ଥନୀତି ଢାଞ୍ଚାଗତ ନରମପଣ ଆପଣାଉଛି। ଆମେରିକା-ଚାଇନା ବାଣିଜ୍ୟ ଯୁଦ୍ଧ ଉପରେ ନିଜର ପ୍ରତିକ୍ରିୟାରେ ସେ କହିଛନ୍ତି ଯେ, ଚାଇନା ଦୀର୍ଘଦିନ ହେବ ବିଶ୍ୱ ଅର୍ଥନୀତିରୁ ବହୁ ଲାଭ ଉଠାଇଛି। ବର୍ତ୍ତମାନ ଏହା ପୂର୍ବରୁ ହାସଲ କରିଥିବା ଲାଭର ମୂଲ୍ୟ ଦେଉଛି। ଗୋବଧକୁ ମୁସ୍‌ଲିମ ବିରୋଧୀ ଦର୍ଶାଇ ସେ କହିଛନ୍ତି ଯେ, ଦେଶର ନୀତିରେ ପରିବର୍ତ୍ତନ ଲୋଡା। କାରଣ ଏହାଦ୍ୱାରା ଭାରତର ଅର୍ଥନୀତି ପ୍ରଭାବିତ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଦର୍ଶନର ଆକଳନ କରି ସେ କହିଛନ୍ତି ଯେ, ଗତ ୪/୫ ବର୍ଷ ମଧ୍ୟରେ ଯେ କୌଣସି ଦେଶ ତୁଳନାରେ ଏନଡିଏ ସରକାର ଏକୀକୃ ସମାବେଶୀ ଭାବେ କାର୍ଯ୍ୟ କରିଛି। ସେ କହିଛନ୍ତି ଯେ, ମୋଦିଙ୍କୁ ଜଣେ ଦୂରଦର୍ଶୀ ନେତା ଭାବେ ଦେଖିବାକୁ ହେବ। ସିଙ୍ଗାପୁରର ଲି କୁଆନ ୟେଙ୍କ ଶ୍ରେଣୀରେ ତାଙ୍କୁ ରଖାଯାଇପାରେ। ତାଙ୍କ ନିକଟରେ ଦୃଷ୍ଟିକୋଣ ଏବଂ ମିଶନ ରହିଛି। ସଂଖ୍ୟାଗରିଷ୍ଠତା ହାସଲ କରିବା ଏକ ମିଶନ କୁହାଯାଇପାରେ।

## ବିଭିନ୍ନ କମ୍ପାନୀ ପକ୍ଷରୁ ବାତ୍ୟା ସହାୟତା

### ବାତ୍ୟା ବିପନ୍ନଙ୍କୁ ଗେଲ୍‌ର ୫ କୋଟି



ଫନୀରେ ପ୍ରଭାବିତ ଲୋକଙ୍କ ଲାଗି ରାଷ୍ଟ୍ରାୟତ୍ତ ଗେଲ୍ ଇଣ୍ଡିଆ ପକ୍ଷରୁ ୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଗେଲ୍ ଇଣ୍ଡିଆର ନିର୍ମାଣ ଜେନେରାଲ ମ୍ୟାନେଜର ଜେଭିଜି ଶ୍ରୀନିବାସ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମୁଖ୍ୟ ତଥା ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀଙ୍କୁ ଭେଟି ଏହି ଚେକ୍ ପ୍ରଦାନ କରିଛନ୍ତି। ବାତ୍ୟା ପରେ କମ୍ପାନୀ ଜେନେରେଟର ସୁବିଧା ଏବଂ ସିଏନ୍‌ଜି ଯୋଗାଣକୁ ପୁନରୁଦ୍ଧାର କରିବାକୁ ସକ୍ଷମ ହୋଇଛି। କମ୍ପାନୀ ବର୍ତ୍ତମାନ ନିଜର ସମ୍ପ୍ରସାରିତ ପ୍ରକଳ୍ପ ଜଗଦୀଶପୁର-ହଳଦିଆ ଏବଂ ବୋକାରୋ ଧାମରା ପ୍ରାକୃତିକ ଗ୍ୟାସ ପାଇପ ଲାଇନ ନିର୍ମାଣ କରୁଛି। ସେହିଭଳି ଭୁବନେଶ୍ୱର ଏବଂ କଟକରେ ଏହା ସହରୀ ଗ୍ୟାସ ବିତରଣ ପ୍ରକଳ୍ପ ପରିଚାଳନା କରୁଛି।

### ରାଜ୍ୟ ସମବାୟ ବ୍ୟାଙ୍କର ବ୍ୟାଙ୍କ ଅନ୍ ହ୍ୱିଲ

ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ପକ୍ଷରୁ ଫନୀ ପ୍ରଭାବିତ ଅଞ୍ଚଳଗୁଡିକରେ ବ୍ୟାଙ୍କ ଅନ୍ ହ୍ୱିଲ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବିଶେଷ ପ୍ରଭାବିତ ପୁରୀ ଜିଲାରେ ଏଭଳି ୧୩ ଗୋଟି ଭ୍ରାମ୍ୟମାଣ ଏଟିଏମ୍ ପରିଚାଳିତ କରାଯାଉଛି। ଜିଲାର ବିଭିନ୍ନ ଅଞ୍ଚଳ ଯଥା-ନିମାପଡା,ଗୋପ, କୋଣାର୍କ, ପିପିଲି ଏବଂ ସତ୍ୟବାଦୀ ବ୍ଲକରେ ଏହି ଏଟିଏମ୍‌ଗୁଡିକ ସେବା ଯୋଗାଇ ଆସୁଛନ୍ତି। ଅସୁବିଧା ସମୟରେ ଏଭଳି ପଦକ୍ଷେପ ଦ୍ୱାରା ଲୋକଙ୍କୁ ସେବା ଯୋଗାଣ ସହ ନିକଟତର ହୋଇ ପାରିଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

### ପ୍ରଭାବିତଙ୍କୁ ଜେଏସ୍‌ପିଏଲ୍‌ର ସହାୟତା




ଫନୀ ପ୍ରଭାବିତଙ୍କ ଲାଗି ରିଲିଫ କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ(ଜେଏସ୍‌ପିଏଲ) ନିଜର ଯୋଗଦାନ ରଖିଛି। କମ୍ପାନୀ ଏହାର ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ମେ ୧୦ ତାରିଖରୁ ପ୍ରଭାବିତଙ୍କ ଲାଗି ରନ୍ଧାଖାଦ୍ୟ ଯୋଗାଇ ଦେଉଛି। କମ୍ପାନୀ ଏହି କାର୍ଯ୍ୟକ୍ରମ ୧୦ ଦିନ ଧରି ଚାଲୁ ରଖିଥିବା ବେଳେ ପ୍ରତିଦିନ ୧୦ ହଜାର ମିଲ୍ ଯୋଗାଣ କରଯାଇଥିଲା ବୋଲି କହିଛି। ପୁରୀ ଜିଲା ପ୍ରଶାସନ ସହ ମିଳିତ ହୋଇ ପୁରୀଠାରେ ଏକ କେନ୍ଦ୍ରୀୟ ରୋଷେୟ ଘର ସ୍ଥାପନ କରି ଜିଲାର ବିଭିନ୍ନ ସ୍ଥାନକୁ ଏହା ଯୋଗାଣ କରିଥିବା ସୂଚନା ରହିଛି। ଫନୀ ଦ୍ୱାରା ଲୋକଙ୍କର ହୋଇଥିବା କ୍ଷତି ଅପୂରଣୀୟ ବୋଲି ଜେଏସ୍‌ପିଏଲ୍ ଫାଉଣ୍ଡେଶନର ଅଧ୍ୟକ୍ଷା ସାଲୁ ଜିନ୍ଦଲ କହିଛନ୍ତି। ଜେଏସ୍‌ପିଏଲର ଇଭିପି ପ୍ରଶାନ୍ତ ହୋତାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଚାଲିଥିବା ବେଳେ ଅନୁଗୋଳ ସ୍ଥିତ ଷ୍ଟିଲ ପ୍ଲାଣ୍ଟରୁ ସରକାରୀ ଗୃହ ମରାମତି ନିମନ୍ତେ ସିମେଣ୍ଟ ଏବଂ ନିର୍ମାଣ ସାମଗ୍ରୀ ପ୍ରଦାନ କରାଯାଇଛି।

# ପୁରୀ-ହବିବଗଞ୍ଜ-ପୁରୀ ଟ୍ରେନରେ ମିଳିତ ବଗି ସଂଯୋଗ




ଭୁବନେଶ୍ୱର,୨୦-୫

ଯାତ୍ରୀଙ୍କୁ ଉନ୍ନତ ସେବା ଯୋଗାଣ କରିବା ଲକ୍ଷ୍ୟରେ ରେଲୱେ ପକ୍ଷରୁ ପୁରୀ-ହବିବଗଞ୍ଜ-ପୁରୀ ମଧ୍ୟରେ ଚଳାଚଳ କରୁଥିବା ସ୍ୱତନ୍ତ୍ର ଟ୍ରେନରେ ମିଳିତ ବଗି ସ୍ଥାୟୀ ସଂଯୋଗ କରାଯାଇଛି। ଗୋଟିଏ ଏସି ପ୍ରଥମ ଶ୍ରେଣୀ ଓ ଦ୍ୱିତୀୟ ଶ୍ରେଣୀରେ ଏହି ବଗି ସଂଯୋଗ ହୋଇଛି। ଏହା ହବିବଗଞ୍ଜରୁ ଚଳିତ ମାସ ୨୧ରୁ ଏବଂ ୨୨ରୁ ପୁରୀଠାରୁ ଗୋଟିଏ ଏସି ପ୍ରଥମ ଶ୍ରେଣୀ ଏବଂ ଦ୍ୱିତୀୟ ଶ୍ରେଣୀର ମିଳିତ ବଗିର ସ୍ଥାୟୀ ସଂଯୋଗ ସହ ଚଳାଚଳ କରିବ। ନୂଆ ମିଳିତ ଏସି ବଗିର ସ୍ଥାୟୀ ସଂଯୋଗ ପରେ ଏହା ବାଦ ଟ୍ରେନରେ ଗୋଟିଏ ଏସି ଟାୟାର ୨, ଚାରିଟି ଏସି ୩ ଟାୟାର, ୧୧ଟି ସ୍ଲିପର କ୍ଲାସ, ୨ଟି ଦ୍ୱିତୀୟ ଶ୍ରେଣୀ, ଦୁଇଟି ଗାର୍ଡ ଏବଂ ଲଗେଜ ଭ୍ୟାନ ସହିତ ସମୁଦାୟ ୨୧ଟି କୋଚ ସହ ଚଳାଚଳ କରିବ।

### ୨ ଦିନ ବାତିଲ ରହିବ ପୁରୀ-କାମାକ୍ଷା ଏକ୍ସପ୍ରେସ

ସେହିଭଳି ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ଉତ୍ତର ସୀମାନ୍ତ ରେଳପଥ ଦ୍ୱାରା କାମାକ୍ଷାରୁ ପୁରୀ ଯାତ୍ରା କରୁଥିବା ୨ଟି ଟ୍ରେନ ପ୍ରତ୍ୟେକ ଗୋଟିଏ ଦିନ ଲାଗି ବାତିଲ ରହିବ। ପୁରୀଠାରୁ ଛାଡୁଥିବା ପୁରୀ-କାମାକ୍ଷା ଏକ୍ସପ୍ରେସ ଚଳିତ ମାସ ୨୧ ଏବଂ କାମାକ୍ଷାପଟୁ ୨୫ ତାରିଖରେ ବାତିଲ ରହିବ ବୋଲି ରେଳପଥ ପକ୍ଷରୁ କୁହାଯାଇଛି।

> ଇଂଲଣ୍ଡରେ ଆଇସିସି ବିଶ୍ୱକପ୍ ବେଳେ ବିପକ୍ଷ ଦଳକୁ ବଡ଼ ସ୍କୋରରୁ ରୋକିବା ବୋଲରମାନଙ୍କ ଦାୟିତ୍ୱ ।
> —ଜଷ୍ଟିନ ଲାଙ୍ଗର, ଅଷ୍ଟ୍ରେଲିଆ କ୍ରିକେଟ କୋଚ୍



> ଇଂଲଣ୍ଡଠାରୁ ୪–୦ରେ ଦିନିକିଆ କ୍ରିକେଟ ସିରିଜ ହାରିଥିଲେ ହେଁ ଏଥିରୁ ଆମକୁ ଅନେକ କିଛି ଶିକ୍ଷା ମିଳିଛି ।
> —ମିକି ଆର୍ଥର, ପାକିସ୍ତାନ କ୍ରିକେଟ କୋଚ୍



## ସଂକ୍ଷେପରେ

### ଆଜି ମାଲେସିଆକୁ ଭେଟିବ ଭାରତ

**ନାନ୍କିଂ (ଚାଇନା), ୨୦।୫(ପି.ଟି.):** ସୁଦିରମାନ ବ୍ୟାଡ୍ମିଣ୍ଟନ ପ୍ରତିଯୋଗିତାରେ ଭାରତୀୟ ଦଳ ମଙ୍ଗଳବାର ମାଲେସିଆ ବିପକ୍ଷରୁ ଏହାର ଅଭିଯାନ ଆରମ୍ଭ କରିବ। ଏହି ସମ୍ମାନଜନକ ପ୍ରତିଯୋଗିତାର ୨୦୧୧ ଓ ୨୦୧୭ ସଂସ୍କରଣ ଫାଇନାଲରେ ପ୍ରବେଶ କରିଥିବା ଭାରତ ୨୦୦୯ ସେମିଫାଇନାଲିଷ୍ଟ ମାଲେସିଆକୁ ମାତ୍ ଦେଇ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି। କିମ୍ବଦନ୍ତୀ ବ୍ୟାଡ୍ମିଣ୍ଟନ ଖେଳାଳି ଲି ଚୋଙ୍ଗ୍ ୱିଁଙ୍କ ବିନା ଏହି ପ୍ରତିଯୋଗିତା ଖେଳିବାକୁ ଆସିଥିବା ମାଲେସିଆ ଏହାର ପ୍ରଥମ ମ୍ୟାଚ୍‌ରେ ୦-୫ରେ ଚାଇନା ନିକଟରୁ ପରାସ୍ତ ହୋଇଥିଲା। ଯଦି ଭାରତ ବିପକ୍ଷ ମ୍ୟାଚ୍‌ରେ ମାଲେସିଆ ପରାଜୟବରଣ କରେ ତେବେ ପ୍ରତିଯୋଗିତାରୁ ବିଦାୟ ନେବା ଏକପ୍ରକାର ନିଶ୍ଚିତ। ସେହିଭଳି ଭାରତ ମାଲେସିଆ ପରେ ୨ୟ ମ୍ୟାଚ୍‌ରେ ବୁଧବାର ୧୦ଥର ଚାମ୍ପିୟନ ଶକ୍ତିଶାଳୀ ଚାଇନାକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ପି.ଭି. ସିନ୍ଧୁ, ସାଇନା ନେହ୍ୱାଲ, କିଦାମ୍ବୀ ଶ୍ରୀକାନ୍ତ, ଶ୍ରୀକାନ୍ତ ବର୍ମାଙ୍କ ପରି ତାରକା ଖେଳାଳଙ୍କୁ ନେଇ ୧୩ ଜଣିଆ ଭାରତୀୟ ଦଳ ମଧ ବେଶ୍ ଶକ୍ତିଶାଳୀ ରହିଛି। ତେଣୁ ଏଠାରେ ଏକ ରୋମାଞ୍ଚକ ମ୍ୟାଚ୍ ଆଶା କରାଯାଉଛି।

### 'ଅଷ୍ଟ୍ରେଲିଆକୁ ଅନ୍ୟ ଦଳମାନେ ଭୟ କରିବେ'

**ଦୁବାଇ,୨୦।୫(ପିଟି):** ଅଷ୍ଟ୍ରେଲିଆ ଦଳ ଆଗାମୀ ବିଶ୍ୱକପ୍‌ରେ ଫେଭରାଇଟ୍ ନୁହେଁ। ହେଲେ ଷ୍ଟିଭ ସ୍ମିଥ ଓ ଡେଭିଡ୍ ୱାର୍ନରଙ୍କ ଫେରିବାରୁ ଅଷ୍ଟ୍ରେଲିଆ ଦଳଠାରୁ ସମ୍ଭବତଃ ଅନ୍ୟ ଦଳମାନେ ଭୟ କରିବେ ବୋଲି ପୂର୍ବତନ ଅଧିନାୟକ ଷ୍ଟିଭ ୱ କହିଛନ୍ତି। ବଲ ଟ୍ୟାମ୍ପରିଂ ଯୋଗୁ ଏକ ବର୍ଷ ବାସନ୍ଦାଦେଶରୁ ଫେରିବା ପରେ ୱାର୍ନର ଆଇପିଏଲରେ ୧୨ ମ୍ୟାଚ୍ ଖେଳି ୬୯୨ ରନ୍ କରିଥିଲେ। ତାଙ୍କ ଭଳି ସ୍ମିଥ ମଧ ଆଇପିଏଲର ଅନ୍ତିମ ଭାଗରେ ଫର୍ମକୁ ଫେରିବା ସହ ନ୍ୟୁଜିଲାଣ୍ଡ ବିପକ୍ଷ ଅଭ୍ୟାସ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିଥିଲେ। ପ୍ରତ୍ୟେକ ଦଳ ଅଷ୍ଟ୍ରେଲିଆକୁ ଭୟ କରିବେ। କାରଣ ଟିମ୍ ଅଷ୍ଟ୍ରେଲିଆର ଦକ୍ଷତା ସମ୍ପର୍କରେ ସେମାନଙ୍କୁ ଜଣା। ଗତ ୧୨ ମାସ ହେଲା ଅଷ୍ଟ୍ରେଲିଆ କ୍ରିକେଟ ପ୍ରବଳ ବାଧାପ୍ରାପ୍ତ ହୋଇଛି। ହେଲେ ବିଶ୍ୱକପ୍‌ରେ ଆମ ଦେଶର ସ୍ମିଥ ଓ ୱାର୍ନରଙ୍କ ଭଳି ଶ୍ରେଷ୍ଠ ଖେଳାଳି ଖେଳୁଛନ୍ତି। ଏମାନେ ବିଶ୍ୱକପ୍‌ରେ ଯେ କୌଣସି ଦଳକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିପାରନ୍ତି। ଏଣୁ ମୁଁ ଭାବୁଛି, ଅଷ୍ଟ୍ରେଲିଆ ଟୁର୍ନାମେଣ୍ଟରେ ବହୁ ଆଗକୁ ଯିବ ବୋଲି ୱ କହିଛନ୍ତି। କିନ୍ତୁ ୫୩ ବର୍ଷୀୟ ପୂର୍ବତନ କ୍ରିକେଟର ଫେଭରାଇଟ୍ ଦଳ ଭାବେ ଇଂଲଣ୍ଡକୁ ଚୟନ କରିଛନ୍ତି।

### ରିୟଲ ମାଡ୍ରିଡ୍ ସହ ରହିବେ କ୍ରୁଜ୍

**ମାଡ୍ରିଡ୍,୨୦।୫(ଏଏଫ୍‌ପି):** ଜର୍ମାନୀ ଅନ୍ତର୍ଜାତୀୟ ଫୁଟ୍‌ବଲ ଷ୍ଟାର ଟୋନି କ୍ରୁଜ୍ ରିୟଲ ମାଡ୍ରିଡ୍ କ୍ଲବ ସହ ହୋଇଥିବା ଚୁକ୍ତିର ସମୟସୀମାରେ ବୃଦ୍ଧି କରିଛନ୍ତି। ଫଳରେ ସେ ୨୦୨୩ ପର୍ଯ୍ୟନ୍ତ ସ୍ପାନିଶ କ୍ଲବ ପାଇଁ ଖେଳିବା ନେଇ ସ୍ପଷ୍ଟ ହୋଇଛି। ୨୯ ବର୍ଷୀୟ ମିଡ୍‌ଫିଲ୍ଡର ସ୍ପେନ୍‌ରେ ଗତ ୫ ବର୍ଷରେ ୧୨ ଟାଇଟଲ ଜିତିସାରିଛନ୍ତି। ଏଥିରେ ୨୦୧୬, ୨୦୧୭ ଓ ୨୦୧୮ ଚାମ୍ପିୟନ୍ସ ଟ୍ରଫି ରହିଛି। ରିୟଲ ମାଡ୍ରିଡ୍ ଦଳ ପକ୍ଷରୁ ୨୩୩ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରି ସେ ୧୩ ଗୋଲ କରିଛନ୍ତି। ଏଥିପୂର୍ବରୁ ସେ ମ୍ୟୁନିକ୍ ପାଇଁ ଖେଳୁଥିଲେ। ୨୦୧୪ରେ ଜର୍ମାନୀକୁ ବିଶ୍ୱକପ୍ ଜିତାଇବା ପରେ ସେ ମାଡ୍ରିଡ୍ ସହ ଚୁକ୍ତି କରିଥିଲେ।

# ସାଇନା, ଦେବୀ ଚାମ୍ପିୟନ

**ଭୁବନେଶ୍ୱର, (କ୍ରୀଡ଼ା ପ୍ରତିନିଧି)/ ବାଲେଶ୍ୱର ଅଫିସ, ୨୦।୫**

## ରାଜ୍ୟ ୧୭ ବର୍ଷରୁ କମ୍ ଚେସ୍

ବାଲେଶ୍ୱର ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଚଳିତମାସ ୧୮ରୁ ୨୦ ପର୍ଯ୍ୟନ୍ତ ବାଲେଶ୍ୱର ଲ' କଲେଜରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ୧୭ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍‌ରେ ସାଇନା ସାଲୋନିକା ଓ ଦେବୀ ପ୍ରସାଦ ନାୟକ ଚାମ୍ପିୟନ ହୋଇଛନ୍ତି। ସମ୍ପ୍ରତି କିଟ୍‌ରେ ଅଧ୍ୟୟନରତ ମହିଳା ଫିଡେ ମାଷ୍ଟର ସାଇନା (୨୧୨୩ ରେଟିଂ) ବାଳିକା ବିଭାଗରେ ୬ ରାଉଣ୍ଡରୁ ୬ ପଏଣ୍ଟ ହାସଲ କରି ଟାଇଟଲ ହାସଲ କରିଛନ୍ତି। ପୂର୍ବରୁ ରାଜ୍ୟର ବିଭିନ୍ନ ବୟସବର୍ଗ ଚାମ୍ପିୟନଶିପ୍ ୭, ୯, ୧୧, ୧୩, ୧୫ ବର୍ଷରୁ କମ୍ ବର୍ଗରେ ଚାମ୍ପିୟନ ହୋଇ ସାରିଥିବା ସାଇନା ଏଥର ୧୭ ବର୍ଷରୁ କମ୍‌ରେ ଅପରାଜେୟ ରହିବା ସହ ବିଜୟ ମୁକୁଟ ପିନ୍ଧିଛନ୍ତି। କଟକର ଅଙ୍କିତା ସାହୁ (୫ ପଏଣ୍ଟ) ରନର୍ସଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପଲକ ମହାପାତ୍ର, ପ୍ରକୃତି ରାଉତ(ଉଭୟେ ୪ ପଏଣ୍ଟ ଲେଖାଏ), ସ୍ୱସ୍ତିକା ପରିଡ଼ା, ଅଦିତି ଉପାସନା ପଟ୍ଟନାୟକ, ଅଞ୍ଜଳି ମିଶ୍ର, ରୋଜାଲିନ ବେହେରା, ନିୟତି ନିହାରିକା ମହାପାତ୍ର ପ୍ରମୁଖ ୩ ପଏଣ୍ଟ ଲେଖାଏ ପାଇ ପଛକୁପଛ ରହିଛନ୍ତି।

ଅନ୍ୟପକ୍ଷରେ ଖୋର୍ଦ୍ଧାର ଦେବୀ ପ୍ରସାଦ (୧୪୧୮ ରେଟିଂ) ଓପନ ବିଭାଗରେ ୭ ରାଉଣ୍ଡରୁ ୬.୫ ପଏଣ୍ଟ ହାସଲ କରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ମୟୂରଭଞ୍ଜର ଅନୁବ୍ରତ ପ୍ରିୟଦର୍ଶନ ସାହୁ ୬ ପଏଣ୍ଟ ସହ ରନର୍ସଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆୟୁଷ ଆର୍ଯ୍ୟନ ମହାପାତ୍ର, ସାଇ ସ୍ୱରୂପ ମିଶ୍ର(ଉଭୟେ ୫.୫ ପଏଣ୍ଟ), ଭବେଶ କୁମାର ବର୍ଦ୍ଧନ, ସଞ୍ଜୟ କୁମାର ରଥ, ସିଦ୍ଧେଶ କାମିଲା, ପୀୟୂଷ କୁମାର ସାହୁ, ରୁକ୍ମଣ କୁମାର ସାହୁ ଓ ତ୍ରିଦେବ ତୀର୍ଥଙ୍କର(ପ୍ରତ୍ୟେକ ୫ ପଏଣ୍ଟ ଲେଖାଏ) ଟପ୍-୧୦ ଫିନିଶ୍ କରିଛନ୍ତି। ମନୋରଞ୍ଜନ ପଣ୍ଡା ଟୁର୍ନାମେଣ୍ଟ ଡାଇରେକ୍ଟର ଥିବାବେଳେ ଭବେଶ ମହାନ୍ତି ମୁଖ୍ୟ ଆର୍ବିଟର ଓ ସନ୍ତୋଷ ମହାପାତ୍ର ଆର୍ବିଟର ଦାୟିତ୍ୱ ନିର୍ବାହ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ଜିଲା ଚେସ୍ କାର୍ଯ୍ୟନିର୍ବାହୀ ସଭାପତି ପ୍ରଦୀପ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଶିଳ୍ପପତି ହିଂମାଶୁ ଦାସ, ସମ୍ମାନନୀୟ ଅତିଥି ଭାବେ ମେରାଇନ୍ ଏକ୍ସପୋର୍ଟର ମୁଖ୍ୟ ଜ୍ଞାନରଞ୍ଜନ ଦାସ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସହ କୃତି ପ୍ରତିଯୋଗୀମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଜିଲା ଚେସ୍ ଆସୋସିଏଶନ ସଭାପତି ଦେବାଶିଷ ଚକ୍ରବର୍ତ୍ତୀ, ଉପସଭାପତି ସନ୍ଦୀପ୍ତ ସାମନ୍ତରାୟ, ଜିଲା ସମ୍ପାଦକ ମନୋରଞ୍ଜନ ପଣ୍ଡା, ସଭ୍ୟ ଐଶ୍ୱର୍ଯ୍ୟ ସେନାପତି, ଚନ୍ଦନ ସିଂ, ବିଜୟ ତ୍ରିପାଠୀ, ପ୍ରବାଳକାନ୍ତ ମାଇତି ଓ ରଞ୍ଜନ ଭୋଇ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଟ୍ରଫି ସହ କୃତୀ ପ୍ରତିଯୋଗୀମାନେ।

# ସ୍ୱାଭାବିକ ଖେଳିବାକୁ ଡୁ ପ୍ଲେସିଙ୍କ ପରାମର୍ଶ

**ଦୁବାଇ, ୨୦।୫ (ପି.ଟି.)**



ମେ ୩୦ ତାରିଖରୁ ଇଂଲଣ୍ଡରେ ଆରମ୍ଭ ହେବାକୁଥିବା ଆଇସିସି ବିଶ୍ୱକପ୍‌ରେ ସ୍ୱାଭାବିକ ଖେଳିବା ଲାଗି ଦଳର ଖେଳାଳିମାନଙ୍କୁ ପରାମର୍ଶ ଦେଇଛନ୍ତି ଦକ୍ଷିଣ ଆଫ୍ରିକା କ୍ରିକେଟ ଅଧିନାୟକ ଫାଫ୍ ଡୁ ପ୍ଲେସି। ପୂର୍ବ ବିଫଳତାକୁ ଭୁଲିଯିବାକୁ ହେବ। ସୁପରମ୍ୟାନ ଭଳି ଚମତ୍କାରିତା ଦେଖାଇବା ଚେଷ୍ଟାରୁ ବିରତ ରହିବା ଉଚିତ୍ ବୋଲି ସେ କହିଛନ୍ତି। ଡୁପ୍ଲେସି ତାଙ୍କର ତୃତୀୟ ଆଇସିସି ଦିନିକିଆ ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। ଦକ୍ଷିଣ ଆଫ୍ରିକା ଦଳ ଏପର୍ଯ୍ୟନ୍ତ ଥରେ ହେଲେ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିପାରିନାହିଁ। ଦଳ ଚାରିଥର ସେମିଫାଇନାଲ ପର୍ଯ୍ୟାୟରୁ ବିଦାୟ ନେଇଛି। ଡୁ ପ୍ଲେସି କହିଛନ୍ତି, ପୂର୍ବ ବିଶ୍ୱକପ୍‌ଗୁଡ଼ିକରେ ଆମ୍ଭେମାନେ ନିଜକୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ମନେକରି ସୁପରମ୍ୟାନ ଭଳି କରି ଦେଖାଇବାକୁ ଚାହିଁଥିଲୁ, ଯାହାର ପରିଣାମ ଆମକୁ ଭୋଗିବାକୁ ପଡ଼ିଥିଲା। କିନ୍ତୁ ଏଥର ଆମକୁ ଭିନ୍ନ ନୀତି ଆପଣେଇବାକୁ ପଡ଼ିବ। ଦଳର ଆବଶ୍ୟକତାକୁ ନେଇ ପ୍ରତ୍ୟେକଙ୍କୁ ବ୍ୟକ୍ତିଗତ ଭାବେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ହେବ। ମୋ ନିକଟରେ ଥିବା ଅଭିଜ୍ଞତା ଖେଳାଳିମାନଙ୍କ ଉପରୁ ଚାପ ହଟାଇବା କ୍ଷେତ୍ରରେ ସହାୟକ ହେବ ବୋଲି ୩୪ ବର୍ଷୀୟ ଡୁ ପ୍ଲେସି କହିଛନ୍ତି। ସୂଚନାଯୋଗ୍ୟ, ଡୁ ପ୍ଲେସିଙ୍କ ସମେତ ଦକ୍ଷିଣ ଆଫ୍ରିକା ଦଳର ୭ ଜଣ ଖେଳାଳି ୨୦୧୫ ବିଶ୍ୱକପ୍ ଖେଳିଛନ୍ତି। ଏହି ସଂସ୍କରଣରେ ଦକ୍ଷିଣ ଆଫ୍ରିକା ରନର୍ସଅପ୍ ହୋଇଥିବା ନ୍ୟୁଜିଲାଣ୍ଡଠାରୁ ସେମିଫାଇନାଲରେ ପରାଜିତ ହୋଇଥିଲା। ଲଣ୍ଡନର କେନିଙ୍ଗଟନ ଓଭାଲଠାରେ ମେ ୩୦ତାରିଖରେ ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚରେ ଦକ୍ଷିଣ ଆଫ୍ରିକା ଆୟୋଜକ ଇଂଲଣ୍ଡ ସହ ମୁକାବିଲା କରିବ।

# ନାଡାଲଙ୍କୁ ଟାଇଟଲ



**ରୋମ୍, ୨୦।୫:** ରାଫାଲ ନାଡାଲ ଇଟାଲିଆନ ଓପନ ଟେନିସ୍ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ବିଶ୍ୱର ୨ ନମ୍ବର ମାନ୍ୟତାପ୍ରାପ୍ତ ନାଡାଲ ଏକ ନମ୍ବର ଖେଳାଳି ନୋଭାକ ଜୋକୋଭିଚ୍‌ଙ୍କୁ ୬–୦, ୪–୬, ୬–୧ ସେଟ୍‌ରେ ହରାଇ ଦେଇଛନ୍ତି। ଚଳିତ ସିଜନରେ ଏହା ତାଙ୍କର ପ୍ରଥମ ଏବଂ ଏହି ଇଭେଣ୍ଟରେ ମୋଟ ଉପରେ ତାଙ୍କର ୯ମ ଟାଇଟଲ। ୨୦୧୪ ଫ୍ରେଞ୍ଚ ଓପନ ପରେ ଜୋକୋଭିଚ୍‌ଙ୍କ ବିପକ୍ଷରେ ନାଡାଲଙ୍କର ଏହା ହେଉଛି ପ୍ରଥମ କ୍ଲେକୋର୍ଟ ଫାଇନାଲ ବିଜୟ। ଦୁଇ ଖେଳାଳି ଏପର୍ଯ୍ୟନ୍ତ ପରସ୍ପରକୁ ୫୨ ଥର ଭେଟିଥିବାବେଳେ ବିଜୟ ପରାଜୟରେ ଜୋକୋଭିଚ୍ ବର୍ତ୍ତମାନ ୨୮–୨୬ରେ ଆଗୁଆ ରହିଛନ୍ତି।




ପୁରୀସ୍ଥିତ ୱାଟର ପାର୍କରେ ଅନୁଷ୍ଠିତ ଗ୍ରୀଷ୍ମକାଳୀନ ସନ୍ତରଣ ଶିବିରରେ ପିଲାମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

# ଜାତୀୟ ସିନିୟର ଟେନିସ କ୍ରିକେଟ ପାଇଁ ଓଡ଼ିଶା ଦଳ



ଜାତୀୟ ସିନିୟର ଟେନିସ କ୍ରିକେଟ ପାଇଁ ମନୋନୀତ ଓଡ଼ିଶା ଦଳ।

**ଭୁବନେଶ୍ୱର, ୨୦।୫ (କ୍ରୀଡ଼ା ପ୍ରତିନିଧି):** ଚଳିତ ମାସ ୨୩ରୁ ୨୬ ପର୍ଯ୍ୟନ୍ତ ଗୋଆର ପଞ୍ଜିମ୍‌ଠାରେ ୪ର୍ଥ ଜାତୀୟ ସିନିୟର ଟେନିସ କ୍ରିକେଟ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ୧୮ ଜଣିଆ ଓଡ଼ିଶା ଦଳ ଘୋଷିତ ହୋଇଛି। ଖେଳାଳି ଚୟନ ପାଇଁ ଗତ ୧୧ ଓ ୧୨ ତାରିଖରେ ଶ୍ରୀ ଜୟଦେବ କଲେଜ ପଡ଼ିଆରେ ୬୦ ଖେଳାଳିଙ୍କୁ ନେଇ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ପ୍ରଦର୍ଶନ ଭିତ୍ତିରେ ମନୋନୀତ ଦଳ ୨୧ ତାରିଖରେ ଗୋଆ ଯାତ୍ରା କରିବ। ପ୍ରତିଯୋଗିତାରେ ଓଡ଼ିଶା ଭଲ ପ୍ରଦର୍ଶନ କରିବା ନେଇ ଆଶା ରଖିଛନ୍ତି ଓଡ଼ିଶା ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନ ସମ୍ପାଦକ ରିଣ୍ଟୁ ମିତ୍ର। ମନୋନୀତ ଖେଳାଳିମାନଙ୍କୁ ଆସୋସିଏଶନ ସଭାପତି ଅଭିଳାଷ ସାହୁ, ମୁଖ୍ୟ ଉପଦେଷ୍ଟା ବାରିଜ ରଞ୍ଜନ ମହାନ୍ତି, ଉପସଭାପତି ଦେବବ୍ରତ ସାହୁ, ରାଜେନ୍ଦ୍ର ମହାରଣା, କୋଷାଧ୍ୟକ୍ଷ ରାଗିନି ମିତ୍ର, ଅମରେନ୍ଦ୍ର ଦାସ, ବିକ୍ରମ ପାତ୍ର, ସୋଭେନ ମହାରଣା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

**ଓଡ଼ିଶା ଦଳ:** ସୁଶୀଲ କୁମାର ବାରିକ, ପ୍ରମୋଦ କୁମାର ନାୟକ, ରତିକାନ୍ତ ମହାନ୍ତ, ବିମଲ କୁମାର ମହାପାତ୍ର, ସନ୍ତୋଷ ଜେନା, ସୁଦୀପ କୁମାର ଢାଲି, ସହଦେବ ଦାସ, ବବ୍‌ଲୁ ବେହେରା, ସମୀର ବାରିକ, ଅଜୟ ମହାନନ୍ଦମ୍, ଏମ. ରାଜା, ପ୍ରବୀଣ ଆଚାର୍ଯ୍ୟ, ବଦ୍ରି ନାରାୟଣ ପାତ୍ର, ଦୀପକ କୁମାର ମଲିକ, ଗଣେଶ କୁମାର ସେଠୀ। ମ୍ୟାନେଜର: ବାସୁଦେବ ଓଝା, କୋଚ୍: ମହମ୍ମଦ ଆଜାମ।

# ମଣିପୁର ପୋଲିସ-ସେଥୁ ଏଫ୍‌ସି ଫାଇନାଲ

**ଲୁଧିଆନା, ୨୦।୫ (ପି.ଟି.)**

## ଭାରତୀୟ ମହିଳା ଫୁଟ୍‌ବଲ ଲିଗ୍

ହିରୋ ଭାରତୀୟ ମହିଳା ଫୁଟ୍‌ବଲ ଲିଗ୍‌ର ଫାଇନାଲ ମଣିପୁର ପୋଲିସ ଏବଂ ସେଥୁ ଏଫ୍‌ସି ମଧ୍ୟରେ ଖେଳାଯିବ। ସ୍ଥାନୀୟ ଗୁରୁ ନାନକ ଷ୍ଟାଡିୟମରେ ସୋମବାର ଖେଳାଯାଇଥିବା ଏକ ସେମିଫାଇନାଲରେ ମଣିପୁର ପୋଲିସ ୪–୨ ଗୋଲରେ ଗୋକୁଳମ କେରଳ ଏଫ୍‌ସିକୁ ପରାସ୍ତ କରିଥିବାବେଳେ ଅନ୍ୟଟିରେ ଏସ୍‌ଏସ୍‌ବି ମହିଳା ଏଫ୍‌ସି ବିପକ୍ଷରେ ସେଥୁ ଏଫ୍‌ସି ୮–୧ ଗୋଲରେ ସହଜ ବିଜୟ ହାସଲ କରିଛି। ଗୋକୁଳମ କେରଳ ଏଫ୍‌ସି ବିପକ୍ଷରେ ପ୍ରଥମେ ୨–୧ ଗୋଲରେ ପଛୁଆ ଥିବା ମଣିପୁର ପୋଲିସ ଦଳ ଷ୍ଟାର ଖେଳାଳି ବାଲାଦେବୀଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲା। ବାଲାଦେବୀ ଦଳ ପକ୍ଷରୁ ସମସ୍ତ ୪ଟି ଯାକ ଗୋଲ ସ୍କୋର କରିଥିଲେ। ୬ଟି ମ୍ୟାଚରେ ତାଙ୍କର ଗୋଲ ସଂଖ୍ୟା ୨୬କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଏସ୍‌ଏସ୍‌ବି ମହିଳା ଏଫ୍‌ସି ବିପକ୍ଷ ମ୍ୟାଚରେ ସେଥୁ ଏଫ୍‌ସି ତରଫରୁ ସବିତା ଭଣ୍ଡାରୀ ବ୍ୟକ୍ତିଗତ ଚାରୋଟି ଗୋଲ ସ୍କୋର କରିବା ସହ ଟୁର୍ନାମେଣ୍ଟରେ ୬ଟି ମ୍ୟାଚ ଖେଳି ତାଙ୍କ ଗୋଲ ସଂଖ୍ୟା ୧୩କୁ ବୃଦ୍ଧି କରିଛନ୍ତି। କିନ୍ତୁ ରାଇଟ୍ ୱିଙ୍ଗ୍‌ରେ ଖେଳୁଥିବା ଡାଙ୍ଗମେଇ ଗ୍ରେସ୍ ଚମତ୍କାର ପ୍ରଦର୍ଶନ କରି ପ୍ଲେୟାର ଅଫ୍ ଦି ମ୍ୟାଚ ପୁରସ୍କାର ହାସଲ କରିଥିଲେ। ସେ ହ୍ୟାଟ୍ରିକ୍ ଗୋଲ ସ୍କୋର କରିବା ସହ ଦୁଇଟି ଗୋଲ ସ୍କୋରରେ ସହାୟତା କରିଥିଲେ। ଏସ୍‌ଏସ୍‌ବି ମ୍ୟାଚ ଆରମ୍ଭରେ ଭଲ ଖେଳିଥିଲା। ବିପକ୍ଷ ଦଳର ପେନାଲ୍‌ଟି ଏରିଆରେ ବାରମ୍ବାର ପ୍ରବେଶ କରିଥିଲା। ପେନାଲ୍ଟି ସୁଯୋଗ ସୃଷ୍ଟିକରି ତାହାର ସଦୁପଯୋଗ କରିପାରି ନ ଥିଲା, ଯାହାକି ପରବର୍ତ୍ତୀ କାଳରେ ମହଙ୍ଗା ସାବ୍ୟସ୍ତ ହୋଇଥିଲା।




ରାଜ୍ୟ ସବ୍‌ଜୁନିୟର କରାଟେ ଚାମ୍ପିୟନଶିପ୍ ପାଇଁ ଭୁବନେଶ୍ୱର ଦଳ ମନୋନୟନ ଶିବିରରେ ଭାଗ ନେଇଥିବା କରାଟେକାମାନେ କୋଚ୍ ଓ କର୍ମକର୍ତ୍ତାଙ୍କ ସହ।

# ସବ୍‌ଜୁନିୟର କରାଟେ ପାଇଁ ଭୁବନେଶ୍ୱର ଦଳ ଚୟନ

**ଭୁବନେଶ୍ୱର, ୨୦।୫ (କ୍ରୀଡ଼ା ପ୍ରତିନିଧି):** ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଚଳିତମାସ ୨୬ରେ ୩୧ତମ ରାଜ୍ୟ ସବ୍‌ଜୁନିୟର କରାଟେ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ସ୍କୁଲ ପରିସରରେ ଭୁବନେଶ୍ୱର ଦଳ ଚୟନ ହୋଇଯାଇଛି। ମନୋନୟନ ପ୍ରକ୍ରିୟାରେ ଭୁବନେଶ୍ୱରସ୍ଥିତ ସ୍ୱିକୃତିପ୍ରାପ୍ତ ବିଭିନ୍ନ କରାଟେ ସ୍କୁଲରୁ ପାଖାପାଖି ୧୨୦ କରାଟେକା ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱର କରାଟେ ଆସୋସିଏଶନ ଦ୍ୱାରା ଆୟୋଜିତ ମନୋନୟନ ପ୍ରକ୍ରିୟାରେ ବିଭିନ୍ନ ବୟସବର୍ଗର କରାଟେକାଙ୍କୁ ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜାତୀୟ ସ୍ତରର ରେଫରି ରାଜୀବ କୁମାର ସିଂ, ଦୀପକ ସାମନ୍ତରାୟ, ସନ୍ଦୀପ ମହାନ୍ତି, ଖାରବେଳ ସ୍ୱାଇଁ, ଗୌରୀ ମହାନ୍ତି, ଦିଲୀପ ଜେନା, ଅନୁପମା ସ୍ୱାଇଁ, ଅନୁରାଧା ପାତ୍ର, ଅମୀୟ ସାହୁ, କୃଷ୍ଣଚନ୍ଦ୍ର ମହାରଣା, ରାଜେଶ ଦାସ, କ୍ରିଷ୍ଣା ଶିକାରୀ, ରଜନୀ ବିଶି, ସନ୍ଦୀପ ଦାସ, ସୁସ୍ମିନି ପାଲ୍‌ଟାସିଂ, ସିନ୍ଧୁତନୟା ଖୁଣ୍ଟିଆ, ପ୍ରିୟଦର୍ଶିନୀ ଘଟୁଆରୀ, ବାସୁଦେବ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।



“ଆଗାମୀ ଆଇସିସି ବିଶ୍ୱକପ୍ ଲାଗି ଆମକୁ କେହି ଫେଭରାଇଟ୍ ମନେ ନ କରିବା ପରୋକ୍ଷରେ ଆଶୀର୍ବାଦ ଭଳି ।

–କେପଲର ୱେସେଲ୍ସ
ଦକ୍ଷିଣ ଆଫ୍ରିକା ପୂର୍ବତନ ଅଧିନାୟକ

“ଷ୍ଟିଭ ସ୍ମିଥ ଓ ଡେଭିଡ୍ ୱାର୍ନରଙ୍କ ପ୍ରତ୍ୟାବର୍ତ୍ତନ ଦ୍ୱାରା ଆଗାମୀ ଦିନିକିଆ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ପ୍ରତି ଅନ୍ୟ ଦଳଗୁଡ଼ିକର ଭୟ ରହିପାରେ ।

–ଷ୍ଟିଭ ୱ, ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ



## ସଂକ୍ଷେପରେ

### ଝିଅର ମୃତ୍ୟୁ ପାଇଁ ସ୍ୱଦେଶ ଫେରିବେ ଅସିଫ୍

**ଲଣ୍ଡନ,୨୦।୫:** କର୍କଟ ରୋଗରେ ପୀଡ଼ିତ ପାକିସ୍ତାନ ବ୍ୟାଟ୍ସମ୍ୟାନ ଅସିଫ ଅଲିଙ୍କ ଦୁଇ ବର୍ଷୀୟା ଝିଅ ନୁର୍ ଫତିମା ସ୍ଥାନୀୟ ମେଡିକାଲରେ ପ୍ରାଣ ହରାଇଛନ୍ତି। ଅସିଫ ଖେଳୁଥିବା ଆଇଏସ୍ଏଲ୍ ଇସ୍‌ଲାମବାଦ୍ ୟୁନାଇଟେଡ୍ ଫ୍ରାଞ୍ଚାଇଜ ପକ୍ଷରୁ ରବିବାର ବିଳମ୍ବିତ ରାତିରେ ଏ ନେଇ ଟୁଇଟ୍ କରାଯାଇଥିଲା। ଅସିଫଙ୍କ ଝିଅର ଅକାଳ ବିୟୋଗରେ ଆଇଏସ୍ଏଲ୍ ପରିବାର ଦୁଃଖ ପ୍ରକାଶ କରୁଛି। ଅସିଫ ଓ ତାଙ୍କ ପରିବାର ଲାଗି ଆମେ ପ୍ରାର୍ଥନା କରୁଛୁ। ଧୈର୍ଯ୍ୟ ଓ ସାହସର ସେ ଜଣେ ଉଦାହରଣ ବୋଲି ଇସ୍‌ଲାମବାଦ ୟୁନାଇଟେଡ୍ ପକ୍ଷରୁ କୁହାଯାଇଛି। ପାକିସ୍ତାନ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଦିନିକିଆ ଶେଷ ହୋଇଯାଇଛି। ଏଣୁ ଆସିଫ ତୁରନ୍ତ ଫେରିବା ନେଇ ଆଶା କରାଯାଉଛି। ୨୭ ବର୍ଷୀୟ ବ୍ୟାଟ୍ସମ୍ୟାନ ରବିବାର ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ୨୨ ରନ୍ କରିଥିଲେ। ଏହି ମ୍ୟାଚ୍‌ରେ ପାକିସ୍ତାନକୁ ୫୪ ରନ୍‌ରେ ହରାଇ ଇଂଲଣ୍ଡ ସିରିଜକୁ ୪-୦ ବ୍ୟବଧାନରେ ଜିତିନେଇଥିଲା। ଉକ୍ତ ସିରିଜର ସମସ୍ତ ମ୍ୟାଚ୍‌ରେ ଖେଳିଥିବା ଅସିଫ ଦୁଇଟି ଅର୍ଦ୍ଧଶତକ ଲଗାଇଥିଲେ। ଏପର୍ଯ୍ୟନ୍ତ ସେ ୧୬ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୩୧.୦୯ ଆଭରେଜରେ ୩୪୨ ରନ୍ କରିଛନ୍ତି। ସେ ପାକିସ୍ତାନ ବିଶ୍ୱକପ୍ ଦଳରେ ମଧ ସ୍ଥାନ ପାଇଛନ୍ତି।

# ଭାରତର ବିଜୟ ଅଭିଯାନ

**ଦକ୍ଷିଣ କୋରିଆ ବିପକ୍ଷ ମହିଳା ହକି ସିରିଜ**

**ଜିନଚେଓନ,୨୦।୫**

ଭାରତୀୟ ମହିଳା ହକି ଦଳ ଆୟୋଜକ ଦକ୍ଷିଣ କୋରିଆକୁ ୨–୧ ଗୋଲରେ ହରାଇ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବିଜୟୀ ଦଳ ଲାଗି ଯୁବା ଷ୍ଟ୍ରାଇକର ଲାଲରେସିଆମି (୨୦ତମ ମିନିଟ୍) ଓ ନବନୀତ କୌର (୪୦ତମ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ବିଜୟ ସହ ଭାରତୀୟ ଦଳ ୩ ମ୍ୟାଚ୍ ବିଶିଷ୍ଟ ଦ୍ୱିପାକ୍ଷିକ ସିରିଜରେ ୧–୦ ବ୍ୟବଧାନରେ ଅଗ୍ରଣୀ ହାସଲ କରିଛି।

ସ୍ପେନ୍ ଓ ମାଲେସିଆରେ ଭଲ ପ୍ରଦର୍ଶନ ପରେ ଭାରତୀୟ ଦଳ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ ସହ ଦକ୍ଷିଣ କୋରିଆ ବିପକ୍ଷରେ ପଡ଼ିଆକୁ ଓହ୍ଲାଇଥିଲେ। ପ୍ରଥମ କ୍ୱାର୍ଟରରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା, ହେଲେ ଏହା ବେକାର ସାବ୍ୟସ୍ତ ହୋଇଥିଲା। ମ୍ୟାଚ୍‌ର ୨୦ତମ ମିନିଟରେ ଲାଲରେସିଆମିଙ୍କ ଫିଲ୍ଡ ଗୋଲ ଜରିଆରେ ଭାରତ ଖାତା ଖୋଲିଥିଲା। ଭ୍ରମଣକାରୀ ଦଳର ଅଗ୍ରଣୀ ବ୍ୟବଧାନକୁ ମ୍ୟାଚ୍‌ର ୪୦ତମ ମିନିଟ୍‌ରେ ନବନୀତ ବଢ଼ାଇଥିଲେ। ପୁରା ମ୍ୟାଚ୍‌ରେ ଆୟୋଜକ ଦଳ ୫ଟି ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ କେବଳ ଥରେ ଗୋଲ ସ୍କୋର କରିବାକୁ ସକ୍ଷମ ହୋଇଥିଲେ। ଶିନ ହିଜୋଙ୍ଗ (୪୮ତମ) ଏହି ଗୋଲ ଦେଇଥିଲେ। ଅଭିଜ୍ଞ ଗୋଲକିପର ସବିତାଙ୍କ ଉନ୍ନତ ପ୍ରଦର୍ଶନ ଯୋଗୁ ଭାରତୀୟ ଦଳ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ସିରିଜର ଦ୍ୱିତୀୟ ମ୍ୟାଚ୍ ବୁଧବାର ଖେଳାଯିବ।



ଖୁସି ମୁହୂର୍ତ୍ତରେ ଭାରତୀୟ ଖେଳାଳି।

# ସ୍ୱତନ୍ତ୍ର ବୋଲିଂ ଶୈଳୀ ଯୋଗୁ ବୁମ୍‌ରା ଭିନ୍ନ : ଥମ୍ପସନ

**ନୂଆଦିଲ୍ଲୀ, ୨୦।୫(ପି.ଟି.)**

ଦ୍ରୁତ ବୋଲିଂ ମାଧ୍ୟମରେ ନିଜ ସମୟରେ ବିଶ୍ୱର ବ୍ୟାଟ୍ସମ୍ୟାନମାନଙ୍କୁ ଭୟଭୀତ କରାଇ ପାରିଥିବା ଇଂଲଣ୍ଡର ଜେଫ୍ ଥମ୍ପସନ ଏବେ ଭାରତର ଯଶପ୍ରୀତ ବୁମ୍‌ରାଙ୍କ ପ୍ରଦର୍ଶନରେ ବେଶ୍ ପ୍ରଭାବିତ। ନିଜ ପେସ୍ ମାଧ୍ୟମରେ ବିପକ୍ଷ ଦଳକୁ କ୍ଷତି ପହଞ୍ଚାଇବାର ଦକ୍ଷତା ବୁମ୍‌ରାଙ୍କ ନିକଟରେ ଅଛି ବୋଲି ସେ ଅନୁଭବ କରୁଛନ୍ତି। କିଛିଦିନ ତଳେ ବୁମ୍‌ରାଙ୍କୁ ବିଶ୍ୱର ଶ୍ରେଷ୍ଠ ବୋଲର ବୋଲି ଅଭିହିତ କରିଥିଲେ ମାଷ୍ଟର ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର। ଏବେ ଡେନିସ ଲିଲିଙ୍କ ପୂର୍ବତନ ନୂଆ ବଲ୍ ପାର୍ଟନର ଥମ୍ପସନଙ୍କ ମନ୍ତବ୍ୟ ବୁମ୍‌ରାଙ୍କ ପ୍ରତିଷ୍ଠାକୁ ବଢ଼ାଇ ଦେଇଛି।

“ପ୍ରକୃତରେ ବୁମ୍‌ରା ଭଲ ବୋଲିଂ କରୁଛନ୍ତି। ସେ ଯେପରି ବୋଲିଂ କରୁଛନ୍ତି ତା’ଠାରୁ ଅଧିକ କିଛି କରିବାର ଦକ୍ଷତା ରଖିଛନ୍ତି। ସେ ଯାହାବି କିଛି ହାସଲ କରିଛନ୍ତି ତା’ଠାରୁ ଆହୁରି ଅଧିକ କିଛି ହାସଲର କ୍ଷମତା ତାଙ୍କ ନିକଟରେ ରହିଛି” ବୋଲି ୧୯୭୦ ଦଶକରେ ମାଲ୍‌କମ ମାର୍ଶାଲଙ୍କ ସହ ବିଶ୍ୱର ଦ୍ରୁତତମ ବୋଲରର ମାନ୍ୟତା ପାଇଥିବା ଥମ୍ପସନ ପ୍ରକାଶ କରିଛନ୍ତି। ବୁମ୍‌ରାଙ୍କ ର’ ପେସ୍ ପ୍ରତିପକ୍ଷ ଦଳକୁ କ୍ଷତି ପହଞ୍ଚାଇବାକୁ ପର୍ଯ୍ୟାପ୍ତ। ସେ ଯେତେବେଳେ ବୋଲିଂରେ ବିବିଧତା ଆଣିବାକୁ ଚେଷ୍ଟା କରିଛନ୍ତି ଆହୁରି ସଫଳ ହୋଇଛନ୍ତି। ତାଙ୍କ ବୋଲିଂକୁ ବୁଝିବା କଷ୍ଟକର। କୌଣସି ବ୍ୟାଟ୍ସମ୍ୟାନ ତାଙ୍କ ବୋଲିଂ ଶୈଳୀକୁ ଠିକ୍‌ଭାବେ ବୁଝି ପାରିଥିବା ମୁଁ ଅନୁଭବ କରୁନାହିଁ। ସେ ଜଣେ ଅର୍ଥୋଡକ୍ସ ବୋଲର, ଏହା ତାଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ଦେଇଛି ବୋଲି ଥମ୍ପସନ କହିଛନ୍ତି।

ଥମ୍ପସନଙ୍କ କହିବା ଅନୁସାରେ ବିଶ୍ୱର ୨ ବୋଲର ବୁମ୍‌ରା ଓ କାଗିସୋ ରାବାଡ଼ାଙ୍କ ବୋଲିଂ ଦେଖିବାଭଳି। ସେମାନେ ବିଭିନ୍ନ ପରିସ୍ଥିତିରେ ବୋଲିଂ କରିବାର ଦକ୍ଷତା ରଖିଛନ୍ତି। ମିଚେଲ ଷ୍ଟାର୍କଙ୍କ ଫର୍ମକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଥମ୍ପସନ। ତେବେ ଅଷ୍ଟ୍ରେଲିଆ ଦୃଷ୍ଟିକୋଣରୁ ବାମହାତୀ ପେସର ଷ୍ଟାର୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ ବୋଲି ସେ ସ୍ୱୀକାର କରିଛନ୍ତି। “ଷ୍ଟାର୍କ ଗତ ସିଜନ ପରି ଆଗାମୀ ବିଶ୍ୱକପରେ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିବେ ବୋଲି ମୋର ଆଶା। ସେ ଜଣେ କ୍ୱାଲିଟି ବୋଲର। ତେଣୁ ସେ ଫର୍ମକୁ ଫେରିବାନେଇ ମୁଁ ଆଶାବାଦୀ। ଷ୍ଟାର୍କ ଯଦି ଭଲ ବୋଲିଂ କରିବେ ବିଶ୍ୱର ଯେ କୌଣସି ବ୍ୟାଟ୍ସମ୍ୟାନଙ୍କୁ ଅସୁବିଧାରେ ପକାଇ ପାରିବେ। ସେ ଦ୍ରୁତ ବୋଲିଂ ସହ ଠିକ୍ ସ୍ଥାନରେ ବଲ୍‌କୁ ପିଚ୍ କରିବା ଆବଶ୍ୟକ, ଯାହାକି ସେ ଅତୀତରେ କରି ଦେଖାଇଛନ୍ତି” ବୋଲି ଥମ୍ପସନ କହିଛନ୍ତି। ତେବେ ଭଲ ବୋଲିଂ କରୁଥିଲେ ହେଁ ଜୋଶ୍ ହାଜେଲଉଡ୍ ଅଷ୍ଟ୍ରେଲିଆର ବୋଲିଂ ୟୁନିଟ୍‌ରେ ନ ଥିବାରୁ ଖୁସି ନାହାନ୍ତି କିମ୍ବଦନ୍ତୀ ବୋଲର ଥମ୍ପସନ। “ପ୍ୟାଟ୍ କୁମିନ୍ସଙ୍କୁ ନେଇ ମୋର କିଛି ଆପତ୍ତି ନାହିଁ। ତାଙ୍କ ନିକଟରେ ପ୍ରତିଭା ଅଛି। ମାତ୍ର ହାଜେଲ୍‌ଉଡ୍‌ଙ୍କୁ ମୁଁ ଅଷ୍ଟ୍ରେଲିଆ ବୋଲିଂ ୟୁନିଟରେ ଦେଖିବାକୁ ଚାହେଁ। ମୋଟାମୋଟି ଅଷ୍ଟ୍ରେଲିଆର ବୋଲିଂ ଆକ୍ରମଣ ବେଶ୍ ଭଲ” ବୋଲି ସେ କହିଛନ୍ତି।




# ପାକିସ୍ତାନ ବିଶ୍ୱକପ୍ ଦଳରେ ଆମିର, ୱାହବ

**ଇସ୍‌ଲାମବାଦ, ୨୦।୫:**

ଇଂଲଣ୍ଡରେ ଖେଳାଯିବାକୁ ଥିବା ଆଇସିସି ବିଶ୍ୱକପ୍ ଲାଗି ପିସିବି ୧୫ ଜଣିଆ ପାକିସ୍ତାନ ଦଳ ଘୋଷଣା କରିଛି। ଏହି ଦଳରେ ମହମ୍ମଦ ଆମିର, ୱାହବ ରିଆଜ ଓ ଅସିଫ ଅଲି ସ୍ଥାନ ପାଇଛନ୍ତି। ତିନିଜଣ ଖେଳାଳି ସମ୍ଭାବ୍ୟ ଦଳରେ ସ୍ଥାନ ପାଇ ନ ଥିଲେ ମଧ ଚୂଡ଼ାନ୍ତ ଦଳରେ ସ୍ଥାନ ମିଳିଛି। ଝିଅ ନୁର୍ ଫତିମାଙ୍କ ମୃତ୍ୟୁ ଯୋଗୁ ସ୍ୱଦେଶ ଫେରିଛନ୍ତି ଅଲି। ଅନ୍ତ୍ୟେଷ୍ଟି କାର୍ଯ୍ୟକ୍ରମ ଶେଷ ହେବା ପରେ ସେ ଦଳ ସହ ଯୋଗଦେବେ। ଏ ନେଇ ମୁଖ୍ୟ ଚୟନକର୍ତ୍ତା ଇଞ୍ଜାମାମ ଉଲ୍ ହକ୍ ସୋମବାର କହିଛନ୍ତି। ଚିକେନ ପକ୍ସରେ ପୀଡ଼ିତ ଥିଲେ ମଧ ଅମିରଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଛି। ଦଳରେ ଅଭିଜ୍ଞ ବୋଲରଙ୍କ ଅଭାବରୁ ୱାହବ ସ୍ଥାନ ପାଇଛନ୍ତି। ୩୩ ବର୍ଷୀୟ ରିଆଜ ୨୦୧୧ଓ ୨୦୧୫ ଦୁଇଟି ବିଶ୍ୱକପ୍ ଖେଳିଛନ୍ତି। ମୋଟ ୭୯ ମ୍ୟାଚ୍ ଖେଳିଥିବା ବୋଲର ୨ ବର୍ଷ ପୂର୍ବେ ଭାରତ ବିପକ୍ଷରେ ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ଅନ୍ୟପକ୍ଷରେ ଦଳରୁ ଜୁନେଦ ଖାଁ, ଅଲରାଉଣ୍ଡର ଫହିମ ଅଶର୍ଫ ଓ ଓପନର ଆବିଦ ଅଲି ବାଦ୍ ପଡ଼ିଛନ୍ତି। ଜୁନେଦ କ୍ରମାଗତ ୩ୟ ଥର ପାଇଁ ଦୁର୍ଭାଗ୍ୟଜନକ ଭାବେ ବିଶ୍ୱକପ୍ ଦଳରେ ସ୍ଥାନ ପାଇନାହାନ୍ତି। ରକ୍ତଜନିତ ରୋଗରେ ପୀଡ଼ିତ ଲେଗ୍ ସ୍ପିନର ଶାଦାବ ଖାଁ ପରେ ଜାତୀୟ ଦଳରେ ଯୋଗଦେବେ।





## ପାକିସ୍ତାନ ଦଳ

ଶର୍ଫରାଜ ଅହମ୍ମଦ (ଅଧିନାୟକ), ଫଖର ଜମାନ, ଇମାମ ଉଲ୍ ହକ୍, ବାବର ଆଜାମ, ହାରିସ ସୋହେଲ, ମହମ୍ମଦ ହାଫିଜ, ଶୋଏବ ମଲିକ, ଅସିଫ ଅଲି, ଇମାଦ ୱାସିମ, ଶାଦାବ ଖାଁ, ମହମ୍ମଦ ଆମିର, ମହମ୍ମଦ ହୋସନାନ, ହାସନ ଅଲି, ୱାହାବ ରିଆଜ ଓ ଶାହିନ ଆଫ୍ରିଦୀ।

## ସିରିଜ୍ ପୋଛିଲା ଇଂଲଣ୍ଡ

**ଲିଡ୍ସ,୨୦।୫:** ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ୫ମ ତଥା ଅନ୍ତିମ ଦିନିକିଆ୍‌ରେ ଇଂଲଣ୍ଡ ୫୪ ରନ୍‌ରେ ବିଜୟ ହୋଇଛି। ଏଥିସହ ଇଂଲଣ୍ଡ ଦିନିକିଆ ସିରିଜ୍‌କୁ ୪–୦ରେ ପୋଛିନେଇଛି। ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଯାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୫୦ ଓଭରରେ ୯ ଉଇକେଟ ହରାଇ ୩୫୧ ରନ୍ କରିଥିଲା। ଜୋ ରୁଟ୍ ୮୪, ଅଧିନାୟକ ଇଅନ ମୋର୍ଗାନ ୭୬ ଓ ଜୋସ୍ ବଟ୍‌ଲର ୩୪ ରନ୍ କରିଥିଲେ। ଜବାବରେ ଅଧିନାୟକ ସର୍ଫରାଜ ଅହମ୍ମଦଙ୍କ ୯୭ ଓ ବାବର ଆଜମଙ୍କ ୮୦ ରନ୍‌ର ସତ୍ତ୍ୱେ ପାକିସ୍ତାନ ୪୬.୫ ଓଭରରେ ୨୯୭ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା।

### ଆଫଗାନିସ୍ତାନ କୋଚ୍ ପଦ ଛାଡ଼ିବେ ସିମନ୍ସ



**ନୂଆଦିଲ୍ଲୀ, ୨୦।୫ (ପି.ଟି.):** ପୂର୍ବତନ ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର ଫିଲ ସିମନ୍ସ ଆଗାମୀ ବିଶ୍ୱକପ୍ ପରେ ଆଫଗାନିସ୍ତାନ କୋଚ୍ ପଦ ତ୍ୟାଗ କରିବେ। ୨୦୧୭ ଡିସେମ୍ବରରେ ସେ ଦାୟିତ୍ୱ ଗ୍ରହଣ କରିଥିଲେ। କୋଚ୍ ଭାବେ ନିଯୁକ୍ତ ହେବା ପରେ ଆଫଗାନିସ୍ତାନକୁ ସେ ବିଶ୍ୱକପ୍‌ରେ ପହଞ୍ଚାଇବାକୁ ଯେଉଁ ଲକ୍ଷ୍ୟ ରଖିଥିଲେ, ତାହା ଏବେ ପୂରା ହୋଇସାରିଛି। ଏଣୁ ପଦ ତ୍ୟାଗ କରିବା ସମୟ ଆସିଯାଇଛି। ସେ ଏ ସମ୍ପର୍କରେ ଆଫଗାନିସ୍ତାନ କ୍ରିକେଟ ବୋର୍ଡ (ଏସିବି)କୁ ଜଣାଇସାରିଛନ୍ତି। ଚୁକ୍ତିର ସମୟସୀମାରେ ବୃଦ୍ଧି ଚାହୁଁନାହାନ୍ତି। ଜୁଲାଇ ୧୫ ତାରିଖରେ ଚୁକ୍ତି ଶେଷ ହେବା ପରେ ସେ କିଛି ଅଲଗା କରିବେ। ୧୮ ମାସର କାର୍ଯ୍ୟକାଳରେ ସେ ବହୁତ କିଛି କରିଥିବା ଭାବୁଛନ୍ତି ବୋଲି ସିମନ୍ସ କହିଛନ୍ତି। ଆଫଗାନିସ୍ତାନ ଦଳ ଜୁନ୍ ୧ ତାରିଖରେ ୫ଥର ଚାମ୍ପିୟନ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରୁ ଅଭିଯାନ ଆରମ୍ଭ କରିବ।

### ସ୍କାଟାରି ବ୍ଲାଷ୍ଟର୍ସର ନୂଆ କୋଚ୍

**କୋଚି, ୨୦।୫:** ଆଇଏସ୍ଏଲ୍ ଫ୍ରାଞ୍ଚାଇଜ କେରଳ ବ୍ଲାଷ୍ଟର୍ସର ନୂଆ କୋଚ୍ ଭାବେ ନେଦରଲାଣ୍ଡ୍ସର ଏଲକୋ ସ୍କାଟାରି ନିଯୁକ୍ତ ହୋଇଛନ୍ତି। ସେ ନେଲୋ ଭିନ୍‌ଗାଡାଙ୍କ ସ୍ଥାନ ନେବେ। ଏ ନେଇ ଆଇଏସ୍ଏଲ୍ କ୍ଲବ ପକ୍ଷରୁ ରବିବାର ଘୋଷଣା କରାଯାଇଛି। ଭିନ୍‌ଗାଡାଙ୍କ ସହ ଚୁକ୍ତି ସୁପରକପ୍ ଶେଷ ପର୍ଯ୍ୟନ୍ତ ଥିଲା। ଉଭୟ ଆଇଏସ୍ଏଲ୍ ଓ ସୁପର କପ୍‌ରେ ଦଳର ଖରାପ ପ୍ରଦର୍ଶନ ପରେ ଭିନ୍‌ଗାଡାଙ୍କ ଚୁକ୍ତିର ସମୟସୀମା ବୃଦ୍ଧି କରିବାକୁ ମନା କରିଦେଇଥିଲେ।

## ଆଇସିସି ବିଶ୍ୱକପ୍

**ଆଉ ୮ ଦିନ**

# ୧୯୯୬: ସଚିନ୍, କୁମ୍ବଲେ ସଫଳ


ଘରୋଇ ପରିବେଶ୍‌ରେ ଭାରତ ୧୯୯୬ ବିଶ୍ୱକପ୍ ଖେଳିଥିଲେ ମଧ ସେମିଫାଇନାଲରେ ସାଂଘାତିକ ଭାବେ ବିଫଳ ହୋଇ ଶ୍ରୀଲଙ୍କାଠାରୁ ପରାସ୍ତ ହେବା ସହ ବିଦାୟ ନେଇଥିଲା। ତେବେ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର ଓ ଅଭିଜ୍ଞ ସ୍ପିନର ଅନିଲ କୁମ୍ବଲେ ଏହି ମେଗା ଇଭେଣ୍ଟରେ ସଫଳ ସାବ୍ୟସ୍ତ ହୋଇଥିଲେ। ଟୁର୍ନାମେଣ୍ଟରେ ସଚିନ୍ ସର୍ବାଧିକ ୫୨୩ ରନ ସଂଗ୍ରହ କରିଥିଲେ। ୭ଟି ମ୍ୟାଚ ଖେଳି ୭ଟି ଇନିଂସରୁ ୮୭.୧୬ ଆଭରେଜରେ ୮୫.୮୭ ଷ୍ଟ୍ରାଇକ୍‌ରେଟ୍‌ରେ ସଚିନ୍ ରନ ସଂଗ୍ରହ କରି ଅନ୍ୟତାରକା ବ୍ୟାଟ୍ସମ୍ୟାନଙ୍କୁ ପଛରେ ପକାଇଥିଲେ। ସଚିନଙ୍କ ସର୍ବାଧିକ ବ୍ୟକ୍ତିଗତ ସ୍କୋର ୧୩୭ ଥିଲା ଓ ଟୁର୍ନାମେଣ୍ଟରେ ସେ ମୋଟ ୨ଟି ଶତକ, ୩ଟି ଅର୍ଦ୍ଧଶତକ ହାସଲ କରିଥିଲେ। ସେହିପରି ସେ ୫୭ଟି ଚୌକା ଓ ୭ଟି ଛକା ମଧ ମାରିଥିଲେ। ସର୍ବାଧିକ ରନ ସଂଗ୍ରହ ତାଲିକାରେ ସଚିନଙ୍କ ପଛକୁ ରହିଥିଲେ ଅଷ୍ଟ୍ରେଲିଆର ମାର୍କ ୱା। ୭ଟି ମ୍ୟାଚ ଓ ୭ଟି ଇନିଂସରୁ ୮୦.୬୬ ରନ ହାରରେ ୮୫.୯୬ ଷ୍ଟ୍ରାଇକରେଟ୍‌ରେ ମାର୍କ ୪୮୪ ରନ ସଂଗ୍ରହ କରିଥିଲେ। ୩ଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ସେ ହାସଲ କରିଥିଲେ। ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର ଥିଲା ୧୩୦। ସେହିପରି ଶ୍ରୀଲଙ୍କାର ଅରବିନ୍ଦ ଡି ସିଲଭା ୬ଟି ମ୍ୟାଚ୍ ଓ ୬ଟି ଇନିଂସରୁ ୮୯.୬୦ ରନ ହାରରେ ୪୪୮ ରନକରି ତାଲିକାର ତୃତୀୟ ସ୍ଥାନରେ ରହିଥିଲେ। ଦକ୍ଷିଣ ଆଫ୍ରିକାର ଗ୍ୟାରୀ କିର୍ଷ୍ଟନ ୩୯୧ ରନ କରି ଚତୁର୍ଥ, ପାକିସ୍ତାନ ସଇଦ ଅନୱର ୩୨୯ ରନ କରି ପଞ୍ଚମ, ଶ୍ରୀଲଙ୍କାର ଅସାଙ୍କ ଗୁରୁସିହ୍ନା ୩୦୭ ରନ କରି ଷଷ୍ଠ, ଦକ୍ଷିଣ ଆଫ୍ରିକାର ହାନ୍ସି କୋନିଏ ୨୭୬ ରନ କରି ସପ୍ତମ, ୨୭୫ ରନ କରି ଦକ୍ଷିଣ ଆଫ୍ରିକାର ଆଣ୍ଡ୍ର୍ୟୁ ହଡସନ ଅଷ୍ଟମ, ୨୭୨ ରନ କରି ପାକିସ୍ତାନର ଅମୀର ସୋହେଲ ନବମ ଓ ୨୬୯ ରନ କରି ୱେଷ୍ଟଇଣ୍ଡିଜର ବ୍ରାଏନ ଲାରା ତାଲିକାର ଦଶମ ସ୍ଥାନରେ ରହିଥିଲେ। ବ୍ୟାଟିଂରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର ତାଲିକାରେ ଗ୍ୟାରୀ କର୍ଷ୍ଟନ ଶୀର୍ଷରେ ରହିଥିଲେ। ସେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ବିପକ୍ଷରେ ଅପରାଜିତ ୧୮୮ ରନ ସଂଗ୍ରହ କରିଥିଲେ। ଏହି କ୍ରମରେ ଆଣ୍ଡ୍ର୍ୟୁ ହଡସନ ୧୬୧ ରନ କରି ଦ୍ୱିତୀୟ, ଅରବିନ୍ଦ ଡିସିଲଭା ୧୪୫ ରନ କରି ତୃତୀୟ ସ୍ଥାନରେ ରହିଛନ୍ତି। ସଚିନ ତେନ୍ଦୁଲକର ଶ୍ରୀଲଙ୍କା ବିପକ୍ଷରେ ୧୩୭ ରନ କରି ଚତୁର୍ଥ ସ୍ଥାନରେ ରହିଛନ୍ତି। କେନିଆ ବିପକ୍ଷରେ ସଚିନ ପୁଣି ଅପରାଜିତ ୧୨୭ ରନ କରି ଏହି ତାଲିକାର ସପ୍ତମ ସ୍ଥାନରେ ରହିଥିଲେ।

ବୋଲିଂରେ କୁମ୍ବଲେ ୭ଟି ମ୍ୟାଚ୍ ଖେଳି ୧୮.୭୩ ଆଭରେଜରେ ସର୍ବାଧିକ ୧୫ଟି ଉଇକେଟ ନେଇ ଶୀର୍ଷରେ ରହିଥିଲେ। ସେହିପରି ୬ଟି ମ୍ୟାଚ୍ ଖେଳି ପାକିସ୍ତାନର ୱାକର ୟୁନିସ ୧୩ଟି ଉଇକେଟ ନେଇ ଦ୍ୱିତୀୟ, ୧୨ଟି ଉଇକେଟ ନେଇ ଜିମ୍ବାୱେର ପଲ ଷ୍ଟ୍ରାଙ୍ଗ୍ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟତମ ଭାରତୀୟ ସ୍ପିନର ଭେଙ୍କଟପତି ରାଜୁ ୮ ଉଇକେଟ ନେଇ ତାଲିକାର ୧୧ତମ ସ୍ଥାନରେ ରହିଛନ୍ତି। ବେଷ୍ଟ ବୋଲିଂ ଫିଗରରେ ପଲ ଷ୍ଟ୍ରାଙ୍ଗ ୯.୪ ଓଭର ବୋଲିଂ କରି କେନିଆ ବିପକ୍ଷରେ ୯/୨୧ ସହ ତାଲିକାର ପ୍ରଥମ ସ୍ଥାନରେ ରହିଛନ୍ତି। ୟୁଏଇର ସୌକତ ଦୁକାନୱାଲା ୧୦ ଓଭର ବୋଲିଂ କରି ନେଦରଲାଣ୍ଡ୍ସ ବିପକ୍ଷରେ ୫/୨୯ ସହ ଦ୍ୱିତୀୟ, ଅଷ୍ଟ୍ରେଲିଆର ଡାମିଏନ ଫ୍ଲେମିଂ ୯ ଓଭର ବୋଲି କରି କେନିଆ ବିପକ୍ଷରେ ୫/୩୬ ସହ ତୃତୀୟ ସ୍ଥାନରେ ରହିଥିଲେ। ଏହି ତାଲିକାରେ କୌଣସ ଭାରତୀୟ ବୋଲର ସ୍ଥାନ ପାଇ ନ ଥିଲେ। ନେଦରଲାଣ୍ଡ୍ସ ବିପକ୍ଷରେ ୪/୨୬ ସହ ୱାକର ୟୁନିସ୍ ଚତୁର୍ଥ ସ୍ଥାନରେ ରହିଥିଲେ। ସର୍ବାଧିକ ମେଡେନ ଓଭର ନେବାରେ ଅଷ୍ଟ୍ରେଲିଆର ଗ୍ଲେନ୍ ମ୍ୟାକ୍‌ଗ୍ରାଥ ସମସ୍ତଙ୍କ ଆଗରେ ରହିବେ। ସେ ୭ଟି ଇନିଂସରୁ ୧୦ଟି ମେଡେନ ନେଇଥିଲେ। ସେହିପରି ୱେଷ୍ଟଇଣ୍ଡିଜ୍ କର୍ଟଲି ଆମ୍ବ୍ରୋଜ୍ ୬ ଇନିଂସରୁ ୯ଟି ମେଡେନ ନେଇ ଦ୍ୱିତୀୟ, କର୍ଟନ ୱାଲ୍ସ ସମାନ ୬ ଇନିଂସରୁ ୯ଟି ମେଡେନ ନେଇଥିଲେ ମଧ୍ୟ ଆଭରେଜ୍‌ରେ ପଛରେ ପଡି ତୃତୀୟ ସ୍ଥାନରେ ରହିଥିଲେ। ଜିମ୍ବାୱେର ହିଥ୍ ଷ୍ଟ୍ରିକ୍ ୮ ଓ ଇଆନ ବିଶପ୍ ୬ଟି ମେଡେନ ନେଇ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଥିଲେ।

ସର୍ବାଧିକ କ୍ୟାଚ୍ ନେବାରେ କୁମ୍ବଲେ ଆଗରେ ରହିଥିଲେ। ୭ଟି ଇନିଂସରୁ ୮ଟି କ୍ୟାଚ୍ ନେଇ ସେ ତାଲିକାର ପ୍ରଥମ ସ୍ଥାନରେ ରହିଥିବା ବେଳେ ଜିମ୍ବାୱେର ଅଲିଷ୍ଟର କ୍ୟାମ୍ପବେଲ ୫ଟି ମ୍ୟାଚ୍‌ରୁ ୫ଟି କ୍ୟାଚ୍ ନେଇ ଦ୍ୱିତୀୟ, ନ୍ୟୁଜିଲାଣ୍ଡର କ୍ରିସ୍ କ୍ରେନ୍ସ ୬ଟି ମ୍ୟାଚ୍‌ରୁ ୫ କ୍ୟାଚ୍ ନେଇ ତୃତୀୟ, ଶ୍ରୀଲଙ୍କାର ସନଥ ଜୟସୁରିୟା ୬ଟି ମ୍ୟାଚ୍‌ରୁ ୫ କ୍ୟାଚ୍ ନେଇ ଚତୁର୍ଥ, ଗ୍ରାହାମ ଥୋର୍ପ ୬ ମ୍ୟାଚ୍‌ରୁ ୫ କ୍ୟାଚ୍ ନେଇ ପଞ୍ଚମ ସ୍ଥାନରେ ରହିଥିଲେ।

ଉଇକେଟ କିପିଂ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଅଷ୍ଟ୍ରେଲିଆର ଇଆନ ହିଲି ୭ ମ୍ୟାଚ୍‌ରୁ ୯ କ୍ୟାଚ୍, ୩ ଷ୍ଟମ୍ପିଂ ସହ ୧୨ଟି ଡିସମିସାଲ ସହ ତାଲିକାର ପ୍ରଥମ ସ୍ଥାନରେ ରହିଥିଲେ। ପାକିସ୍ତାନର ରସିଦ ଲତିଫ୍ ୯ କ୍ୟାଚ୍ ନେଇ ଦ୍ୱିତୀୟ, ଦକ୍ଷିଣ ଆଫ୍ରିକାର ଷ୍ଟିଭ୍ ପଲଫ୍ରାମାନ ୮ କ୍ୟାଚ୍ ସହ ତୃତୀୟ, ଇଂଲଣ୍ଡର ଜ୍ୟାକ ରସେଲ ୮ କ୍ୟାଚ୍ ନେଇ ଚତୁର୍ଥ, ଭାରତର ନୟନ ମୋଙ୍ଗିଆ ୭ ମ୍ୟାଚ୍‌ରୁ ୭ କ୍ୟାଚ୍ ନେଇ ପଞ୍ଚମ ସ୍ଥାନରେ ରହିଥିଲେ।

ପାର୍ଟନରଶିପ୍‌ରେ ଅଷ୍ଟ୍ରେଲିଆର ମାର୍କ ୱ ଓ ଷ୍ଟିଭ୍ ୱ କେନିଆ ବିପକ୍ଷରେ ତୃତୀୟ ଉଇକେଟ ଯୋଡିରେ ୨୦୭ ରନ କରି ଶୀର୍ଷରେ ରହିଥିଲେ। ସେହିପରି ନେଦରଲାଣ୍ଡ୍ସ ବିପକ୍ଷରେ ଦକ୍ଷିଣ ଆଫ୍ରିକାର ଗ୍ୟାରୀ କିର୍ଷ୍ଟନ ଓ ହଡସନ ପ୍ରଥମ ଉଇକେଟ ଯୋଡିରେ ୧୮୬ ରନ କରି ଦ୍ୱିତୀୟ, ଶ୍ରୀଲଙ୍କାର ଗୁରୁସିହ୍ନା ଓ ଡି ସିଲଭା କେନିଆ ବିପକ୍ଷରେ ୧୮୩ ରନ କରି ତୃତୀୟ ସ୍ଥାନରେ ରହିଥିଲେ। ଭାରତର ସଚିନ ଓ ଆଝାରୁଦ୍ଦିନ ତୃତୀୟ ଉଇକେଟ ଯୋଡିରେ ଶ୍ରୀଲଙ୍କା ବିପକ୍ଷରେ ୧୭୫ ରନ କରି ଚତୁର୍ଥ ସ୍ଥାନରେ ରହିଥିଲେ। ସେହିପରି ଅଜୟ ଜାଡେଜା ଓ ସଚିନ କେନିଆ ବିପକ୍ଷରେ୧୬୩ ରନ କରି ସପ୍ତମ ସ୍ଥାନରେ ରହିଥିଲେ। ସର୍ବାଧିକ ଟିମ ଟୋଟାଲରେ କେନିଆ ବିପକ୍ଷରେ ଶ୍ରୀଲଙ୍କା ୩୯୮/୫ ସହ ପ୍ରଥମ, ନେଦରଲାଣ୍ଡ୍ସ ବିପକ୍ଷରେ ୩୨୮/୩ ସହ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ, ପୁଣି ୟୁଏଇ ବିପକ୍ଷରେ ୩୨୧/ ୨ ସହ ଦକ୍ଷିଣ ଆଫ୍ରିକା ତୃତୀୟ ସ୍ଥାନରେ ରହିଥିଲା। ଭାରତ ଏହି ତାଲିକାର ପାକିସ୍ତାନ ବିପକ୍ଷରେ ୨୮୭/୮ ସହ ସପ୍ତମ ସ୍ଥାନରେ ରହିଥିଲା। ସର୍ବାଧିକ ରନ୍ ବ୍ୟବଧାନରେ ବିଜୟ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ୟୁଏଇ ବିପକ୍ଷରେ ଦକ୍ଷିଣ ଆଫ୍ରିକା ୧୬୯ ରନରେ ବିଜୟୀ ହୋଇ ପ୍ରଥମ ସ୍ଥାନରେ ରହିଥିଲା। ଉଇକେଟରେ ପାକିସ୍ତାନ ୟୁଏଇ ବିପକ୍ଷରେ ସର୍ବବୃହତ୍ ବିଜୟ ହାସଲ କରିଥିଲା। ପାକିସ୍ତାନ ୧୫ ଓଭର ବାକି ରଖି ୯ ଉଇକେଟରେ ୟୁଏଇକୁ ହରାଇଥିଲା। ଏହି ତାଲିକାରେ ଭାରତ ପଞ୍ଚମ ସ୍ଥାନରେ ରହିଥିଲା। କେନିଆ ବିପକ୍ଷରେ ଭାରତ ୮.୧ ଓଭର ବାକି ଥାଇ ୭ ଉଇକେଟରେ ବିଜୟୀ ହୋଇଥିଲା। ବଲ୍ ବାକିଥାଇ ଜିତିବାରେ ୱେଷ୍ଟଇଣ୍ଡିଜ (୧୨୩ ବଲ)ଜିମ୍ବାୱେ ବିପକ୍ଷରେ ସର୍ବବୃହତ୍ ବିଜୟ ହାସଲ କରିଥିଲା। ସର୍ବନିମ୍ନ ଦଳୀୟ ସ୍କୋରରେ ୱେଷ୍ଟଇଣ୍ଡିଜ୍ ପ୍ରଥମ ସ୍ଥାନରେ ରହିବ। କେନିଆ ବିପକ୍ଷରେ ୩୫.୨ ଓଭରରେ ୯୩ ରନ କରି ସଂଗ୍ରହ କରିଥିଲା। ଅଷ୍ଟ୍ରେଲିଆ ୫ ରନରେ ୱେଷ୍ଟଇଣ୍ଡିଜକୁ ହରାଇ ସର୍ବନିମ୍ନ ରନ ବ୍ୟବଧାନରେ ବିଜୟୀ ହୋଇଥିଲା। ଏହି ତାଲିକରେ ଭାରତ ପଞ୍ଚମ ସ୍ଥାନରେ ରହିଥିଲା। ପାକିସ୍ତାନକୁ ୩୯ ରନରେ ହରାଇ ପଞ୍ଚମ ସର୍ବନିମ୍ନ ବ୍ୟବଧାନର ବିଜୟ ହାସଲ କରିଥିଲା। ଅଷ୍ଟ୍ରେଲିଆକୁ ୪ ଉଇକେଟରେ ହରାଇ ୱେଷ୍ଟଇଣ୍ଡିଜ୍ ସର୍ବନିମ୍ନ ବ୍ୟବଧାନର ବିଜୟ ହାସଲ କରିଥିଲା। ୮ଟି ବଲ୍ ବାକିଥାଇ ଶ୍ରୀଲଙ୍କା ଭାରତକୁ ହରାଇ ବଲ ବାକିଥିବା ଦୃଷ୍ଟିକୋଣରୁ ସର୍ବନିମ୍ନ ବ୍ୟବଧାନରେ ବିଜୟ ହାସଲ କରିଥିଲା।



# ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. | ବ୍ରହ୍ମପୁର, ମଙ୍ଗଳବାର, ମେ ୨୧/୨୦୧୯ | Berhampur, Tuesday, May 21 / 2019


## ସଂକ୍ଷେପରେ

### ନିଆଁ ଲାଗି ଘର ଜଳିଗଲା



ବେଗୁନିଆପଡ଼ା, ୨୦।୫(ଡି.ଏନ.ଏ.)- ବେଗୁନିଆପଡ଼ା ବ୍ଲକ ତାଳସର ଗ୍ରାମ ବିରିପୁର ସାହିରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଏକ ବଖରା ଘର ଜଳିଯାଇଛି। ଏଥିରେ ତାଳସର ଗ୍ରାମର ସୁବାସ ସ୍ୱାଇଁଙ୍କ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ସୁବାସ କାମ କରିବା ପାଇଁ ସୁରଟ ଯାଇଥିବା ବେଳେ ରବିବାର ରାତିରେ ତାଙ୍କ ସ୍ତ୍ରୀ ମାମି ଖାଇପିଇ ଶୋଇଥିଲେ। ରାତି ପ୍ରାୟ ୧୨ଟାରେ ହଠାତ୍ ଟିଣ ଶବ୍ଦ ଶୁଭିଥିଲା। ମାମି ଉଠି ଦେଖିଲା ବେଳେ ତାଙ୍କ ମଝିଘରରେ ନିଆଁ ଲାଗିଥିଲା। ମାମି ପାଟି କରିବାରୁ ସାହି ଲୋକ ପହଞ୍ଚି ନିଆଁ ଲିଭାଇ ଥିଲେ। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ି ନାହିଁ। ସୋମବାର ଷଣ୍ମୂଳ ଆର୍‌ଆଇ ପହଞ୍ଚି ତଦନ୍ତ କରିଛନ୍ତି। ଏହି ସମୟରେ କୋଦଳା ଦମକଳ କେନ୍ଦ୍ରକୁ ଫୋନ କରି ଥିଲେ ମଧ ଲାଗି ନ ଥିଲା।

### ଆନ୍ଧ୍ରରୁ ଓଡ଼ିଆ ଯୁବକଙ୍କ ମୃତଦେହ ଉଦ୍ଧାର

ପାତ୍ରପୁର,୨୦।୫(ଡି.ଏନ.ଏ.): ଜରଡ଼ା ଥାନା ପାତ୍ରପୁର ଗ୍ରାମ କଂସାରି ସାହିର ଜଣେ ଯୁବକଙ୍କ ମୃତଦେହ ଆନ୍ଧ୍ରପ୍ରଦେଶର ଇଚ୍ଛାପୁର ଧନେଶ୍ୱରୀ ମନ୍ଦିର ନିକଟରୁ ସୋମବାର ସନ୍ଧ୍ୟାରେ ଉଦ୍ଧାର ହୋଇଛି। ମୃତକ ହେଲେ ଲୁନା ସାହୁ (୩୦)। ଲୁନା ରବିବାର ଧନେଶ୍ୱରୀ ମନ୍ଦିରକୁ ପୂଜା କରିବାକୁ ଯାଇ ଘରକୁ ଫେରି ନ ଥିଲେ। ସନ୍ଧ୍ୟାରେ ଇଚ୍ଛାପୁର ପୋଲିସ ମୃତଦେହକୁ ଧନେଶ୍ୱରୀ ମନ୍ଦିର ନିକଟ ଏକ କୂଅରୁ ଉଦ୍ଧାର କରି ତଦନ୍ତ ଚଳାଇଛି। ଲୁନାଙ୍କ ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

### ଅଟୋ ଦୁର୍ଘଟଣାରେ ଦୁଇ ଆହତ

ପାତ୍ରପୁର,୨୦।୫(ଡି.ଏନ.ଏ.): ଜରଡ଼ା ଥାନା ସୁରଙ୍ଗି ତମ୍ଭାପୁର ନିକଟରେ ସୋମବାର ସନ୍ଧ୍ୟାରେ ଏକ ଅଟୋ ଦୁର୍ଘଟଣାଗ୍ରସ୍ତ ହେବାରୁ ଚାଳକଙ୍କ ସମେତ ୨ ଜଣ ଆହତ ହୋଇଛନ୍ତି। ଆହତ ଚାଳକ ଫେରାର୍ ଅଛନ୍ତି। ଅନ୍ୟ ଆହତ ତାଳପଡ଼ା ଗ୍ରାମର ଇନ୍ଦିରା ପ୍ରଧାନଙ୍କ ବାମ ହାତର ୪ଟି ଅଙ୍ଗୁଳି କଟିଯାଇଛି। ତାଙ୍କୁ ପ୍ରଥମେ ପାତ୍ରପୁର ଓ ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଖାରିଆଗୁଡ଼ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ତାଳପଡ଼ା ଓ ଟିକରପଡ଼ା ଗ୍ରାମର ମହିଳା ଓ ପୁରୁଷ ଶ୍ରମିକମାନେ କାମସାରି ଗ୍ରାମକୁ ଫେରିବା ବେଳେ ତମ୍ଭାପୁର ନିକଟରେ ଅଟୋଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

### ଆକାଶରୁ ଅଗ୍ନିବର୍ଷା ଉହଲବିକଳ ଜନଜୀବନ

କାଶିନଗର, ୨୦।୫(ଡି.ଏନ.ଏ)-ସମଗ୍ର ରାଜ୍ୟରେ କିଛିଦିନ ହେଲା ଅଗ୍ନିବର୍ଷା ହେଉଥିବା ବେଳେ ଗଜପତି ଜିଲା ମଧ ଗ୍ରୀଷ୍ମର ପ୍ରକୋପରୁ ବର୍ତ୍ତିନାହିଁ। ଜିଲାର କାଶିନଗର ସହର ବଂଶଧାରା ନଦୀକୂଳରେ ରହିଥିଲେ ମଧ ନିଆଁବର୍ଷାରୁ ତ୍ରାହି ମିଳିପାରୁନାହିଁ। ଏଠାରେ ପାରଦ ୪୦ ଡିଗ୍ରୀରୁ ଉର୍ଦ୍ଧ୍ୱ ରହୁଛି। ଅନ୍ୟପକ୍ଷରେ ଗ୍ରୀଷ୍ମର ପ୍ରକୋପ ବଢୁଥିବାରୁ ତାପମାତ୍ରା ୪୫ ରୁ ୪୮ ଡ଼ିଗ୍ରୀ ଛୁଇଁବ ବୋଲି ମଧ ଆଶଙ୍କା କରାଯାଉଛି। ପୂର୍ବାହ୍ନ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ରାସ୍ତାଘାଟ ଶୁନ୍‌ଶାନ୍ ହୋଇପଡୁଛି। ପ୍ରବଳ ଖରାକୁ ଦୃଷ୍ଟିରେ ରଖି ଆଲର୍ଟ କରାଯାଇଥିଲେ ମଧ ଏବେ ରାଶି ଅମଳର ସମୟ ହୋଇଥିବାରୁ ଚାଷୀ ଖରାରେ ରହି କାମ କରିବାକୁ ବାଧ ହେଉଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ କାଶିନଗର ଏନଏସି ପକ୍ଷରୁ ଛକ ଗୁଡ଼ିକରେ ଆଶାନୁରୂପ ପାନୀୟଜଳର ବ୍ୟବସ୍ଥା ଭାବେ କରାଯାଇନାହିଁ। ଫଳରେ ଜରୁରି କାମରେ ଯିବା ସମୟରେ ଲୋକେ ପାଣିବୋତଲ ନେଇ ଯାଉଥିବା ଦେଖିବାକୁ ମିଳୁଛି। ତେବେ ଡ଼ାକ୍ତରଖାନାକୁ ବିଭିନ୍ନ ଗ୍ରାମରୁ ଆସୁଥିବା ରୋଗୀ ସବୁଠାରୁ ଅଧିକ ଏହି ନିଆଁବର୍ଷାର ଶିକାର ହେଉଛନ୍ତି।

# ବସ୍ ସ୍ଥାନାନ୍ତର ଯୋଜନା ପ୍ରତିବାଦରେ ଭଞ୍ଜନଗର ବନ୍ଦ ଆଜି

ଭଞ୍ଜନଗର,୨୦।୫(ଡି.ଏନ.ଏ.)

ଭଞ୍ଜନଗର ଓଏସ୍‌ଆର୍‌ଟିସି ଡିପୋରୁ ଅନ୍ୟ ଜୋନକୁ ବସ୍ ସ୍ଥାନାନ୍ତର ଯୋଜନାର ପ୍ରତିବାଦ ଏବଂ ବକେୟା ଦରମା ପ୍ରଦାନ ଦାବି ନେଇ କର୍ମଚାରୀ ଓ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମଙ୍ଗଳବାର ଭଞ୍ଜନଗର ବନ୍ଦ ଡାକରା ଦିଆଯାଇଛି। ଏଭଳି ସ୍ଥିତିରେ ସୋମବାର ଓଏସ୍‌ଆରଟିସି ସାଧାରଣ ପରିଚାଳକ ରୁଦ୍ର ପ୍ରସନ୍ନ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି ଯେ, କର୍ମଚାରୀମାନଙ୍କ ଆନ୍ଦୋଳନ ଓ କାରଣ ଯୋଗୁ ଏହି ଜୋନର କ୍ଷତି ବର୍ତ୍ତମାନ ୧ କୋଟି ଟପିଲାଣି। କର୍ମଚାରୀଙ୍କ ହିତକୁ ଦେଖି କ୍ଷତିରେ ଚାଲୁଥିବା ଏହି ଜୋନର ବସ୍‌ଗୁଡ଼ିକୁ ନେଇ ଅନ୍ୟ ଜୋନରେ ଚଳାଇବା ଯୋଜନା ଥିଲା। ଅନ୍ୟ ଜୋନଗୁଡ଼ିକ ଲାଭରେ ଚାଲିଛି। ତେବେ କେତେଜଣ ଚୁକ୍ତିଭିତ୍ତିକ କର୍ମଚାରୀ ନିଜ ସ୍ୱାର୍ଥ ପାଇଁ ବସ୍ ସ୍ଥାନାନ୍ତରକୁ ବିରୋଧ କରିବା ସହ ଜୋନକୁ ବନ୍ଦ କରିବା ପାଇଁ ଲାଗିଛନ୍ତି। ଭଞ୍ଜନଗର ଜୋନକୁ ବନ୍ଦ କରିବାକୁ ପ୍ରଶାସନର କୌଣସି ଯୋଜନା ନାହିଁ । ଜୋନକୁ ଅଧିକ ଆର୍ଥିକ ସ୍ୱଚ୍ଛଳ କରିବା ପାଇଁ ଆଗାମୀ ଦିନରେ ଆହୁରି ଅଧିକ ବସ୍ ଯୋଗାଇ ଦେବା ଯୋଜନା ଅଛି । ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଛି । ବସ୍ ଚଳାଚଳ ବୃଦ୍ଧି ଏବଂ ଭଞ୍ଜନଗର ଜୋନରେ



ଆନ୍ଦୋଳନରତ କର୍ମଚାରୀଙ୍କ ଗହଣରେ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ।

- ■କ୍ଷତି ୧ କୋଟି ଟପିଲାଣି
- ■ଓଏସ୍‌ଆରଟିସି ଜୋନ ବନ୍ଦ ଯୋଜନା ନାହିଁ: ଜିଏମ୍

ଅଧିକ ନିଯୁକ୍ତି ନିମନ୍ତେ କର୍ମଚାରୀମାନଙ୍କୁ ଅସ୍ଥାୟୀ ଭାବେ ଅନ୍ୟ ଜୋନକୁ ଯାଇ କାମ କରିବାକୁ କୁହାଯାଇଛି। ଯାହାଦ୍ୱାରା କିଛି ନିଯୁକ୍ତି ଓ ସେମାନଙ୍କ ପାଉଣା ଦିଆଯାଇପାରିବ। କେତେଜଣ ଖଳ ପ୍ରକୃତିର ବ୍ୟକ୍ତି ଗ୍ୟାରେଜରେ ଥିବା ଗାଡ଼ିକୁ ଅବରୋଧ କରି ରଖିଛନ୍ତି। ଜନସାଧାରଣଙ୍କ ଗମନାଗମନର ସୁବିଧା ଏବଂ ନିଗମକୁ ଅଧିକ ଆର୍ଥିକ କ୍ଷତିରୁ ବଞ୍ଚାଇବା ପାଇଁ ଗାଡ଼ିଗୁଡ଼ିକୁ ଅନ୍ୟ ଡ଼ିପୋକୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଜୋନ୍‌ରେ ୬୭ଜଣ ଚୁକ୍ତିଭିତିକ ଡ୍ରାଇଭର ଓ କଣ୍ଡକ୍ଟର ଅଛନ୍ତି । ଜନସାଧାରଣ ଏବଂ କର୍ମଚାରୀଙ୍କ ହିତକୁ ଦେଖି ପଦକ୍ଷେପ ନିଆଯାଉଛି ବୋଲି ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ସାଧାରଣ ପରିଚାଳକ (ପ୍ରଶାସନ) ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

ସୂଚନାଯୋଗ୍ୟ,ପ୍ରଶାସନ ହାତକୁ ଏନଏସି ଦାୟିତ୍ୱ ଯିବା ପରଠୁ ସହରରେ ପରିମଳ ବିପର୍ଯ୍ୟସ୍ତ ହୋଇପଡ଼ିଛି । ସହରର ସମସ୍ତ ଛକରେ କୁଢ଼ କୁଢ଼ ମଇଳା ପଡ଼ିରହିଛି। ଏହି ସମସ୍ୟା ସହ ଭଞ୍ଜନଗର ଓଏସ୍‌ଆରଟିସି ଜୋନରୁ ଅନ୍ୟ ଜୋନକୁ ବସ୍ ସ୍ଥାନାନ୍ତର ଯୋଜନା ପ୍ରତିବାଦରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମଙ୍ଗଳବାର ଭଞ୍ଜନଗର ୧୨ ଘଣ୍ଟିଆ ବନ୍ଦ ଡ଼ାକରା ଦିଆଯାଇଛି। ଦୋକାନ, ବଜାର, କାର୍ଯ୍ୟାଳୟ, ଯାନବାହନ ଚଳାଚଳ ବନ୍ଦ ରଖିବାକୁ ସୋମବାର ସନ୍ଧ୍ୟାରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବନ୍ଦକୁ ସଫଳ କରିବା ପାଇଁ ଶୋଭାଯାତ୍ରା ମାଧ୍ୟମରେ ନିବେଦନ କରାଯାଇଛି। ଓଏସ୍‌ଆରଟିସି ଅସ୍ଥାୟୀ କର୍ମଚାରୀ ସଂଘ ସଭାପତି ବଟକୃଷ୍ଣ ପଣ୍ଡା କହିଛନ୍ତି, ସମସ୍ୟା ସମାଧାନ ପାଇଁ ପ୍ରଶାସନ ଆଗ୍ରହ ପ୍ରଦର୍ଶନ କରୁ ନ ଥିବାରୁ ଏହି ବନ୍ଦ ଡାକରା ଦିଆଯାଇଛି। ବକେୟା ଦରମା ପ୍ରଦାନ, ବସ୍ ସ୍ଥାନାନ୍ତର ଯୋଜନା ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ। ଅନ୍ୟପକ୍ଷରେ ବିପର୍ଯ୍ୟସ୍ତ ପରିମଳ ସମସ୍ୟା ସମାଧାନ ନେଇ ଏନ୍‌ଏସି ପକ୍ଷରୁ ପଦକ୍ଷେପ ନିଆଯାଇଛି। ଆଦର୍ଶ ଆଚରଣବିଧି ବିଧି ଉଠିବା ପରେ ପରିମଳ ବ୍ୟବସ୍ଥାକୁ ସୁଧାରି ଦିଆଯିବ ବୋଲି ଏନଏସି ପକ୍ଷରୁ ସୂଚନା ମିଳିଛି ।

# ଶିବ ପାର୍ବତୀଙ୍କ ନିର୍ବନ୍ଧ ଉତ୍ସବ



ନିର୍ବନ୍ଧ କାର୍ଯ୍ୟକ୍ରମ ଚାଲିଛି ।

ଭଞ୍ଜନଗର,୨୦।୫(ଡି.ଏନ.ଏ)

ଶୀତଳ ଷଷ୍ଠୀ ଯାତ୍ରା ପୂର୍ବରୁ ରବିବାର ରାତିରେ ଶିବ ପାର୍ବତୀଙ୍କ ନିର୍ବନ୍ଧ ଉତ୍ସବ ସ୍ଥାନୀୟ କନ୍ୟାକାପରମେଶ୍ୱରୀ ବୈଶ୍ୟ ଧର୍ମଶାଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଲଣ୍ଡେଇସାହି ରଘୁନାଥ ମନ୍ଦିରର ମୁଖ୍ୟ ପୁରୋହିତ ବସନ୍ତ ପ୍ରହରାଜ ନିର୍ବନ୍ଧ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସହରର ବହୁମାନ୍ୟଗଣ୍ୟ ବ୍ୟକ୍ତି ଓ ମହିଳାମାନେ ଉପସ୍ଥିତ ଥିଲେ। ପରିବା ମାର୍କେଟ ଗଳିର ବ୍ୟବସାୟୀ ଟି.ଶଙ୍କର ନାରାୟଣ ପାତ୍ର ପାର୍ବତୀଙ୍କ ପିତା ଓ ଲଣ୍ଡେଇସାହିର ପ୍ରଫୁଲ ସାବତ ଶିବଙ୍କ ପିତା ହୋଇ ନିର୍ବନ୍ଧ କାର୍ଯ୍ୟ ସମାପନ କରିଥିଲେ । ପ୍ରଥମେ ମହାଦେବ ଶିବଙ୍କ ପକ୍ଷରୁ ଆର୍‌ସିରୋଡ଼ ଦୁର୍ଗାମେଢ଼ଠାରୁ ଏକ ଶୋଭାଯାତ୍ରା ବାହାରି ଥାନାଛକ ଓ ସେଠାରୁ କନ୍ୟାକାପରମେଶ୍ୱରୀ ବୈଶ୍ୟ ଧର୍ମଶାଳାକୁ ଆସିଥିଲା। ଶୋଭାଯାତ୍ରା ବେଳେ ପାରମ୍ପରିକ ନୃତ୍ୟ ସହ ଲୋକେ ନାଚଗୀତରେ ମସଗୁଲ ହୋଇଯାଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଲଣ୍ଡେଇସାହି ରାମ ମନ୍ଦିର ପରିଚାଳନା କମିଟି ସଭାପତି ଗଫୁର ପ୍ରଧାନ, ଉପ ସଭାପତି ଅନୁପମ ବାନାର୍ଜି, ସମ୍ପାଦକ ସୂର୍ଯ୍ୟ ନାରାୟଣ ଗୌଡ଼, ନବୀନ ଚନ୍ଦ୍ର ସାହୁ, ଉପଦେଷ୍ଟା କୃତୀବାସ ବିଶ୍ୱାଳ, ଶିବରାମ ପଣ୍ଡା, ମଧୁସୂଦନ ପାଣିଗ୍ରାହୀ, ଗରିବ ସ୍ୱାଇଁ, ଶୁକଦେବ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

■ଭୋଟ ଗଣତି ପାଇଁ ପ୍ରସ୍ତୁତି

# ଜିଲାପାଳ, ଏସ୍‌ପି ଭଞ୍ଜନଗର କେନ୍ଦ୍ର ପରିଦର୍ଶନ କଲେ

ଭଞ୍ଜନଗର,୨୦।୫(ଡି.ଏନ.ଏ.)

ଆସନ୍ତା ୨୩ ତାରିଖରେ ଭୋଟ ଗଣତି କରାଯିବ। ଏଥିପାଇଁ ଭୋଟଗଣତି କେନ୍ଦ୍ର ଗୁଡ଼ିକରେ ପ୍ରସ୍ତୁତି ଚାଲିଛି। ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜରେ ଆସିକା, ସୋରଡ଼ା ଓ ଭଞ୍ଜନଗର ନିର୍ବାଚନମଣ୍ଡଳୀର ଭୋଟ ଗଣତି କରାଯିବ। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ସମସ୍ତ ଭୋଟ ଗଣତି କକ୍ଷକୁ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା କରାଯାଇଛି। ଏଥିସହ ପର୍ଯ୍ୟବେକ୍ଷକ, ମିଡ଼ିଆ ସେଲ୍ ହଲ୍‌କୁ ମଧ୍ୟ ଏସି, ଟେଲିଫୋନ, ଟିଭି, କମ୍ପ୍ୟୁଟର ଆଦି ବ୍ୟବସ୍ଥା କରାଯାଇଛି । ଗଣତି ସମୟରେ ଯେଭଳି କୌଣସି ଅପ୍ରୀତିକର ପରିସ୍ଥିତି ନ ଉପୁଜିବ ସେଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି। ସୋମବାର ସନ୍ଧ୍ୟାରେ



ଜିଲାପାଳ ଓ ଏସ୍‌ପି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଏସ୍‌ପି ବ୍ରିଜେଶ କୁମାର ରୟ ଏବଂ ଉକ୍ତ ୩ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଥିବା ପର୍ଯ୍ୟବେକ୍ଷକମାନେ କଲେଜ ପରିଦର୍ଶନ କରିଥିଲେ । ଏମାନେ ଗଣତି କେନ୍ଦ୍ରର ସୁରକ୍ଷା ବ୍ୟବସ୍ଥା, ବିଦ୍ୟୁତ୍, ଇଣ୍ଟରନେଟ୍, ପାଣି ସୁବିଧା ବ୍ୟବସ୍ଥା ଉପରେ ଯାଞ୍ଚ କରିଥିଲେ । ଜିଲାପାଳଙ୍କ ଗସ୍ତ ସମୟରେ ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ, ବିଡ଼ିଓ ଅନୀଲ କୁମାର ସେଠୀ, ତହସିଲଦାର ଦୀନମଣି ନାୟକ, କଲେଜ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ମୁନି, ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ରମେଶ ପ୍ରସାଦ ସ୍ୱାଇଁ, ଏସ୍‌ଡ଼ିପିଓ ଶୁଭ୍ରାଂଶୁ ମିଶ୍ର, ଥାନା ଅଧିକାରୀ ସୁଦିପ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ଦାଦାବଟି ପାଇଁ ବ୍ଲକ ଅଧ୍ୟକ୍ଷଙ୍କୁ ଧମକ

ଗଞ୍ଜାମ,୨୦।୫(ଡି.ଏନ.ଏ.)

ଗଞ୍ଜାମ ଥାନା ଅଞ୍ଚଳର ଜଣେ ଅପରାଧୀ ଦାଦାବଟି ଦେବା ପାଇଁ ଗଞ୍ଜାମ ବ୍ଲକ ଅଧ୍ୟକ୍ଷଙ୍କୁ ହତ୍ୟା ଧମକ ଦେଇଥିବା ନେଇ ସୋମବାର ଅଭିଯୋଗ ହୋଇଛି। ଏତଲାକୁ ଭିତ୍ତିକରି ପୋଲିସ ନଂ. ୩୮/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ତଦନ୍ତକାରୀ ଏସ୍‌ଆଇ ଶକୁନ୍ତଳା ଦେବୀ କହିଛନ୍ତି। କିଛିଦିନ ହେବ ଜାମିନରେ ଆସିଥିବା କାଇଁଚପୁରର କୁନା ରେଡ୍ଡୀ ଓ ତାଙ୍କ ସହଯୋଗୀ ଦାଦାବଟି ଦେବା ପାଇଁ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କୁ ଧମକ ଦେଇଥିଲେ। ଏ ନେଇ ବ୍ଲକ ଅଧ୍ୟକ୍ଷ ସୋମବାର ଥାନାରେ ଲିଖିତ ଏତଲା ଦେଇଛନ୍ତି।

## ଘୁମୁସର ଲେଖିକା ସଂସଦର ବୈଠକ




ଲେଖିକା ସଂସଦର ସଭ୍ୟାମାନେ।

ଭଞ୍ଜନଗର,୨୦।୫(ଡି.ଏନ.ଏ.) ଘୁମୁସର ଲେଖିକା ସଂସଦର ଷଷ୍ଠ ସାହିତ୍ୟ ଆସର ନିକଟସ୍ଥ ବେଣାକୁନ୍ଦା ନିଗମାନନ୍ଦ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରେଣୁପ୍ରଭା ଦାସ ଅଧ୍ୟକ୍ଷତା କରିଥିଲେ। ଲେଖକ ଜଗନ୍ନାଲାଲ ପାତ୍ର ମୁଖ୍ୟ ଅତିଥି, ସୁରେଶ ଚନ୍ଦ୍ର ଜେନା ଓ ମନୁନନ୍ଦ ପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦିକା ଡ. ନଳିନୀ ପ୍ରଭା ଦାସ ବିବରଣୀ ପାଠ କରିଥିବା ବେଳେ ଅଧାପିକା ସୁଜାତା ସିଂ, ଶିକ୍ଷୟିତ୍ରୀ ରଞ୍ଜିତା ପତି, ପ୍ରଭାତ ମଞ୍ଜରୀ ବେହେରା, ପ୍ରମୋଦା ମହାନ୍ତି, ଡ଼.ଗାୟତ୍ରୀ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ରଞ୍ଜିତା ଦଳବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟୁତ୍ ଶୁଳ୍କ ବୃଦ୍ଧିକୁ ନେଇ ସ୍ମାରକପତ୍ର ପ୍ରଦାନ

ଦିଗପହଣ୍ଡି,୨୦।୫(ଡି.ଏନ.ଏ.)

ଦିଗପହଣ୍ଡି ସହର ଓ ଆଖପାଖ ଅଞ୍ଚଳର ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କକୁ ନେଇ ଜନ ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରତିବାଦରେ ସୋମବାର ଉପଭୋକ୍ତାମାନେ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ପ୍ରକାଶ ଯେ, ବିଦ୍ୟୁତ୍ ଉପଭୋକ୍ତାଙ୍କ ଘରେ ପୁରୁଣା ହ୍ୱିଲ ମିଟର ଅଦ୍ୟାବିଧି ଲାଗି ରହିଥିବା ବେଳେ ଅଧିକାଂଶ ଉପଭୋକ୍ତାଙ୍କ ବିଦ୍ୟୁତ୍ ଶୁଳ୍କ ୧୮୪ ୟୁନିଟ ଅଧିକା ପୈଠ କରିବାକୁ ବିଲ ଆସିଥିବା ଅଭିଯୋଗ ହୋଇଛି। ପୁରୁଣା ମିଟରଗୁଡ଼ିକରେ ରିଡିଂ ଭୁଲ ରହୁଥିବାରୁ ବିଦ୍ୟୁତ୍ ଶୁଳ୍କ ଠିକ୍ ଭାବେ ଆସୁନାହିଁ। ସେହିପରି ବିଦ୍ୟୁତ୍ ବିଭାଗ ପକ୍ଷରୁ ଉପଭୋକ୍ତାଙ୍କୁ ବାରମ୍ବାର ମିଟର ସବୁ ପରିବର୍ତ୍ତନ କରି ଡିଜିଟାଲ ମିଟର ଲଗାଇବାକୁ ପରାମର୍ଶ ଦିଆଯାଉଥିଲେ ହେଁ ତାହା ହେଉ ନ ଥିବାରୁ ବିଦ୍ୟୁତ୍ ଶୁଳ୍କ ଅଧିକା ଆସୁଥିବା ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ସୋମବାର ଦିଗପହଣ୍ଡି ସହର ଓ ଆଖପାଖ ଗ୍ରାମାଞ୍ଚଳର ୩୦ରୁ ଉର୍ଦ୍ଧ୍ୱ ଉପଭୋକ୍ତା ବିଦ୍ୟୁତ୍ ବିଭାଗୀୟ କାର୍ଯ୍ୟାଳୟକୁ ଯାଇ ସେଠାରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ପୁରୁଣା ହ୍ୱିଲ ମିଟର ସବୁ ପରିବର୍ତ୍ତନ କରି ଚଳିତ ବର୍ଷ ଡିଜିଟାଲ ମିଟର ଲଗାଇ ବାର୍ଷିକ ଡିଫେକ୍ଟ ବିଲ୍ ସବୁ ସଜଡାଯିବ ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ପଟ୍ଟନାୟକ କହିଛନ୍ତି। ତେବେ ଏଥିପାଇଁ ଉପଭୋକ୍ତାଙ୍କର ସହମତି ରହିବା ଆବଶ୍ୟକ ବୋଲି ସେ କହିଛନ୍ତି।

■ନିଷ୍କାସନ ହୋଇପାରୁନି ବର୍ଷାଜଳ

# ଗ୍ରାମବାସୀଙ୍କ ଦାବିପତ୍ର ପ୍ରଦାନ

ଗଞ୍ଜାମ,୨୦।୫(ଡି.ଏନ.ଏ.)

ଫନୀକୁ ୧୯ ଦିନ ବିତିଲାଣି। ଫନୀ ପ୍ରଭାବରେ ଲଗାଣ ଦୁଇଦିନ ଧରି ହୋଇଥିବା ବର୍ଷା ଜଳ ଜମି ରହିଛି। କିନ୍ତୁ ଏ ଯାଏ ତାହା ନିଷ୍କାସିତ ହୋଇନାହିଁ। ଜାତୀୟ ରାଜପଥ ନଂ. ୧୬ ଏବଂ ପୁଇଁତୋଳା ଗ୍ରାମ ନିକଟରେ ଉକ୍ତ ଜଳ ଜମିରହିବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେବା ସହ ବିଭିନ୍ନ ମାରାତ୍ମକ ରୋଗ ହଇଜା, ଯକ୍ଷ୍ମା ଆଦି ବ୍ୟାପିବାର ସମ୍ଭାବନା ରହିଛି। ବର୍ଷାଦିନ ପୂର୍ବରୁ ଏହି ଜଳ ନିଷ୍କାସିତ ନ ହେଲେ ଉକ୍ତ ପାଣି ଗ୍ରାମ ମଧ୍ୟରେ ପ୍ରବେଶ କରିବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗତ ଶନିବାର ଗ୍ରାମବାସୀଙ୍କ ପକ୍ଷରୁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀଲ କୁମାର ଟୁଡୁଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ପୁଇଁତୋଳା ୯ନଂ. ୱାର୍ଡ କାଉନ୍‌ସିଲରଙ୍କ ନେତୃତ୍ୱରେ ଛତ୍ରପୁର ଉପଜିଲାପାଳ ଏବଂ ଗଞ୍ଜାମ ତହସିଲଦାରଙ୍କୁ ମଧ ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟପଟେ କେତେକ ଜମି ମାଫିଆ ରାଜପଥ ପାର୍ଶ୍ୱରେ ଥିବା କଲଭର୍ଟ ସମ୍ମୁଖରେ ପ୍ଲଟ



ଜମି ରହିଥିବା ବର୍ଷା ପାଣି।

ତିଆରି ପାଇଁ ମାଟି ପକାଇଥିବା ଯୋଗୁ ପାଣି ନିଷ୍କାସିତ ହୋଇପାରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ଅବନି କୁମାର ସାହୁଙ୍କୁ ପଚାରିବାରେ ଅଭିଯୋଗ ପାଇବା ପରେ ଏନ୍‌ଏସି ଏବଂ ବିଡିଓଙ୍କୁ ଚିଠି ଦିଆଯାଇଛି ଏବଂ ଅନୁଧ୍ୟାନ ପରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ।







2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ